# ଧରିତ୍ରୀ
DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ଗୁରୁବାର, ଏପ୍ରିଲ ୧୭/୨୦୨୫ (୧୪ ପୃଷ୍ଠା) | Bhubaneswar, Thursday, April 17/2025 | Page 14 | ₹ 7.00 | SAMBALPUR

୫୧ଶ ଭାଗ ୧୪୨ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 51 ISSUE 142 | ମୂଲ୍ୟ ₹୭/-




## 'ଉନ୍ ୩': ରଣବୀରଙ୍କ ବିପକ୍ଷରେ ଶର୍ବରୀ

'ଉନ୍ ୩' ଫିଲ୍ମରେ ଅଭିନେତା ରଣବୀର ସିଂଙ୍କ ବିପକ୍ଷରେ ଅଭିନେତ୍ରୀ ଶର୍ବରୀ ୱାଘ୍ ନଜରକୁ ଆସିବେ ବୋଲି ରିପୋର୍ଟ ପ୍ରକାଶ ପାଇଛି।

୦୨

୧୪

## ସୁରୁଚିଙ୍କୁ ସ୍ୱର୍ଣ୍ଣ

ଆଇଏସ୍ଏସ୍ଏଫ୍ ବିଶ୍ୱକପ୍‌ରେ ଭଲ ପ୍ରଦର୍ଶନ କରି ସୁରୁଚି ଇନ୍ଦର ସିଂ ୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।





ସମାଜବାଦୀ ପାର୍ଟି (ଏସ୍‌ପି) ମୁଖ୍ୟ ଅଖିଳେଶ ଯାଦବ ବୁଧବାର ବରିଷ୍ଠ କଂଗ୍ରେସ ନେତା ଶ୍ରୀକାନ୍ତ ଜେନାଙ୍କ ଭୁବନେଶ୍ୱରସ୍ଥିତ ବାସଭବନରେ ପହଞ୍ଚି ଆଲୋଚନା କରୁଛନ୍ତି। (ଏ ସମ୍ପର୍କିତ ଖବର: ପୃଷ୍ଠା-୪)

# ହିନ୍ଦୁ ଟ୍ରଷ୍ଟରେ ମୁସ୍‌ଲିମଙ୍କୁ ରଖିବ କି

**ହିନ୍ଦୁ ଧର୍ମୀୟ ଟ୍ରଷ୍ଟଗୁଡ଼ିକରେ ମୁସ୍‌ଲିମମାନଙ୍କୁ ସାମିଲ କରାଯିବ କି ବୋଲି ସୁପ୍ରିମକୋର୍ଟ ବୁଧବାର କେନ୍ଦ୍ର ସରକାରଙ୍କୁ ପ୍ରଶ୍ନ କରିଛନ୍ତି। ୱାକ୍‌ଫ (ସଂଶୋଧନ) ଆଇନ-୨୦୨୫ର ସାମ୍ବିଧାନିକ ବୈଧତାକୁ ଚ୍ୟାଲେଞ୍ଜ କରି ଦାଖଲ ହୋଇଥିବା ପିଟିଶନଗୁଡ଼ିକର ଶୁଣାଣି ବେଳେ ସର୍ବୋଚ୍ଚ ଅଦାଲତ ଏହା ପଚାରିଛନ୍ତି। ପ୍ରଧାନ ବିଚାରପତି (ସିଜେଆଇ) ସଞ୍ଜୀବ ଖାନ୍ନା, ଜଷ୍ଟିସ୍ କେ.ଭି. ବିଶ୍ୱନାଥନ୍ ଏବଂ ସଞ୍ଜୟ କୁମାରଙ୍କ ଖଣ୍ଡପୀଠ ପ୍ରଥମେ ଏହି ପ୍ରସଙ୍ଗରେ ଶୁଣାଣି ଆରମ୍ଭ କରି ନୋଟିସ୍ ଜାରି ସହ ସଂକ୍ଷିପ୍ତ ରାୟ ପ୍ରକାଶ କରିବାକୁ ଆଗ୍ରହ ପ୍ରକାଶ କରିଥିଲେ। ତେବେ ଅନ୍ତରୀଣ ରାୟ ପ୍ରକାଶ ପୂର୍ବରୁ କେନ୍ଦ୍ର ଓ ଅନ୍ୟ କେତେକ ରାଜ୍ୟ ନିଜ ଯୁକ୍ତି ରଖିବାକୁ ସମୟ ମାଗିବାରୁ ଖଣ୍ଡପୀଠ ଏହା ଉପରେ ଗୁରୁବାର ଅପରାହ୍ଣ ୨ଟାରେ ଶୁଣାଣି କରିବାକୁ ଧାର୍ଯ୍ୟ କରିଛନ୍ତି।**

### କେନ୍ଦ୍ରକୁ ସୁପ୍ରିମକୋର୍ଟଙ୍କ ପ୍ରଶ୍ନ



ନୂଆଦିଲ୍ଲୀ,୧୬।୪

ଦେଶରେ ୱାକ୍‌ଫ (ସଂଶୋଧନ) ଆଇନ-୨୦୨୫ ଲାଗୁ ହେବା ନେଇ ଗତ ୮ରେ ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ସରକାର ଉକ୍ତ ଆଇନ ବଳରେ ମୁସଲମାନ ସମ୍ପ୍ରଦାୟର ଅଧିକାର ଛଡ଼ାଇନେବାକୁ ଉଦ୍ୟମ କରୁଥିବା ଦର୍ଶାଇ ଏହାର ସାମ୍ବିଧାନିକ ବୈଧତାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇଛି। ଏଆଇଏମ୍ଆଇଏମ୍ ଅଧ୍ୟକ୍ଷ ଅସାଦୁଦ୍ଦିନ ଓୱାଇସି, ଅଲ୍ ଇଣ୍ଡିଆ ମୁସଲିମ୍ ପର୍ସନାଲ ଲ' ବୋର୍ଡ (ଏଆଇଏମ୍‌ପିଏଲ୍‌ବି), ଜମାଇତ୍ ଉଲାମା-ଇ-ହିନ୍ଦ, ଦ୍ରବିଡ଼ ମୁନେତ୍ର କାଝାଗାମ୍ (ଡିଏମ୍‌କେ), କଂଗ୍ରେସ ଏମ୍‌ପି ଇମ୍ରାନ୍‌ପ୍ରତାପଗଡ଼ି ଏବଂ ମହମ୍ମଦ ଜାୱେଦଙ୍କ ସମେତ ବିଭିନ୍ନ ପକ୍ଷଙ୍କ ତରଫରୁ ମୋଟ ୭୩ଟି ପିଟିଶନ ଦାଖଲ ହୋଇଛି। ଅନ୍ୟପକ୍ଷେ ସୁପ୍ରିମକୋର୍ଟ ଯେପରି କୌଣସି ରାୟ ପ୍ରକାଶ ପୂର୍ବରୁ କେନ୍ଦ୍ରର ଯୁକ୍ତିକୁ ମଧ୍ୟ ଶୁଣିବେ ତାହା ସୁନିଶ୍ଚିତ କରିବା ପାଇଁ ସରକାର ଏପ୍ରିଲ ୮ରେ ଏକ କ୍ୟାଭେଟ୍ ଦାଖଲ କରିଛନ୍ତି।

ବୁଧବାର ଶୁଣାଣି ବେଳେ କେନ୍ଦ୍ର ପକ୍ଷରୁ ମାମଲା ପରିଚାଳନା କରୁଥିବା ସଲିସିଟର ଜେନେରାଲ ତୁଷାର ମେହେଟ୍ଟାଙ୍କୁ ଖଣ୍ଡପୀଠ ଅନେକ ପ୍ରଶ୍ନ କରିଥିଲେ। ବିଶେଷକରି ନୂଆ ଆଇନର ଅନେକ ନିୟମରେ ରହିଥିବା 'ୱାକ୍‌ଫ ବାଇ ୟୁଜର'ଙ୍କ ସମ୍ପତ୍ତି ଉପରେ ପ୍ରଶ୍ନ କରିଥିଲେ। କେନ୍ଦ୍ରୀୟ ୱାକ୍‌ଫ କାଉନ୍‌ସିଲରେ ଅଣମୁସଲିମମାନଙ୍କୁ ରଖାଯିବା ପ୍ରାବଧାନକୁ ନେଇ ଖଣ୍ଡପୀଠ ପଚାରିଥିଲେ, ହିନ୍ଦୁ ଏଣ୍ଡୋମେଣ୍ଟ (ଦେବୋତ୍ତର) ବୋର୍ଡଗୁଡ଼ିକରେ ମୁସଲମାନ ସମ୍ପ୍ରଦାୟର ଲୋକଙ୍କୁ ସରକାର ସାମିଲ କରିବେ କି? ଏହି ଅବସରରେ ଜଣେ ଆବେଦନକାରୀଙ୍କ ଆଇନଜୀବୀ କପିଲ ସିବଲ 'ୱାକ୍‌ଫ ବାଇ ୟୁଜର' ନିୟମ ଉପରେ ଆପତ୍ତି ଉଠାଇଥିଲେ। ଏହି ନିୟମ ଅଧୀନରେ ଏକ ସମ୍ପତ୍ତି ବିନା କୌଣସି ଆନୁଷ୍ଠାନିକ ଦସ୍ତାବିଜରେ ମଧ୍ୟ ଦୀର୍ଘ ସମୟ ଧରି ଧର୍ମୀୟ ବା ଦାତବ୍ୟ ଉଦ୍ଦେଶ୍ୟରେ ବ୍ୟବହାର କରାଯାଉଥିଲେ, ତାହା ୱାକ୍‌ଫ ସମ୍ପତ୍ତି ରୂପେ ପରିଗଣିତ ହେବ ବୋଲି ନିୟମ ରହିଛି। ନୂଆ ଆଇନରେ ଏକ ବ୍ୟତିକ୍ରମ ଯୋଡ଼ାଯାଇଛି ଯେଉଁ ସମ୍ପତ୍ତିକୁ ନେଇ ବିବାଦ ରହିଛି କିମ୍ବା ତାହା ସରକାରୀ ହୋଇଥିବ,

ସେହି କ୍ଷେତ୍ରରେ ସମ୍ପୃକ୍ତ ସମ୍ପତ୍ତି ୱାକ୍‌ଫ ପ୍ରପର୍ଟି ରୂପେ ବିବେଚିତ ହେବ ନାହିଁ ବୋଲି କହିଥିଲେ, 'ୱାକ୍‌ଫ ବାଇ ୟୁଜର' ହେଉଛି ଇସ୍‌ଲାମର ଏକ ଅବିଚ୍ଛେଦ୍ୟ ଅଙ୍ଗ। ସମସ୍ୟା ହେଉଛି, ଯଦି ଏକ ସମ୍ପତ୍ତି ୩,୦୦୦ ବର୍ଷ ପୂର୍ବେ ପ୍ରତିଷ୍ଠିତ ହୋଇଥିବ ତାହା ହେଲେ ସେମାନେ ଦଲିଲ ମାଗିବେ। ଅନ୍ୟ ଜଣେ ଆବେଦନକାରୀଙ୍କ ଓକିଲ ଅଭିଷେକ ମନୁ ସିଂଘ୍ୱି କହିଥିଲେ, ଦେଶରେ ରହିଥିବା ୮ ଲକ୍ଷ ୱାକ୍‌ଫ ସମ୍ପତ୍ତି ମଧ୍ୟରୁ ୪ ଲକ୍ଷ ହେଉଛି 'ୱାକ୍‌ଫ ବାଇ ୟୁଜର'। ସିଜେଆଇ ହସ୍ତକ୍ଷେପ କରି କହିଲେ, ଆମକୁ କୁହାଯାଇଛି ଯେ ଦିଲ୍ଲୀ ହାଇକୋର୍ଟ ମଧ୍ୟ ୱାକ୍‌ଫ ଜମି ଉପରେ ନିର୍ମିତ ହୋଇଛି। ସବୁ 'ୱାକ୍‌ଫ ବାଇ ୟୁଜର'କୁ ଆମେ ଭୁଲ ବୋଲି କହୁନାହୁଁ କିନ୍ତୁ ଏହା ଏକ ଅନୁଧ୍ୟାନଯୋଗ୍ୟ ବିଷୟ। ସଲିସିଟର ଜେନେରାଲ ମେହେଟ୍ଟା କହିଥିଲେ, ସଂସଦରେ ବିସ୍ତୃତ ବିତର୍କ ପରେ ଏହି ଆଇନ ଗୃହୀତ ହୋଇଛି। ଏହା ପୂର୍ବରୁ ଏକ ଯୁଗ୍ମ ସଂସଦୀୟ କମିଟି (ଜେପିସି) ଉକ୍ତ ବିଲ୍ ଯାଞ୍ଚ କରିଥିଲା। ସିଜେଆଇ ମେହେଟ୍ଟାଙ୍କୁ କହିଥିଲେ, ହିନ୍ଦୁ ଏଣ୍ଡୋମେଣ୍ଟ ବୋର୍ଡଗୁଡ଼ିକରେ ମୁସଲମାନମାନଙ୍କୁ ସାମିଲ କରିବେ କି? ଖୋଲାଖୋଲି କୁହନ୍ତୁ। ଏହା ପରେ ଉକ୍ତ ଆଇନ ବିରୋଧରେ ବିକ୍ଷୋଭ ବେଳେ ଚାଲିଥିବା ହିଂସାକାଣ୍ଡକୁ ନେଇ ସିଜେଆଇ ଚିନ୍ତାବ୍ୟକ୍ତ କରିଥିଲେ। କହିଥିଲେ, ସେମାନେ ବ୍ୟବସ୍ଥା ଉପରେ ଚାପ ସୃଷ୍ଟି କରିବେ ବୋଲି ମନେକରୁଛନ୍ତି। ସିବଲ କହିଥିଲେ, କିଏ ଚାପ ସୃଷ୍ଟି କରୁଛି ତାହା ଜଣାନାହିଁ। ଗୁରୁବାର ଏହା ଉପରେ ପୁଣି ଶୁଣାଣି ହେବ।

## ସୁନା @ ୯୬,୧୭୦ ଟଙ୍କା



ଭୁବନେଶ୍ୱର,୧୬।୪(ଅନୁରାଧା ମହାରଣା)

ଗତ ୨ ଦିନ ହେବ ସୁନା ଦର ଲଗାତର ହ୍ରାସ ପାଇବା ପରେ ବୁଧବାର ଉପରମୁହାଁ ହୋଇଛି। ଭାରତୀୟ ବଜାରରେ ୧୦ ଗ୍ରାମ୍ ୨୪ କ୍ୟାରେଟ ସୁନା ମଙ୍ଗଳବାର ୯୫,୧୮୦ ଟଙ୍କା ଥିଲାବେଳେ ଏଥିରେ ୯୯୦ ଟଙ୍କା ବୃଦ୍ଧି ପାଇ ୯୬,୧୭୦ ଟଙ୍କା ଛୁଇଁଛି। ୨୨ କ୍ୟାରେଟ ସୁନା ଦାମ୍ ୧୦ ଗ୍ରାମକୁ ୮୮,୧୫୦ ଟଙ୍କା ହୋଇଛି। ୧୮ କ୍ୟାରେଟ ସୁନା ଦାମ୍ ୧୦ ଗ୍ରାମକୁ ୭୨,୧୩୦ ଟଙ୍କା ରହିଛି। ମଙ୍ଗଳବାର ଏହା ୭୧,୩୫୦ ଟଙ୍କା ଥିଲା ଓ ଏଥିରେ ୭୮୦ ଟଙ୍କା ବୃଦ୍ଧି ହୋଇଛି। ସେହିପରି ରୁପା ଦାମ୍ ମଧ୍ୟ ବୃଦ୍ଧି ପାଇଛି। ୧୦୦ ଗ୍ରାମ୍ ରୁପା ଦାମ୍ ୧୧,୦୦୦ ରହିଛି। ମଙ୍ଗଳବାର ଏହା ୧୦,୯୮୦ ଟଙ୍କା ଥିଲାବେଳେ ଏବେ ଏଥିରେ ୨୦ ଟଙ୍କା ବୃଦ୍ଧି ହୋଇଛି। ତେବେ ଭୁବନେଶ୍ୱରରେ ୨୨ କ୍ୟାରେଟ ସୁନା ଦର ୧୦ ଗ୍ରାମ୍ ପ୍ରତି ୮୮,୧୫୦ ଟଙ୍କା ରହିଥିବା ବେଳେ ୨୪ କ୍ୟାରେଟର ଦାମ ୯୬,୧୭୦ ଟଙ୍କା ଓ ୧୮ କ୍ୟାରେଟରେ ଦାମ ୭୨,୧୩୦ ଟଙ୍କା ରହିଛି। ୨୨, ୨୪ ଓ ୧୮ କ୍ୟାରେଟ୍ ସୁନା ଦାମ୍ ଗତ ଦିନ ତୁଳନାରେ ଯଥାକ୍ରମେ ୯୫୦, ୯୯୦ ଓ ୭୮୦ ଟଙ୍କା ବୃଦ୍ଧି ହୋଇଛି।

# ରାଉରକେଲାରେ ହାଜତ ମୃତ୍ୟୁ

**ଷ୍ଟିଲ ସିଟି ରାଉରକେଲାରେ ଗତ ସପ୍ତାହକ ମଧ୍ୟରେ ୫ଟି ହତ୍ୟାକାଣ୍ଡ ଘଟିବା ପରେ ସହରରେ ଆଇନଶୃଙ୍ଖଳା ବ୍ୟବସ୍ଥା ବିଗିଡ଼ି ଯାଇଥିବା କୁହାଯାଉଥିବାବେଳେ ଏବେ ଅବକାରୀ ପୋଲିସ ମାଡ଼ରେ ଜଣେ ଗିରଫ ଅଭିଯୁକ୍ତଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ଗିରଫର ମାତ୍ର ୨୪ଘଣ୍ଟା ମଧ୍ୟରେ ଅଭିଯୁକ୍ତଙ୍କ ମୃତ୍ୟୁ ହୋଇଥିବାରୁ ତାଙ୍କୁ ହାଜତରେ ପିଟି ପିଟି ହତ୍ୟା କରାଯାଇଥିବା ମୃତକଙ୍କ ପରିବାର ଅଭିଯୋଗ କରିଛନ୍ତି। ଅପରପକ୍ଷରେ ଅବକାରୀ ପୋଲିସ ଏବଂ ଜେଲ କର୍ତ୍ତୃପକ୍ଷ ଉଭୟ ଏଭଳି ଅଭିଯୋଗକୁ ଖଣ୍ଡନ କରିଛନ୍ତି।**

ରାଉରକେଲା,୧୬।୪(ସଙ୍ଗୀତା ଜେନା)

- **ଅବକାରୀ ମାମଲାରେ ଗିରଫ ଅଭିଯୁକ୍ତଙ୍କ ମୃତ୍ୟୁ**
- **ଉଚ୍ଚସ୍ତରୀୟ ତଦନ୍ତ ଦାବି କଲେ ପରିବାର ଲୋକେ**



ରାଜେଶ କୁଜୁର

ଏକ ଅବକାରୀ ମାମଲାରେ ଗିରଫ ହୋଇ ରାଉରକେଲା ସ୍ୱତନ୍ତ୍ର ଜେଲରେ ଥିବା ଜଣେ ବିଚାରାଧୀନ ବନ୍ଦୀଙ୍କ ବୁଧବାର ସନ୍ଦେହଜନକ ମୃତ୍ୟୁ ହୋଇଛି। ମୃତକ ହେଲେ ସୁନ୍ଦରଗଡ଼ ଜିଲ୍ଲା ବାରମିତ୍ରପୁର ଥାନା ଅନ୍ତର୍ଗତ ଦଳକୀ ଭୁଙ୍ଗାଘାଟ ଗ୍ରାମର ରାଜେଶ କୁଜୁର(୪୫)। ମୃତଦେହକୁ ରାଉରକେଲା ସରକାରୀ ଡାକ୍ତରଖାନା(ଆର୍‌ଜିଏଚ୍) ମର୍ଗ ହାଉସରେ ରଖାଯାଇଛି। ଏନେଇ ଜେଲ କର୍ତ୍ତୃପକ୍ଷଙ୍କ ଏତଲା ଆଧାରରେ ରଘୁନାଥପାଲି ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୩୩/୨୫) ରୁଜୁ କରି ଅଧିକ ତଦନ୍ତ କରୁଛି। ରାଜେଶଙ୍କ ସନ୍ଦେହଜନକ ମୃତ୍ୟୁକୁ ନେଇ ସ୍ତ୍ରୀ ଅମ୍ରିତା କୁଜୁର ବୁଧବାର ଅପରାହ୍ଣରେ ରଘୁନାଥପାଲି ଥାନାରେ ଲିଖିତ ଏତଲା ଦେଇଛନ୍ତି। ତାଙ୍କ ସ୍ୱାମୀଙ୍କୁ ପିଟି ପିଟି ମାରି ଦିଆଯାଇଥିବା କୁଜୁର ଅଭିଯୋଗ କରିଛନ୍ତି। ସେହିପରି ମୃତକଙ୍କ ପରିବାରକୁ ନ୍ୟାୟ ଦାବିରେ

ବାରମିତ୍ରପୁର ନିବାସୀ ରଶ୍ମି ଏକ୍କା, ଆଲବର୍ଟ କିଣ୍ଡୋଙ୍କ ନେତୃତ୍ୱରେ ପରିବାର ଲୋକେ ଏବଂ ଗ୍ରାମବାସୀ ଆର୍‌ଜିଏଚ୍ ମର୍ଗ ହାଉସ ସମ୍ମୁଖରେ ପ୍ରତିବାଦ କରିଥିଲେ। ଏପରି କି ଦାବିପୂରଣ ନ ହେବା ଯାଏ ମୃତଦେହ ଗ୍ରହଣ କରିବେ ନାହିଁ ବୋଲି କହି ଜିଦ୍ ଧରିଥିଲେ।

ମୃତକଙ୍କ ସ୍ତ୍ରୀ ଅମ୍ରିତା କୁଜୁରଙ୍କ ଅଭିଯୋଗ ଅନୁଯାୟୀ, ମଙ୍ଗଳବାର ଭୋର୍ ସାଢ଼େ ୫ଟାରେ ବାରମିତ୍ରପୁର ଅବକାରୀ ବିଭାଗ ରାଜେଶଙ୍କୁ ମିଛ ମଦ ମାମଲାରେ ଘରୁ ଉଠାଇ ନେଇଥିଲେ। ସେତେବେଳେ ତାଙ୍କ ସ୍ୱାମୀ ସୁସ୍ଥସବଳ ଥିଲେ। ହଠାତ୍ ରାତି ୧୦ଟାରେ ଜେଲ କର୍ତ୍ତୃପକ୍ଷ ଫୋନ୍ ଯୋଗେ ରାଜେଶ ଅସୁସ୍ଥ ଥିବା ସୂଚନା

ଦେଇଥିଲେ। ବୁଧବାର ସକାଳେ ପରିବାର ଲୋକେ ଆର୍‌ଜିଏଚ୍ ଆସି ରାଜେଶଙ୍କ ମୃତ୍ୟୁ ହୋଇସାରିଥିବା ଦେଖିବାକୁ ପାଇଥିଲେ। ତାଙ୍କ ଦେହସାରା କ୍ଷତଚିହ୍ନ ସହ ରକ୍ତାକ୍ତ ଥିଲା। ଏପରିକି ସେ ପିନ୍ଧିଥିବା ପୋଷାକ ମଧ୍ୟ ଛିଣ୍ଡିଯାଇଥିଲା। ରାଜେଶଙ୍କୁ ଅବକାରୀ ଥାନା କିମ୍ବା ଜେଲରେ ପିଟି ପିଟି ହତ୍ୟା କରାଯାଇଛି ବୋଲି ସେ ଅଭିଯୋଗ କରିଛନ୍ତି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯାଉ ବୋଲି ଅମ୍ରିତା ତାଙ୍କ ଏତଲାରେ ଉଲ୍ଲେଖ କରିଛନ୍ତି। ରାଉରକେଲା ସ୍ୱତନ୍ତ୍ର ଜେଲ ଅଧିକ୍ଷକ ରତିକାନ୍ତ ଶୁକ୍ଳା କହିଛନ୍ତି, ରାଜେଶଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ ପରେ ଜେଲକୁ ଅଣାଯାଇଥିଲା। ରାତି ସାଢ଼େ ୮ଟାରେ ରାଜେଶଙ୍କୁ ସ୍ୱତନ୍ତ୍ର ଜେଲ ପରିସରରେ ଥିବା ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଇଥିଲା।

ହେଲେ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଅବନତି ହେବାରୁ ତାଙ୍କୁ ଆର୍‌ଜିଏଚ୍‌ରେ ଭର୍ତ୍ତି କରାଯାଇଥିଲା। ବୁଧବାର ଭୋର୍ ୫ଟା ୪୫ ମିନିଟରେ ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକଙ୍କ ନାଁରେ ଆପରାଧିକ ମାମଲା ସମ୍ପର୍କରେ କୌଣସି ତଥ୍ୟ ତାଙ୍କ ନିକଟରେ ନାହିଁ ବୋଲି ଶୁକ୍ଳା କହିଥିଲେ। ଅପରପକ୍ଷରେ ହାଜତ ମୃତ୍ୟୁ ଅଭିଯୋଗକୁ ରାଉରକେଲା ଅବକାରୀ ପୋଲିସ ଖଣ୍ଡନ କରିଛି। ବାରମିତ୍ରପୁର ଓଆଇସି ଇଭ୍ରିସ ଡୁଙ୍ଗଡୁଙ୍ଗ ଅଭିଯୁକ୍ତଙ୍କୁ ୧୮ଲିଟର ମଦ ରଖିଥିବା ଅଭିଯୋଗରେ ଗିରଫ କରିଥିଲେ। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ ପୂର୍ବରୁ ଡାକ୍ତରୀମାଇଜନା ଏବଂ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଜାମିନ ଖାରଜ ହେବା ପରେ ପରେ ତାଙ୍କୁ ସ୍ୱତନ୍ତ୍ର ଜେଲକୁ ପଠାଇ ଦିଆଯାଇଥିଲା। ଅଭିଯୁକ୍ତଙ୍କ ନାମରେ ପୂର୍ବରୁ କୌଣସି ଆପରାଧିକ ମାମଲା ନ ଥିବା ବିଭାଗ ପକ୍ଷରୁ କୁହାଯାଇଛି। ଉଲ୍ଲେଖନୀୟ, ମୃତକଙ୍କ ୩ କନ୍ୟା ଓ ଏକ ପୁତ୍ର ସନ୍ତାନ ରହିଛନ୍ତି। ରାଜେଶଙ୍କ ମୃତ୍ୟୁପରେ ତାଙ୍କ ପରିବାରର ଭରଣପୋଷଣ ଏବେ ଚିନ୍ତାର ବିଷୟ ପାଲଟିଛି। ତେଣୁ ତାଙ୍କ ପରିବାରକୁ ନ୍ୟାୟ ସହ କ୍ଷତିପୂରଣ ଦିଆଯାଉ ବୋଲି ସମ୍ପର୍କୀୟ ଦାବି କରିଛନ୍ତି।

### ଆଜିର ସମ୍ପାଦକୀୟ

ସୁଗ୍ରୀବଙ୍କ ମାନଚିତ୍ରରେ ଭାରତ

# ଜଷ୍ଟିସ୍ ବି.ଆର୍. ଗଭାଇ ହେବେ ପରବର୍ତ୍ତୀ ସିଜେଆଇ

ନୂଆଦିଲ୍ଲୀ,୧୬।୪(ପି.ଟି.)



ଜଷ୍ଟିସ୍ ବି.ଆର୍. ଗଭାଇ

ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଜଷ୍ଟିସ୍ ସଞ୍ଜୀବ ଖାନ୍ନା ବୁଧବାର ଜଷ୍ଟିସ୍ ଭୂଷଣ ରାମକ୍ରିଷ୍ଣା ଗଭାଇଙ୍କ ନାମ ପରବର୍ତ୍ତୀ ସିଜେଆଇ ରୂପେ କେନ୍ଦ୍ରକୁ ସୁପାରିସ କରିଛନ୍ତି। ଜଷ୍ଟିସ୍ ଖାନ୍ନା ମେ' ୧୩ରେ ଅବସର ନେବେ। ୨୦୧୯ ମେ' ୨୪ରେ ସୁପ୍ରିମକୋର୍ଟ ବିଚାରପତି ଭାବେ ପଦୋନ୍ନତି ପାଇଥିବା ଜଷ୍ଟିସ୍ ଗଭାଇ ଶୀର୍ଷ ଅଦାଲତର ଦ୍ୱିତୀୟ ବରିଷ୍ଠତମ ବିଚାରପତି। ସେ ୧୪ ତାରିଖରେ ୫୨ତମ ସିଜେଆଇ ଭାବେ ଶପଥ ଗ୍ରହଣ କରି ୨୦୨୫ ନଭେମ୍ବର ୨୩ରେ ୬୫ ବର୍ଷ ବୟସରେ ଅବସର ନେବେ।

ଗତ ନଭେମ୍ବର ୧୧ରେ ୫୧ତମ ସିଜେଆଇ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ଜଷ୍ଟିସ୍ ଖାନ୍ନା ଗଭାଇଙ୍କ ନାମ ଆଇନ ମନ୍ତ୍ରଣାଳୟକୁ ସୁପାରିସ କରିଛନ୍ତି। ଜଷ୍ଟିସ୍ ଗଭାଇ ୧୯୬୦ ନଭେମ୍ବର ୨୪ରେ ଅମରାବତୀରେ ଜନ୍ମ ଗ୍ରହଣ କରିଥିଲେ। ୨୦୦୩ ନଭେମ୍ବରରେ ସେ ବମ୍ବେ ହାଇକୋର୍ଟରେ ଅତିରିକ୍ତ ବିଚାରପତି ରୂପେ ନିଯୁକ୍ତି ପାଇଥିଲେ।

୨୦୦୫ ନଭେମ୍ବରରେ ତାଙ୍କୁ ହାଇକୋର୍ଟ ସ୍ଥାୟୀ ବିଚାରପତି କରାଯାଇଥିଲା। ସୁପ୍ରିମକୋର୍ଟ ବିଚାରପତି ଭାବେ କାର୍ଯ୍ୟକାଳ ମଧ୍ୟରେ ଜଷ୍ଟିସ୍ ଗଭାଇ ଅନେକ ସାମ୍ବିଧାନିକ ପୀଠରେ ରହି ବହୁ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରଦାନ କରିଛନ୍ତି। ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନକାରୀ ସମ୍ବିଧାନର ଅନୁଚ୍ଛେଦ ୩୭୦ ସମ୍ପର୍କିତ ସର୍ବସମ୍ମତ ରାୟ ପ୍ରଦାନକାରୀ ୫ ଜଣିଆ ସାମ୍ବିଧାନିକ ପୀଠରେ ମଧ୍ୟ ଜଷ୍ଟିସ୍ ଗଭାଇ ରହିଥିଲେ। ସେହିପରି ରାଜନୈତିକ ଦଳଗୁଡ଼ିକୁ ଚାନ୍ଦା ଦେବା ପାଇଁ ଉଦ୍ଦିଷ୍ଟ ଇଲେକ୍ଟୋରାଲ ବଣ୍ଡକୁ ରଦ୍ଦ କରିଥିବା ଅନ୍ୟ ଏକ ୫ ଜଣିଆ ସାମ୍ବିଧାନିକ ପୀଠର ସଦସ୍ୟ ରହିଥିଲେ ଜଷ୍ଟିସ୍ ଗଭାଇ।

# ଦୁଗ୍ଧ ଉତ୍ପାଦନ: ରାଜ୍ୟରେ ବଢ଼ିଛି, ୧୩ ଜିଲାରେ କମିଛି

**ଦେଶର ଅର୍ଥନୀତି ସୁଦୃଢ଼ କରିବାରେ ପ୍ରାଣିସମ୍ପଦର ଭୂମିକା ଗୁରୁତ୍ୱପୂର୍ଣ୍ଣ। ବିଶେଷକରି ଗ୍ରାମାଞ୍ଚଳର ଅନେକ ପରିବାର ଦୁଗ୍ଧ ଉତ୍ପାଦନ କରି ଗୁଜରାଣ ମେଣ୍ଟାଉଛନ୍ତି। ଏହି କ୍ରମରେ ଭାରତ ବିଶ୍ୱର ସର୍ବୋଚ୍ଚ ଦୁଗ୍ଧ ଉତ୍ପାଦନକାରୀ ରାଷ୍ଟ୍ର ଭାବେ ନିଜକୁ ପ୍ରତିଷ୍ଠିତ କରିପାରିଛି। ଦେଶରେ ୨୦୨୩-୨୪ ଆର୍ଥିକବର୍ଷରେ ୨୩୯.୩୦ ନିୟୁତ ମେଟ୍ରିକ୍ ଟନ୍ (ଏମ୍ଏମ୍‌ଟି) ଦୁଗ୍ଧ ଉତ୍ପାଦନ ହୋଇଥିବା ମତ୍ସ୍ୟଚାଷ, ଦୁଗ୍ଧ ଓ ପଶୁପାଳନ ମନ୍ତ୍ରଣାଳୟ ପକ୍ଷରୁ ଗତ ୧୨ ତାରିଖରେ ପ୍ରକାଶିତ ତଥ୍ୟରୁ ଜଣାପଡ଼ିଛି। ଏ କ୍ଷେତ୍ରରେ ଓଡ଼ିଶାର ଅବଦାନ ୧.୧% ରହିବା ସହ ଦେଶରେ ଆମ ରାଜ୍ୟ ୧୬ ନମ୍ବର ସ୍ଥାନରେ ରହିଛି। ୨୦୦୯-୧୦ରୁ ଓଡ଼ିଶାରେ ଦୁଗ୍ଧ ଉତ୍ପାଦନ କ୍ରମାଗତ ଭାବେ ବଢ଼ିଚାଲିଥିଲାବେଳେ ସର୍ବଶେଷ ତଥ୍ୟ ଅନୁଯାୟୀ ୨୦୨୩-୨୪ରେ ଏହା ୨୦୨୨-୨୩ ତୁଳନାରେ ୧୩ ଜିଲାରେ କମିଛି। ରାଜ୍ୟର ୪୩% ଜିଲାରେ ଦୁଗ୍ଧ ଉତ୍ପାଦନ ହ୍ରାସ ପାଇବା ଗ୍ରାମୀଣ ଅର୍ଥନୀତିର ରୁଗ୍ଣ ଅବସ୍ଥାକୁ ଦର୍ଶାଉଛି। ନିକଟରେ ରାଜ୍ୟ ସରକାର 'ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା' କାର୍ଯ୍ୟକାରୀ କରିଥିବାରୁ ସ୍ଥିତିରେ ସୁଧାର ଆସିପାରେ ବୋଲି କୁହାଯାଉଛି।**



ଭୁବନେଶ୍ୱର,୧୬।୪(ଅନୁରାଧା ମହାରଣା)

ଦେଶରେ ୨୦୨୩-୨୪ରେ ସର୍ବାଧିକ ଉତ୍ତରପ୍ରଦେଶରେ ୩୮,୭୮୦ ହଜାର ମେଟ୍ରିକ ଟନ୍ (ଟିଏମ୍‌ଟି) ଦୁଗ୍ଧ ଉତ୍ପାଦନ ହୋଇଥିବାବେଳେ ଓଡ଼ିଶାରେ ଏହାର ପରିମାଣ ରହିଛି ୨,୬୭୬ ଟିଏମ୍‌ଟି। ଦେଶର ମୋଟ ଉତ୍ପାଦନରେ ଏହି ଦୁଇ ରାଜ୍ୟର ଅବଦାନ ଯଥାକ୍ରମେ ୧୬.୨୧% ଏବଂ ୧.୧% ରହିଛି। ୨୦୨୨-୨୩ ଆର୍ଥିକ ବର୍ଷରେ ଓଡ଼ିଶାରେ ୨୫୭୬.୪୨

ଟିଏମ୍‌ଟି ମେଟ୍ରିକ୍ ଟନ୍ ଦୁଗ୍ଧ ଉତ୍ପାଦନ ହୋଇଥିବାବେଳେ ୨୦୨୩-୨୪ରେ ୧୫୯.୫୮ ଟିଏମ୍‌ଟି ବୃଦ୍ଧି ପାଇଛି। ମାତ୍ର ୧୩ ଜିଲା ଯଥା ଅନୁଗୋଳ, ବାଲେଶ୍ୱର, ଭଦ୍ରକ, ବୌଦ୍ଧ, ଗଜପତି, ଖାରସୁଗୁଡ଼ା, କଳାହାଣ୍ଡି, କେନ୍ଦୁଝର, କୋରାପୁଟ, ମୟୂରଭଞ୍ଜ, ନୂଆପଡ଼ା, ସମ୍ବଲପୁର ଓ ସୁବର୍ଣ୍ଣପୁରରେ ଦୁଗ୍ଧ ଉତ୍ପାଦନ ହ୍ରାସ ପାଇଛି। କଟକ ଜିଲାରେ ୧୪,୦୩,୨୦୪ କ୍ଷୀର ଦେଉଥିବା ପ୍ରାଣୀଙ୍କଠାରୁ ସର୍ବାଧିକ ୩୯୧ ଟିଏମ୍‌ଟି ଦୁଗ୍ଧ ଉତ୍ପାଦନ ହୋଇଛି।

କନ୍ଧମାଳରେ ୪,୬୩,୧୯୯ ପ୍ରାଣୀଙ୍କଠାରୁ ସର୍ବନିମ୍ନ ୧୧.୧୧ ଟିଏମ୍‌ଟି କ୍ଷୀର ଉତ୍ପାଦନ ହୋଇଛି। ମୟୂରଭଞ୍ଜରେ କ୍ଷୀର ଦେଉଥିବା ପ୍ରାଣୀଙ୍କ ସଂଖ୍ୟା ସର୍ବାଧିକ ୩୭,୬୧,୧୨୮ ରହିଥିଲେ ମଧ୍ୟ ଦୁଗ୍ଧ ଉତ୍ପାଦନ ଖୁବ୍ କମ୍ ରହିଛି। ବର୍ଷକରେ ଉତ୍ପାଦିତ କ୍ଷୀର ପରିମାଣ ୭୨.୮୭ରୁ ୭୨.୭୮ ଟିଏମ୍‌ଟିକୁ ହ୍ରାସ ପାଇଛି। ଏହି ୧୩ ଜିଲାରେ ଦେଶୀ ଗାଈଙ୍କ ସଂଖ୍ୟା ଅଧିକ ରହିଛି। ଏହି ବର୍ଗର ଗାଈ କମ୍ କ୍ଷୀର ଦେଉଥିବାରୁ ସାମଗ୍ରିକ ଭାବେ ଏହିସବୁ ଜିଲାରେ ଦୁଗ୍ଧ ଉତ୍ପାଦନ ପ୍ରଭାବିତ

ହୋଇଥିବା ସରକାରୀ ଭାବେ କୁହାଯାଉଛି। ରାଜ୍ୟ ପଶୁପାଳନ ଏବଂ ପ୍ରାଣୀ ଚିକିତ୍ସା ସେବା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ବିଜୟ ଅମୃତା କୁଲାଙ୍ଗେ କହିଛନ୍ତି, ଏବେ ଓମ୍‌ଫେଡ୍ ଦୈନିକ ୫ ଲକ୍ଷ ୧୪ ହଜାର ଲିଟର ଦୁଗ୍ଧ ସଂଗ୍ରହ କରୁଛି। ସେଥିରେ ଦେଶୀ ବା ବିଷ୍ଣୁପୁରୀ ଗାଈ କ୍ଷୀର ରହିଛି ୨୫୦୦ ଲିଟର। ଅନ୍ୟାନ୍ୟ ଘରୋଇ କମ୍ପାନୀଗୁଡ଼ିକ ରାଜ୍ୟରୁ ଦୈନିକ ୨ ଲକ୍ଷ ୭୬ ହଜାର ଲିଟର ଦୁଗ୍ଧ ଦୈନିକ ସଂଗ୍ରହ କରୁଛନ୍ତି। ବର୍ଷ ସାରା ଓମ୍‌ଫେଡ୍‌ର

ଦୁଗ୍ଧ ଚାଷୀଙ୍କୁ ଲିଟର ପିଛା ୨ ଟଙ୍କା ଲେଖାଏଁ ପ୍ରୋତ୍ସାହନ ରାଶି ଦେବା ପାଇଁ ରାଜ୍ୟ ସରକାର ଚିନ୍ତା କରୁଛନ୍ତି ବୋଲି ସେ କହିଛନ୍ତି। ରାଜ୍ୟରେ ମୁଣ୍ଡ ପିଛା କ୍ଷୀର ଆବଶ୍ୟକତା ପୂରଣ ପାଇଁ ଦୈନିକ ଦୁଗ୍ଧ ଉତ୍ପାଦନକୁ ଦ୍ୱିଗୁଣିତ କରିବା ଲକ୍ଷ୍ୟ ନେଇ 'ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା' ଆରମ୍ଭ କରାଯାଇଛି। ଏହା ଅଧୀନରେ ପ୍ରତିବର୍ଷ ୨,୦୦୦ ହିତାଧିକାରୀଙ୍କୁ ୨ଟି କ୍ରସ୍‌ବ୍ରିଡ୍ ଗାଈ ରଖିବା ପାଇଁ କ୍ଷୁଦ୍ର ଦୁଗ୍ଧ ୟୁନିଟ୍ ପ୍ରତିଷ୍ଠା କରାଯିବ। ଏଥିସହ ୨୦ ହଜାର ଦୁଗ୍ଧ ଚାଷୀଙ୍କୁ ରିହାତିରେ ଗୋଖାଦ୍ୟ ଯୋଗାଇଦିଆଯିବ। ୧ ଲକ୍ଷ ଚାଷୀ ଦୁଧିଆଳୀ ଗାଈର ବୀମା ପାଇଁ ସହାୟତା ପାଇବେ। ତେବେ କୁଲାଙ୍ଗେଙ୍କ କହିବାନୁସାରେ ରାଜ୍ୟ ବାହାରର ବିଭିନ୍ନ ଘରୋଇ କମ୍ପାନୀ ଓଡ଼ିଶାର ଦୁଗ୍ଧଚାଷୀଙ୍କଠାରୁ ଦୁଗ୍ଧ ସଂଗ୍ରହ କରୁ ନ ଥିଲେ ମଧ୍ୟ ରାଜ୍ୟରେ ବିକ୍ରି କରିଛନ୍ତି। ସେହିପରି ଓମ୍‌ଫେଡ୍ ଦୁଗ୍ଧ ଓ ଦୁଗ୍ଧଜାତଦ୍ରବ୍ୟ ଛତିଶଗଡ଼, ପଶ୍ଚିମବଙ୍ଗ, ଆସାମ ସହ ଉତ୍ତରପୂର୍ବ ରାଜ୍ୟଗୁଡ଼ିକୁ କିଛି ମାତ୍ରାରେ ଯାଉଥିବା କୁଲାଙ୍ଗେ ସୂଚନା ଦେଇଛନ୍ତି।

# 'ବସିଥିବା ଡାଳକୁ ହାଣୁଛନ୍ତି ଶାହା'

## ମୁର୍ଶିଦାବାଦ ହିଂସା ପାଇଁ ସ୍ୱରାଷ୍ଟ୍ରମନ୍ତ୍ରୀଙ୍କୁ ଦାୟୀକଲେ ମମତା

କୋଲକାତା,୧୬।୪

ମୁର୍ଶିଦାବାଦରେ ୱାକ୍‌ଫ ଆଇନ ବିରୋଧୀ ହିଂସା ପାଇଁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ବୁଧବାର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କୁ ଦାୟୀ କରିଛନ୍ତି। ମମତା କହିଛନ୍ତି, ସଂଘୀୟ ସଂସ୍ଥାଗୁଡ଼ିକ ଭାଜପା ଏବଂ ଶାହାଙ୍କ ନିୟନ୍ତ୍ରଣରେ ରହିଛି। ସେମାନେ ବାଂଲାଦେଶରୁ ଆପରାଧିକ ତତ୍ତ୍ୱଙ୍କୁ ଭାରତରେ ଅନୁପ୍ରବେଶ କରାଇ ମୁର୍ଶିଦାବାଦରେ ହିଂସା ଭିଆଇବାକୁ ଅନୁମତି ଦେଇ ନିଜେ ବସିଥିବା ଡାଳକୁ ହାଣୁଛନ୍ତି।

ୱାକ୍‌ଫ ଆଇନ ବିରୋଧୀ ବିକ୍ଷୋଭ ବେଳେ ସମଶେରଗଞ୍ଜର ହରଗୋବିନ୍ଦ ଦାସ (୭୨), ତାଙ୍କ ପୁଅ ଚନ୍ଦନ ଦାସ (୪୦)ଙ୍କୁ ଛୁରି ଭୁସି ହତ୍ୟା କରାଯାଇଥିଲା। ହିଂସାତ୍ମକ ବିକ୍ଷୋଭ ଚାଲିଥିବାବେଳେ ପୋଲିସ ଗୁଳିରେ ଏଜାଜ୍ ଅହମଦ (୨୫) ପ୍ରାଣ ହରାଇଥିଲେ। ନୂଆ ୱାକ୍‌ଫ ଆଇନ ଉପରେ ଧର୍ମୀୟ ନେତାଙ୍କ ସହ ଆଲୋଚନା ପାଇଁ ଉଦ୍ଦିଷ୍ଟ ଏକ ସଭାକୁ ସମ୍ବୋଧିତ କରି ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସୁପ୍ରିମୋ ମମତା କହିଛନ୍ତି, ଏକ ନ୍ୟୁଜ୍ ଏଜେନ୍ସିର ସୋସିଆଲ ମିଡିଆ ପୋଷ୍ଟକୁ ସେ ଦେଖିଛନ୍ତି। ବାଂଲାଦେଶରୁ ଆସିଥିବା ଲୋକେ ଏହି ଦଙ୍ଗା ପାଇଁ ଷଡ଼ଯନ୍ତ୍ର ରଚିଥିବା


ମମତା ବାନାର୍ଜୀ

ସେଥିରେ ଉଲ୍ଲେଖ କରାଯାଇଥିଲା। ସୀମା ଜଗିବା ତାଙ୍କ କାମ ନୁହେଁ। ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍)ର ଦାୟିତ୍ୱ, ଯାହାକି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଅଧୀନରେ ଆସୁଛି। ସୀମା ସେପଟୁ ପଶ୍ଚିମବଙ୍ଗକୁ ଆସିବା ପାଇଁ କାହିଁକି ଦିଆଗଲା ବୋଲି ମମତା ପ୍ରଶ୍ନ କରିଛନ୍ତି।

ଶାହାଙ୍କ ନାମ ନ ନେଇ ମମତା ଆହୁରି କହିଛନ୍ତି, ଆପଣ ଧ୍ରୁବୀକରଣ ଚାହାନ୍ତି। ହିନ୍ଦୁ ମୁସ୍‌ଲିମଙ୍କୁ ବିଭାଜିତ କରିବାକୁ ଚାହାନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରୀ ଯେଉଁ ଡାଳରେ ବସିଛନ୍ତି, ସେହି ଡାଳକୁ ହାଣିଲେ ଆମକୁ ମୁହଁ ଖୋଲିବାକୁ ପଡ଼ିବ। ଶାହା ଦେଶର ସର୍ବାଧିକ କ୍ଷତି କରୁଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଡ୍ୟାମେଜ୍ କଣ୍ଟ୍ରୋଲ କରୁଛନ୍ତି। ଶାହାଙ୍କୁ ଦେଶର ସମସ୍ତ ସଂଘୀୟ ଏଜେନ୍ସିର ଦାୟିତ୍ୱ ଦିଆଯାଇଛି। ସେ ସବୁ ଯୋଜନା ମଧ୍ୟ କରିଥାଆନ୍ତି। ପଶ୍ଚିମବଙ୍ଗ ବାହାରେ ଏକ ନିର୍ଦ୍ଦିଷ୍ଟ ଗଣମାଧ୍ୟମ ଗୋଷ୍ଠୀ ଫେକ୍ ନ୍ୟୁଜ୍ ବିସ୍ତାର କରୁଛନ୍ତି। ଭାଜପା ସେମାନଙ୍କୁ ଟଙ୍କା ଦେଉଛି ବୋଲି ମମତା ସମାଲୋଚନା କରିଛନ୍ତି।

ଇତିମଧ୍ୟରେ ରାଜ୍ୟ ଭାଜପା ସଭାପତି ସୁକାନ୍ତ ମଜୁମଦାର ମୁର୍ଶିଦାବାଦ ହିଂସା ପ୍ରଭାବିତ ଲୋକଙ୍କ ସହ ପୋଲିସ ମହାନିର୍ଦ୍ଦେଶକଙ୍କ ଅଫିସ ସମ୍ମୁଖରେ ଧାରଣା ଦେଇଛନ୍ତି। ଷଡ଼ଯନ୍ତ୍ର ରଚି ହିଂସା ଭିଆଇଥିବା ବ୍ୟକ୍ତିମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ସୁକାନ୍ତ ଦାବି କରିଛନ୍ତି।

### ହିଂସା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିବେ ଏନ୍‌ସିଡବ୍ଲ୍ୟୁ

ନୂଆଦିଲ୍ଲୀ,୧୬।୪

ୱାକ୍‌ଫ ଆଇନ ବିରୋଧୀ ବିକ୍ଷୋଭ ବେଳେ ପଶ୍ଚିମବଙ୍ଗର ମୁର୍ଶିଦାବାଦ ଜିଲାରେ ଘଟିଥିବା ସାମ୍ପ୍ରଦାୟିକ ହିଂସାରେ ମହିଳାମାନଙ୍କୁ ଉତ୍ପୀଡ଼ନ କରାଯାଇଥିବା ଅଭିଯୋଗ ହୋଇଛି। ଏହା ଉପରେ ଅନୁଧ୍ୟାନ କରିବା ପାଇଁ ଜାତୀୟ ମହିଳା କମିଶନ (ଏନ୍‌ସିଡବ୍ଲ୍ୟୁ) ଏକ ତଦନ୍ତ କମିଟି ଗଠନ କରିଛନ୍ତି। ଉକ୍ତ କମିଟି ସ୍ଥିତି ସମୀକ୍ଷା କରିବା ଓ ପୀଡ଼ିତାମାନଙ୍କୁ ଭେଟିବା ପାଇଁ ହିଂସା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିବେ ବୋଲି ନିଜ ଆଡ଼ୁ ମାମଲା ରୁଜୁ କରିଥିବା ଏନ୍‌ସିଡବ୍ଲ୍ୟୁ ମୁଖ୍ୟ ବିଜୟା ରାହତ୍‌କର ସୂଚନା ଦେଇଛନ୍ତି।

ଉଲ୍ଲେଖଯୋଗ୍ୟ, ଏପ୍ରିଲ ୧୧ ଓ ୧୨ ତାରିଖରେ ମୁର୍ଶିଦାବାଦର ସୁତି, ଧୂଲିଆନ୍ ଓ ଜାଙ୍ଗିପୁରା ସମେତ ବିଭିନ୍ନ ଅଞ୍ଚଳରେ ୱାକ୍‌ଫ ଆଇନକୁ ବିରୋଧ କରି ବିକ୍ଷୋଭ ବେଳେ ହିଂସାକାଣ୍ଡ ହୋଇଥିଲା। ଏଥିରେ ୩ ଜଣଙ୍କ ମୃତ୍ୟୁ ଘଟିବା ସହ ଅନେକେ ଆହତ ହୋଇଥିଲେ। ହିଂସା ବେଳେ ଧୂଲିଆନ୍‌ର ମନ୍ଦିରପାରାର ଅନେକ ମହିଳାଙ୍କୁ ଉତ୍ପୀଡ଼ନ କରାଯାଇଥିବା ଅଭିଯୋଗ ହୋଇଛି।

### ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କୁ ଭେଟିବେ ମୁସ୍‌ଲିମ ଧର୍ମଗୁରୁ

ୱାକ୍‌ଫ ସଂଶୋଧନ ଆଇନ ଉପରେ ନିଜ ପକ୍ଷ ରଖିବା ପାଇଁ ମୁସ୍‌ଲିମ ଧର୍ମଗୁରୁମାନେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟିବେ। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏନେଇ ଦେଇଥିବା ପ୍ରସ୍ତାବକୁ ସେମାନେ ଏକ ସକାରାତ୍ମକ ଉପଦେଶ ବୋଲି ଅଭିହିତ କରିଛନ୍ତି। ରାଷ୍ଟ୍ରପତି ଓ ପ୍ରଧାମନ୍ତ୍ରୀଙ୍କୁ ଭେଟିବା ନେଇ ଖୁବ୍‌ଶୀଘ୍ର ଏକ ବୈଠକ କରାଯିବ ବୋଲି ଅଲ୍ ଇଣ୍ଡିଆ ଇମାମ୍ ଆସୋସିଏଶନ୍ ମୁଖ୍ୟ ମୌଲାନା ମହମ୍ମଦ ବକିବିଲ୍ଲା ମୋଲ୍ଲା ସୂଚନା ଦେଇଛନ୍ତି।

# 'ଉର୍ଦ୍ଦୁ ବିଦେଶୀ ଭାଷା ନୁହେଁ'

### ଉର୍ଦ୍ଦୁ ସାଇନବୋର୍ଡ ଲଗାଯିବା ବିରୋଧୀ ଆବେଦନକୁ ଖାରଜ କଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୧୬।୪ (ପି.ଟି.)

ମହାରାଷ୍ଟ୍ର ଓକଲା ଜିଲାସ୍ଥିତ ପାତୁର ପୌର ପରିଷଦ ନୂତନ କୋଠାର ସାଇନବୋର୍ଡରେ ଉର୍ଦ୍ଦୁ ଭାଷାର ବ୍ୟବହାରକୁ ପୂର୍ବରୁ ବମ୍ବେ ହାଇକୋର୍ଟ ଅନୁମତି ପ୍ରଦାନ କରିଥିଲେ। ଏହା ବିରୋଧରେ ପାତୁରର ପୂର୍ବତନ କାଉନସିଲର ବର୍ଷା ତାଇ ସୁପ୍ରିମକୋର୍ଟରେ ଆବେଦନ କରିଥିଲେ। ବୁଧବାର ସର୍ବୋଚ୍ଚ ଅଦାଲତ ଶୁଣାଣି କରି ଏହି ଆବେଦନକୁ ଖାରଜ କରିଦେଇଛନ୍ତି। ଶୁଣାଣି ବେଳେ ସୁପ୍ରିମକୋର୍ଟ ଭାଷାଗତ ବିବିଧତାକୁ ସମ୍ମାନ ଦେବା ପାଇଁ ପରାମର୍ଶ ଦେଇଥିଲେ। ଜଷ୍ଟିସ୍ ସୁଧାଂଶୁ ଧୁଲିଆ ଏବଂ ଜଷ୍ଟିସ୍ ବିନୋଦ ଚନ୍ଦ୍ରନଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି, ମହାରାଷ୍ଟ୍ରର କୌଣସି ପୌରପାଳିକା କାର୍ଯ୍ୟାଳୟର ସାଇନବୋର୍ଡରେ ଅତିରିକ୍ତ ଭାଷାର ବ୍ୟବହାର ମହାରାଷ୍ଟ୍ର ଲୋକାଲ ଅଥରିଟିଜ୍ (ଅଫିସିଆଲ ଲାଙ୍ଗୁଏଜେସ୍) ଆକ୍ଟ, ୨୦୨୨କୁ ଉଲ୍ଲଂଘନ କରୁନାହିଁ। ଉକ୍ତ ଆଇନରେ ମଧ୍ୟ ଉର୍ଦ୍ଦୁ ଭାଷାର ବ୍ୟବହାର ନେଇ କୌଣସି କଟକଣା ଜାରି କରାଯାଇ ନାହିଁ। ଭାଷା ବିଭିନ୍ନ ବିଚାରର ଆଦାନ ପ୍ରଦାନର ଏକ ମାଧ୍ୟମ। ଏହା ଭିନ୍ନ ଚିନ୍ତାଧାରା ଏବଂ ବିଶ୍ୱାସର ଲୋକଙ୍କୁ ନିକଟତର କରିଥାଏ।




## ମହାମାରୀ ଚୁକ୍ତିରେ ସ୍ୱାକ୍ଷର କଲେ ଡବ୍ଲ୍ୟୁଏଚ୍‌ଓ ସଦସ୍ୟ ଦେଶ

ଜେନେଭା, ୧୬।୪

ଭବିଷ୍ୟତରେ ବିଭିନ୍ନ ମହାମାରୀର ମୁକାବିଲା ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ(ଡବ୍ଲ୍ୟୁଏଚ୍‌ଓ)ର ସଦସ୍ୟ ଦେଶଗୁଡ଼ିକ ବୁଧବାର ଏକ ଐତିହାସିକ ମହାମାରୀ ଚୁକ୍ତିରେ ସ୍ୱାକ୍ଷର କରିଛନ୍ତି। କୋଭିଡ-୧୯ ମହାମାରୀରୁ ଶିଖିବା ସହ ଭବିଷ୍ୟତର ମହାମାରୀ ପାଇଁ କିପରି ପ୍ରସ୍ତୁତ ହେବାକୁ ପଡ଼ିବ ସେଦିଗରେ ବିଭିନ୍ନ ପଦକ୍ଷେପଗୁଡ଼ିକ ଏହି ଚୁକ୍ତିରେ ସ୍ଥାନ ପାଇଛି। ସେହିପରି ମହାମରୀ ସମୟରେ ବିଭିନ୍ନ ଦେଶଗୁଡ଼ିକ କିପରି ନିରପେକ୍ଷ ଭାବରେ ପରସ୍ପର ସହ ଟିକା ବଣ୍ଟନ କରିବେ ତାହା ମଧ୍ୟ ଏହି ଚୁକ୍ତିରେ ଉଲ୍ଲେଖ ରହିଛି।

# 'ପରିବେଶକୁ ଯଥାସମ୍ଭବ ସୁରକ୍ଷିତ ରଖାଯିବ'

### ହାଇଦ୍ରାବାଦ ଗଛକଟାକୁ ନେଇ ତେଲଙ୍ଗାନା ସରକାରଙ୍କୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା

ନୂଆଦିଲ୍ଲୀ, ୧୬।୪ (ପି.ଟି.)

ହାଇଦ୍ରାବାଦର କାଞ୍ଚା ଗାଚିବୋୱଲିସ୍ଥିତ ୪୦୦ ଏକରର ଜଙ୍ଗଲରେ ଗଛକଟା ମାମଲାର ଶୁଣାଣି ବୁଧବାର ସୁପ୍ରିମକୋର୍ଟରେ ହୋଇଛି। ହାଇଦ୍ରାବାଦ ସେଣ୍ଟ୍ରାଲ ୟୁନିଭର୍ସିଟି ନିକଟରେ ଥିବା ଏହି ଜଙ୍ଗଲରେ ବହୁସଂଖ୍ୟକ ଗଛ କଟାଯାଇଥିବାରୁ ଏହା ଯୋଗୁ ଉତ୍ପନ୍ନ ହୋଇଥିବା ପରିବେଶଗତ କ୍ଷତିକୁ ନେଇ ସର୍ବୋଚ୍ଚ ଅଦାଲତ ଚିନ୍ତା ପ୍ରକଟ କରିଛନ୍ତି। କାଞ୍ଚା ଗାଚିବୋୱଲି ଜଙ୍ଗଲରେ ଗଛ କାଟିବା ପାଇଁ ତେଲଙ୍ଗାନା ସରକାର ଏତେ ବ୍ୟଗ୍ର କାହିଁକି ଥିଲେ ବୋଲି ମାମଲାର ଶୁଣାଣି କରି ଜଷ୍ଟିସ୍ ବି.ଆର୍. ଗଭାଇ ଏବଂ ଜଷ୍ଟିସ୍ ଅଗଷ୍ଟିନ ଜର୍ଜ ମସିହଙ୍କ ଖଣ୍ଡପୀଠ ପ୍ରଶ୍ନ କରିଛନ୍ତି। ଗଛ କଟାଯାଇଥିବା ୧୦୦ ଏକର ଜମିର କିପରି ପୁନରୁଦ୍ଧାର କରାଯିବ ସେ ଦିଗରେ ତେଲଙ୍ଗାନା ସରକାର କାର୍ଯ୍ୟ କରନ୍ତୁ



ବୋଲି ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। କାଞ୍ଚା ଗାଚିବୋୱଲି ଅଞ୍ଚଳରେ ବନ୍ୟପ୍ରାଣୀଙ୍କ ସୁରକ୍ଷା ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ତେଲଙ୍ଗାନାର ବନ୍ୟପ୍ରାଣୀ ୱାର୍ଡେନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ବୃକ୍ଷ ଆଚ୍ଛାଦନ ଥିବା କ୍ଷେତ୍ରକୁ କିପରି ବିସ୍ତାର କରାଯିବ ସେନେଇ ପ୍ରାଥମିକତା ଭିତ୍ତିରେ ଯୋଜନା ପ୍ରସ୍ତୁତ କରିବାକୁ ସର୍ବୋଚ୍ଚ ଅଦାଲତ ତେଲଙ୍ଗାନା ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପରିବେଶ ସୁରକ୍ଷା ପାଇଁ ଯଥାସମ୍ଭବ ପ୍ରୟାସ କରାଯିବ ବୋଲି ସୁପ୍ରିମକୋର୍ଟ କହିଛନ୍ତି। କାଞ୍ଚା ଗାଚିବୋୱଲି ଜଙ୍ଗଲରେ ଗଛକଟା ଉପରେ କଟକଣା ନେଇ ପୂର୍ବରୁ ଦେଇଥିବା ନିର୍ଦ୍ଦେଶକୁ ସର୍ବୋଚ୍ଚ ଅଦାଲତ ବଳବତ୍ତର ରଖିଛନ୍ତି। ସୁପ୍ରିମକୋର୍ଟ କହିଛନ୍ତି, ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ କାଞ୍ଚା ଗାଚିବୋୱଲିରେ ଗୋଟିଏ ବି ଗଛ କଟାଯିବା ଉଚିତ ନୁହେଁ। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ମେ ୧୫ରେ ହେବ।

## ପୋଷାକକୁ ନେଇ ବିବାଦରେ ହ୍ୱାଇଟ ହାଉସ୍ ପ୍ରେସ୍ ସେକ୍ରେଟାରି

ୱାଶିଂଟନ, ୧୬।୪

ଆମେରିକା ଏବଂ ଚାଇନା ମଧ୍ୟରେ ଚାଲିଥିବା ବାଣିଜ୍ୟିକ ଯୁଦ୍ଧ ସୋସିଆଲ ମିଡିଆରେ ପହଞ୍ଚିଛି। ଏକ ଖବରଦାତା ସମ୍ମିଳନୀରେ ହ୍ୱାଇଟ ହାଉସ୍ ପ୍ରେସ୍ ସେକ୍ରେଟାରି କାରୋଲିନ ଲିଭିଟ୍ ପିନ୍ଧିଥିବା ପୋଷାକକୁ ନେଇ ସମାଲୋଚନାର ଶିକାର ହୋଇଛନ୍ତି। ଚାଇନାର କୂଟନୀତିଜ୍ଞ ଝାଙ୍ଗ ଝିଶେଙ୍ଗ ସର୍ବପ୍ରଥମେ କାରୋଲିନଙ୍କୁ ଟାର୍ଗେଟ କରି ସୋସିଆଲ ମିଡିଆରେ ଏକ ପୋଷ୍ଟ କରିଥିଲେ। କାରୋଲିନ କରିଥିବା ଏକ ଖବରଦାତା ସମ୍ମିଳନୀର ଫଟୋକୁ ଶେୟାର କରି ଝିଶେଙ୍ଗ ଲେଖିଥିଲେ, ହ୍ୱାଇଟ ହାଉସ ପ୍ରେସ୍ ସେକ୍ରେଟାରି ଚାଇନାରେ ତିଆରି (ମେଡ୍ ଇନ୍ ଚାଇନା) ପୋଷାକ ପିନ୍ଧିଛନ୍ତି। ଚାଇନା ସହ ବାଣିଜ୍ୟିକ ସମ୍ପର୍କକୁ ନେଇ ଟ୍ରମ୍ପ ପ୍ରଶାସନର ବୟାନବାଜି ଦୈନନ୍ଦିନ ବାସ୍ତବତାଠାରୁ ବହୁ ଦୂରରେ ଥିବା ସେ କହିଛନ୍ତି। କାରୋଲିନ ପିନ୍ଧିଥିବା ପୋଷାକରେ ଲାଗିଥିବା ଫିତା ଚାଇନାର ମାବୁରେ ଥିବା ଏକ କାରଖାନାରେ ନିର୍ମିତ ହୋଇଥିବା ନେଇ ଇଣ୍ଡୋନେସିଆର ଡେନ୍‌ପାସର ସହରରେ କନ୍‌ସୁଲ ଜେନେରାଲ ଅଫ୍ ଚାଇନା ଭାବେ କାର୍ଯ୍ୟରତ ଝିଶେଙ୍ଗ ନିଜ ପୋଷ୍ଟରେ ଦାବି କରିଛନ୍ତି। ଝିଶେଙ୍ଗଙ୍କ ପୋଷ୍ଟ ପରେ କାରୋଲିନଙ୍କ ପୋଷାକକୁ ନେଇ ସୋସିଆଲ ମିଡିଆରେ ଆମେରିକୀୟ ଏବଂ ଚାଇନାର ୟୁଜର୍ସମାନେ ପରସ୍ପର ବିରୋଧୀ ମନ୍ତବ୍ୟ ଦେଉଛନ୍ତି।


କାରୋଲିନ ଲିଭିଟ୍

## ସିଦ୍ଧାରାମୈୟାଙ୍କୁ ହାଇକୋର୍ଟଙ୍କ ନୋଟିସ

### ଏମ୍‌ୟୁଡିଏ ଦୁର୍ନୀତି ମାମଲା

ବେଙ୍ଗାଲୁରୁ, ୧୬।୪

କର୍ନାଟକର ମହୀଶୂର ଅର୍ବାନ ଡେଭଲପ୍‌ମେଣ୍ଟ ଅଥରିଟି (ଏମ୍‌ୟୁଡିଏ) ଦୁର୍ନୀତି ମାମଲାର ତଦନ୍ତଭାର କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)କୁ ସ୍ଥାନାନ୍ତର କରିବା ପାଇଁ ସୂଚନା ଅଧିକାର (ଆର୍‌ଟିଆଇ) କର୍ମୀ ସ୍ନେହମୟୀ କୃଷ୍ଣାଙ୍କ ଆବେଦନ ଉପରେ ବୁଧବାର କର୍ନାଟକ ହାଇକୋର୍ଟ ମୁଖ୍ୟମନ୍ତ୍ରୀ ସିଦ୍ଧାରାମୈୟା ଓ ତାଙ୍କ ସ୍ତ୍ରୀ ପାର୍ବତୀ ବି. ଏମ୍.ଙ୍କୁ ନୋଟିସ ଜାରି କରିଛନ୍ତି। ଏହି ଦୁର୍ନୀତି ମାମଲାର ତଦନ୍ତଭାର ଲୋକାୟୁକ୍ତ ପୋଲିସଠାରୁ ସିବିଆଇକୁ ହସ୍ତାନ୍ତର କରାଯାଉ ବୋଲି ଆବେଦନକାରୀ ଅନୁରୋଧ କରିଛନ୍ତି। ପ୍ରକାଶ ଯେ, ଏମ୍‌ୟୁଡିଏ ଦ୍ୱାରା ପାର୍ବତୀଙ୍କୁ କରାଯାଇଥିବା ୧୪ଟି ପ୍ଲଟ୍ ଆବଣ୍ଟନରେ ଅନିୟମିତତା ହୋଇଥିବା ନେଇ ସିଦ୍ଧାରାମୈୟାଙ୍କ ବିରୋଧରେ ଅଭିଯୋଗ ରହିଛି।



## 'ଡନ୍ ୩': ରଣବୀରଙ୍କ ବିପକ୍ଷରେ ଶର୍ବରୀ

ମୁମ୍ବାଇ

ଫିଲ୍ମ ନିର୍ମାତା ତଥା ଅଭିନେତା ଫରାନ ଅଖତରଙ୍କ 'ଡନ୍' ଫ୍ରାଞ୍ଚାଇଜ୍‌ର ତୃତୀୟ ସିକ୍ୱେଲ 'ଡନ୍ ୩' ଗତ କିଛି ବର୍ଷ ଧରି ଚର୍ଚ୍ଚାରେ ରହି ଆସିଛି। ବୁଧବାର ଏହି ଫିଲ୍ମକୁ ନେଇ ଏକ ବଡ଼ ସୂଚନା ସାମ୍ନାକୁ ଆସିଛି। ବିଭିନ୍ନ ଜାତୀୟ ଗଣମାଧ୍ୟମର ରିପୋର୍ଟ ଅନୁଯାୟୀ, ଫିଲ୍ମର କାଷ୍ଟରେ ପରିବର୍ତ୍ତନ ହୋଇଛି। ଅଭିନେତ୍ରୀ କିଆରା ଆଡ୍‌ଭାନୀଙ୍କ ବଦଳରେ ଅଭିନେତ୍ରୀ ଶର୍ବରୀ ୱାଘ୍‌ଙ୍କର 'ଡନ୍ ୩' ଫିଲ୍ମରେ ଏଣ୍ଟ୍ରି ହୋଇଛି। ଏହାସହ ଶର୍ବରୀ ଏହି ବହୁ ପ୍ରତୀକ୍ଷିତ ଚଳଚ୍ଚିତ୍ରରେ ଅଭିନେତା ରଣବୀର ସିଂଙ୍କ ବିପକ୍ଷରେ ମୁଖ୍ୟ ଅଭିନେତ୍ରୀ ଭାବେ ନଜରକୁ ଆସିବେ ବୋଲି ସ୍ପଷ୍ଟ ହୋଇଛି। ପୂର୍ବରୁ 'ଡନ୍ ୩' ଫିଲ୍ମର ମୁଖ୍ୟ ଅଭିନେତ୍ରୀ ଚରିତ୍ରରେ କିଆରା ନଜରକୁ ଆସିବେ ବୋଲି ଫିଲ୍ମ ନିର୍ମାତାଙ୍କ ପକ୍ଷରୁ ଘୋଷଣା କରାଯାଇଥିଲା। ତେବେ ଗତ ଫେବୃଆରୀରେ କିଆରା ଗର୍ଭବତୀ ଥିବା ନେଇ ସୂଚନା ଦେଇଥିଲେ। ଫଳରେ ଏହି ଫିଲ୍ମରେ କିଆରାଙ୍କ ବଦଳରେ ଶର୍ବରୀଙ୍କୁ ମୁଖ୍ୟ ଅଭିନେତ୍ରୀ ଭାବେ ଚୟନ କରାଯାଇଥିବା ନେଇ ଫିଲ୍ମନିର୍ମାତାଙ୍କ ସୂତ୍ରରୁ ଜଣାପଡ଼ିଛି।

ପୂର୍ବରୁ 'ଡନ୍' ଫ୍ରାଞ୍ଚାଇଜ୍‌ର ୨ଟି ସିକ୍ୱେଲ 'ଡନ୍' ୨୦୦୬ରେ ଏବଂ 'ଡନ୍ ୨' ୨୦୧୧ରେ ରିଲିଜ୍ ହୋଇଥିଲା। ଉଭୟ ଫିଲ୍ମରେ ଅଭିନେତା ଶାହାରୁଖ ଖାନ୍ ଓ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ମୁଖ୍ୟ ଭୂମିକାରେ ନଜରକୁ ଆସିଥିଲେ। 'ଡନ୍ ୩' ଫିଲ୍ମରେ ଶାହାରୁଖଙ୍କ ବଦଳରେ ରଣବୀର ସିଂ ମୁଖ୍ୟ ଅଭିନେତା ଭାବେ ନଜରକୁ ଆସିବେ ବୋଲି ବହୁ ପୂର୍ବରୁ ନିର୍ମାତାଙ୍କ ପକ୍ଷରୁ ଘୋଷଣା କରାଯାଇଥିଲା। ତେବେ ଫରାନଙ୍କ ନିର୍ଦ୍ଦେଶନାରେ ନିର୍ମିତ ହେବାକୁ ଥିବା 'ଡନ୍ ୩' ଫିଲ୍ମ କେବେ ରିଲିଜ୍ ହେବ ଏବଂ ଏହାର ଶୁଟିଂ କେବେ ଆରମ୍ଭ ହେବ ସେନେଇ ବର୍ତ୍ତମାନ ସୁଦ୍ଧା ସୂଚନା ମିଳିନାହିଁ।






# ରାଜ୍ୟରେ ଆସିଛି ଶିଳ୍ପ ବିପ୍ଳବ: ମୁଖ୍ୟମନ୍ତ୍ରୀ

## ବାରିପଦାରେ ପିଏମ୍ ବିଶ୍ୱକର୍ମା ଓ ଜାତୀୟ ଏସ୍‌ସି,ଏସ୍‌ଟି ହବ୍ କନ୍‌କ୍ଲେଭ୍

ବାରିପଦା,୧୬।୪
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ରାଜ୍ୟରେ ଶିଳ୍ପ ବିପ୍ଳବ ଆସିଛି। ଓଡ଼ିଶାକୁ ସମୃଦ୍ଧ ଓ ସଶକ୍ତ କରିବା ପାଇଁ ଅନେକ ଯୋଜନା ଓ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯାଉଛି। କୌଳିକ ବୃତ୍ତିକୁ ଆପଣାଇ ଜୀବନଜୀବିକା ନିର୍ବାହ କରୁଥିବା ଲୋକଙ୍କୁ ଉଦ୍ୟୋଗୀ କରିବା ପାଇଁ ପ୍ରୟାସ ଜାରି ରହିଛି। ପିଏମ୍ ବିଶ୍ୱକର୍ମା ଯୋଜନା କାର୍ଯ୍ୟକାରୀ କରାଯାଇ କାରିଗରଙ୍କ ବୃତ୍ତିକୁ ଉଦ୍ୟୋଗରେ ପରିଣତ କରିବାର କୌଶଳକୁ ତ୍ୱରାନ୍ୱିତ କରାଯାଇଛି । ଫଳରେ ଅନୁସୂଚିତ ଜାତି ଓ ଜନଜାତିର ଲୋକେ ସ୍ୱାବଲମ୍ବୀ ହେବା ସହିତ ସେମାନଙ୍କ ଆର୍ଥିକ ବିକାଶର ଅଭିବୃଦ୍ଧି ଘଟିବ ବୋଲି ଭାରତ ସରକାରଙ୍କ ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ 'ପିଏମ୍ ବିଶ୍ୱକର୍ମା ଏବଂ ଜାତୀୟ ଏସ୍‌ସି-ଏସ୍‌ଟି ହବ୍' କନ୍‌କ୍ଲେଭ୍‌ରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ମୟୂରଭଞ୍ଜ ଜିଲା ବାରିପଦା ତକତପୁରସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ କନ୍‌ଭୋକେସନ ହଲ୍‌ରେ ବୁଧବାର ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଯୋଜନା, ଜାତୀୟ ଏସ୍‌ସି-ଏସଟି ହବ୍ ଏବଂ ଏମ୍‌ଏସ୍‌ଏମଇ ସମ୍ମିଳନୀ ଆୟୋଜିତ ହୋଇଥିଲା। ଏଥିରେ କେନ୍ଦ୍ର ଏମ୍‌ଏସ୍‌ଏମଇ ମନ୍ତ୍ରୀ ଜିତନ୍‌ରାମ ମାଞ୍ଝି ଯୋଗଦେଇ ଓଡ଼ିଶା ସମେତ ଦେଶରେ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରକୁ ସୁଦୃଢ଼ ଓ ସଶକ୍ତ କରିବା ପାଇଁ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି। ଯେଉଁଥିରେ ଅନ୍ୟାନ୍ୟ ବିଷୟ ସହିତ ପ୍ରଧାନମନ୍ତ୍ରୀ ନିଯୁକ୍ତି ସୃଷ୍ଟି କାର୍ଯ୍ୟକ୍ରମ, ଅଣୁ ଓ କ୍ଷୁଦ୍ର ଉଦ୍ୟୋଗ କ୍ଲଷ୍ଟର ବିକାଶ କାର୍ଯ୍ୟକ୍ରମ, ଉଦ୍ୟୋଗ ଦକ୍ଷତା ବିକାଶ କାର୍ଯ୍ୟକ୍ରମ, କ୍ରୟ ଏବଂ ବିପଣନ ସହାୟତା ଯୋଜନା ଓ ଅନ୍ତର୍ଜାତୀୟ ସହଯୋଗ ଯୋଜନା କାର୍ଯ୍ୟକାରୀ ହେଉଛି ବୋଲି କହିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡା.କୃଷ୍ଣଚନ୍ଦ୍ର ମହାପାତ୍ର, ଜଙ୍ଗଲ, ପରିବେଶ ଓ ଜଳବାୟୁ ନିୟନ୍ତ୍ରଣ ବିଭାଗ ମନ୍ତ୍ରୀ ଇଂ. ଗଣେଶ ରାମ ସିଂ ଖୁଣ୍ଟିଆ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ଓ ଏମ୍‌ଏସ୍‌ଏମ୍‌ଇ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ମୟୂରଭଞ୍ଜ ଏମ୍‌ପି ନବଚରଣ ମାଝୀ, ରାଜ୍ୟ ସଭା ସଦସ୍ୟା ମମତା ମହାନ୍ତ, ବାରିପଦା ବିଧାୟକ ପ୍ରକାଶ ସୋରେନ, ଉଦଳା ବିଧାୟକ ଭାସ୍କର ମଢ଼େଇ, ସାରସକଣା ବିଧାୟକ ଭାଦବ ହାଁସଦା, ବଡ଼ସାହି ବିଧାୟକ ସନାତନ ବିଜୁଳି, ବାଙ୍ଗିରିପୋଷି ବିଧାୟିକା ସଞ୍ଜାଳୀ ମୁର୍ମୁ ପ୍ରମୁଖ ଉପସ୍ଥିତ ଥିଲେ।


ସମ୍ମିଳନୀରେ ଉପସ୍ଥିତ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ରମନ୍ତ୍ରୀ ଜିତନରାମ ମାଞ୍ଝି ଓ ଅନ୍ୟମାନେ।

# ପାରମିତା ଶତପଥୀ ତ୍ରିପାଠୀ ନୂଆ ପ୍ରଧାନ ମୁଖ୍ୟ ଆୟକର କମିଶନର



ଭୁବନେଶ୍ୱର,୧୬।୪
(ଅନୁରାଧା ମହାରଣା)

୧୯୮୯ ବ୍ୟାଚ୍‌ର ଭାରତୀୟ ରାଜସ୍ୱ ସେବା ଅଧିକାରୀ ପାରମିତା ଶତପଥୀ ତ୍ରିପାଠୀ ବୁଧବାର ଓଡ଼ିଶାର ନୂତନ ପ୍ରଧାନ ମୁଖ୍ୟ ଆୟକର କମିଶନର ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହାପୂର୍ବରୁ ସେ ଆୟକର ବିଭାଗର ବିଭିନ୍ନ ପଦବୀରେ କାର୍ଯ୍ୟ କରିବା ସହ ୬ ବର୍ଷ ଧରି ଓଡ଼ିଶା ପାୱାର ଜେନେରେଶନ କର୍ପୋରେଶନ ଲିମିଟେଡ୍ (ଓପିଜିସି)ର ଡାଇରେକ୍ଟର ଅଫ୍ ଫାଇନାନ୍ସ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ଏଥିସହ ସେ ମଧ୍ୟ ଜଣେ ସୁଲେଖିକା ଏବଂ ଔପନ୍ୟାସିକା ଭାବେ ସୁପରିଚିତା। ତାଙ୍କ ସାହିତ୍ୟକୃତି ପାଇଁ ପାରମିତା ୨୦୦୬ରେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର, ୨୦୧୬ରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ଏବଂ ୨୦୨୧ରେ ଶାରଳା ପୁରସ୍କାର ସମେତ ବହୁ ପୁରସ୍କାର ଓ ସମ୍ମାନ ପାଇଛନ୍ତି। ସେ ପ୍ରଧାନ ମୁଖ୍ୟ ଆୟକର କମିଶନର ଦାୟିତ୍ୱ ଗ୍ରହଣ କରିବା ପରେ ରାଜ୍ୟରେ କରଦାତାଙ୍କ ସୁବିଧାକୁ ଗୁରୁତ୍ୱ ଦେବେ ବୋଲି କହିଛନ୍ତି।

# ମୁକୁଳିଲେ ଦାରା ସିଂହଙ୍କ ସହଯୋଗୀ ମହେନ୍ଦ୍ର

## ବହୁଚର୍ଚ୍ଚିତ ଗ୍ରାହାମ ଷ୍ଟେନ୍ସ, ୨ ପୁଅଙ୍କୁ ପୋଡ଼ି ଘଟଣା

କେନ୍ଦୁଝର/ଆନନ୍ଦପୁର,୧୬।୪
(ନରେଶ ଚନ୍ଦ୍ର ପଟ୍ଟନାୟକ/ ସୁଶାନ୍ତ କୁମାର ସାହୁ)

କେନ୍ଦୁଝର ଜିଲା ଆନନ୍ଦପୁର ଥାନା ମନୋହରପୁରର ବହୁଚର୍ଚ୍ଚିତ ଗ୍ରାହାମ ଷ୍ଟେନ୍ସ ପୋଡ଼ି ଘଟଣାରେ ଅନ୍ୟତମ ମୁଖ୍ୟ ଅଭିଯୁକ୍ତ ତଥା ଦାରା ସିଂହଙ୍କ ସହଯୋଗୀ ମହେନ୍ଦ୍ର ହେମ୍ବ୍ରମ(୫୦) ବୁଧବାର କେନ୍ଦୁଝର କାରାଗାରରୁ ମୁକୁଳିଛନ୍ତି। ମହେନ୍ଦ୍ରଙ୍କୁ ଜେଲ ଅବଧି ପୂର୍ବରୁ (ପ୍ରିମାଚ୍ୟୁର ରିଲିଜ) ଆଦେଶ ବଳରେ ମୁକ୍ତି ମିଳିଛି। ଷ୍ଟେଟ୍ ସେଣ୍ଟେନ୍ସ ରିଭ୍ୟୁ ବୋର୍ଡର ନିଷ୍ପତ୍ତି ଅନୁଯାୟୀ ଏହା କାର୍ଯ୍ୟକାରୀ ହୋଇଛି ବୋଲି ଜେଲର ମନସ୍ୱିନୀ ନାଏକ କହିଛନ୍ତି। ଏଥିସହ ପାରିଶ୍ରମିକ ବାବଦକୁ ମହେନ୍ଦ୍ର ହେମ୍ବ୍ରମଙ୍କ ବ୍ୟାଙ୍କ ଆକାଉଣ୍ଟରେ ଅର୍ଥ ଜମା କରାଯାଇ ତାଙ୍କୁ ବ୍ୟାଙ୍କ ପାସ୍‌ବୁକ୍ ପ୍ରଦାନ କରାଯାଇଛି।

ସୂଚନାଯୋଗ୍ୟ, ୧୯୯୯ ଜାନୁଆରୀ ୨୨ ବିଳମ୍ବିତ ରାତିରେ ଅଷ୍ଟ୍ରେଲୀୟ ମିଶନାରି ଗ୍ରାହାମ୍ ଷ୍ଟୁଆର୍ଟ ଷ୍ଟେନ୍ସ ଓ ତାଙ୍କର ୨ ଶିଶୁ ପୁତ୍ର ଫିଲିପ୍ ଓ ଟିମୋଥି ଏକ ଗାଡ଼ିରେ ଶୋଇଥିବା ସମୟରେ ଦାରା ସିଂହ ଓ ତାଙ୍କ ସହଯୋଗୀମାନେ ଗାଡ଼ିରେ ନିଆଁ ଲଗାଇଦେଇଥିଲେ। ଘଟଣାସ୍ଥଳରେ ଷ୍ଟେନ୍ସ ଓ ତାଙ୍କ ୨ ପୁତ୍ର ମୃତ୍ୟୁବରଣ କରିଥିଲେ। ଘଟଣାରେ ମନୋହରପୁର ଗ୍ରାମର ମହେନ୍ଦ୍ର ହେମ୍ବ୍ରମ ୧୯୯୯ରେ ଗିରଫ ହୋଇଥିବା ବେଳେ ଦାରା ସିଂ ୩୧ ଜାନୁଆରୀ ୨୦୦୦ରେ ଗିରଫ ହୋଇଥିଲେ। ଏମାନଙ୍କ ସହ ଆହୁରି ୧୧ ଜଣଙ୍କୁ ଗିରଫ କରାଯାଇଥିଲା। ୧୧ ଜଣ ହାଇକୋର୍ଟରୁ ମୁକ୍ତି ପାଇଥିଲେ। ରବୀନ୍ଦ୍ର କୁମାର ପାଲ ଓରଫ ଦାରା ସିଂଙ୍କୁ ସେପ୍ଟେମ୍ବର ୨୦୦୩ରେ ଭୁବନେଶ୍ୱର ସିବିଆଇ କୋର୍ଟ ମୃତ୍ୟୁ ଦଣ୍ଡାଦେଶ ଶୁଣାଇଥିଲେ। ୨୦୦୫ରେ ହାଇକୋର୍ଟ ମୃତ୍ୟୁ ଦଣ୍ଡାଦେଶକୁ କୋହଳକରି ଆଜୀବନ କାରାଦଣ୍ଡରେ ପରିଣତ କରିଥିଲେ। ସେବେଠାରୁ ଦାରା ସିଂ ବନ୍ଦୀ ଭାବେ କେନ୍ଦୁଝର ଜେଲରେ ଅଛନ୍ତି। ମହେନ୍ଦ୍ର ଭୁବନେଶ୍ୱର ଝାରପଡ଼ା ଜେଲରେ ବିଚାରାଧୀନ ଥିବାବେଳେ ଅଦାଲତ ୨୨ ସେପ୍ଟେମ୍ବର ୨୦୦୩ରେ ଆଜୀବନ ଜେଲଦଣ୍ଡରେ ଦଣ୍ଡିତ କରିଥିଲେ। ପ୍ରଥମେ ତାଙ୍କୁ ଝାରପଡ଼ା ପରେ ଜାମୁଝରୀ ମୁକ୍ତାକାଶ ଜେଲ, କଟକ, ବ୍ରହ୍ମପୁର, ବାରିପଦା, ଆନନ୍ଦପୁର ସବ୍‌ଜେଲରେ ରହିଥିଲେ। ୨୮ ସେପ୍ଟେମ୍ବର ୨୦୧୧ରୁ କେନ୍ଦୁଝର ଜେଲରେ ବନ୍ଦୀ ଭାବେ ଥିଲେ। ଜେଲରେ ଆଚରଣ ଏବଂ ଉଚ୍ଚାରଣ ତଥା ଜୀବନଶୈଳୀ ସୁଧାର ଆସିଥିବା ବନ୍ଦୀଙ୍କୁ ଖଲାସ ପାଇଁ କେନ୍ଦ୍ର ସ୍ୱରାଷ୍ଟ୍ର ବ୍ୟାପାର ମନ୍ତ୍ରଣାଳୟ ନିର୍ଦ୍ଦେଶକ୍ରମେ ଏବଂ ଓଡ଼ିଶା ସରକାରଙ୍କ ଗୃହ ଓ ଆଇନ ବିଭାଗର ପରାମର୍ଶକ୍ରମେ ସରକାରଙ୍କ ନିକଟକୁ ମହେନ୍ଦ୍ର ହେମ୍ବ୍ରମଙ୍କ ମୁକ୍ତି ପାଇଁ ପ୍ରସ୍ତାବ ପଠାଯାଇଥିଲା। ରାଜ୍ୟ ସରକାରଙ୍କ ପ୍ରସ୍ତାବ ଗୃହୀତ ହେବା ପରେ ବୁଧବାର ଦୀର୍ଘ ୨୫ ବର୍ଷ ପରେ ସେକ୍ସନ୍ ୪୩୨ ଅଫ୍ କ୍ରିମିନାଲ ପ୍ରସିଡିୟୋର ୧୯୭୩(ଆକ୍ଟ ୨ ଅଫ୍ ୧୯୭୪)/ସେକ୍ସନ୍ ୪୭୩ ଅଫ୍ ଭାରତୀୟ ନାଗରିକ ସୁରକ୍ଷା ସଂହିତା(ବିଏନ୍‌ଏସ୍‌ଏସ୍), ୨୦୨୩ (ଆକ୍ଟ ନଂ. ୪୫ ଅଫ୍ ୨୦୨୩) ଅନୁଯାୟୀ ମହେନ୍ଦ୍ର ଜେଲରୁ ମୁକୁଳିଥିବା ଜଣାପଡ଼ିଛି। ବିଶ୍ୱ ହିନ୍ଦୁ ପରିଷଦ ସହ ସମ୍ପାଦକ ଆଇନଜୀବୀ କେଦାର ଦାଶ ସରକାରଙ୍କ ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି। ବହୁ ଆଗରୁ ତାଙ୍କୁ ଛଡ଼ାଯିବାର ଥିଲା। ଏବେ ସରକାର ଦାରା ସିଂଙ୍କୁ ଛାଡ଼ିବା ପାଇଁ ପଦକ୍ଷେପ ନେବେ ବୋଲି ଆଶା ରଖିଥିବା ସେ କହିଛନ୍ତି।


କେନ୍ଦୁଝର କାରାଗାର ସମ୍ମୁଖରେ ଜେଲ କର୍ତ୍ତୃପକ୍ଷଙ୍କ ସହ ମହେନ୍ଦ୍ର ହେମ୍ବ୍ରମ୍।

# ହାଇକୋର୍ଟରେ ୨୦୨୩ ପଦ୍ମଶ୍ରୀ ପୁରସ୍କାର ବିବାଦ ମାମଲାର ଅନ୍ତ

## ଆବେଦନକାରୀଙ୍କୁ ୧୦ ହଜାର ଜରିମାନା

କଟକ,୧୬।୪ (କାର୍ତ୍ତିକ ସାହୁ)

୨୦୨୩ ମସିହାର ପଦ୍ମଶ୍ରୀ ପୁରସ୍କାର ବିବାଦକୁ ନେଇ ରୁଜୁ ମାମଲାରେ ଆବେଦନକାରୀଙ୍କୁ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି ହାଇକୋର୍ଟ। ତଥ୍ୟ ପ୍ରମାଣ ନ ଥାଇ କୋର୍ଟଙ୍କ ସମୟ ନଷ୍ଟ କରିଥିବାରୁ ଏଭଳି ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ଆବେଦନକାରୀ ପୁରସ୍କାର ପାଇବା ପାଇଁ ସମ୍ପୃକ୍ତ ସରକାରୀ ମନ୍ତ୍ରଣାଳୟରୁ ଚିଠି ପାଇଥିବା ନେଇ କୌଣସି ତଥ୍ୟ କୋର୍ଟରେ ଉପସ୍ଥାପନ କରିପାରିଲେ ନାହିଁ। ଫଳରେ ହାଇକୋର୍ଟ ବିଚାରପତି ସଞ୍ଜୀବ କୁମାର ପାଣିଗ୍ରାହୀ ଉପରୋକ୍ତ ଆଦେଶ ଦେବା ସହ ମାମଲାର ଅନ୍ତ ଘଟାଇଛନ୍ତି। ଏଥିସହ ଜରିମାନା ଅର୍ଥ ରାଜ୍ୟ ଆଇନଜୀବୀ କଲ୍ୟାଣ ପାଣ୍ଠିରେ ଦାଖଲ ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।



ମାମଲାର ବିବରଣୀ ଅନୁଯାୟୀ, ଅନ୍ତର୍ଯ୍ୟାମୀ ମିଶ୍ର ସମାନ ନାମ ଯୋଗୁ ଭୁଲ୍ ବ୍ୟକ୍ତି ପୁରସ୍କାର ପାଇଥିବା ନେଇ ହାଇକୋର୍ଟରେ ରୁଜୁ ମାମଲାରେ ଦର୍ଶାଯାଇଥିଲା। ଆବେଦନକାରୀ ଅନ୍ତର୍ଯ୍ୟାମୀ ମିଶ୍ର ୨୦୨୩ରେ ପଦ୍ମଶ୍ରୀ ପୁରସ୍କାର ନିମନ୍ତେ ଆବେଦନ କରିଥିଲେ। ହେଲେ କେନ୍ଦ୍ର ସରକାର ଅନ୍ତର୍ଯ୍ୟାମୀ ମିଶ୍ରଙ୍କୁ ପଦ୍ମଶ୍ରୀ ପୁରସ୍କାର ପ୍ରଦାନ କରିବାକୁ ଘୋଷଣା କରିବା ପରେ ବିବାଦ ସୃଷ୍ଟି ହୋଇଥିଲା। ଆବେଦନକାରୀ ଉକ୍ତ ପଦ୍ମଶ୍ରୀ ପୁରସ୍କାରର ଦାବିଦାର ବୋଲି ଆବେଦନରେ ଦର୍ଶାଇଥିଲେ। ସେ ୨୦୨୩ ମାର୍ଚ୍ଚ ୨୯ରେ ଏନେଇ ହାଇକୋର୍ଟରେ ମାମଲା ଦାଏର କରିଥିଲେ। ସେ ଦର୍ଶାଇଛନ୍ତି ଯେ, ସେ ଜଣେ ଡାକ୍ତର ଓ ଓଡ଼ିଆ ଭାଷାର ସାହିତ୍ୟିକ। ସେ ଓଡ଼ିଆ ଏବଂ ଅନ୍ୟାନ୍ୟ ଭାରତୀୟ ଭାଷାରେ ପ୍ରାୟ ୨୯ଟି ପୁସ୍ତକ ରଚନା କରିଛନ୍ତି। ସାହିତ୍ୟ କ୍ଷେତ୍ରକୁ ତାଙ୍କର ଏହି ଅବଦାନ ଯୋଗୁ ତାଙ୍କ ନାମ ୨୦୨୩ରେ ପଦ୍ମଶ୍ରୀ ପୁରସ୍କାର ପାଇଁ ଯୋଗ୍ୟ ବିବେଚିତ ହୋଇଛି। ଅପରପକ୍ଷରେ ପ୍ରତିପକ୍ଷ ପଦ୍ମଶ୍ରୀ ପାଇଥିବା ଅନ୍ତର୍ଯ୍ୟାମୀ ମିଶ୍ର ପେସାରେ ଜଣେ ସାମ୍ବାଦିକ, ହେଲେ ସେ କୌଣସି ପୁସ୍ତକ ରଚନା କରିନାହାନ୍ତି। ତେଣୁ ସରକାର ଏ ଦିଗରେ ସ୍ପଷ୍ଟ କରିବା ନିମନ୍ତେ ହାଇକୋର୍ଟ ଆଦେଶ ଦେବାକୁ ଆବେଦନକାରୀ ତାଙ୍କ ଆବେଦନରେ ଦର୍ଶାଇଥିଲେ। ଆବେଦନକାରୀ ଅନ୍ତର୍ଯ୍ୟାମୀ ମିଶ୍ର ଏହି ମାମଲାରେ କେନ୍ଦ୍ର ସରକାର, ପ୍ରତିପକ୍ଷ ଅନ୍ତର୍ଯ୍ୟାମୀ ମିଶ୍ରଙ୍କ ସମେତ ଅନ୍ୟମାନଙ୍କୁ ପକ୍ଷଭୁକ୍ତ କରିଥିଲେ। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଏସ୍.ଏ. ସ୍ୱାଇଁ ମାମଲା ପରିଚାଳନା କରୁଥିଲେ।

# ହାତୀ ଆକ୍ରମଣରେ ୨ ମହିଳା ମୃତ

ଗାଇସିଲେଟ୍,୧୬।୪ (ଦୁର୍ଗାପ୍ରସାଦ ତ୍ରିବେଦୀ)

ବରଗଡ଼ ଜିଲା ପଦ୍ମପୁର ବନାଞ୍ଚଳ ଅଧୀନ ଗାଇସିଲେଟ୍ ବ୍ଲକ ଅନ୍ତର୍ଗତ ଟୁର୍ଙ୍ଗା ଗ୍ରାମରେ ବୁଧବାର ସକାଳେ ହାତୀ ଆକ୍ରମଣରେ ୨ମହିଳାଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଉକ୍ତ ଗ୍ରାମର କେତକୀ ସାହୁ(୪୮) ଏବଂ କୁମୁଦିନୀ ସାହୁ (୪୫)। ଘଟଣାସ୍ଥଳରେ କେତକୀଙ୍କ ମୃତ୍ୟୁ ହୋଇଥିବା ବେଳେ ବୁର୍ଲା ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ କୁମୁଦିନୀଙ୍କ ମୃତ୍ୟୁ ହୋଇଥିଲା। ସୂଚନା ଅନୁଯାୟୀ, ବୁଧବାର ସକାଳେ କେତକୀ ଏବଂ କୁମୁଦିନୀ ସକାଳୁ ମହୁଲ ଗୋଟାଇବା ପାଇଁ ନିଜ କ୍ଷେତକୁ ଯାଉଥିଲେ। ଏହି ସମୟରେ ହଠାତ୍ ଏକ ଦନ୍ତା ହାତୀ ସେମାନଙ୍କୁ ଆକ୍ରମଣ କରିଥିଲା। ଫଳରେ ଘଟଣାସ୍ଥଳରେ କେତକୀଙ୍କ ମୃତ୍ୟୁ ହୋଇଥିବାବେଳେ କୁମୁଦିନୀ ଗୁରୁତର ହୋଇଥିଲେ। ଗ୍ରାମବାସୀ ଏ ନେଇ ବନ ବିଭାଗ ଓ ପୋଲିସକୁ ଖବର ଦେଇଥିଲେ। ଖବର ପାଇ ବନ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି କେତକୀଙ୍କ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଦ୍ମପୁର ଉପଖଣ୍ଡ ଡାକ୍ତରଖାନା ପଠାଇଥିଲେ। ସେହିପରି କୁମୁଦିନୀଙ୍କୁ ଚିକିତ୍ସା ପାଇଁ ବୁର୍ଲା ପଠାଯାଇଥିଲା ଏବଂ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ବୁର୍ଲାରେ ମୃତଦେହ ବ୍ୟବଚ୍ଛେଦ କରାଯାଇଥିଲା। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଥିଲା। ବରଗଡ଼ ବନଖଣ୍ଡ ଅଧିକାରୀ ବିକ୍ରମ ଦେବ ପଟ୍ଟନାୟକ, ସହକାରୀ ବନ ସଂରକ୍ଷକ ରାଜେନ୍ଦ୍ର କୁମାର ଭୋଇ, ରେଞ୍ଜର ସୁଦାମ ଜଗଦଳା ଏବଂ ଗାଇସିଲେଟ ଥାନାଧିକାରୀ ହରିଶଙ୍କର ଭୋଇ ଘଟଣାସ୍ଥଳରେ ପହଞ୍ଚିଥିଲେ। ସରକାରଙ୍କ ତରଫରୁ ଉଭୟ ମୃତକଙ୍କ ପରିବାର ଲୋକଙ୍କୁ ୬ ଲକ୍ଷ ଟଙ୍କା ଲେଖାଏଁ କ୍ଷତିପୂରଣ ଦିଆଯିବ ବୋଲି ବନଖଣ୍ଡ ଅଧିକାରୀ ପଟ୍ଟନାୟକ ପ୍ରକାଶ କରିଛନ୍ତି।



# ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଉତ୍କଳ ସମ୍ମିଳନୀ ପକ୍ଷରୁ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସରେ ମାଲ୍ୟାର୍ପଣ, ସ୍ଥାନ: ବିଜୁ ପଟ୍ଟନାୟକ ପାର୍କ, ସମୟ: ସକାଳ ୮ଟା ୩୦।
- ଉପ ୪୮ତମ ବୈଶାଖୀ ଉତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ଅପରାହ୍ନ ୫ଟା ୩୦।
- ଇନର୍ ଇଞ୍ଜିନିୟରିଂ କାର୍ଯ୍ୟକ୍ରମର ନିଃଶୁଳ୍କ ପରିଚୟ ଅଧିବେଶନ, ସ୍ଥାନ: ଓଏଏସ୍ଏ ଭବନ, ସମୟ: ସନ୍ଧ୍ୟା ୬ଟା।
- ବାଦି ପାଲା ପରିବେଷଣ, ସ୍ଥାନ: ଭୁବନେଶ୍ୱର ମହାନଗର ନିଗମର ୪ନଂ ୱାର୍ଡର ସୁନ୍ଦରାପାଟଣା– ରୁଦ୍ରପୁର ଗ୍ରାମର ମା ଗେହ୍ଲା ଦେବୀଙ୍କ ବିଜେସ୍ଥଳୀ, ସମୟ: ରାତି ୭ଟା ୩୦।
- ଶ୍ରୀ ଶ୍ରୀ ପତିତପାବନ ଦେବ ରାମଲୀଳା ନାଟ୍ୟ ପରିଷଦ ଆନୁକୂଲ୍ୟରେ ରାମଲୀଳାର ନାଟକ 'ବାଳିବଧ' ସ୍ଥାନ: ଶ୍ରୀ ପତିତପାବନ ମନ୍ଦିର ପରିସର, କାକରୁଦ୍ରପୁର, ସମୟ: ରାତି ୧୧ଟା ୩୦।
- ଶ୍ରୀ ଶ୍ରୀ ନୀଳକଣ୍ଠେଶ୍ୱର ରାମଲୀଳା ପ୍ରଚାର ସମିତି ପକ୍ଷରୁ ରାମଲୀଳାର ନାଟକ 'ସୀତା ଠାବ ଓ ଲଙ୍କା ପୋଡ଼ି' ସ୍ଥାନ: ରାମଲୀଳା ପଡ଼ିଆ ବେଣ୍ଡପୁର, ସମୟ: ରାତି ୧୧ଟା ୩୦।

**ପୁରୀ**

- ବିଜୁ ସ୍ମୃତି କମିଟି ପକ୍ଷରୁ ବିଜୁବାବୁଙ୍କ ଶ୍ରାଦ୍ଧୋତ୍ସବ ପାଳନ, ସ୍ଥାନ: ସତ୍ୟବାଦୀ ବ୍ଲକ ଛକ ବାଟ ମହାବୀର ମନ୍ଦିର ପ୍ରାଙ୍ଗଣ, ସମୟ: ସକାଳ ୯ଟା।

**ବାଲେଶ୍ୱର**

- ମା' ପରମ ବୈଷ୍ଣବାଣୀଙ୍କର ବାର୍ଷିକ ଉତ୍ସବ ଓ ହରିହାଟ ଉଦ୍‌ଯାପନୀ ଦିବସ, ସ୍ଥାନ: ରାଣୀପାଟଣା, ବାଲେଶ୍ୱର, ସମୟ: ଦିବସବ୍ୟାପୀ।
- ସାର୍ବଜନୀନ ଚଉଦମାଦଳ ମହୋତ୍ସବ, ସ୍ଥାନ: ଜହ୍ନତା ଶିବ ମନ୍ଦିର ପଡ଼ିଆ, ରୂପସା, ସମୟ: ଦିବସବ୍ୟାପୀ।
- ପୋଷଣ ପକ୍ଷ–୨୦୨୫, ସ୍ଥାନ: ସଦ୍‌ଭାବନା ସଭାଗୃହ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଫକୀର ମୋହନ ପ୍ରିମିୟର ଲିଗ୍ ସିଜନ–୩, ସ୍ଥାନ: କଲେଜ ପଡ଼ିଆ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ବାଲେଶ୍ୱର ପ୍ରିମିୟର ଲିଗ୍‌ର ଅଷ୍ଟମ ଦିବସ, ସ୍ଥାନ: ପରମିଟ୍ ପଡ଼ିଆ, ବାଲେଶ୍ୱର, ସମୟ: ଅପରାହ୍ନ ୩ଟା।

**ଭଦ୍ରକ**

- ବିଜୁବାବୁଙ୍କ ତିରୋଧାନ ଦିବସ ପାଳନ, ସ୍ଥାନ: ଭଣ୍ଡାରିପୋଖରୀ କଲ୍ୟାଣ ମଣ୍ଡପ, ସମୟ: ସକାଳ ୮ଟା।
- ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଶୁଭାରମ୍ଭ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ଭଦ୍ରକ, ସମୟ: ଅପରାହ୍ନ ୩ଟା।
- ଆଙ୍କୁଡ଼େଶ୍ୱରୀ ମନ୍ଦିର ପ୍ରାଣ ପ୍ରତିଷ୍ଠା ଓ ଯଜ୍ଞ ପୂର୍ଣ୍ଣାହୂତି, ସ୍ଥାନ: ବିନାୟକପୁର, ବାସୁଦେବପୁର, ସମୟ: ସନ୍ଧ୍ୟା ୬ଟା।

**ମୟୂରଭଞ୍ଜ**

- ଆମେ– ୮୦ ପକ୍ଷରୁ ଜଳସେବା, ସ୍ଥାନ:ପିଡବ୍ଲୁଡି ଅଫିସ ସମ୍ମୁଖ, ବାରିପଦା,ସମୟ: ସକାଳ ୯ଟା।
- ସିଏମ୍ ଟ୍ରଫି–୨୦୨୫ ଫୁଟବଲ ଟୁର୍ନାମେଣ୍ଟରେ ଶିମିଳିପାଳ ସ୍ପୋର୍ଟ୍ସ ସହିତ ରଘୁନାଥ ଏମ୍‌ଜିସି ଟିମର ମ୍ୟାଚ, ସ୍ଥାନ: ଷ୍ଟାଡିୟମ ପଡ଼ିଆ ବାରିପଦା, ସମୟ: ଅପରାହ୍ନ ୪ଟା।

**ବ୍ରହ୍ମପୁର**

- ବିଜେଡି ପକ୍ଷରୁ ବିଜୁ ପଟ୍ଟନାୟକଙ୍କ ସ୍ମୃତି ଚାରଣ ସଭା,ସ୍ଥାନ: ଟାଉନ ହଲ, ସମୟ: ଅପରାହ୍ନ ୫ଟା।

**ଢେଙ୍କାନାଳ**

- ବିଜେଡି ପକ୍ଷରୁ ବିଜୁ ବାବୁଙ୍କ ଶ୍ରାଦ୍ଧ ଦିବସ ପାଳନ, ସ୍ଥାନ: ଅଡିଟୋରିୟମ, ଆରଟିଓ ଅଫିସ ପାଖ, ସମୟ: ପୂର୍ବାହ୍ନ ୧୧ଟା।

**ଜଗତ୍‌ସିଂହପୁର**

- ପାରାଦୀପ ନଗର ବିଜେଡି ପକ୍ଷରୁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୮ ତମ ଶ୍ରାଦ୍ଧ ବାର୍ଷିକୀ, ସ୍ଥାନ: ବିଜୁ ପାର୍କ, ଅଠରବାଙ୍କୀ, ପାରାଦୀପ, ସମୟ: ସକାଳ ୮ଟା୩୦।

**କେନ୍ଦ୍ରାପଡ଼ା**

- ମା' ନଉଲକୁମାରୀଙ୍କ ଜନ୍ମ ବାର୍ଷିକ ଉତ୍ସବ ଓ ଗୀତାଯଜ୍ଞ, ସ୍ଥାନ: ନଳଯୋଡି, ରାଜନଗର, ସମୟ: ସକାଳ ୮ଟା।
- ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସ ପାଳନ, ସ୍ଥାନ: ବିଜେଡି କାର୍ଯ୍ୟାଳୟ, ମହାକାଳପଡ଼ା, ସମୟ: ପୂର୍ବାହ୍ନ ୧୦ଟା।

**ନୟାଗଡ଼**

- ଅଷ୍ଟ ପ୍ରହର ଓ ନାମଯଜ୍ଞର ୨ୟ ଦିବସ, ସ୍ଥାନ: କଣ୍ଟିଲୋ ହରିସୁବୁଦ୍ଧିପାଟଣାର ମଙ୍ଗଳାଙ୍କ ପୀଠ, ସମୟ: ସକାଳ ୮ଟା।
- ପଣା ସଂକ୍ରାନ୍ତି ଯାତ୍ରାର ୪ର୍ଥ ଦିବସ, ସ୍ଥାନ: ନୟାଗଡ଼ ପୁରୁଣା ସହର ମା' ଦକ୍ଷିଣକାଳୀଙ୍କ ପୀଠ, ସମୟ: ଅପରାହ୍ନ ୫ଟା।

**ରାୟଗଡ଼ା**

- ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସ ପାଳନ ଅବସରରେ ବୈଠକ, ସ୍ଥାନ: ବିଜେଡି କାର୍ଯ୍ୟାଳୟ ରାୟଗଡା, ସକାଳ: ୯ ଟା।
- ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ଟୁରିଗୁଡା ଉଚ୍ଚ ବିଦ୍ୟାଳୟ, ବୋରିଖୋଲ ବିଦ୍ୟାଳୟ, ଚନ୍ଦ୍ରପୁର ବ୍ଲକ୍, ସମୟ: ପୂର୍ବାହ୍ନ ୧୦ ଟା।

**କୋରାପୁଟ**

- ବିଧାୟକଙ୍କ ଦ୍ୱାରା ନୂତନ ଆମ୍ବୁଲାନ୍ସ ଉଦ୍‌ଘାଟନ, ସ୍ଥାନ: କୁନ୍ଦୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ: ପୂର୍ବାହ୍ନ ୧୦ ଟା।
- ପଞ୍ଚପଟ୍ଟମାଳି ରାଜ୍ୟସ୍ତରୀୟ ନାଟକ ପ୍ରତିଯୋଗିତା ଉଦ୍‌ଘାଟନୀ ସମାରୋହ, ସ୍ଥାନ: ଦାମନଯୋଡ଼ି ନାଲ୍‌କୋ ଟାଉନସିପ୍‌ସ୍ଥିତ ମୁକ୍ତାକାଶ ରଙ୍ଗମଞ୍ଚ, ସମୟ: ସନ୍ଧ୍ୟା ୭ଟା ୩୦।

**ସମ୍ବଲପୁର**

- ଜିଲା ବିଜେଡି ପକ୍ଷରୁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ଥାନ: ରେମେଡ ଛକ, ସମୟ : ସକାଳ ୯ଟା ୩୦।
- ଶ୍ରୀଶ୍ରୀ ପଣ୍ଡିତ ମହାସଭାର ବୈଠକ, ସ୍ଥାନ: ସାମ୍ବାଦିକ ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ସ୍ଥାନ : ରେମେଡ ସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିସ୍ଥଳ, ସମୟ : ପୂର୍ବାହ୍ନ ୧୦ଟା।
- ୩୪ତମ ୨୪ପ୍ରହର ନାମଯଜ୍ଞ ଉପଲକ୍ଷେ ମହିଳା କିର୍ତ୍ତନ ବୈଠକୀ, ସ୍ଥାନ : ଦୁର୍ଗାପାଲି କାମିପୁରୀ, ସମୟ : ଅପରାହ୍ନ ୫ଟା।

**ରାଉରକେଲା**

- ସ୍ୱାସ୍ଥ୍ୟ ଶିବିର ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଜଗଦା, ସମୟ: ସନ୍ଧ୍ୟା ୬ଟା।

**ବରଗଡ଼**

- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ଡୁଙ୍ଗୁରିପାଲି, ପଦ୍ମପୁର, ସମୟ: ସକାଳ ୭ଟା।
- ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: ବୁରୋମୁଣ୍ଡା, ଗାଇସିଲେଟ୍, ସମୟ: ସକାଳ ୮ଟା।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ଅଗ୍ରଗାମୀ ଯୁବକ ସଂଘ, ବରଗଡ଼, ସମୟ: ସକାଳ ୯ଟା।

**ବୌଦ୍ଧ**

- ବୌଦ୍ଧ ରାମଲୀଳା ନାଟ୍ୟ ସଂସଦ ପକ୍ଷରୁ ରାମଲୀଳା ଯାତ୍ରାର ଦ୍ୱାଦଶ ଦିନ ସୁନ୍ଦରାକାଣ୍ଡ ପାରାୟଣ, ସ୍ଥାନ: ରଘୁନାଥ ମନ୍ଦିର ପ୍ରାଙ୍ଗଣ ପଡିଆ, ବୌଦ୍ଧ, ସମୟ: ସନ୍ଧ୍ୟା ୭ଟା।
- ବହିରା ରାମଲୀଳା ନାଟ୍ୟ ସଂସଦ ପକ୍ଷରୁ ରାମଲୀଳା ଯାତ୍ରାର ଦ୍ୱାଦଶ ଦିବସ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ବହିରା ରାମଲୀଳା ମଣ୍ଡପ, ବହିରା, ସମୟ: ରାତି ୯ଟା।

**ଦେବଗଡ଼**

- ଶ୍ରୀ ସତ୍ୟସାଇ ମନ୍ଦିର ପକ୍ଷରୁ ନଗର କୀର୍ତ୍ତନ, ସ୍ଥାନ: ଦେବଗଡ଼ ସହର, ସମୟ: ପ୍ରାତଃ ୫ଟା।
- ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ଦେବଗଡ଼ ଡିଭିଜନ ପକ୍ଷରୁ ଡିଏଫ୍‌ଓଙ୍କ କାର୍ଯ୍ୟାଳୟ ଆଗରେ ଧାରଣା, ସ୍ଥାନ: ଡିଏଫ୍‌ଓ କାର୍ଯ୍ୟାଳୟ, ଦେବଗଡ଼, ସମୟ: ସକାଳ ୯ଟା।
- ଶ୍ରୀ ସତ୍ୟସାଇ ମନ୍ଦିର ପକ୍ଷରୁ ଭଜନ ଓ ଆଳତି, ସ୍ଥାନ: ଶ୍ରୀ ସତ୍ୟ ସାଇ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ଶିରିଡ଼ି ସାଇ ମନ୍ଦିର କମିଟି ପକ୍ଷରୁ ଖିରି ଭୋଗ ବଣ୍ଟନ, ସ୍ଥାନ: ଶିରିଡ଼ି ସାଇ ମନ୍ଦିର, ପ୍ରଧାନପାଟ, ସମୟ: ସନ୍ଧ୍ୟା ୭ଟା ୩୦।

**ନୂଆପଡ଼ା**

- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ନାମଧାରଣ ଅବ୍ୟାହତ, ସ୍ଥାନ: ଖଡିଆଳ ବ୍ଲକ ପଦ୍ମପୁର ଗାଁ, ସମୟ: ପ୍ରାତଃ ୪ଟା ୧୫।
- ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ନୂଆପଡ଼ା ଆଦର୍ଶ ଆବାସିକ ବିଦ୍ୟାଳୟ ପରିସର, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀ ଶ୍ରୀ ବିଶ୍ୱମୟଙ୍କ ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ଉପଲକ୍ଷେ କଳସ ଶୋଭାଯାତ୍ରା, ସ୍ଥାନ: ନୂଆପଡା ସଦର ବ୍ଲକ ଟାନୱାଟ ପଞ୍ଚାୟତ ଲୁକୁପାଲି ଗାଁ, ସମୟ: ଅପରାହ୍ନ ୫ଟା।
- ପିଏମ୍ ଶ୍ରୀ ରାଜା ଆର୍ତ୍ତତ୍ରାଣ ସରକାରୀ ଉଚ୍ଚ ବିଦ୍ୟାଳୟ ବାର୍ଷିକ ଉତ୍ସବ, ସ୍ଥାନ: ଖଡିଆଳସ୍ଥିତ ବିଦ୍ୟାଳ ପରିସର, ସମୟ: ଅପରାହ୍ନ ୫ଟା।
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ଉପଲକ୍ଷେ କଳସ ଶୋଭାଯାତ୍ରା, ଖଡିଆଳ ବ୍ଲକ ଚଳାନପଡା ଗାଁ, ସମୟ: ଅପରାହ୍ନ ୪ଟା।
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ଉପଲକ୍ଷେ କଳସ ଶୋଭାଯାତ୍ରା, ସ୍ଥାନ:ନୂଆପଡା ବ୍ଲକ ଅଁଳାଯୁବା ଗାଁ, ସମୟ: ସକାଳ ୯ଟା ୧୫।
- ଯୋଗବେଦାନ୍ତ ସେବା ସମିତି ସନ୍ଥ ଶ୍ରୀ ଆଶାରାମ ବାପୁ ଆଶ୍ରମ ଜାମିଁ ନୂଆପଡା ପକ୍ଷରୁ ଛାତ୍ରୀ ଉଜ୍ଜ୍ୱଳ ଭବିଷ୍ୟ ନିର୍ମାଣ ଶିବିର, ସ୍ଥାନ: ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଛାତ୍ରୀ ନିବାସ ନୂଆପଡା, ସମୟ: ଅପରାହ୍ନ ୪ଟା।

**ସୁବର୍ଣ୍ଣପୁର**

- ମାରୁତି ହନୁମାନଙ୍କ ବିଗ୍ରହ ପ୍ରାଣ ପ୍ରତିଷ୍ଠା ପୂଜା ଓ ହୋମ, ସ୍ଥାନ: ସୋନପୁର ସହର ପଟାଭାଡି ସ୍ଥିତ ମାରୁତି ନଗର, ସମୟ: ସକାଳ ୭ଟା।
- ତିରୋଧାନ ଦିବସରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କାର୍ଯ୍ୟକ୍ରମ, ସ୍ଥାନ: ବୀରମହାରାଜପୁର ବସ୍‌ଷ୍ଟାଣ୍ଡ, ସମୟ: ସକାଳ ୭ଟା୩୦।
- ବିଜେଡି ପକ୍ଷରୁ ବିଜୁ ପଟ୍ଟନାୟକଙ୍କ ୨୮ତମ ତିରୋଧାମ ଦିବସ ପାଳନ ଓ ଆଲୋଚନାଚକ୍ର, ସ୍ଥାନ: ସୁବର୍ଣ୍ଣପୁର ଟାଉନ ହଲ, ସମୟ: ସକାଳ ୯ଟା।
- ମାହେଶ୍ୱରୀ ସଙ୍ଗଠନର ବାର୍ଷିକ ଉତ୍ସବ ପାଳନ ପାଇଁ ପ୍ରସ୍ତୁତି, ସ୍ଥାନ: ତରଭା ହାଟପଦା ସ୍ଥିତ କ୍ଲବ ଘର, ସମୟ: ସନ୍ଧ୍ୟା ୭ଟା।

**ଝାରସୁଗୁଡ଼ା**

- ଅଷ୍ଟ ପ୍ରହର ନାମ ସଂକୀର୍ତ୍ତନ, ସ୍ଥାନ: ତିଳେଇ ନାମ ମଣ୍ଡପ, ସମୟ: ସକାଳ ୮ଟା। ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସରେ ବିଜୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ଥାନ: ବଡ଼ମାଳ, ସମୟ: ସକାଳ ୮ଟା ୩୦।
- ଜିଲାସ୍ତରୀୟ ନିଯୁକ୍ତି ମେଳା, ସ୍ଥାନ: ଯାନ୍ତ୍ରିକ ବିଦ୍ୟାଳୟ, ସମୟ: ସକାଳ ୯ଟା।
- ୧୬ ପ୍ରହର ନାମ ସଂକୀର୍ତ୍ତନ ସମାପନ, ସ୍ଥାନ: ପଞ୍ଚଗାଁ ନାମ ମଣ୍ଡପ, ସମୟ: ମଧ୍ୟାହ୍ନ ୧୨ଟା।
- ସମ୍ପର୍କ ସେତୁ ଉଦ୍‌ଘାଟନ, ସ୍ଥାନ: ଭିକମପାଲି ସ୍କୁଲ ପଡ଼ିଆ, ସମୟ: ଅପରାହ୍ନ ୩ଟା।

# ଇଣ୍ଡିଆ ମେଣ୍ଟ ସଂକଳ୍ପକୁ ଅଧିକ ସଶକ୍ତ କରିବା ଆବଶ୍ୟକ: ଅଖିଳେଶ

**ଭୁବନେଶ୍ୱର,୧୬।୪(ସୁନିତ୍ ମିଶ୍ର)**

- **ସାମାଜିକ ନ୍ୟାୟର ଲଢ଼େଇ ଓଡ଼ିଶାରେ ଆଗକୁ ବଢ଼ିବା ଦରକାର**
- **ଭାଜପା ବିଷୟରେ କହିବାକୁ ଅଖିଳେଶଙ୍କ ନୈତିକ ଅଧିକାର ନାହିଁ: ମନମୋହନ**



ଅଖିଳେଶ ଯାଦବ

ସମାଜବାଦୀ ପାର୍ଟି (ଏସ୍‌ପି) ମୁଖ୍ୟ ଅଖିଳେଶ ଯାଦବଙ୍କ ଅଚାନକ ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମକୁ ନେଇ ଏବେ ଚାରିଆଡ଼େ ଚର୍ଚ୍ଚା ଜୋର୍ ଧରିଛି। ଏହି ଗସ୍ତ କାଳରେ ସେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନାଙ୍କ ବାସଭବନକୁ ଯାଇ ତାଙ୍କୁ ଭେଟିବା ସହିତ ଏକ ଖବରଦାତା ସମ୍ମିଳନୀ ମଧ୍ୟ କରିଛନ୍ତି। ଏହି ଅବସରରେ ଅଖିଳେଶ ସାମାଜିକ ନ୍ୟାୟ ବିଷୟରେ କହିବା ସହିତ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କୁ ଟାର୍ଗେଟ କରିଛନ୍ତି। ଅନ୍ୟପଟେ ଅଖିଳେଶଙ୍କୁ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ପାଲଟା ଜବାବ ଦେଇଛନ୍ତି। ଇଣ୍ଡିଆ ମେଣ୍ଟର ସଂକଳ୍ପକୁ ଅଧିକ ମଜଭୁତ କରିବାର ଆବଶ୍ୟକତା ରହିଥିବା ସେ କହିଛନ୍ତି।

ଅଖିଳେଶ ବୁଧବାର ଦ୍ୱିପହର ସମୟରେ ଭୁବନେଶ୍ୱରସ୍ଥିତ ଶ୍ରୀକାନ୍ତଙ୍କ ଘରେ ପହଞ୍ଚିଥିଲେ। ଏହି ସମୟରେ ତାଙ୍କୁ ସ୍ୱାଗତ କରାଯାଇଥିଲା। କିଛି ସମୟ ଶ୍ରୀକାନ୍ତଙ୍କ ଘର ଭିତରେ ଆଲୋଚନା ହେବା ପରେ ଅଖିଳେଶ ଖବରଦାତା ସମ୍ମିଳନୀ କରିଥିଲେ। ଏହି ଅବସରରେ ସେ କହିଛନ୍ତି, କିଛିଦିନ ତଳେ ତାଙ୍କର ଶ୍ରୀକାନ୍ତଙ୍କ ସହ ଭେଟ ହୋଇଥିଲା। ତାଙ୍କର ଯେଉଁ ଚିନ୍ତା ରହିଛି, ତାହା ଏସ୍‌ପି କରିବାକୁ ଚେଷ୍ଟା କରୁଛି। ଏଠାକୁ ଆସିବା ଆଗରୁ ସିପିଆଇ, ସିପିଏମ୍, ଆର୍‌ଜେଡି ଆଦି ଦଳର ନେତାମାନେ ତାଙ୍କୁ ଭେଟିଥିଲେ। ଇଣ୍ଡିଆ ମେଣ୍ଟର ସଂକଳ୍ପକୁ ଅଧିକ ମଜଭୁତ କରିବାର ଆବଶ୍ୟକତା ରହିଛି। ସମୟ ଥିଲା ସେମାନେ ଜନଗଣନା ପ୍ରସଙ୍ଗରେ କଂଗ୍ରେସ ସହିତ ଲଢୁଥିଲେ। ଏବେ ଖୁସି ଲାଗୁଛି, କଂଗ୍ରେସ ସେହି କଥାକୁ ସ୍ୱୀକାର କରୁଛି ଜନଗଣନା ହେବା ଦରକାର। ସାମାଜିକ ନ୍ୟାୟ ବିନା ଜନଗଣନା ସମ୍ଭବ ନୁହେଁ। ସାମାଜିକ ନ୍ୟାୟ କଥା ଉଠାଇ ଶ୍ରୀକାନ୍ତ ଏଠାରେ ଲୋକତନ୍ତ୍ରକୁ ବଞ୍ଚାଇବାକୁ ଚେଷ୍ଟା କରୁଛନ୍ତି। ସାମାଜିକ ନ୍ୟାୟଭିତ୍ତିକ ରାଜ୍ୟ ସ୍ଥାପନ କରିବା ଲକ୍ଷ୍ୟ ରହିବା ଦରକାର। ଆଦିବାସୀ, ଦଳିତ, ପଛୁଆ ବର୍ଗଙ୍କୁ ନ୍ୟାୟ ଦେବା ଲାଗି ସେ ପ୍ରଧାନମନ୍ତ୍ରୀଙ୍କୁ ନିକଟରେ ଏକ ଚିଠି ଲେଖିଥିଲେ। ଲଢ଼େଇ ବହୁତ ବଡ଼। ହେଲେ ଆମେ ଉତ୍ତରପ୍ରଦେଶ ଲୋକଙ୍କୁ ଜାଗ୍ରତ କରିବାରେ ସଫଳ ହେଲୁଣି। ଏଠି ଏତେଗୁଡିଏ ଦଳ, ସଙ୍ଗଠନକୁ ସାଙ୍ଗରେ ପାଇବା ପରେ ଲାଗୁଛି, ଏହି ଲଢ଼େଇ ଏକାଠି ଲଢ଼ିହେବ। ଓଡ଼ିଶାକୁ ଏହା ପ୍ରଥମ ଯାତ୍ରା ନୁହେଁ। ନନ୍ଦନକାନନରେ ଏକ ବାଘର ମୃତ୍ୟୁ ଘଟଣାରେ ସେ ଏଠାକୁ ଆସିଥିଲେ। ସାମାଜିକ ଲଢ଼େଇ ଓଡ଼ିଶାରେ ଆଗକୁ ବଢ଼ିବା ଦରକାର। ୟୁପିରେ ବହୁମାତ୍ରାରେ ଭେଦଭାବ ରହିଛି। ଓଡ଼ିଶାରେ ମଧ୍ୟ ଶିକ୍ଷା ଓ ରୋଜଗାର କ୍ଷେତ୍ରରେ ପଛୁଆ ବର୍ଗ ଏବଂ ଦଳିତଙ୍କୁ ସମାନ ଅଧିକାର ମିଳିବା ଦରକାର ବୋଲି ଅଖିଳେଶ କହିଛନ୍ତି। ସେ ଆହୁରି କହିଛନ୍ତି, ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଭାବୁଛନ୍ତି, ପୋଷାକ ପିନ୍ଧିକି ଜଣେ ଯୋଗୀ ହୋଇଯିବେ। ହେଲେ ବହୁଥର ଆଗରୁ କହିଛି, ଆମର ସବୁଠାରୁ ବଡ଼ ଧାର୍ମିକ ଗ୍ରନ୍ଥ ଗୀତା। ଯିଏ ପରର ଦୁଃଖକୁ ନିଜର ବୋଲି ଭାବେ, ସେ ସବୁଠୁ ବଡ଼ ଯୋଗୀ। ଆମ ମୁଖ୍ୟମନ୍ତ୍ରୀ ଜଣେ ଅଣ୍ଡା ଅଟନ୍ତି। ତାଙ୍କଠାରୁ ଅଧିକ କ'ଣ ଆଶା କରାଯିବ। ଉତ୍ତରପ୍ରଦେଶ ଯୋଗୁ ନରେନ୍ଦ୍ର ମୋଦି ୩ ଥର ଦେଶର ପ୍ରଧାନମନ୍ତ୍ରୀ ହୋଇଛନ୍ତି। ହେଲେ ବଜେଟ୍ ଆସିବା ବେଳକୁ ଉତ୍ତରପ୍ରଦେଶ ସହିତ ଭେଦଭାବ ହେଉଛି। ଓଡ଼ିଶାରେ ଇଞ୍ଜିନ କିପରି ଚାଲିଛି, ସେକଥା ଜଣାନାହିଁ। ୟୁପିରେ ଡବଲ ଇଞ୍ଜିନ ପରସ୍ପର ସହିତ ଧକ୍କା ଲାଗୁଛନ୍ତି। ଏବେ ଇଞ୍ଜିନ ସହିତ ଡବା ବି ଧକ୍କା ଲାଗୁଛି। ଇଡି ଏବେ ଯେଉଁ ଚଢ଼ାଉ କରୁଛି, ସେହି କଥା ପୂର୍ବରୁ ଆମେ କହିଥିଲୁ। କଂଗ୍ରେସ ସରକାରରେ ଥିବାବେଳେ ଇଡି ଆଇନ ଆଣିଥିଲା। ସେତେବେଳେ ଆମେ କହିଥିଲୁ, ଏହାଦ୍ୱାରା ହଇରାଣ ହେବାକୁ ପଡ଼ିବ। ବହୁ ଦଳ ଏହାକୁ ବିରୋଧ କରି ସେତେବେଳେ କହିଥିଲେ, ଏହି ଆଇନ ଯୋଗୁ କଂଗ୍ରେସକୁ ମଧ୍ୟ ହଇରାଣ ହେବାକୁ ପଡ଼ିପାରେ। ମହାରାଷ୍ଟ୍ରରେ ଯେଉଁ ନେତାମାନେ ଭାଜପା ବିରୋଧରେ ଥିଲେ, ସମସ୍ତଙ୍କୁ ସିବିଆଇ, ଇଡି ଲଗାଇ ହଇରାଣ କରାଯାଇଛି। ତାମିଲନାଡୁ ମୁଖ୍ୟମନ୍ତ୍ରୀ ସୀମା ପୁନଃନିର୍ଦ୍ଧାରଣ ନେଇ ଯେଉଁ ଆଭିମୁଖ୍ୟ ରଖିଛନ୍ତି, ସେଥିରେ ଆମେ ସହମତ। ଭାଜପା ସୀମା ପୁନଃନିର୍ଦ୍ଧାରଣ ନେଇ ଏପରି ଫର୍ମୁଲା ଆଣିବ, ଯାହା କାହାକୁ ଜଣା ନ ଥିବ। କିପରି ବିରୋଧୀଙ୍କ ନିର୍ବାଚନମଣ୍ଡଳୀରେ ସମସ୍ୟା ସୃଷ୍ଟି ହେବ ସେନେଇ ଭାଜପା ଚେଷ୍ଟା କରିବ।

ଅଖିଳେଶଙ୍କ ଖବରଦାତା ସମ୍ମିଳନୀ ଉପରେ ପ୍ରତିକ୍ରିୟା ରଖି ଭାଜପା ରାଜ୍ୟ ସଭାପତି ମନମୋହନ କହିଛନ୍ତି, ଅଖିଳେଶ ବିରୋଧୀ ମେଣ୍ଟର ଜଣେ ଅଂଶୀଦାର। ଅଖିଳେଶଙ୍କ ଶାସନକୁ ଉତ୍ତରପ୍ରଦେଶ ଲୋକ ଦେଖିଛନ୍ତି। ଅଖିଳେଶ ଶାସନର ୫ ବର୍ଷ ଭିତରେ ସେଠାରେ ଅରାଜକତା ସୃଷ୍ଟି କଲେ, ଆଇନଶୃଙ୍ଖଳା ଖରାପ ସ୍ଥିତିକୁ ନେଲେ। ୟୁପିରେ ଆତଙ୍କରାଜ ଚାଲିଲା। ସେଠାରେ ପାତରଅନ୍ତର ନୀତି ଆରମ୍ଭ କରିବାରୁ ଲୋକେ ତାଙ୍କୁ ଶାସନରୁ କାଢ଼ିଲେ। ସେଥିଲାଗି ଭାଜପା ବିଷୟରେ କହିବାକୁ ତାଙ୍କର ନୈତିକ ଅଧିକାର ନାହିଁ ବୋଲି ମନମୋହନ କହିଛନ୍ତି।

# କିମ୍ସରେ ମିନିମାଲି ଇନ୍‌ଭେସିଭ ପଦ୍ଧତିରେ ହୃଦ୍‌ରୋଗର ସଫଳ ଅସ୍ତ୍ରୋପଚାର

**ଭୁବନେଶ୍ୱର,୧୬।୪(ଅନୁରାଧା ମହାରଣା)**

କିମସ୍‌ରେ ମିନିମାଲି ଇନ୍‌ଭେସିଭ ପଦ୍ଧତିରେ ଜଟିଳ ହୃଦ୍‌ରୋଗର ସଫଳ ଅସ୍ତ୍ରୋପଚାର କରାଯାଇଛି। ନିକଟରେ ହୃତ୍‌ପିଣ୍ଡର ବାମ ଭାଗରେ ଗମ୍ଭୀର ମିଟ୍ରାଲ ଭଲ୍‌ଭ ଷ୍ଟେନୋସିସ୍ ରୋଗରେ ପୀଡିତ ଜଣେ ୫୪ ବର୍ଷୀୟ ରୋଗୀଙ୍କଠାରେ ଏହି ପଦ୍ଧତିରେ ଅସ୍ତ୍ରୋପଚାର କରାଯାଇ ମିନିମାଲିଇନ୍‌ଭେସିଭ ମିଟ୍ରାଲ ଭାଲ୍‌ଭ ଲଗାଯାଇଛି। କିମସ୍‌ର ହୃଦରୋଗ ସର୍ଜନ ଡା. ଅମିତ କୁମାର ଅଗ୍ରୱାଲଙ୍କ ନେତୃତ୍ୱରେ ଏହି ଅସ୍ତ୍ରୋପଚାର ସଫଳ ହୋଇଛି। ସାଧାରଣତଃ ଏଭଳି ଅସ୍ତ୍ରୋପଚାର ପାଇଁ ଷ୍ଟର୍ନମ କାଟିବାକୁ ପଡ଼ିଥାଏ। ଏଥିଯୋଗୁ ପ୍ରାୟତଃ ଅସ୍ତ୍ରୋପଚାର ପରେ ଯନ୍ତ୍ରଣା ହେବା ସହ ଛାତିରେ ଦାଗ ରହିଯାଇଥାଏ। ଏହି ପଦ୍ଧତିରେ ପଞ୍ଜରାଗୁଡ଼ିକୁ ନ କାଟି ପଞ୍ଜରା ମଧ୍ୟରେ ଏକ ଛୋଟ ଛିଦ୍ର କରି ଅସ୍ତ୍ରୋପଚାର କରାଯାଇଥାଏ। ଫଳରେ ଖର୍ଚ୍ଚ ମଧ୍ୟ ଅପେକ୍ଷାକୃତ କମ୍ ହୋଇଥାଏ। ଏହି କୌଶଳ ଦ୍ୱାରା ଅସ୍ତ୍ରୋପଚାର ପରବର୍ତ୍ତୀ ଯନ୍ତ୍ରଣା ଯଥେଷ୍ଟ ହ୍ରାସ କରାଯିବା ସହ ରକ୍ତସ୍ରାବ ମଧ୍ୟ କମ୍ ହୋଇଥାଏ ବୋଲି ଡା. ଅଗ୍ରୱାଲ କହିଛନ୍ତି। ତେବେ ଏହି ପ୍ରକ୍ରିୟାରେ ଅସ୍ତ୍ରୋପଚାର ପାଇଁ ଡାକ୍ତର ସମ୍ପୂର୍ଣ୍ଣ ଅଭିଜ୍ଞ ଓ ଦକ୍ଷତାସମ୍ପନ୍ନ ହେବା ଆବଶ୍ୟକ ଏବଂ ଏଥିପାଇଁ ସ୍ୱତନ୍ତ୍ର ଅତ୍ୟାଧୁନିକ ଉପକରଣ ଆବଶ୍ୟକ ହୋଇଥାଏ ବୋଲି ସେ ପ୍ରକାଶ କରିଛନ୍ତି।



# ଟନେଲ ଟି–୪ର ଡେଲାଇଟିଂ ବ୍ରେକ୍‌ଥ୍ରୁ କାର୍ଯ୍ୟ ସଫଳତା ସହ ସରିଲା

**ଭୁବନେଶ୍ୱର,୧୬।୪(ଅନୁରାଧା ମହାରଣା)**

ଖୋର୍ଦ୍ଧା–ବଲାଙ୍ଗୀର ରେଳ ଲାଇନ୍ ପ୍ରକଳ୍ପ ଅନ୍ତର୍ଗତ ଟନେଲ ଟି–୪ର ଡେଲାଇଟିଂ ବ୍ରେକ୍‌ଥ୍ରୁ କାର୍ଯ୍ୟ ବୁଧବାର ସଫଳ ଭାବେ କରାଯାଇଛି। ୪,୧୮୫ ମିଟର ଲମ୍ବର ଏହି ରେଳ ସୁଡ଼ଙ୍ଗ ବୌଦ୍ଧ ଜିଲାର ଆଡେଣିଗଡ଼–ଚାରିଛକ ଷ୍ଟେଶନ ମଧ୍ୟରେ ଅବସ୍ଥିତ ଥିବାବେଳେ ନୂତନ ଜ୍ଞାନକୌଶଳ ପଦ୍ଧତି ଦ୍ୱାରା ବ୍ରେକ୍‌ଥ୍ରୁ କାର୍ଯ୍ୟ ଶେଷ ହୋଇଛି। ଓଡ଼ିଶାର ସୁଦୀର୍ଘ ରେଳ ସୁଡ଼ଙ୍ଗ ଭାବେ ଏହା ଇତିହାସ ରଚିଛି। ସୁଡ଼ଙ୍ଗ ଖନନରେ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ଏବଂ ମେଶିନ ନିୟୋଜିତ କରାଯାଇଥିଲା, ଯାହା ପୂର୍ବ ଘାଟର ଚ୍ୟାଲେଞ୍ଜିଂ ତଥା ଦୁର୍ଗମ ଭୂଖଣ୍ଡକୁ ନେଭିଗେଟ କରିବା ପାଇଁ ଡିଜାଇନ କରାଯାଇଥିଲା। ୩୦୧ କି.ମି. ଦୀର୍ଘ ଖୋର୍ଦ୍ଧା ରୋଡ୍– ବଲାଙ୍ଗୀର ରେଳ ଲାଇନ୍‌ର ପ୍ରକଳ୍ପରେ ୭୫ କି.ମି. ମଧ୍ୟରେ ୭ଟି ସୁଡ଼ଙ୍ଗ ଅନ୍ତର୍ଭୁକ୍ତ, ଯାହାକି ଦଶପଲ୍ଲା ଏବଂ ପୁରୁଣାକଟକ ମଧ୍ୟରେ ଅବସ୍ଥିତ। ତେବେ ଟନେଲ ଟି–୪ର ନିର୍ମାଣ କ୍ଷେତ୍ରରେ ଅନେକ ଇଞ୍ଜିନିୟରିଂ ଏବଂ ଲଜିଷ୍ଟିକ ଚ୍ୟାଲେଞ୍ଜଗୁଡିକର ସାମ୍ନା କରିବାକୁ ପଡିଛି। ବିଶେଷକରି ପୂର୍ବଘାଟର କଷ୍ଟକର ଭୂଖଣ୍ଡ ଦେଇ ନିର୍ମାଣ କାର୍ଯ୍ୟ ପ୍ରକଳ୍ପର ସବୁଠାରୁ ଜଟିଳ ଦିଗ ମଧ୍ୟରୁ ଗୋଟିଏ। ଏହି ପ୍ରକଳ୍ପରେ ଗୋଟିଏପଟେ ଖୋର୍ଦ୍ଧା ରୋଡ୍‌ରୁ ଦଶପଲ୍ଲା ପର୍ଯ୍ୟନ୍ତ ଏବଂ ଅନ୍ୟପଟେ ବଲାଙ୍ଗୀରରୁ ପୁରୁଣାକଟକ ପର୍ଯ୍ୟନ୍ତ ୨୨୬ କି.ମି. ଅଂଶ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି।

**ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ରେଳ ଲାଇନ୍ ପ୍ରକଳ୍ପରେ ବଡ଼ ଉପଲବ୍ଧି**

ଅବଶିଷ୍ଟ ୭୫ କି.ମି. ମଧ୍ୟରେ ୭ଟି ଟନେଲ ନିର୍ମାଣ ଚାଲିଛି। ଟି–୪ର ଡେଲାଇଟିଂ ବ୍ରେକ୍‌ଥ୍ରୁ ଏହି ମହତ୍ତ୍ୱପୂର୍ଣ୍ଣ ପ୍ରକଳ୍ପର ଗତି ବଢ଼ାଇବାରେ ମୁଖ୍ୟ ଭୂମିକା ନେବ। ଏହି ଐତିହାସିକ ସଫଳତା ଓଡ଼ିଶାର ଉପକୂଳ ଅଞ୍ଚଳ ସହିତ ପଶ୍ଚିମାଞ୍ଚଳକୁ ସଂଯୋଗ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ଏବଂ ଏହି ଅଞ୍ଚଳର ପରିବହନ ତଥା ଆର୍ଥିକ ସମ୍ଭାବନାକୁ ବୃଦ୍ଧି କରିବ ବୋଲି କୁହାଯାଇଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଅଷ୍ଟମ ଚନ୍ଦ୍ର ହେତୁ ମନ ଅନୁଯାୟୀ କୌଣସି କାମ ସମ୍ପନ୍ନ କରିବା କଷ୍ଟକର ହୋଇପାରେ। ବକେୟା ଅର୍ଥପ୍ରାପ୍ତିକୁ କେନ୍ଦ୍ର କରି ବିବାଦର ଅବସାନ ଘଟିବାର ସୂଚନା ରହିଛି। ଆପୋସ ଆଲୋଚନା ଓ ମିଳାମିଶାରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ। ଆଇନ ଅଦାଲତ ସମ୍ପର୍କରେ ଟେନସନ୍ ବୃଦ୍ଧି ପାଇପାରେ।

**ବୃଷ**
ପାରସ୍ପରିକ ଆପୋସ ଅଲୋଚନାଜନିତ ପାରିବାରିକ ସ୍ଥିରତା ସାଙ୍ଗକୁ କର୍ମକ୍ଷେତ୍ର ସନ୍ତୋଷଜନକ ରହିବ। ଆରମ୍ଭକରିଥିବା କାମଟି ପୂର୍ଣ୍ଣାଙ୍ଗ ହେବାରେ ନିଜ ପରିସରସ୍ଥ ସମ୍ପର୍କୀୟମାନେ ସାହାଯ୍ୟ କରିବେ। ଆବଶ୍ୟକତା ଅନୁଯାୟୀ କୌଣସି ନୂତନ ଜିନିଷ, ବସ୍ତ୍ରାଳଙ୍କାର, ଔଷଧପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି।

**ମିଥୁନ**
ଆଜି ଚନ୍ଦ୍ର ପାପଗ୍ରହ ମଧ୍ୟସ୍ଥ ରହିଥିବାରୁ କୌଣସି ବିବାଦୀୟ ମନ୍ତବ୍ୟ ଦେଇ ସମସ୍ୟା ଭିତରକୁ ଟାଣି ହୋଇଯାଇପାରନ୍ତି। ବଳହୀନ ରାଶ୍ୟାଧିପତି ଅନ୍ୟମାନଙ୍କ ସାହାଯ୍ୟ ନେଇ ସନ୍ତାନ ହେତୁକ ଦୁଶ୍ଚିନ୍ତାର ସମାଧାନ କରିବାକୁ ଚେଷ୍ଟା କରିବେ। ପାରିବାରିକ ସ୍ଥିତି ଗମ୍ଭୀର ରହିଲେ ମଧ୍ୟ ବିଶେଷ ଅସୁବିଧା ହେବ ନାହିଁ।

**କର୍କଟ**
ଧନାଧିପତି ଉଚ୍ଚସ୍ଥ ହେତୁ ଅର୍ଥପ୍ରାପ୍ତି ସାଙ୍ଗକୁ କର୍ମସାଧନ, ବିଶିଷ୍ଟବ୍ୟକ୍ତିଙ୍କ ସହ ସମ୍ପର୍କ ସ୍ଥାପନରୁ ଖୁସି ରହିବେ। ଯାନବାହନ କ୍ରୟ ସାଙ୍ଗକୁ କଳକାରଖାନା, ଫ୍ଲଟିଂ ବ୍ୟବସାୟ କ୍ଷେତ୍ରରୁ ସୁଫଳ ପାଇବେ। ନିଜଦ୍ୱାରା ଉପକୃତ ହୋଇଥିବା ଲୋକଙ୍କ ବେପରୁଆ ମନୋଭାବରୁ କ୍ଷୁବ୍ଧ ହେବେ। ସ୍ୱାସ୍ଥ୍ୟସମସ୍ୟା ବିଗିଡିଯାଇପାରେ।

**ସିଂହ**
ଶିକ୍ଷା, ସନ୍ତାନ, ଆଲୋଚନା ଓ ଯୋଗାଯୋଗ କ୍ଷେତ୍ରରେ ସଫଳତା ହାସଲ କରିବେ। ରବିଙ୍କ ପ୍ରଭାବରୁ ସମସ୍ୟା ରହିଥିଲେ ମଧ୍ୟ ସମାଧାନର ରାସ୍ତା ଖୋଲିଯିବ। ଆତ୍ମୀୟଙ୍କ ସାନ୍ତ୍ୱନାମୂଳକ ସାହାଯ୍ୟର ପ୍ରତିଶ୍ରୁତି ମନ ହାଲୁକା କରିଦେବ। କର୍ମାରମ୍ଭ, ଗବେଷଣା, ଅଧ୍ୟୟନ, ସାହିତ୍ୟ,ସାମ୍ବାଦିକତା କ୍ଷେତ୍ରରେ ଉନ୍ନତି କରିବେ।

**କନ୍ୟା**
ଆଜି ଘରକାମ ସାଙ୍ଗକୁ ଅଫିସ କାମର ଜଞ୍ଜାଳ ବଳିଯିବ ଫଳରେ ମାନସିକ ଶାନ୍ତି ରହିବ ନାହିଁ। ପରିବାର ସଦସ୍ୟମାନଙ୍କ କାର୍ଯ୍ୟକଳାପ ନିଜପାଇଁ ଅସନ୍ତୋଷ ସୃଷ୍ଟି କରିପାରେ। ସାମାଜିକ ସ୍ତରରେ ସାହାଯ୍ୟକାରୀ ମନୋଭାବାପନ୍ନରୁ ପ୍ରଶଂସିତ ହେବେ। କଳା, ସାହିତ୍ୟ, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରୁ ପ୍ରଶଂସିତ ହୋଇପାରନ୍ତି।

**ତୁଳା**
କୌଣସି ଅଭାବ ଅସୁବିଧା ନ ଥିଲେ ମଧ୍ୟ ଅନ୍ତର୍ନିହିତ ଅସନ୍ତୋଷ ମାନସିକ ଅଶାନ୍ତି ସୃଷ୍ଟି କରିବ। ବିଭିନ୍ନ ପ୍ରତିବନ୍ଧକର ସାମ୍ନା କରି ପାରିବାରିକ ଓ କର୍ମକ୍ଷେତ୍ରକୁ ସଜାଡି ନେବାର ପ୍ରଯତ୍ନ କରିବେ। ଦୀର୍ଘଦିନ ପରେ କଚେରି ମାମଲାର ଶୁଣାଣିରୁ ଆଶ୍ୱସ୍ତିଲାଭ କରିବେ। ଆର୍ଥିକ ଅନଟନ ରହିଥିଲେ ମଧ୍ୟ କୌଣସି କାମ ଅଟକି ରହିବନାହିଁ।

**ବିଛା**
ନିଜଲୋକଙ୍କ ବେଖାତିର ମନୋଭାବ ଓ ଅଣଦେଖା ମନକୁ ବାଧିପାରେ। ଅତୀତର ପରିଚିତ ବ୍ୟକ୍ତିଙ୍କ ସହ ଆଜିର ଆଲୋଚନା ପ୍ରୀତିପ୍ରଦ ରହିବ। ପାରିବାରିକ ସମସ୍ୟା ସମାଧାନରେ ମିତ୍ର ବନ୍ଧୁମାନେ ଆବଶ୍ୟକ ସହଯୋଗ କରିବେ। ସରଳ ବିଶ୍ୱାସ କରିବା ଦ୍ୱାରା ଧନହାନି ସାଙ୍ଗକୁ କୌଣସି ବନ୍ଧୁଙ୍କ ଦ୍ୱାରା ପ୍ରତାରିତ ହୋଇପାରନ୍ତି।

**ଧନୁ**
ଆପଣଙ୍କ ଚେଷ୍ଟା, ଆଶା ଓ ଅଭିଳାଷ ପୂରଣ ହେବ। ସାମୟିକ ସ୍ୱାସ୍ଥ୍ୟହାନି ହେଲେ ମଧ୍ୟ ବିଶେଷ ଗୁରୁତର ହେବନାହିଁ। ଆଲୋଚନା କ୍ଷେତ୍ରରେ ଉନ୍ନତ ମାନର ବୁଝାମଣା ହେତୁ ପୂର୍ବାଷାଢ଼ା ନକ୍ଷତ୍ର ସକାଶେ ପ୍ରତ୍ୟେକ କାର୍ଯ୍ୟ ଶୃଙ୍ଖଳିତ ରହିବ। ପାରିବାରିକ, ପ୍ରଶାସନ ଓ ଯାତ୍ରା ଏବଂ ଶିଳ୍ପ, ବାଣିଜ୍ୟାରୁ ମଧ୍ୟ ଶୁଭଫଳ ପାଇବେ।

**ମକର**
ଦୈହିକ ଓ ମାନସିକ ଅସୁସ୍ଥତାରୁ କାମ ଶୃଙ୍ଖଳିତ ହେବନାହିଁ। କର୍ମକ୍ଷେତ୍ରରେ କାର୍ଯ୍ୟ ସାଧନ, ବ୍ୟବସାୟ, ରାଜନୀତି ଓ ପ୍ରଶାସନିକ କ୍ଷେତ୍ର ପାଇଁ ମନ୍ଦ ହେବନି। ଆନୁଷ୍ଠାନିକ, ସାଂଗଠନିକ କିମ୍ବା ରାଜନୀତିରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ବ୍ୟବସାୟ,ପରିବହନ ଓ ରପ୍ତାନି ବାଣିଜ୍ୟରେ ଉନ୍ନତି ଘଟିବାରୁ ଖୁସି ହୋଇପାରନ୍ତି।

**କୁମ୍ଭ**
ବନ୍ଧୁଙ୍କ ସହାୟତାରେ ଅର୍ଥଲାଭ ସହ ପାରିପାର୍ଶ୍ୱିକ ପରିସ୍ଥିତି ଭଲ ରହିବ। ନୂତନ ଯୋଜନା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। ସଭାସମିତିରେ ରୁକ୍ଷ ବ୍ୟବହାର ପ୍ରଦର୍ଶନ ଦ୍ୱାରା ବନ୍ଧୁଙ୍କ ମନରେ ଆଘାତ ଆସିପାରେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବା ସାଙ୍ଗକୁ ଭ୍ରାତୃ ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ।

**ମୀନ**
ପରିସ୍ଥିତି ବିଶେଷ ଭଲ ନ ଥିବାରୁ ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିପାରେ। ଯାନ୍ତ୍ରିକ ତ୍ରୁଟି ଯୋଗୁ ଲକ୍ଷ୍ୟସ୍ଥଳରେ ଉପସ୍ଥିତ ହେବାରେ ବିଳମ୍ବ ଘଟାଇପାରେ। ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରହନ୍ତୁ। ତଥାପି ଆପଣ ଯେତେଟା ପରିସ୍ଥିତିକୁ ଜଟିଳ ମନେ କରୁଛନ୍ତି ବାସ୍ତବରେ ସେପରି କିଛି ହେବନି।

ଆଜି ଏପ୍ରିଲ ୧୭ ତାରିଖ,ଗୁରୁବାର ବିଶ୍ୱ ହେମୋଫୋଲିଆ ଦିବସ, ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସ। ରାଶି/ନକ୍ଷତ୍ର– ଜ୍ୟେଷ୍ଠା/ବିଛା, ଚତୁର୍ଥୀର ଏକୋଦ୍ଦିଷ୍ଟ ଶ୍ରାଦ୍ଧ। ଦିବା ଘ.୦୫.୩୦ ଗତେ ଘ.୦୭.୧୧ ମଧ୍ୟେ, ଘ.୧୦.୩୧ ଗତେ ଘ. ୦୧.୦୧ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୦୧.୨୦ ଗତେ ଘ.୦୨.୫୪ ମଧ୍ୟେ ରାହୁ କାଳ।

ସଡ଼କ ପରିବହନ ଏବଂ ରାଜମାର୍ଗ ମନ୍ତ୍ରଣାଳୟ ଭାରତ ସରକାର | ଭାରତୀୟ ରାଷ୍ଟ୍ରୀୟ ରାଜମାର୍ଗ ପ୍ରାଧିକରଣ (www.nhai.gov.in) |

# ଓଡ଼ିଶାରେ ଯୋଗାଯୋଗର ନୂଆଯୁଗ



"ଏକବିଂଶ ଶତାବ୍ଦୀର ନବ ଭାରତ, ସୁନ୍ଦର ଏବଂ ଆଧୁନିକ ଭିତିଭୂମିର ନିର୍ମାଣ କରୁଅଛି । ଉନ୍ନତ ସଡ଼କ, ରେଳ ନେଟ୍‌ୱର୍କ ଏହା କେବଳ ଭିତିଭୂମି ପ୍ରକଳ୍ପ ନୁହନ୍ତି, ବରଂ ଏଗୁଡିକ ସମସ୍ତ କ୍ଷେତ୍ରର କାୟାକଳ୍ପ କରି ଦେଇଥାନ୍ତି ।"

-ନରେନ୍ଦ୍ର ମୋଦୀ, ପ୍ରଧାନମନ୍ତ୍ରୀ

## ୪୦୦୦ କୋଟି ଟଙ୍କାରୁ ଅଧିକ ନିବେଶରେ ମୋଟ୍ ୧୫୪ କିମି ଦୀର୍ଘ ୧୯ ଟି ସଡ଼କ ପ୍ରକଳ୍ପଗୁଡ଼ିକର

### ଶିଳାନ୍ୟାସ ଏବଂ ଲୋକାର୍ପଣ

### ଶିଳାନ୍ୟାସ (ଭୂମିପୂଜନ)

- ବଅଁରପାଳ-ଗୋଡ଼ିବନ୍ଧ ୪ ଲେନ୍ ରାଜମାର୍ଗ (ଏନ୍ ଏଚ୍ -୫୩, ଏବଂ ୧୪୯, ଦୈର୍ଘ୍ୟ-୧୭ କିମି, ନିବେଶ - ୯୭୩ କୋଟି ଟଙ୍କା)
- ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ଅନ୍ତର୍ଗତ ବାଙ୍ଗିରିପୋଷି ଘାଟୀ ୪ ଲେନ୍ ରାଜମାର୍ଗ (ଏନ୍ ଏଚ୍ -୪୯, ଦୈର୍ଘ୍ୟ-୧୦ କିମି, ନିବେଶ - ୧୩୫ କୋଟି ଟଙ୍କା)
- ୦୫ ଟି ଭେହିକୁଲର୍ ଅଣ୍ଡରପାସ୍ ଏବଂ ୦୧ ଟି ଫ୍ଲାଏଓଭର୍ ନିର୍ମାଣ (ଏନ୍ ଏଚ୍ -୧୬, ଦୈର୍ଘ୍ୟ- ୭ କିମି, ନିବେଶ -୧୧୫ କୋଟି ଟଙ୍କା)
- ନିର୍ଗୁଣ୍ଡିଠାରେ ଭେହିକୁଲର୍ ଅଣ୍ଡରପାସ୍ ଏବଂ ଛତିଆଠାରେ ଫ୍ଲାଏଓଭର୍ ନିର୍ମାଣ (ଏନ୍ ଏଚ୍ -୧୬, ଦୈର୍ଘ୍ୟ- ୨ କିମି, ନିବେଶ - ୩୫ କୋଟି ଟଙ୍କା)
- ସିଂଘରା-ବିଞ୍ଜିବାହାଲ ଖଣ୍ଡର ହାତୀ ଗତିପଥରେ ୪ ଲେନ୍ ଭାୟାଡକ୍ଟ ନିର୍ମାଣ (ଏନ୍ ଏଚ୍ -୪୯, ଦୈର୍ଘ୍ୟ-୨ କିମି, ନିବେଶ - ୪୮ କୋଟି ଟଙ୍କା)
- ୦୩ ଟି ଭେହିକୁଲର୍ ଅଣ୍ଡରପାସ୍ ଏବଂ ୦୧ ଟି ଫ୍ଲାଏଓଭରର ନିର୍ମାଣ (ଏନ୍ ଏଚ୍ -୧୬, ଦୈର୍ଘ୍ୟ- ୫ କିମି, ନିବେଶ - ୮୦ କୋଟି ଟଙ୍କା)
- ପଳାଶୁଣୀଠାରେ ଗଙ୍ଗୁଆ ନାଳ ଉପରେ ଅତିରିକ୍ତ ୨ ଲେନ୍ ସେତୁ ନିର୍ମାଣ (ଏନ୍ ଏଚ୍ -୧୬, ଦୈର୍ଘ୍ୟ- ୧ କିମି, ନିବେଶ - ୪୦ କୋଟି ଟଙ୍କା)
- ଟିଟିଲାଗଡ଼ ଟାଉନ୍ ବାଏପାସ୍ (ଏନ୍ ଏଚ୍ -୫୯, ଦୈର୍ଘ୍ୟ- ୯ କିମି, ନିବେଶ -୧୪୫ କୋଟି ଟଙ୍କା)
- ଧର୍ମଗଡ଼ ଟାଉନ୍‌କୁ ବାଏପାସ୍ ସଡ଼କ ନିର୍ମାଣ (ଏନ୍ ଏଚ୍ -୧୩୦ ଓ, ଦୈର୍ଘ୍ୟ-୮ କିମି, ନିବେଶ - ୧୭୦ କୋଟି ଟଙ୍କା)
- କଳାହାଣ୍ଡି ଜିଲ୍ଲାରେ ରେତ ନଦୀ ଉପରେ ସେତୁ ନିର୍ମାଣ (ଏନ୍ ଏଚ୍ -୨୬, ଦୈର୍ଘ୍ୟ-୨ କିମି, ନିବେଶ - ୪୦ କୋଟି ଟଙ୍କା)
- କଳାହାଣ୍ଡି ଜିଲ୍ଲାରେ ସଗଡ଼ା ନଦୀ ଉପରେ ସେତୁ ନିର୍ମାଣ (ଏନ୍ ଏଚ୍ -୨୬, ଦୈର୍ଘ୍ୟ-୩ କିମି, ନିବେଶ - ୪୦ କୋଟି ଟଙ୍କା)
- ମଙ୍ଗଳପୁର-କଂୟାଁଗୋଲା-ଆରଡ଼ି ଖଣ୍ଡର ପ୍ରଶସ୍ତୀକରଣ (ଏନ୍ ଏଚ୍ -୨୦, ଦୈର୍ଘ୍ୟ-୧୭ କିମି, ନିବେଶ - ୩୭୫ କୋଟି ଟଙ୍କା)
- ଦାରିଙ୍ଗବାଡ଼ି ଘାଟି ପ୍ରଶସ୍ତୀକରଣ (ଏନ୍ ଏଚ୍ -୫୯, ଦୈର୍ଘ୍ୟ-୨୭ କିମି, ନିବେଶ - ୭୨୦ କୋଟି ଟଙ୍କା)
- ପୂଜାରିପାଲି ଘାଟି-ଜରିମୂଳିରେ ମହାନଦୀ ଉପରେ ସେତୁ ନିର୍ମାଣ (ଦୈର୍ଘ୍ୟ-୩ କିମି, ନିବେଶ - ୨୭୫ କୋଟି ଟଙ୍କା)
- କଳାହାଣ୍ଡି ଜିଲ୍ଲାରେ ବୋରିଆ କୁଣ୍ଡବନ୍ଧ ଖଣ୍ଡରେ ତେଲ ନଦୀ ଉପରେ ସେତୁ ନିର୍ମାଣ (ଦୈର୍ଘ୍ୟ-୧ କିମି, ନିବେଶ - ୭୦ କୋଟି ଟଙ୍କା)
- କଳାହାଣ୍ଡି ଜିଲ୍ଲାରେ ପୌରକେଲଠାରୁ ଘୁଁସର ତେଲ ନଦୀ ଉପରେ ସେତୁ ନିର୍ମାଣ (ଦୈର୍ଘ୍ୟ-୧ କିମି, ନିବେଶ - ୭୨ କୋଟି ଟଙ୍କା)
- କଳାହାଣ୍ଡି ଜିଲ୍ଲାରେ ଖନୀଡ଼ଙ୍ଗୀରିଗୁଡ଼ା-ବାଙ୍କପାଳ ଖଣ୍ଡରେ ହାତୀ ନଦୀ ଉପରେ ସେତୁ ନିର୍ମାଣ (ଦୈର୍ଘ୍ୟ-୧ କିମି, ନିବେଶ - ୨୫ କୋଟି ଟଙ୍କା)





### ଲୋକାର୍ପଣ

- ତାଳଚେରଠାରୁ କାମାକ୍ଷାନଗର ୪ ଲେନ୍ ରାଜମାର୍ଗ (ଏନ୍ ଏଚ୍ -୧୪୯ ଏବଂ ୫୩, ଦୈର୍ଘ୍ୟ-୪୧ କିମି, ନିବେଶ - ୮୦୦ କୋଟି ଟଙ୍କା)
- ବାଲିକୁଦା, ଶିଖରପୁର ଏବଂ ବଡ଼ଚଣାଠାରେ ଭେହିକୁଲର ଅଣ୍ଡରପାସ୍ ନିର୍ମାଣ (ଏନ୍ ଏଚ୍ -୧୬ , ଦୈର୍ଘ୍ୟ-୩କିମି, ନିବେଶ - ୪୫ କୋଟି ଟଙ୍କା)





**ନିତିନ ଗଡ଼କରି**
ସଡ଼କ ପରିବହନ ଏବଂ ରାଜମାର୍ଗ ମନ୍ତ୍ରୀ
ଭାରତ ସରକାରଙ୍କ କରକମଳରେ

ଏବଂ

**ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶାଙ୍କ
ଅଧକ୍ଷତାରେ

**ଗୁରୁବାର, ୧୭ ଅପ୍ରେଲ, ୨୦୨୫, ଅପରାହ୍ଣ ୦୪.୦୦ ଘଟିକା | ସ୍ଥାନ : ବରମୁଣ୍ଡା ପଡିଆ, ଭୁବନେଶ୍ୱର**

### ପ୍ରକଳ୍ପସମୂହର ଲାଭ

- ବଅଁରପାଳ- ଗୋଡ଼ିବନ୍ଧ ଏବଂ ତାଳଚେର-କାମାକ୍ଷାନଗର ଖଣ୍ଡର ୪ ଲେନ୍ ପ୍ରଶସ୍ତୀକରଣ ଦ୍ୱାରା ଅନୁଗୁଳ, ତାଳଚେର ଏବଂ ଡୁବୁରି ମଧ୍ୟରେ ଯୋଗାଯୋଗରେ ସୁଧାର
- ରେତ, ମହାନଦୀ, ତେଲ, ହାତୀ ଏବଂ ସଗଡ଼ା ନଦୀଗୁଡ଼ିକ ଉପରେ ୦୬ ଟି ସେତୁ ନିର୍ମାଣ
| Procurement Officer | Bid Identification No. | Availability of Bid Online | | Date, Time & Place of Opening of Tender |
|---|---|---|---|---|
| Superintending Engineer, OTDC Ltd., Bhubaneswar | BP-I/02/2025-26 Dt.11.04.2025 | From 19.04.2025 | To 28.04.2025 | 11.30 Hours of dt.29.04.2025 in the office of the Superintending Engineer, OTDC Ltd., Bhubaneswar |

Further details can be seen from the Govt. Website **www.etenderodisha.gov.in**

OIPR-37002/11/0056/2526 Sd./- Superintending Engineer, O.T.D.C. Ltd., BBSR


See Career Appointment on every Wednesday & Saturday

## ସଂକ୍ଷେପରେ

### ୧୩୮ କନ୍‌ଷ୍ଟେବଲଙ୍କୁ ଅଦଲବଦଲ

ବୌଦ୍ଧ, ୧୬।୪ (ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ପୋଲିସର କନଷ୍ଟେବଳ ସ୍ତରରେ ଗତ ୧୫ତାରିଖରେ ବଡ଼ ଧରଣର ଅଦଳ ବଦଳ ହୋଇଛି। ଏକାଥରକେ ୧୩୮ ଜଣ କନେଷ୍ଟବଲଙ୍କୁ ଅଦଳବଦଳ କରାଯାଇଛି। ଗତ ୮ ତାରିଖରେ ପୋଲିସ ଅଧିକାରୀ ସ୍ତରରେ ଅଦଳବଦଳ ହୋଇଥିଲା। ବୌଦ୍ଧରେ ରାହୁଲ ଗୋଏଲ ଆରକ୍ଷୀ ଅଧିକ୍ଷକ ଭାବରେ ଯୋଗଦେବାପରେ ପୋଲିସ ପ୍ରଶାସନିକ ବ୍ୟବସ୍ଥାକୁ ସଜାଡିବାକୁ ଉଦ୍ୟମ ଆରମ୍ଭ କରିଛନ୍ତି।

### କୂଅ ଭିତରୁ ମୃତଦେହ ଜବତ

ବାଉଁଶୁଣୀ, ୧୬।୪ (ଦେବାଶିଷ ନେପାକ)

ବୌଦ୍ଧ ଜିଲା ବାଉଁଶୁଣୀ ଥାନା ବ୍ରାହ୍ମଣିପାଲି ପଞ୍ଚାୟତ ପିଙ୍ଗଲାବେଡା ଗ୍ରାମ ନିକଟରେ ଥିବା ଏକ କୁଅ ଭିତରୁ ବସ୍ତା ଭିତରେ ଭର୍ତ୍ତି ହୋଇଥିବା ମୃତଦେହ ବୁଧବାର ପୋଲିସ ଜବତ କରିଛି। ଖବର ଲେଖା ହେବା ସୁଦ୍ଧା ମୃତକଙ୍କ ପରିଚୟ ମିଳିପାରି ନାହିଁ। ମିଳିଥିବା ସୂଚନା ଅନୁଯାୟୀ, ପିଙ୍ଗଲାବେଡା ଗ୍ରାମର ଜଣେ ଚାଷୀଙ୍କ ଏକ କୁଅ ଭିତରେ ବସ୍ତାରେ ଭର୍ତ୍ତି ହୋଇଥିବା ମୃତଦେହ ଭାସୁଥିବା ବୁଧବାର ସ୍ଥାନୀୟ ଲୋକେ ଦେଖି ବାଉଁଶୁଣୀ ପୋଲିସକୁ ଖବର ଦେଇଥିଲେ। ମୃତଦେହ ପଚି ଯାଇଥିବାରୁ ମହିଳା ନା ପୁରୁଷ ଜଣା ପଡୁନାହିଁ। କେହି ୨ରୁ ୩ ଦିନ ତଳେ ବସ୍ତାରେ ଭର୍ତ୍ତି କରି ପକାଇ ଦେଇଥିବା ସନ୍ଦେହ କରାଯାଉଛି।

### ମୁଖ୍ୟ ଡାକଘର ସମ୍ମୁଖରେ କଂଗ୍ରେସର ବିକ୍ଷୋଭ

**ସୋନିଆ, ରାହୁଲଙ୍କ ନାଁରେ ଚାର୍ଜଶିଟ୍‌କୁ ବିରୋଧ**

ସୋନପୁର, ୧୬।୪ (ମୃତ୍ୟୁଞ୍ଜୟ ଶତପଥୀ)

ନ୍ୟାସନାଲ ହେରାଲ୍ଡ ମାମଲାରେ ଇଡି ସୋନିଆ ଗାନ୍ଧୀ, ରାହୁଲ ଗାନ୍ଧୀ ଓ ସାମ୍ ପିଟ୍ରୋଡାଙ୍କ ନାମରେ ମଙ୍ଗଳବାର ଚାର୍ଜଶିଟ୍ ଦାଖଲ କରିଛି। ଏପ୍ରିଲ ୨୫ରେ କୋର୍ଟ ଏହା ଉପରେ ଶୁଣାଣି କରିବେ। ତେବେ କଂଗ୍ରେସ ଏହାକୁ ନିନ୍ଦା କରିଛି। ଚାର୍ଜଶିଟ୍ ଦାଖଲକୁ କଂଗ୍ରେସ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି ଅଭିଯୋଗ କରିଛି। ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶକ୍ରମେ କଂଗ୍ରେସ ପକ୍ଷରୁ ସୁବର୍ଣ୍ଣପୁର ସହର ମଝିପଡା ସ୍ଥିତ ମୁଖ୍ୟ ଡାକଘର ସମ୍ମୁଖରେ ବୁଧବାର ବିକ୍ଷୋଭ ପ୍ରଦର୍ଶନ ସହ ଧାରଣା ଦିଆ ଯାଇଥିଲା। ବରିଷ୍ଠ ନେତା ଜିତେନ୍ଦ୍ର ପଟ୍ଟନାୟକ, ପ୍ରିୟବ୍ରତ ସାହୁ, ଲବ କୁମାର ସାହୁ, ମାଧବ କୁମ୍ଭାର, ରବିନ୍ଦ୍ର ହୋତା, ଶେଷଦେବ ମେହେର, ରାଜେଶ ମିଶ୍ର, କର୍ଣ୍ଣରାଜ ପ୍ରଧାନ, ଲକ୍ଷ୍ମଣ ସୁନା, ସଚ୍ଚିଦାନନ୍ଦ ସାହୁ, ଭାଗିରଥି ବରଗଡ଼ି ଓ ବିଶ୍ୱନାଥ ନେଗୀ ପ୍ରମୁଖ ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ।

### ଘଟଣାସ୍ଥଳରେ ନ ଥିଲୁ, ରୁଜୁ ହୋଇଛି ମିଥ୍ୟା ମାମଲା

**ଖବରଦାତା ସମ୍ମିଳନୀରେ ନାରାୟଣ ଲୁହା, ଅଶୋକ ନନ୍ଦଙ୍କ ସଫେଇ**

ବୀରମହାରାଜପୁର, ୧୬।୪ (ଯୁଗଳ କିଶୋର ମିଶ୍ର)

ଘଟଣାସ୍ଥଳରେ ନ ଥିଲୁ। ମିଛରେ ଆମ ନାମରେ ଏତଲା ଦିଆଯାଇ ମାମଲା ରୁଜୁ କରାଯିଛି ବୋଲି କହିଛନ୍ତି ବୀରମହାରାଜପୁର ପଞ୍ଚାୟତ ସମିତି ଉପାଧ୍ୟକ୍ଷ ନାରାୟଣ ଲୁହା, ଜିଲା ଯୁବ ବିଜେଡି ସଭାପତି ତଥା ପୂର୍ବତନ ବିନିକା ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ନନ୍ଦ। ବୁଧବାର ବୀରମହାରାଜପୁର ବ୍ଲକ ଅଧ୍ୟକ୍ଷାଙ୍କ କାର୍ଯ୍ୟାଳୟରେ ଅପରାହ୍ନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଉଭୟେ କହିଛନ୍ତି ଆମେ ଦୁହେଁ କୌଣସି ଗଣ୍ଡଗୋଳରେ ସମ୍ପୃକ୍ତ ନାହୁଁ। ବିନିକା ବ୍ଲକ କୁହିବାହାଲ ଅଞ୍ଚଳର ଯୁବକ ନୀତିଶ ଶାଣ୍ଡେ ଜଣେ ଭାଜପା ନେତା ଙ୍କ ପ୍ରରୋଚନାରେ ଆମ ନାମରେ ମିଛ ମାମଲା ବୀରମହାରାଜପୁର ଥାନାରେ ରୁଜୁ କରିଛନ୍ତି। ଏହା ଆମର ରାଜନୈତିକ ଭାବମୂର୍ତ୍ତିକୁ କଳଙ୍କିତ କରିବା ପାଇଁ ପ୍ରୟାସ। ଅଶୋକ ନନ୍ଦ କହିଛନ୍ତି ବିଶିପଡ଼ାର ସୋନାଲି ବିଶିଙ୍କ ଘରେ ମୁଁ ଭିଭଲବଲ ଓ ନାରାୟଣ ଲୁହା ଖଣ୍ଡା ଧରି ନିତଶଙ୍କୁ ଭୟଭୀତ କରିବା ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା ଓ କପୋଳକଳ୍ପିତ। ଘଟଣାସ୍ଥଳରେ ମୁଁ ଉପସ୍ଥିତ ନଥିଲି। ନାରାୟଣ ଲୁହା କହିଛନ୍ତି ମୋତେ ସୋନାଲି ବିଶିଙ୍କ ସ୍ୱାମୀ ଡାକିବା ପରେ ସମସ୍ୟାର ସମାଧାନ କରିବାକୁ ଯାଇଥିଲି। ସମାସ୍ୟାର ସମାଧାନ ହେବାପରେ ଭାଜପା ନେତାଙ୍କ ପ୍ରରୋଚନାରେ ପଡି ମିଥ୍ୟା ମାମଲା ରୁଜୁ କରାଯାଇଛି।

# ନଳକୂପ ଖୋଳିବା କାମ ଶୀଘ୍ର ସାରିବାକୁ ନିର୍ଦ୍ଦେଶ

**ପାନୀୟ ଜଳ ସମସ୍ୟା ସମାଧାନ ନେଇ ସମୀକ୍ଷା ବୈଠକ**

ବୀରମହାରାଜପୁର, ୧୬।୪ (ଯୁଗଳ କିଶୋର ମିଶ୍ର)



ବ୍ଲକ ସଭାଗୃହରେ ଅନୁଷ୍ଠିତ ବୈଠକରେ ଜନ ପ୍ରତିନିଧି ଓ ଅଧିକାରୀମାନେ।

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅଞ୍ଚଳରେ ପାନୀୟ ଜଳ ସମସ୍ୟା ଉତ୍କଟ ହୋଇଛି। ଏହାକୁ ଦୃଷ୍ଟିରେ ରଖି ବୁଧବାର ପୂର୍ବାହ୍ନ ୧୦ଟାରେ ବ୍ଲକ ସଭାଗୃହରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାଜିବ କୁମାର ହାଁସଦାଙ୍କ ଆବାହକତ୍ୱରେ ଅନୁଷ୍ଠିତ ବୈଠକରେ ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା, ପାନୀୟ ଜଳ ବିଭାଗ କନିଷ୍ଠ ଯନ୍ତ୍ରୀ ମଞ୍ଜୁଲତା ଗୌଡ଼ ଓ ଅନ୍ୟାନ୍ୟ ଅଧିକାରୀ ମାନେ ଉପସ୍ଥିତ ଥିଲେ। ଆଶୁ ପଦକ୍ଷେପ ସ୍ୱରୂପ ପାନୀୟ ଜଳ ସମସ୍ୟାର କିଭଳି ସମାଧାନ କରାଯାଇପାରିବ ତାହା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ବୀରମହାରାଜପୁର ବ୍ଲକରେ ମୋଟ ୧୫୪୨ଟ ନଳକୂପ ଥିବାବେଳେ ସେଥି ମଧ୍ୟରେ ସୋଲାର୍ ଯୋଗେ ୬୩ଟି କାର୍ଯ୍ୟ କରୁଛି। ୩୨ଟି ନଳକୂପ ଅଚଳ ଥିବା ବେଳେ ସୋଲାର୍ ପ୍ରକଳ୍ପରୁ ୮ଟି ଅଚଳ ରହିଛି। ସଚଳ ଥିବା ଅଧିକାଂଶ ନଳକୂପର ପାଣି ପାନୀୟ ଉପଯୋଗୀ ନ ଥିବା ସମୀକ୍ଷା ବେଳେ ଜଣାପଡିଥିଲା। ଏବେ ବୀରମହାରାଜପୁର ବ୍ଲକରେ ୭୬ଟି ନୂତନ ନଳକୂପ ଖୋଳିବା ପାଇଁ ବିଭାଗ ମଞ୍ଜୁରି କରିଥିବା ବେଳେ କାର୍ଯ୍ୟ ମନ୍ଥର ଗତିରେ ଚାଲିଛି। ୧୧ଟି ନଳକୂପ ଖୋଳା ଯାଇଥିବା ବେଳେ ଅନ୍ୟ ସବୁ ନଳକୂପ ଅବିଳମ୍ବେ ଖୋଳିବାକୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ହାଁସଦା ନିର୍ଦ୍ଦେଶ ଦେଇଥିଲେ। କୌଣସି ସ୍ଥାନରେ ପାନୀୟ ଜଳ ସମସ୍ୟା ରହିଥିଲେ ତାର ତୁରନ୍ତ ସମାଧାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ହାଁସଦା ସୂଚନା ଦେଇଛନ୍ତି। ସମୀକ୍ଷା ବୈଠକରେ ୬୩ ଏସିଏମ ଓ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ।

# ଚୋରି ବୋଲେରୋ ଜବତ, ୩ ଗିରଫ

ଡୁଙ୍ଗୁରିପାଲି, ୧୬।୪ (ଦୀନବନ୍ଧୁ ସୁନା)



ଗିରଫ ୩ ଅଭିଯୁକ୍ତ।

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ରାମପୁର ଥାନା ପୋଲିସ ଚୋରି ହୋଇଥିବା ଏକ ଚୋରି ବୋଲେରୋକୁ ଜବତ କରିଛି। ଏଥିସହ ଚୋରିରେ ସମ୍ପୃକ୍ତ ୩ଜଣଙ୍କୁ ଗିରଫ କରିଥିଲା। ସେମାନେ ହେଲେ ଉତ୍ତରପ୍ରଦେଶ ପ୍ରୟାଗରାଜ ଜିଲା ଶଙ୍କରଗଡ ଥାନା ଲଖନପୁରର ରାଜୁ ସିଂହ(୪୦) ଓ ସାଲାଣ୍ଡର ସିଂହ ଓ ମହାରାଷ୍ଟ୍ର ବର୍ଦ୍ଧ ଜିଲା କାନଜିଆ ଥାନା ନୟାଧବା ଗ୍ରାମର ଶାନ୍ତସିଂହ ଚିଟୋରୀ (୩୦)। ଦଫା ୩୦୩ (୨) ୩ (୫ )ବିଏନ୍ଏସ୍‌ରେ ଏକ ମାମଲା(ନଂ.୪୪/୨୫) ରୁଜୁ କରି ଗୁରୁବାର ସେମାନଙ୍କୁ କୋର୍ଟଚାଲାଣ କରାଯାଇଥିଲା। ହେଲେ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତ ପଠାଇ ଦିଆଯାଇଥିବା ଥାନା ଅଧିକାରୀ ପଦ୍ମାସିନୀ ମେହେର କହିଛନ୍ତି। ଅଭିଯୁକ୍ତମାନେ ଅନେକ ଦିନ ହେବ ରାମପୁର ସାପ୍ତାହିକ ବଜାର ପରିସରରେ ରହି ପୁରୁଣା ପ୍ଲାଷ୍ଟିକ ସାମଗ୍ରୀ ବ୍ୟବସାୟ କରିଆସୁଥିଲେ।

**ଜିପିଏସ୍ ଟ୍ରାକର ଅଭିଯୁକ୍ତଙ୍କୁ ଧରା ପକାଇଲା**

ସୂଚନା ଅନୁଯାଇ ରାମପୁର ତେଲିଟିକ୍ରା କେନାଲ ଖଣ୍ଡିରେ ରହୁଥିବା ସ୍ୱାଧୀନ ସାହୁଙ୍କ ବୋଲେରୋ ନମ୍ବର (ଓଡି ୦୨ଏଲ ୪୬୬୭) ଘର ସମ୍ମୁଖରେ ରଖିଥିଲେ। ଗତ ସୋମବାର ବିଳମ୍ବିତ ରାତିରେ ଏହା ଚୋରି ହୋଇଯାଇଥିଲା। ୧୫ ତାରିଖ ସ୍ୱାଧୀନ ଏ ନେଇ ରାମପୁର ଥାନାରେ ଅଭିଯୋଗ କରିଥିଲେ। ଉକ୍ତ ଗାଡ଼ିରେ ଜିପିଏସ ଟ୍ରାକର ଲଗାଯାଇଥିବାରୁ ପୋଲିସ ଟ୍ରାକ କରି ଗାଡିକୁ ବଲାଙ୍ଗୀର ସଦେଇପାଲି ଅଞ୍ଚଳରେ ଥିବା ଜାଣିବାକୁ ପାଇଥିଲା। ରାମପୁର ପୋଲିସ ବଲାଙ୍ଗୀର ସଦର ଥାନା ଅଧିକାରୀ ରାଜକୁମାର ବିଶ୍ୱାଳଙ୍କୁ ଯୋଗାଯୋଗ କରିଥିଲା। ଥାନା ଅଧିକାରୀ ବିଶ୍ୱାଳ ଓ ତାଙ୍କ ପୋଲିସ ଟିମ ସଦାଇପାଲିଠାରେ ଚଢ଼ାଉ କରି ବୋଲେରୋକୁ ଜବତ କରିବା ସହ ଉପରୋକ୍ତ ୩ ଜଣଙ୍କୁ ଗିରଫ କରିଥିଲା। ପରେ ସେମାନଙ୍କୁ ରାମପୁର ପୋଲିସକୁ ହସ୍ତାନ୍ତର କରାଯାଇଥିଲା।

# ବୌଦ୍ଧରେ କଂଗ୍ରେସର ବିକ୍ଷୋଭ



କଂଗ୍ରେସ ପକ୍ଷରୁ ପୋଷ୍ଟ ଅଫିସ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ।

ବୌଦ୍ଧ, ୧୬।୪ ( ଅଜିତ କୁମାର ବାରିକ)

କେନ୍ଦ୍ରର ଭାଜପା ସରକାର ଦ୍ୱାରା ନ୍ୟାସନାଲ ହେରାଲ୍ଡ ସମ୍ବାଦ ପତ୍ରର ସମ୍ପତି ବାଜ୍ୟାପ୍ତି, କଂଗ୍ରେସ ଦଳର ଅଧକ୍ଷା ସୋନିଆ ଗାନ୍ଧି, ଲୋକସଭା ବିରୋଧି ଦଳର ନେତା ରାହୁଲ ଗାନ୍ଧି ଓ କଂଗ୍ରେସ ଦଳର ତୁଙ୍ଗ ନେତାଙ୍କ ନାମରେ ମିଥ୍ୟା ମାମଲା ରୁଜୁ କରି ହଇରାଣ ପ୍ରତିବାଦରେ ବୁଧବାର ବୌଦ୍ଧ ଜିଲା କଂଗ୍ରେସ ପକ୍ଷରୁ ପୋଷ୍ଟ ଅଫିସ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ କରାଯାଇଛି। ଜିଲା କଂଗ୍ରେସ ସଭାପତି ନବ କୁମାର ମିଶ୍ରଙ୍କ ନେତୃତ୍ୱରେ ଦଳର ଛାମୁଆ ନେତା ଓ କର୍ମୀମାନେ ବିକ୍ଷୋଭ କରିଥିଲେ। ଦଳର ନେତା ଓ କର୍ମୀମାନେ ଏଭଳି ଘୃଣ୍ୟ ରାଜନୀତିକୁ ନିନ୍ଦା କରିବା ସହ ସମାଲୋଚନା କରିଥିଲେ। କାର୍ଯ୍ୟକ୍ରମରେ କଂଗ୍ରେସ ଦଳର ମୁଖ୍ୟ ମୁଖପାତ୍ର ଶାନ୍ତନୁ କୁମାର ମହାପାତ୍ର, ହରଭଙ୍ଗା ବ୍ଲକ କଂଗ୍ରେସ ସଭାପତି ପଙ୍କଜ କର୍ଣ୍ଣ, ମହିଳା କଂଗ୍ରେସ ସଭାନେତ୍ରୀ ସନ୍ଧ୍ୟାରାଣୀ ସିଂ, ଅର୍ଜୁନ ମହାନନ୍ଦିଆ, ପ୍ରତାପ ପଣ୍ଡା, ଶିବ ବେହେରା, ବେଣୁଧର ମେହେର, ସଞ୍ଜିବ ପଟ୍ଟନାୟକ, ଅଭିଲାଷ ସ୍ୱାଇଁ, ପୌଲସ୍ତି ପ୍ରଧାନ, ବୁଦ୍ଧଦେବ ପ୍ରଧାନ, ମନୋଜ ବିଶି, ଅମିତ ବେହେରା, ବିରେନ୍ଦ୍ର ପ୍ରଧାନଙ୍କ ସମେତ ବହୁ କର୍ମୀ ସାମିଲ ଥିଲେ।

# ନାଟକ କୁମ୍ଭକର୍ଣ୍ଣ ବଧ ମଞ୍ଚସ୍ଥ

**ବୌଦ୍ଧ ରାମଲୀଳା ଯାତ୍ରାର ଏକାଦଶ ଦିବସ**

ବୌଦ୍ଧ, ୧୬।୪ (ଅଜିତ କୁମାର ବାରିକ)



ରାମଲୀଳା ନାଟକର ଦୃଶ୍ୟ।

ବୌଦ୍ଧ ଗଡଜାତର ଗଣପର୍ବ ପ୍ରସିଦ୍ଧ ରାମଲୀଳା ଯାତ୍ରା ବୁଧବାର ଏକାଦଶ ଦିବସରେ ପହଞ୍ଚିଛି। ଏକାଦଶ ଦିବସରେ ପରିବେଷିତ ହୋଇଥିଲା ନାଟକ କୁମ୍ଭକର୍ଣ୍ଣ ବଧ। ଇନ୍ଦ୍ରଜିତର ନାଗଫାସରୁ ଶ୍ରୀରାମ ଲକ୍ଷ୍ମଣ ମୁକ୍ତି ପାଇବା ପରେ ଇନ୍ଦ୍ରଜିତ ଫେରିଯାଇଥିଲେ। ଅନ୍ୟ ପୁତ୍ର ଓ ନାତିଙ୍କୁ ହରାଇ ରାବଣ ଚିନ୍ତାଗ୍ରସ୍ତ ହୋଇପଡିଛନ୍ତି। ରାବଣ ନିଜର ସାନଭାଇ କୁମ୍ଭକର୍ଣ୍ଣକୁ ଯୁଦ୍ଧ କରିବାକୁ ଡକାଇବା ସହ ଶୋଇଥିବା ଅବସ୍ଥାରେ ଉଠାଇଛି । ପ୍ରାପ୍ତ ବର ଅନୁଯାୟୀ କୁମ୍ଭକର୍ଣ୍ଣ ଛଅମାସ ଶୋଇଥାଏ ଏବଂ ନିଦରୁ ଉଠିବା ପରେ ଯୁଦ୍ଧରେ ତାର ସମକକ୍ଷ କେହି ହୋଇନଥାନ୍ତି। କିନ୍ତୁ ଅଦିନରେ ଉଠିଲେ ମରଣ ତାର ସୁନିଶ୍ଚିତ। କୁମ୍ଭକର୍ଣ୍ଣ ଅସମୟରେ ନିଦ୍ରାରୁ ଜାଗ୍ରତ ହୋଇ ତାକୁ ନିଦରୁ ଉଠାଇବାର କାରଣ ଭାଇ ପଚାରିଥିଲା। ବଡ ଭାଇ ରାବଣ ବିପଦରେ ପଡିଥିବାରୁ ତାଙ୍କୁ ନିଦ୍ରାରୁ ଉଠାଇବାକୁ ଆଦେଶ ଦେଇଥିବା ସମ୍ପର୍କରେ ଦୁତ ନିକଟରୁ ସୂଚନା ପାଇ କୁମ୍ଭକର୍ଣ୍ଣ ରାବଣ ନିକଟରେ ପହଞ୍ଚିଥିଲା। ରାବଣ ନିକଟରୁ ଶ୍ରୀରାମ ଲକ୍ଷ୍ମଣଙ୍କ କଥା ଶୁଣି କୁମ୍ଭକର୍ଣ୍ଣ ସୀତାଙ୍କୁ ଫେରାଇଦେବାକୁ ପରାମର୍ଶ ଦେଇଥିଲା। କିନ୍ତୁ ରାବଣ କୁମ୍ଭକର୍ଣ୍ଣକୁ ଭୀରୁ କହି ଧିକାର କରିବାପରେ ସେ ଯୁଦ୍ଧକୁ ଯାଇ ବାନର ସେନାଙ୍କ ଉପରେ ପ୍ରବଳ ଆକ୍ରମଣ କରିଥିଲା। ଅନେକ ବାନର କୁମ୍ଭକର୍ଣ୍ଣର ଖାଦ୍ୟ ପାଲଟିବା ଦେଖି ଶ୍ରୀରାମଙ୍କ ବାନରସେନା ଛତ୍ରଭଙ୍ଗ ଦେଇଥିଲେ। ଶେଷରେ ଶ୍ରୀରାମଙ୍କ ହସ୍ତରେ କୁମ୍ଭକର୍ଣ୍ଣ ନିହତ ହୋଇଥିଲା। କୁମ୍ଭକର୍ଣ୍ଣ ବଧ ନାଟକକୁ ନିଖୁଣ ଭାବେ ଅନୁଷ୍ଠାନର କଳାକାରମାନେ ପ୍ରଦର୍ଶିତ କରଥିଲେ। ନାଟକକୁ ହୃଦାନନ୍ଦ ମେହେର ରଚନା କରିଥିବାବେଳେ ଭବାନୀ ଶଙ୍କର ମହାପାତ୍ର ନିର୍ଦ୍ଦେଶନା ଓ ତୁଷାରକାନ୍ତ ପଟ୍ଟନାୟକ ସଙ୍ଗୀତ ଓ ଗୋପାଳକୃଷ୍ଣ ବେହେରା ନୃତ୍ୟ ନିର୍ଦ୍ଦେଶନା ଦେଇଛନ୍ତି। କୁମ୍ଭକର୍ଣ୍ଣ ନାଟକ ଦେଖିବାକୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ହଜାର ହଜାର ଦର୍ଶକଙ୍କ ଭିଡ ଲାଗିରହିଥିଲା।

### ପୋଖରୀ ଭିତରକୁ ପଶିଲା କାର୍

ବାଉଁଶୁଣୀ, ୧୬।୪ (ଦେବାଶିଷ ନେପାକ)

ବୌଦ୍ଧ ଜିଲା ବାଉଁଶୁଣୀ ଥାନା ଗଜରାଜପୁର ନିକଟରେ ବୁଧବାର ପୂର୍ବାହ୍ନ ପ୍ରାୟ ୧୧ଟା ୫୦ ମିନିଟ ସମୟରେ ଏକ କାର୍ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇ ରାସ୍ତା ପାର୍ଶ୍ୱରେ ଥିବା ପୋଖରୀ ମଧ୍ୟକୁ ପଶି ଯାଇଥିଲା। ସ୍ଥାନୀୟ ଲୋକେ ଏ ସମ୍ପର୍କରେ ବାଉଁଶୁଣୀ ଥାନା ଓ ଦମକଳ ବାହିନୀକୁ ଖବର ଦେଇଥିଲେ। ଦୁର୍ଘଟଣା ପରେ ଗାଡି ଚାଳକ ଘଟଣା ସ୍ଥଳରୁ ଫେରାର ମାରିଥିବା ସୂଚନା ମିଳିଛି । ବାଉଁଶୁଣୀ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ମିଳିଥିବା ସୂଚନା ଅନୁଯାୟୀ, ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ରାମଗଠାରୁ କାରଟି ମନମୁଣ୍ଡା ଆଡକୁ ଯାଉଥିଲା।

### ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ନିଆଁ ଲଗାଇବା ଘଟଣା: ବିଜେଡିର ବିକ୍ଷୋଭ

ବୌଦ୍ଧ, ୧୬।୪ (ଅଜିତ କୁମାର ବାରିକ)

ବଲାଙ୍ଗିର ଜିଲା ପାଟଣାଗଡର ପର୍ଶୁରାମ ଛକଠାରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମଙ୍ଗଳବାର ନିଆଁ ଲଗାଇବା ଘଟଣାରେ ବୌଦ୍ଧରେ ବିଜେଡି ପକ୍ଷରୁ ବୁଧବାର ସନ୍ଧ୍ୟାରେ ବ୍ରିଜ ଛକ ସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ବିକ୍ଷୋଭ କରିବା ସହ ନିରବ ଧାରଣା ଦିଆଯାଇଛି। ବିଜେଡିର ନବ ନିଯୁକ୍ତ ଜିଲା ସଭାପତି ତଥା ପୂର୍ବତନ ମନ୍ତ୍ରୀ ପ୍ରଦୀପ କୁମାର ଅମାତଙ୍କ ନେତୃତ୍ୱରେ ଆୟୋଜିତ ଏହି ଧାରଣାରେ ବହୁ ସଂଖ୍ୟାରେ ବିଜେଡି କାର୍ଯ୍ୟକର୍ତ୍ତା ଓ କର୍ମୀ ସାମିଲ ହୋଇଥିଲେ। ଘଟଣାରେ ସଂପୃକ୍ତ ଦୁର୍ବୃତ୍ତଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଜିଲା ବିଜେଡି ପକ୍ଷରୁ ଦାବି କରାଯାଇଛି। ଏହି ଧାରଣାରେ ଉପନଗରପାଳ ସୁଭାଷିନୀ ସେଠୀ, ବରିଷ୍ଠ ନେତା ଅଶୋକ କୁମାର ସାହୁ, ଧୂରୀଣ କୁମାର ଦେହୁରୀ, ସୁବୋଧ କୁମାର ପ୍ରଧାନ, ଅବକାଶ ସାହୁ, ମନୋରଞ୍ଜନ ପୁରୋହିତ, ଅମ୍ରିତ ପ୍ରଧାନ, ବସନ୍ତ କୁମାର ସ୍ୱାଇଁ, ଶିତାଂଶୁ ମହାକୁଡ ଓ ମାନସ ପୁରୋହିତଙ୍କ ସମେତ ବହୁ ସଂଖ୍ୟାରେ ଦଳୀୟ କର୍ମୀ ସାମିଲ ହୋଇଥିଲେ।

# କୁଷ୍ଠମୁକ୍ତ ବ୍ୟକ୍ତିଙ୍କ ଝିଅମାନଙ୍କୁ ଉଚ୍ଚଶିକ୍ଷା ପାଇଁ ସହାୟତା

ସୋନପୁର, ୧୬।୪ (ମୃତ୍ୟୁଞ୍ଜୟ ଶତପଥୀ)

ସମାଜସେବୀ ଡ. ଭି ରୁକ୍ମଣୀ ରାଓ ଓଡିଶା, ବିହାର, ଝାଡଖଣ୍ଡ ରାଜ୍ୟର କୁଷ୍ଠମୁକ୍ତ ବ୍ୟକ୍ତିମାନଙ୍କ ଝିଅମାନଙ୍କୁ ଉଚ୍ଚଶିକ୍ଷା ନିମନ୍ତେ ସହାୟତା ପ୍ରଦାନ କରିଥାନ୍ତି। ଏହିକ୍ରମରେ ସୁବର୍ଣ୍ଣପୁର ଜିଲାର ପ୍ରତ୍ୟେକଙ୍କୁ ୧୨ ହଜାର ଟଙ୍କା ଲେଖାଏ ପ୍ରଦାନ କରି ସମାଜସେବା କ୍ଷେତ୍ରରେ ସେ ଏକ ଆଦର୍ଶ ସୃଷ୍ଟି କରିଛନ୍ତି। ବୁଧବାର ସୁବର୍ଣ୍ଣପୁର ଲେପ୍ରା ସୋସାଇଟିରେ ୭ଜଣ ଝିଅଙ୍କୁ ବ୍ୟାଙ୍କଚେକ ପ୍ରଦାନ କରାଯାଇଥଲା। ଏହି ଅବସରରେ ଲେପ୍ରା ସୋସାଇଟି ଜାତୀୟ ମୁଖ୍ୟ ହାଇଦ୍ରାବାଦର ପ୍ରଶାନ୍ତ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାଧାରଣ ସଭାରେ ଓଡ଼ିଶା ଆମ୍ବାସାଡର ଗୋରେଖନାଥ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ହିତାଧିକାରୀ ଝିଅମାନଙ୍କୁ ଚେକ୍ ବଣ୍ଟନ କରିଥିଲେ। ଆର୍ଥିକ ସହାୟତା ପାଇଥିବା ଝିଅମାନେ ହେଲେ ଲିସା ସା, କଲ୍ୟାଣୀ ସାହୁ, ସୋନୁ ହରିପାଲ, କାଜଲ ସେଠୀ, ତିଲୋତ୍ତମା ବଗର୍ତ୍ତୀ, ରୁପାଲି ତାଣ୍ଡି ଓ କ୍ରିଷ୍ଣା ବିଶ୍ୱାଳ। ଏହି ଉପଲକ୍ଷେ ପ୍ରାଧ୍ୟାପିକା ମୀନା ମହାରଣାଙ୍କ ଦ୍ୱାରା ପ୍ରଦତ୍ତ ଏକ ଲାଇବ୍ରେରୀକୁ ପ୍ରଶାନ୍ତ ନାୟକ ଉଦ୍‌ଘାଟନ କରିଥିଲେ। ଏହି ସଭାରେ କୋରାପୁଟ, ବରଗଡ, ସୁବର୍ଣ୍ଣପୁର, ନୂଆପଡା, ଜୁନାଗଡ, ଛତିଶଗଡ ଓ ନବରଙ୍ଗପୁର ଲେପ୍ରା ସୋସାଇଟି କେନ୍ଦ୍ର ଦାୟିତ୍ୱରେ ଥିବା ଶିଶିର କୁମାର ସାହୁ, ରୁପେଶ୍ୱର ଭୋଇ, ଏ. ଅନୀଲ କୁମାର, ମୃତ୍ୟୁଞ୍ଜୟ ଗିରି, ଶିବରାମ ଓତା, ତୋଫାନ ମହନ୍ତ ଓ କୁସୁମ ସାହୁ ବିବରଣୀ ଉପସ୍ଥାପନ କରିଥିଲେ । ପ୍ରକଳ୍ପ ଅଧିକାରୀ ନେତ୍ରାନନ୍ଦ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ନୃସିଂହ ଚରଣ ମିଶ୍ର ଧନ୍ୟବାଦ ଦେଇଥିଲେ ।




ଅତିଥିଙ୍କ ଗହଣରେ ସହାୟତା ପାଇଥିବା ଝିଅମାନେ।

# ପ୍ରାଥମିକ ଚିକିତ୍ସା ତାଲିମ ଶିବିର

ସୋନପୁର, ୧୬।୪ (ମୃତ୍ୟୁଞ୍ଜୟ ଶତପଥୀ)

ସୋନପୁର ବ୍ଲକ ବଲାଡି ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ପ୍ରାଥମିକ ଚିକିତ୍ସା ତାଲିମ ଶିବିର ବୁଧବାର ପୂର୍ବାହ୍ନ ୧୧ଟାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ସତ୍ୟଜିତ ପଟ୍ଟନାୟକ ଶିବିରକୁ ଉଦ୍‌ଘାଟନ କରିବା ସହିତ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସୁବର୍ଣ୍ଣପୁର ଜିଲା ଜୁନିୟର ରେଡକ୍ରସ ଅଫିସର ରବିଚନ୍ଦ୍ର ପଶାୟତଙ୍କ ମାର୍ଗ ଦର୍ଶନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସାଧନ କର୍ମୀଭାବେ ଯୋଗ ଦେଇଥିଲେ ଖରଝୁରା ଜୟ ଜଗନ୍ନାଥ ଉଚ୍ଚବିଦ୍ୟାଳୟର ଜେଆରସି ପରାମର୍ଶଦାତା ଚନ୍ଦ୍ର ଶେଖର ମହାପାତ୍ର ଏବଂ ପ୍ରତାପପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଜେଆରସି ପରାମର୍ଶଦାତା ତଥା ରକ୍ଷକ ସାଧନ କର୍ମୀ ଗୋପେଶ ପଣ୍ଡା। ହଠାତ୍ ମୂର୍ଚ୍ଛା ହେବା, ସକ, ରିକୋଭରି ପୋଜିସନ, ସାପ କାମୁଡା, ବ୍ୟାଣ୍ଡେଜ, ଚୋକିଂ, ଦେହରେ ନିଆଁ, ହାଡ଼ ଭଙ୍ଗା, ମୁଣ୍ଡ ଫଟା, ରକ୍ତସ୍ରାବ ଆଦିର ତତ୍କାଳ ଚିକିତ୍ସା ଓ ବ୍ୟବସ୍ଥା ସମ୍ପର୍କରେ ସାଧନକର୍ମୀ ମାନେ ଛାତ୍ରୀଛାତ୍ରଙ୍କୁ ତାଲିମ ପ୍ରଦାନ କରିଥିଲେ। ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ଏଥିରେ ଅଂଶଗ୍ରହଣ କରିଥିଲେ। ସହକାରୀ ଶିକ୍ଷକ ଜିତେନ୍ଦ୍ର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ରେଡକ୍ରସ ପରାମର୍ଶଦାତା ବ୍ୟାସଦେବ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ପ୍ରମୋଦ କୁମାର ସାହୁ, ସଂଗ୍ରାମ ମିଶ୍ର, ସୁଶାନ୍ତ ଦାସ, ଜଗନ୍ନାଥ ପଣ୍ଡା, ପ୍ରାଣବନ୍ଧୁ ବେଜ, କିଶନଲାଲ ପଧାନ, ରାଧାକାନ୍ତି ମନହିରା କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।




ଶିବିରରେ ମଞ୍ଚାସୀନ ଅତିଥି ଓ ସାଧନ କର୍ମୀ।

# ନଟରାଜ ଫାଇଟର, ସୋଲାର ଷ୍ଟ୍ରାଇକର ବିଜୟୀ

**ବହଲପଦର ପ୍ରିମିୟର ଲିଗ୍ କ୍ରିକେଟ**

ଅମରପାଲି, ୧୬।୪ (ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ବହଲପଦରଠାରେ ଦଧି ବାମନ ଯୁବକ ସଂଘ ଆନୁକୂଲ୍ୟରେ ଚାଲିଥିବା ୨ୟ ବହଲପଦର ପ୍ରିମିୟର ଲିଗ କ୍ରିକେଟର ବୁଧବାର ୨ଟି ମ୍ୟାଚ ଖେଳାଯାଇଥିଲା। ପ୍ରଥମ ମ୍ୟାଚରେ ୟଙ୍ଗ ଫାଇଟରକୁ ହରାଇ ନଟରାଜ ଫାଇଟର ବିଜୟୀ ହୋଇଥିଲା। ଅପରାହ୍ନରେ ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚରେ ଟାଇଗର ଏକାଦଶକୁ ହରାଇ ସୋଲାର ଷ୍ଟ୍ରାଇକର ବିଜୟୀ ହୋଇଛି। ସକାଳେ ଖେଳା ଯାଇଥିବା ମ୍ୟାଚରେ ୟଙ୍ଗ ଫାଇଟର ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ୧୦ଓଭରରେ ୯ ଉଇକେଟ ହରାଇ ୭୮ ରନ କରିଥିଲା। ଜବାବରେ ନଟରାଜ ଫାଇଟର ୭ ଓଭରରେ ଆବଶ୍ୟକ ୭୯ରନକୁ ୨ଉଇକେଟରେ ହାସଲ କରି ବିଜୟୀ ହୋଇଥିଲା। ଅପରାହ୍ନରେ ଖେଳା ଯାଇଥିବା ଦ୍ୱିତୀୟ ମ୍ୟାଚରେ ସୋଲାର ଷ୍ଟ୍ରାଇକର ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୩ ଉଇକେଟ ହରାଇ ୧୫୧ରନ କରିଥିଲା। ଜବାବରେ ଟାଇଗର ଏକାଦଶ ଦଳ ନିର୍ଦ୍ଧାରିତ ଓଭରରେ ୬ ଉଇକେଟ ହରାଇ ୧୨୬ ରନ କରି ପରାସ୍ତ ହୋଇଥିଲା। ମ୍ୟାଚଗୁଡିକରେ ଚନ୍ଦ୍ର ଭୁକ୍ତା ଓ ରାକେଶ ପ୍ରଧାନ ଅମ୍ପେୟାର, ଅନିଲ ଭୁକ୍ତା ଅନଲାଇନ ସ୍କୋରିଙ୍ଗ ଏବଂ ଜଗା ଦେହୁରୀ ସ୍କୋରିଙ୍ଗ କରିଥିଲେ।



ବିଜୟୀ ସୋଲାର ଷ୍ଟ୍ରାଇକର ଦଳର ଖେଳାଳିମାନେ।

# ଚଢ଼ା ସୁଧ କାରବାରରୁ ହତ୍ୟା, ଜଣେ ଗିରଫ

ବଲାଙ୍ଗୀର,୧୬।୪(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସହର ଟିମିନିଭାଟିପଡାରେ ଗତ ୧୨ ତାରିଖ ଦିନ ଦ୍ୱିପ୍ରହରରେ ଟ୍ରକ୍ ଡ୍ରାଇଭର ରାମ ଦାସ (୪୬)ଙ୍କୁ ହତ୍ୟା କରାଯାଇଥିଲା। ଏହି ଘଟଣାର ୫ ଦିନ ପରେ ବଲାଙ୍ଗୀର ପୋଲିସ ହତ୍ୟାକାଣ୍ଡର ଅଭିଯୁକ୍ତ ରାମେଶ୍ୱରନଗର ନିବାସୀ ଚିନୁ ଓରଫ ରାଜୀବ ପଟ୍ଟନାୟକ (୩୭)ଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ମୃତ ରାମ ଜଣେ କମିଶନ ଏଜେଣ୍ଟ ଭାବେ ଋଣ ଟଙ୍କା କାରବାରରେ ସମ୍ପୃକ୍ତ ଥିଲେ ଏବଂ ସୁଧ ଓ ମୂଳଧନ ଟଙ୍କା ନ ଫେରାଇବାରୁ ଟଙ୍କା ଲଗାଣକାରୀ ଅଭିଯୁକ୍ତ ଚିନୁ ତାଙ୍କୁ ହତ୍ୟା କରିଥିବା ବଲାଙ୍ଗୀର ଏସ୍‌ପି ଅଭିଲାଷ ଜି ବୁଧବାର ସନ୍ଧ୍ୟାରେ ସ୍ଥାନୀୟ ରିଜର୍ଭ ପୋଲିସ ପଡିଆରେ ଖବରଦାତା ସମ୍ମିଳନୀ କରି ସୂଚନା ଦେଇଛନ୍ତି।

ଏସ୍‌ପି ଅଭିଲାଷ ଆହୁରି କହିଥିଲେ, ଅଭିଯୁକ୍ତ ଚିନୁ ଜଣେ ପେଶାଦାର ଟଙ୍କା ଲଗାଣକାରୀ। ଟଙ୍କା ଲଗାଣ କରି ଚଢ଼ା ଦରରେ ସୁଧ ଅସୁଲ କରିବା ତାଙ୍କର କାମ ଥିଲା। କମିଶନ ଏଜେଣ୍ଟ ଜରିଆରେ ସେ ଲୋକଙ୍କୁ ଟଙ୍କା ଦେଇ ଚଢ଼ା ସୁଧ ଅସୁଲ କରୁଥିଲେ। ରାମ ଅଭିଯୁକ୍ତଙ୍କ ପାଖରେ ଜଣେ କମିଶନ ଏଜେଣ୍ଟ ଭାବେ କାର୍ଯ୍ୟ କରୁଥିଲେ। ପ୍ରାୟ ତିନି ମାସ ପୂର୍ବେ ଅଭିଯୁକ୍ତ ଚିନୁ କମିଶନ ଏଜେଣ୍ଟ ରାମଙ୍କ ଜରିଆରେ ୧୬ ହଜାର ଟଙ୍କା ମାର୍କେଟରେ ଲଗାଇଥିଲେ। ଏହି ଟଙ୍କାର ମୂଳଧନ ବାବଦକୁ ଦୈନିକ ୫୦୦ ଟଙ୍କା ସୁଧ ଅସୁଲ କରିବା ସର୍ତ୍ତ ରହିଥିଲା। ଉକ୍ତ ସର୍ତ୍ତ ମୁତାବକ ରାମ ଜଣେ ବ୍ୟକ୍ତିଙ୍କୁ ୧୬ ହଜାର ଟଙ୍କା ଋଣ ଦେଇଥିଲେ। ଋଣ ଦେବା ପରେ ଅଭିଯୁକ୍ତଙ୍କ ଠାରୁ ରାମ କମିଶନ ବାବଦ ଟଙ୍କା ନେଇଥିଲେ। ତେବେ ପ୍ରାୟ ୨ ମାସ ହେବ ଋଣ ନେଇଥିବା ବ୍ୟକ୍ତି ଜଣକ ପ୍ରତିଦିନ ୫୦୦ ଟଙ୍କା ସୁଧ ଦେବାକୁ ଅକ୍ଷମ ବୋଲି ପ୍ରକାଶ କରିଥିଲେ। ଏହି କଥାକୁ ଟଙ୍କା ଲଗାଣକାରୀ ଚିନୁ ଗ୍ରହଣ କରି ନଥିଲେ। ଯେ କୌଣସି ପରିସ୍ଥିତିରେ ତାଙ୍କୁ ସୁଧ ଟଙ୍କା ଆବଶ୍ୟକ ବୋଲି କହି ଆସୁଥିଲେ। ଏହାକୁ ନେଇ ଚିନୁ ଏଜେଣ୍ଟ ରାମଙ୍କୁ ଧମକ ଚମକ ଦେଇଆସୁଥିଲେ। ଗତ ୧୨ ତାରିଖ ମଧ୍ୟାହ୍ନରେ ରାମ ଏକ ମୋଟର ସାଇକେଲରେ ନିଜ ଘରକୁ ଫେରୁଥିବା ବେଳେ ଟିମିନିଭାଟିପଡା ପ୍ରାଥମିକ ସ୍କୁଲ ନିକଟରେ ଏକ ଠେଙ୍ଗା ସାହାଯ୍ୟରେ ଅଭିଯୁକ୍ତ ଚିନୁ ତାଙ୍କୁ ପିଟି ପିଟି ମାରି ଦେଇଥିଲେ। ପରେ ଫେରାର ହୋଇଯାଇଥିଲେ ବୋଲି ଏସପି ସୂଚନା ଦେଇଥିଲେ। ଚଢ଼ା ସୁଧରେ ଋଣ କାରବାରରୁ ଏହି ହତ୍ୟାକାଣ୍ଡ ହୋଇଥିବା ଏସ୍‌ପି କହିଥିଲେ। କମିଶନ ଏଜେଣ୍ଟଙ୍କ ଜରିଆରେ ଋଣୀଙ୍କୁ ଧମକଚମକ ଏବଂ ନିର୍ଯାତନା ଦେଇ ଚଢ଼ା ସୁଧ ଅସୁଲ କରିବା ଅଭିଯୁକ୍ତ ଚିନୁଙ୍କ ଅଭ୍ୟାସ ପାଲଟି ଯାଇଥିବା ଏସ୍‌ପି କହିଥିଲେ। ତେବେ ଏହି ହତ୍ୟା ମାମଲାରେ ଏବଂ ଚଢ଼ା ସୁଧରେ ଋଣ କାରବାରରେ ଆଉ କେଉଁମାନେ ସମ୍ପୃକ୍ତ ଅଛନ୍ତି ସେନେଇ ତଦନ୍ତ ଜାରି ରହିଛି ବୋଲି ଏସ୍‌ପି ଅଭିଲାଷ ସୂଚନା ଦେଇଥିଲେ। ଖବରଦାତା ସମ୍ମିଳନୀରେ ଏସପିଙ୍କ ସହ ଟାଉନ ଥାନା ଆଇଆଇସି ଅବନୀ ସାହୁ ଉପସ୍ଥିତ ଥିଲେ।


ଏସ୍‌ପି ଅଭିଲାଷ ଜି ଖବରଦାତା ସମ୍ମିଳନୀରେ ରାମ ଦାସ ହତ୍ୟାକାଣ୍ଡ ନେଇ ସୂଚନା ଦେଉଛନ୍ତି।

**ଟିମିନିଭାଟିପଡ଼ା ରାମ ଦାସ ହତ୍ୟା ମାମଲା**

- ମୃତକ ଋଣ କାରବାରର କମିଶନ ଏଜେଣ୍ଟ ଭାବେ କାର୍ଯ୍ୟ କରୁଥିଲେ
- ୧୬ ହଜାର ଟଙ୍କା ଋଣ ଦେଇ ଦିନକୁ ୫୦୦ ଟଙ୍କା ସୁଧ ଅସୁଲ ହେଉଥିଲା

# ମହିଳାଙ୍କ ସୁରକ୍ଷା, ନ୍ୟାୟ ଦାବିରେ ମଶାଲ ଶୋଭାଯାତ୍ରା


ମଶାଲ ଶୋଭାଯାତ୍ରା।

ଲୋଇସିଂହା,୧୬।୪(ସୁଶାନ୍ତ ବାରିକ)

ରାଜ୍ୟରେ ନାରୀ ନିର୍ଯାତନା, ବଳାତ୍କାର, ହିଂସା ବଢ଼ି ଚାଲିବା ଉଦ୍‌ବେଗର କାରଣ ହୋଇଛି। ସେହିପରି ଗ୍ୟାସ ସିଲିଣ୍ଡର ଦର ବୃଦ୍ଧି ପାଇଛି। ଏହାର ପ୍ରତିବାଦରେ ମଙ୍ଗଳବାର ସନ୍ଧ୍ୟାରେ କଂଗ୍ରେସ ଦଳ ପକ୍ଷରୁ ମଶାଲ ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ତଳିଉଡ଼ାର ଗ୍ରାମରେ ବ୍ଲକ କଂଗ୍ରେସ ସଭାପତି ଅରବିନ୍ଦ ସାହୁଙ୍କ ନେତୃତ୍ୱରେ ଶୋଭାଯାତ୍ରା ପଞ୍ଚାୟତ କାର୍ଯ୍ୟାଳୟରୁ ବାହାରି ବସ୍ତି ପରିକ୍ରମା କରିଥିଲା। ଶୋଭାଯାତ୍ରାରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଟଙ୍କଧର ଗଡତ୍ୟା, ଅଙ୍କିତ ସାହୁ, ସୋମନାଥ ପଟେଲ, ଶାନ୍ତନୁ ସିଂ, ଯଦୁମଣି ପଧାନ, ସଞ୍ଜୟ ଗଡତ୍ୟା, ଗୁଲେଖ ଛତ୍ରିଆଙ୍କ ସମେତ ଶତାଧିକ କର୍ମୀ ସାମିଲ ହୋଇଥିଲେ। ମହିଳାଙ୍କୁ ସୁରକ୍ଷା ଓ ନ୍ୟାୟ ଦେବା ପାଇଁ ଶୋଭାଯାତ୍ରାକାରୀ ମାନେ ଦାବି କରିଥିଲେ।

# କୋର୍ଟରେ ସାକ୍ଷ୍ୟ ପ୍ରଦାନ କଲେ ପରିତ୍ରାଣ ସାକ୍ଷୀ

ପାଟଣାଗଡ଼,୧୬।୪(ସଚ୍ଚିଦାନନ୍ଦ ମହାକୁର)

**ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ମାମଲା**

ବହୁଚର୍ଚ୍ଚିତ ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ମାମଲାରେ ବୁଧବାର ପାଟଣାଗଡ ଅତିରିକ୍ତ ଜିଲା ଦୌରା ଜଜ୍‌ଙ୍କ କୋର୍ଟରେ ଡିଙ୍ଗର କୁମ୍ଭାର ନାମକ ଜଣେ ବ୍ୟକ୍ତି ମୁଖ୍ୟ ଅଭିଯୁକ୍ତ ପୁଞ୍ଜିଲାଲ ମେହେରଙ୍କ ପରିତ୍ରାଣ ସାକ୍ଷୀ ଭାବେ ନିଜର ସାକ୍ଷ୍ୟ ପ୍ରଦାନ କରିଛନ୍ତି । ତାଙ୍କ କହିବାନୁସାରେ ପୁଞ୍ଜିଲାଲ ଯେଉଁ ଦିନ ରାୟପୁର ଯାଇଥିବା ନେଇ ଅଭିଯୋଗ ହେଉଛି ସେଦିନ ସେ ରାମପୁରସ୍ଥିତ ଏକ ପ୍ରହରୀରେ ତାଙ୍କ ସହିତ ଏକାଠି ଥିଲେ। ଏପରିକି ସେ ଜଣେ ଉଚ୍ଚ ଶିକ୍ଷିତ ବ୍ୟକ୍ତି। ଏହି ମାମଲାରେ ତାଙ୍କର କୌଣସି ସମ୍ପୃକ୍ତି ନ ଥିବା ନେଇ କୋର୍ଟଙ୍କୁ ନିଜର ସାକ୍ଷ୍ୟ ପ୍ରଦାନ କରିଥିଲେ । ସରକାରୀ ଓକିଲ ଆଶିଷ ଚନ୍ଦନ କହିବା ଅନୁଯାୟୀ, ପୁଞ୍ଜିଲାଲଙ୍କ ତରଫରୁ ଜଣେ ସାକ୍ଷୀଙ୍କ ବୟାନ ଗ୍ରହଣ କରାଯାଇଛି । ଏପରିକି ତାଙ୍କୁ ଜେରା ମଧ୍ୟ ସରିଛି। ତେବେ ପୁଣି ଆହୁରି ସାକ୍ଷ୍ୟ ଦେବାପାଇଁ ସମୟ ମାଗିବା ସହ କିଛି ଆବଶ୍ୟକ କାଗଜପତ୍ର ଦାଖଲ ପାଇଁ କୋର୍ଟଙ୍କୁ ଅନୁମତି ମାଗିଛନ୍ତି। ମାନ୍ୟବର କୋର୍ଟ ଏହାକୁ ମଞ୍ଜୁର କରିଥିବା ଜଣାପଡିଛି। ସୂଚନାଯୋଗ୍ୟ, ୨୦୧୮ ଫେବୃଆରୀ ୨୩ ତାରିଖରେ ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ଘଟଣାରେ ନବ ବିବାହିତ ସୌମ୍ୟଶେଖର ଓ ତାଙ୍କ ଜେଜେମା ଜେମାମଣି ସାହୁଙ୍କ ମୃତ୍ୟୁ ଘଟିଥିଲା। ସୌମ୍ୟ ଶେଖରଙ୍କ ସ୍ତ୍ରୀ ରିମାରାଣୀ ଗୁରୁତର ହୋଇ ଦୀର୍ଘ ଦିନ ଧରି ଡାକ୍ତରଖାନାରେ ଚିକିତ୍ସିତ ହୋଇଥିଲେ। କ୍ରାଇମବ୍ରାଞ୍ଚ ତଦନ୍ତ କରି ଭଇଁସା କଲେଜର ଇଂରାଜୀ ଅଧ୍ୟାପକ ପୁଞ୍ଜିଲାଲ ମେହେରଙ୍କୁ ମୁଖ୍ୟ ଏବଂ ଏକମାତ୍ର ଅଭିଯୁକ୍ତ ଭାବେ ଗିରଫ କରିଥିଲା।

# ବିଜେଡି ପକ୍ଷରୁ ପ୍ରତିବାଦ ସମାବେଶ

ବଲାଙ୍ଗୀର,୧୬।୪(ବୀରେନ୍ଦ୍ର କୁମାର ଝାଙ୍କର)

**ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ନିଆଁ ଲାଗିବା ଘଟଣା**

ବଲାଙ୍ଗୀର ଜିଲା ପାଟଣାଗଡ ବ୍ଲକ ଛକରେ ଥିବା ଓଡିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ କେହି ଦୁର୍ବୃତ୍ତ ମଙ୍ଗଳବାର ସକାଳେ ନିଆଁ ଲଗାଇ ଦେଇଥିଲେ। ଏହି ଘଟଣାକୁ ନେଇ ସାରା ରାଜ୍ୟରେ ବିଜେଡି ପକ୍ଷରୁ ପ୍ରତିକ୍ରିୟା ଦେଖିବାକୁ ମିଳିଥିଲା। ବୁଧବାର ବଲାଙ୍ଗୀର ବିଜେଡି ପକ୍ଷରୁ ସ୍ଥାନୀୟ ବିଜୁ ପଟ୍ଟନାୟକ ଶିଶୁ ଉଦ୍ୟାନରେ ପ୍ରତିବାଦ ସମାବେଶ କରାଯାଇଥିଲା। ବିଜୁ ପଟ୍ଟନାୟକଙ୍କ ଭଳି ଜଣେ ଜନନାୟକଙ୍କୁ ଯେଭଳି ଅସମ୍ମାନ କରାଯାଇଛି ତାହା ସମସ୍ତ ଓଡିଆଙ୍କୁ ଆଘାତ ଦେଇଛି ବୋଲି କୁହାଯାଇଥିଲା। ସଭାରେ ଜିଲା ପରିଷଦ ସଭାପତି ଦେବକୀ ସାହୁ ଏହ ଘଟଣାର ତଦନ୍ତ କରି ଅଭିଯୁକ୍ତଙ୍କୁ ଉଚିତ୍ ଦଣ୍ଡବିଧାନ କରିବାକୁ ଦାବି କରିଥିଲେ। ପୌରାଧ୍ୟକ୍ଷା ଲିକା ସାହୁ ତାଙ୍କ ପ୍ରତିକ୍ରିୟାରେ ରାଜ୍ୟ ସରକାର ଜାଣିଶୁଣି ବିଜୁବାବୁଙ୍କ ପ୍ରତି ଏଭଳି ଅସମ୍ମାନ ପ୍ରଦର୍ଶନ କରୁଛନ୍ତି ବୋଲି ଅଭିଯୋଗ କରିଥିଲେ। ବରିଷ୍ଠ ବିଜେଡି ନେତା ଲକ୍ଷ୍ମଣ କୁମାର ମେହେର ଘଟଣାର ଉପଯୁକ୍ତ ତଦନ୍ତ କରିବାକୁ ଦାବି କରିବା ସହ ଏହି ଘଟଣାରୁ ରାଜ୍ୟ ସରକାରଙ୍କ ଓଡିଆ ଅସ୍ମିତା ପ୍ରହସନ ଜଣାପଡିଯାଉଛି ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ବିଜେଡି ମହିଳା ସଭାନେତ୍ରୀ ଦମୟନ୍ତୀ ବାଗ, କାଉନସିଲର ନନ୍ଦନୀ ପୋଢ଼, ସୁଶୀଳ ଚାନ୍ଦ, କୈଳାଶ ଚନ୍ଦ୍ର ମହାନ୍ତି, ଗୋଲାପ ବାଗ, ବିଧୁଭୂଷଣ ତ୍ରିପାଠୀ, ଚନ୍ଦ୍ରମଣି ତ୍ରିପାଠୀ, ଜୟରାମ ମିଶ୍ର, ଓଙ୍କାର ନାୟକ, ଶମ୍ଭୁ ନାଗ, ରାଜେନ୍ଦ୍ର ହୋତା, ପ୍ରଦ୍ୟୁମ୍ନ ହୋତା, ସାଗର ସଙ୍ଗମ ଶତପଥୀ, ସନ୍ତୋଷ ଦନ୍ତା, ଦିଲୀପ ବରର୍ତ୍ତି ଉପସ୍ଥିତ ଥିଲେ।


ବିଜେଡି ପକ୍ଷରୁ ଶିଶୁ ଉଦ୍ୟାନରେ ଅନୁଷ୍ଠିତ ପ୍ରତିବାଦ ସମାବେଶ ।

# ମନୋବଳ ଦୃଢ଼ କଲେ ସଫଳତା ମିଳେ


ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି ବୃନ୍ଦ।

ଲାଠୋର,୧୬।୪(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୩୪ତମ ବାର୍ଷିକ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାମନ୍ଦିର ପରିଚାଳନା ସମିତି ସଭାପତି ସନ୍ତୋଷ କୁମାର ଭଇଁଷାଲଙ୍କ ଅଧ୍ୟକ୍ଷତାରେ ବିଦ୍ୟାମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ସଭାରେ ଖପ୍ରାଖୋଲ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟଅତିଥି ଷଡଙ୍ଗୀ ତାଙ୍କ ବକ୍ତବ୍ୟରେ ନିଜକୁ ଉତ୍ତମ ଭାବେ ଗଠନ କରିବା ସହ ସଫଳତା ହାସଲ କରି ନିଜର ପରିଚୟ ସୃଷ୍ଟି କରିବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଦୋହେଲପଡ଼ା ପଲ୍ଲୀ ପ୍ରଗତି ମହାବିଦ୍ୟାଳୟ ଅଧ୍ୟକ୍ଷ ରୁଦ୍ରମାଧବ ବାରିକ ମୁଖ୍ୟବକ୍ତା ଭାବେ ଯୋଗଦେଇ ମନୋବଳ ଦୃଢ କଲେ ଆପେ ଆପେ ସଫଳତା ମିଳିଥାଏ ବୋଲି କହିବା ସହ ବିଭିନ୍ନ ଉଦାହରଣ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଖପ୍ରାଖୋଲ ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ପରିଚାଳନା ସମିତି ସମ୍ପାଦକ ରୁନୁ ମେହେର ଏବଂ ବିଦ୍ୟାମନ୍ଦିର ଅଧ୍ୟକ୍ଷ ଜଗଦୀଶ ପୁଟେଲ ଯୋଗ ଦେଇଥିଲେ। ପ୍ରଥମେ ଅତିଥିମାନଙ୍କ ଦ୍ୱାରା ଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବା ବେଳେ ସେମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଦ୍ୟାମନ୍ଦିରର କେତେଜଣ ପୂର୍ବତନ ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ଚଳିତବର୍ଷ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରମାନଙ୍କୁ ମଧ୍ୟ ଅତିଥିମାନଙ୍କ ଦ୍ୱାରା ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ପରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଶିଶୁ ବାଟିକା ବିଭାଗ ପକ୍ଷରୁ ପରିବେଷଣ କରାଯାଇଥିବା ବାଲ ନାଟିକା ଶ୍ରୀକୃଷ୍ଣ ଜନ୍ମ ମନଛୁଆଁ ହୋଇଥିଲା। ଗୁରୁଜୀ ସୁନିଲ ପୁରୋହିତ କାର୍ଯ୍ୟକ୍ରମ ପରିବେଷଣ କରିଥିବା ବେଳେ ପରିଚାଳନା ସମିତି ସଭ୍ୟା ସସ୍ମିତା ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। ଗୁରୁମା, ଗୁରୁଜୀ ଉପସ୍ଥିତ ରହି ସହଯୋଗ କରିଥିଲେ।

# ଡ.ଆମ୍ବେଡକରଙ୍କ ଜୟନ୍ତୀ ପାଳିତ


ଆମ୍ବେଡକର ଜୟନ୍ତୀ ପାଳନ ଅବସରରେ ମଞ୍ଚାସୀନ ଅତିଥବୃନ୍ଦ।

କଣ୍ଟାବାଞ୍ଜି,୧୬।୪(ଗୁରୁଦୟାଲ ହଂସ)

କଣ୍ଟାବାଞ୍ଜି ଥାନା ଖୁଟୁଲୁମୁଣ୍ଡା ଗାଁରେ ମଙ୍ଗଳବାର ସନ୍ଧ୍ୟାରେ ସମ୍ବିଧାନ ପ୍ରଣେତା ଡ.ବି.ଆର.ଆମ୍ବେଡକରଙ୍କ ୧୩୫ତମ ଜୟନ୍ତୀ ଖୁଟୁଲୁମୁଣ୍ଡା ସାଇଭାଇ ସୋସିଆଲ ୱାର୍କର ଅନୁଷ୍ଠାନ ଦ୍ୱାରା ପାଳିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠାନର ପ୍ରତିଷ୍ଠାତା ରାଜେନ୍ଦ୍ର ଦୀପଙ୍କ ସଭାପତିତ୍ୱରେ ଏକ ସଭା ହୋଇଥିଲା। ମୁଖ୍ୟଅତିଥି ଭାବେ ବିଧାୟକ ଲକ୍ଷ୍ମଣ ବାଗ, ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ଆୟୁବ ଖାନ, ଆଦିବାସୀ ନେତା ଗିରିରାଜ ସିଂ ମାଝି, କଣ୍ଟାବାଞ୍ଜି ଏନଏସି ନଗରପାଳ ବରିୟାମ ସିଂ ସାଲୁଜା, ପୂର୍ବତନ ଜିଲା ପରିଷଦ ସଭ୍ୟା ତଥା ନାରୀନେତ୍ରୀ ନିରୁପମା ମାଝି ଯୋଗଦେଇ ବକ୍ତବ୍ୟ ରଖିଥିଲେ। କଣ୍ଟାବାଞ୍ଜି ଅଞ୍ଚଳର ସାମାଜିକ କର୍ମୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ କଳାକାର ପ୍ରାଚୀ ପାଣିଗ୍ରାହୀ ଓ ବିଭିନ୍ନ ଅନୁଷ୍ଠାନ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ଦେଓଗାଁ ବ୍ଲକ: ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ସମୀକ୍ଷା ବୈଠକ

ଦେଓଗାଁ,୧୬।୪(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ଦେଓଗାଁ ବ୍ଲକ କାର୍ଯ୍ୟାଳୟ ପରିସରରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାର ସମୀକ୍ଷା ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଡିଓ ପ୍ରିୟ ରଞ୍ଜନ କୁମାର ସଭାପତିତ୍ୱ କରିଥିଲେ। ଉକ୍ତ ଯୋଜନାର ଜିଲା ସମୀକ୍ଷା ଅଧିକାରୀ ଅମିତାପ ସାହୁ, ବ୍ଲକ ସଂଯୋଜକ ରତିକାନ୍ତ ପଧାନ, ଏବିଡିଓ ପୁଷ୍ପାଞ୍ଜଳୀ ନାଏକ, ସହକାରୀ ଯନ୍ତ୍ରୀ ପ୍ରଜ୍ଞା ପରମିତା ସାବତ, ଏପିଓ ସୁଧାଂଶୁ ମେହେରଙ୍କ ସମେତ ସମସ୍ତ ଜେ.ଇ, ଇଓ ଏବଂ ଅନ୍ୟ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ । ସମୀକ୍ଷା ବୈଠକରେ ୫୬୧ ପରିବାରକୁ ୧୦୦ ଦିନର କାମ ଯୋଗାଇ ଦିଆଯାଇଥିବା ଏପିଓ ସୁଧାଂଶୁ ମେହେର ସୂଚନା ଦେଇଥିଲେ । ବ୍ଲକରେ ୨୩୫୩୫ ଜବକାର୍ଡ ହିତାଧିକାରୀ ଥିବାବେଳେ ୨୦୯୫୩ ଶ୍ରମିକ ୧୯୬୦୮ ପ୍ରକଳ୍ପରେ କାମ କରୁଥିବା ସୂଚନା ଦେଇଥିଲେ। ଏଥିମଧ୍ୟରୁ ୧୭୨୪୫ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଥିବା ସେ କହିଥିଲେ। କିନ୍ତୁ ଉକ୍ତ ଯୋଜନାରେ କାମ କରି ମାସ ମାସ ଧରି ପାଉଣା ପାଉ ନ ଥିବା ସମୀକ୍ଷା ବୈଠକରେ ଉପସ୍ଥିତ ଥିବା ଶ୍ରମିକମାନେ ଅଭିଯୋଗ କରିଥିଲେ। ଯଦି କାମ କରିବାର ଗୋଟିଏ ସପ୍ତାହ ଭିତରେ ପାଉଣା ନ ମିଳେ ତେବେ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯିବୁ ବୋଲି ଶ୍ରମିକମାନେ ରୋକଠୋକ ଶୁଣାଇଥିଲେ।

# ସମ୍ବଲପୁର-ରାୟଗଡା ତପସ୍ୱିନୀ ଏକ୍ସପ୍ରେସ ରହଣି ପାଇଁ ଶୁଭାରମ୍ଭ

ଦେଓଗାଁ,୧୬।୪(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ରୋଡ ରେଲୱେ ଷ୍ଟେଶନରେ ସମ୍ବଲପୁର-ରାୟଗଡା ତପସ୍ୱିନୀ ଏକ୍ସପ୍ରେସ ରହଣି ପାଇଁ ବୁଧବାର ଶୁଭାରମ୍ଭ ହୋଇଛି। ଡିଆରଏମ ପିପୁଲ ମାଲୱାଙ୍କ ସଭାପତିତ୍ୱରେ ଓ ଏଡିଆରଏମ ଗାରିମା ତିୱାରିଙ୍କ ପରିଚାଳନାରେ ଉଦ୍‌ଘାଟନୀ ଉତ୍ସବ ହୋଇଥିଲା । ମୁଖ୍ୟଅତିଥି ଭାବେ ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ ଓ ସମ୍ମାନିତ ଅତିଥି ଭାବେ ରାଜ୍ୟସଭା ସଦସ୍ୟ ନିରଞ୍ଜନ ବିଶି ଯୋଗଦେଇ ଏକ୍ସପ୍ରେସ ରହଣି ପାଇଁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ପରିପେକ୍ଷୀରେ ଏମ୍‌ପି ସିଂଦେଓ ଭାରତୀୟ ରେଳ ବିଭାଗ ପୂର୍ବତଟ ରେଳ ଷ୍ଟେଶନଗୁଡିକର ଉନ୍ନତି ପାଇଁ ଅମୃତ ଭାରତ ଯୋଜନାରେ ବଲାଙ୍ଗୀର ଷ୍ଟେଶନ ପାଇଁ ୨୦ କୋଟି ୧୨ ଲକ୍ଷ, ଟିଟିଲାଗଡ ଷ୍ଟେଶନ ପାଇଁ ୨୭ କୋଟି ୬୩ ଲକ୍ଷ, କଣ୍ଟାବାଞ୍ଜି ରେଳଷ୍ଟେଶନ ପାଇଁ ୩୮ କୋଟି, ହରିଶଙ୍କର ଷ୍ଟେଶନ ପାଇଁ ୨୦ କୋଟି ୪୮ ଲକ୍ଷ ଟଙ୍କା ଦିଆଯାଇଥିବା ବେଳେ ୧୫ ଅକ୍ଟୋବର ସୁଦ୍ଧା ସମସ୍ତ ପ୍ରକଳ୍ପର କାର୍ଯ୍ୟ ସମ୍ପୂର୍ଣ୍ଣ ହେବ ବୋଲି ସୂଚନା ଦେଇଥିଲେ। ଦେଓଗାଁରେ ସମ୍ବଲପୁର-ରାୟଗଡା ତପସ୍ୱିନୀ ଏକ୍ସପ୍ରେସ ରହଣି ପାଇଁ ପ୍ରାରମ୍ଭିକ ଭାବେ ତିନି ମାସ ସମୟ ଦିଆଯାଇଛି । ଷ୍ଟେଶନର ଟିକେଟ ବିକ୍ରୟ ଆୟକୁ ନେଇ ସମୀକ୍ଷା ହୋଇ ପୁଣି ତିନିମାସ ପରେ ପଦକ୍ଷେପ ନିଆଯିବ ବୋଲି ଡିଆରଏମ୍ ସୂଚନା ଦେଇଥିଲେ। ଏହାଛଡା କଣ୍ଟାବାଞ୍ଜିଠାରେ ୫୦୦ କୋଟି ଟଙ୍କା ବ୍ୟୟ ଅଟକଳରେ ଏକ ୱାଗନ ମରାମତି କାରଖାନା ପ୍ରତିଷ୍ଠା ଦିଗରେ ଉଦ୍ୟମ ଜାରି ରହିଛି ବୋଲି ସେ କହିଥିଲେ।



ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥି।

# କୁଶମେଲରେ ପାଣି ପାଇଁ ହାହାକାର ପରିସ୍ଥିତି

ଲୋଇସିଂହା,୧୬।୪(ସୁଶାନ୍ତ ବାରିକ)

**୨ ବର୍ଷ ହେଲା ସରୁନି ପ୍ରକଳ୍ପ କାମ**

ଗ୍ରୀଷ୍ମ ପ୍ରବାହ ବୃଦ୍ଧି ସାଙ୍ଗକୁ ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ କୁଶମେଲ ଗ୍ରାମରେ ପାନୀୟ ଜଳ ସମସ୍ୟା ଉତ୍କଟ ରୂପ ଧାରଣ କରିଛି। ପ୍ରାୟ ୧୦ ଦିନରୁ ଊର୍ଦ୍ଧ୍ୱ ହେଲା ଗାଁରେ ପାଣି ପାଇଁ ହାହାକାର ପରିସ୍ଥିତି ସୃଷ୍ଟି ହୋଇଛି।

ଅପରପକ୍ଷେ ଗତ ୨ ବର୍ଷ ହେଲା କୁଶମେଲ ଗ୍ରାମରେ ନିର୍ମାଣାଧୀନ ପାନୀୟ ଜଳ ପ୍ରକଳ୍ପ କାମ ସରିନାହିଁ। ପ୍ରଶାସନର ସ୍ଥାଣୁତା ପ୍ରତିବାଦରେ ଗୁରୁବାର ପାନୀୟ ଜଳ ଯୋଗାଣ ଦାବିରେ ପଞ୍ଚାୟତ କାର୍ଯ୍ୟାଳୟ ଘେରିବାକୁ ଗ୍ରାମବାସୀ ଚେତାବନୀ ଦେଇଛନ୍ତି। କୁଶମେଲ ପଞ୍ଚାୟତର ମୁଖ୍ୟାଳୟ ଗାଁ। ୭ ୱାର୍ଡ ବିଶିଷ୍ଟ ଗାଁର ଜନସଂଖ୍ୟା ପ୍ରାୟ ୪ ହଜାର ପାଖାପାଖି। ଗାଁ ନିକଟ ଦେଇ ସୁକତେଲ ନଦୀ ବହିଯାଇଛି। ପୂର୍ବରୁ ନଦୀରୁ ଜଳ ଯୋଗାଣ ହେଉଥିବା ପ୍ରକଳ୍ପ ଅକାମି ହୋଇପଡ଼ିଥିଲା। ନୂତନ ପ୍ରକଳ୍ପ ଜରିଆରେ ଗାଁକୁ ଜଳ ଯୋଗାଣ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏଥିପାଇଁ ଓଭର ହେଡ ଟାଙ୍କି ଓ ବସ୍ତିରେ ଷ୍ଟାଣ୍ଡ ପୋଷ୍ଟ ବସାଯାଇଛି। ପ୍ରକଳ୍ପ କାମକୁ ୨ ବର୍ଷ ବିତିଯାଇଥିଲେ ସୁଦ୍ଧା ବସ୍ତିର କେତେକ ଅଞ୍ଚଳରେ ଅଦ୍ୟାବଧି ଷ୍ଟାଣ୍ଡ ପୋଷ୍ଟ ନିର୍ମାଣ ହୋଇ ପାରିନାହିଁ। ପ୍ରକଳ୍ପ ପାଇଁ ନଦୀରେ ହେଉଥିବା କାମ ମଧ୍ୟ ଅଧୁରା କରି ଠିକାଦାର ଚମ୍ପଟ ମାରିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବିଗତ ୩ ବର୍ଷ ହେଲା ଗାଁରେ ପାନୀୟଜଳ ସମସ୍ୟା ଲାଗି ରହିଛି। ନୂତନ ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ସମସ୍ୟା ଦୂର ହେବ ବୋଲି ଲୋକେ ଆଶା କରିଥିଲେ। ହେଲେ ପଞ୍ଚାୟତ କର୍ତ୍ତୃପକ୍ଷ ଓ ବିଭାଗୀୟ ଅବହେଳା ଯୋଗୁ ପ୍ରକଳ୍ପ କାମ ମନ୍ଥର ଗତିରେ ଚାଲିଛି । ଫଳରେ ଜନସାଧାରଣଙ୍କୁ ସମସ୍ୟା ଭୋଗିବାକୁ ପଡୁଥିବା ଅଭିଯୋଗ ହୋଇଛି। ଉକ୍ତ ଗ୍ରାମର ଉପେନ୍ଦ୍ର ବିଶ୍ୱାଳ କହିଛନ୍ତି, ଦୁଇସପ୍ତାହ ହେଲା ଗାଁରେ ପାଣି ସମସ୍ୟା ଲାଗି ରହିଛି। ଢୁଡ଼ା (ଚହଲା)ରୁ ପାଣି ସଂଗ୍ରହ କରୁଥିବା ସେ କହିଛନ୍ତି। ସେହିପରି ହିତାଂଶୁ ପଧାନ କହିଛନ୍ତି, ଗାଁରେ ପାଣି ପାଇଁ ହାହାକାର ପରିସ୍ଥିତି ଦେଖାଦେଇଛି। ୨ରୁ ୩ କିମି ଖେତବାହାଲର ଉଠା ଜଳସେଚନ ପ୍ରକଳ୍ପକୁ ଯାଇ ଲୋକେ ପାଣି ଆଣୁଛନ୍ତି। ଏମପି, ବିଧାୟକଙ୍କ ଦେଖା ନାହିଁ। ସ୍ଥାନୀୟ ସରପଞ୍ଚଙ୍କୁ ଜଣାଇଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବା ସେ କ୍ଷୋଭର ସହ ପ୍ରକାଶ କରିଛନ୍ତି। ଟଙ୍କଧର ପଧାନ କହିଛନ୍ତି, ଗତ ଜାନୁୟାରୀ ମାସରୁ ଅଦ୍ୟାବଧି ପଞ୍ଚାୟତ ପକ୍ଷରୁ ବିଭିନ୍ନ ଉନ୍ନୟମୂଳକ କାମ ପାଇଁ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହୋଇଛି। ପାଣି ସମସ୍ୟା ଥାଇ ସୁଦ୍ଧା ଏ ଦିଗରେ ପଦକ୍ଷେପ ନ ନେବା ପରିତାପର ବିଷୟ ବୋଲି ସେ କହିଛନ୍ତି। ସରପଞ୍ଚ କସ୍ତୁବ ସାହୁ ପାନୀୟ ଜଳ ସମସ୍ୟାକୁ ସ୍ୱୀକାର କରିଛନ୍ତି। ପ୍ରକଳ୍ପ ବିଳମ୍ବକୁ ନେଇ ବ୍ଲକ ପ୍ରଶାସନ ଉପରେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ନଦୀରେ ପାଣି ସଙ୍କଟ ଯୋଗୁ ଏପରି ସମସ୍ୟା ସୃଷ୍ଟି ହୋଇଛି। ପଞ୍ଚାୟତ ପକ୍ଷରୁ ପ୍ରତିକାର ପାଇଁ ପଦକ୍ଷେପ ନିଆଯାଉଛି। ୨ଟି ଟ୍ୟାଙ୍କର ଯୋଗେ ପାଣି ବଣ୍ଟନ କରାଯାଉଛି। ମୁକାବିଲା ପାଇଁ ବୁଧବାର ଠାରୁ ଆହୁରି ୨ ଟ୍ୟାଙ୍କର ଅଣାଯାଇଛି। କେବଳ କୁଶମେଲ ନୁହେଁ ପଞ୍ଚାୟତ ର ୧୦ ଗାଁରେ ଏପରି ସ୍ଥିତି ଲାଗିରହିଛି। ସେହିସବୁ ଗାଁରେ ମଧ୍ୟ ଟ୍ୟାଙ୍କର ଯୋଗେ ଜଳଯୋଗାଣ ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି ।


ଓଭର ହେଡ ଟାଙ୍କି।

**ସଂକ୍ଷେପରେ**

## ବଙ୍ଗାଳୀ ସମ୍ପ୍ରଦାୟ ପାଳିଲେ ପୋଇଲା ବୈଶାଖ

**ରାଉରକେଲା,୧୬।୪(ସଙ୍ଗୀତା ଜେନା):** ରାଉରକେଲାସ୍ଥିତ ରେଳବାଇ କଲୋନୀଠାରେ ମଙ୍ଗଳବାର ବଙ୍ଗାଳୀ ସମ୍ପ୍ରଦାୟର ନବବର୍ଷ ବା ପୋଇଲା ବୈଶାଖ ଉତ୍ସାହର ସହ ପାଳନ କରାଯାଇଛି। ଏହି ଅବସରରେ ରେଳବାଇ ଇନ୍ଷ୍ଟିଚ୍ୟୁଟ୍‌ରେ ଏକ ବନ୍ଧୁମିଳନ ହୋଇଥିଲା। ତିତଲି ଫାଉଣ୍ଡେଶନ ନିର୍ଦ୍ଦେଶକ ପଲ୍ଲବ ଚାଟାର୍ଜୀ ମୁଖ୍ୟ ଅତିଥି, ରାଉରକେଲା ଆର୍‌ପିଏଫ୍ ଇନ୍ସପେକ୍ଟର କମଲେଶ ସମାଦଦାର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଜୀବନଚକ୍ରକୁ ଏକ ନୂତନ ପରିମାଣରେ ଦେବା ହେଉଛି ବୈଶାଖ ପାଳନର ତାତ୍ପର୍ଯ୍ୟ ବୋଲି ଅତିଥିମାନେ କହିଥିଲେ। ପରେ କୁନି କୁନି କଳାକାରଙ୍କ ଦ୍ୱାରା ନୃତ୍ୟ ଗୀତ ପରିବେଷଣ କରାଯାଇଥିଲା। ଆୟୋଜକ କମିଟିର ଅଧକ୍ଷ ପ୍ରଦୀପ ମଣ୍ଡଳ, ଉପାଧକ୍ଷ ପ୍ରଦୀପ ପାଲ, ସଚିବ ବରୁଣ ଜେନା, ତପନ ସାହା, ମୁଖ୍ୟ ଉପଦେଷ୍ଟା ରତନ ପଣ୍ଡା, ମାନସ ଚୌଧୁରୀ, ରୀନା ଶତପଥୀ, ସିବାଲ ଘୋଷାଲ ପ୍ରମୁଖ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ମହିଳାମାନେ ।




ରନ୍ଧନ ଗ୍ୟାସ୍ ଦର ବୃଦ୍ଧି ପ୍ରତିବାଦରେ ବୁଧବାର ରାଉରକେଲା ବିଶ୍ରା ଛକରେ ସିପିଆଇଏମ୍ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ବିଶ୍ରା ଛକରେ ବିକ୍ଷୋଭ ପ୍ରଦର୍ଶନ

**ରାଉରକେଲା,୧୬।୪(ସଙ୍ଗୀତା ଜେନା)**

**ରନ୍ଧନ ଗ୍ୟାସ ଦରବୃଦ୍ଧିକୁ ବିରୋଧ**

କେନ୍ଦ୍ର ସରକାର ନିକଟରେ ରନ୍ଧନ ଗ୍ୟାସ ସିଲିଣ୍ଡର ପିଛା ୫୦ ଟଙ୍କା ବୃଦ୍ଧି କରିଛନ୍ତି। ଫଳରେ ସବ୍‌ସିଡ ଭୁକ୍ତ ସିଲିଣ୍ଡର ଦର ୯୧୨ ଟଙ୍କାରେ ପହଞ୍ଚିଛି। ମୋଦୀ ସରକାରଙ୍କ ଏପରି ନିଷ୍ପତ୍ତି ସମ୍ପୂର୍ଣ୍ଣ ଜନବିରୋଧୀ ଅଭିଯୋଗ କରି ସିପିଆଇଏମ୍ ରାଉରକେଲା ଆଞ୍ଚଳିକ କମିଟି ପକ୍ଷରୁ ବୁଧବାର ଅପରାହ୍ନ ୫ଟାରେ ସ୍ଥାନୀୟ ବିଶ୍ରା ଛକରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ତୁରନ୍ତ କେନ୍ଦ୍ର ସରକାର ଏହାକୁ ପ୍ରତ୍ୟାହାର କରିନେବାକୁ ଦଳ ପକ୍ଷରୁ ଦାବି କରାଯାଇଛି। ସିପିଆଇଏମ୍ କେନ୍ଦ୍ର କମିଟି ଡାକରାରେ ରାଉରକେଲା ଆଞ୍ଚଳିକ କମିଟି ପକ୍ଷରୁ ସମ୍ପାଦକ ରାଜକିଶୋର ପ୍ରଧାନଙ୍କ ସଭାପତିତ୍ୱରେ ବିକ୍ଷୋଭ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଜିଲା ସମ୍ପାଦକ ମଣ୍ଡଳୀ ସଦସ୍ୟ ବିମାନ ମାଇତି, ଶ୍ରୀମନ୍ତ ବେହେରା, ଜିଲା କମିଟି ସଦସ୍ୟ ବି. ପି. ମହାପାତ୍ର, ଆଞ୍ଚଳିକ ସମ୍ପାଦକ ମଣ୍ଡଳୀ ସଦସ୍ୟ ଅଜୟ ଶର୍ମା, ଯଯାତି କେଶରୀ ସାହୁ, ଚନ୍ଦ୍ରଭାନୁ ଦାସ, ବିଶ୍ୱଜିତ ମାଝୀ, ଆଞ୍ଚଳିକ କମିଟି ସଦସ୍ୟ ଏନ୍. ଏନ୍. ପାଣିଗ୍ରାହୀ, ପ୍ରଭାତ ମହାନ୍ତି, ଅରୁଣ ମହାରଣା ପ୍ରମୁଖ ବକ୍ତବ୍ୟ ରଖି କେନ୍ଦ୍ର ମୋଦୀ ସରକାରଙ୍କ ଜନବିରୋଧୀ ନୀତିକୁ ତୀବ୍ର ସମାଲୋଚନା କରିଥିଲେ। ବିକ୍ଷୋଭ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବସନ୍ତ ପାଢ଼ୀ, ସାଗର ଛୋଟରାୟ, ସଚିନ୍ ରାୟ, ଏନ୍. କେ. ରାଉତରାୟ, ବଛିରାମ ବେହେରା, ଅନୀତା ନାୟକ, ବୁବୁନ ମାଇତି, ପ୍ରମୋଦ ପରିଡ଼ା, ଅଜିତ ରାୟ, ସୁରେନ୍ଦ୍ର ବେହେରା, ଗୋବିନ୍ଦ ବାରିକ, ବାବୁଲା ଆପଟ, ରଞ୍ଜନ ମହାପାତ୍ର, ଜନ୍ମେଜୟ ଘୋଷ, ଅମରେଶ ରାୟ, ତଲତ ମେହେମୁଦ, ଚୈତନ୍ୟ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ସର୍ବସାଧାରଣ ଶୌଚାଳୟରେ ସେବା ଦେୟ ଅସୁଲ ଅଭିଯୋଗ

**ରାଉରକେଲା,୧୬।୪(ବିପ୍ଳବ ରଞ୍ଜନ ଦାଶ)**

**ସରକାରଙ୍କ ନିର୍ଦ୍ଦେଶକୁ ଅମାନ୍ୟ**

ରାଉରକେଲା ମହାନଗର ନିଗମ ବେଦବ୍ୟାସ ମୁଖ୍ୟଛକ ସର୍ବସାଧାରଣ ଶୌଚାଳୟରେ ଲୋକମାନଙ୍କଠାରୁ ସେବାଦେୟ ଆଦାୟ କରାଯାଉଥିବା ବେଦବ୍ୟାସ ଅଞ୍ଚଳର ରବି ପ୍ରଧାନ, କିଶୋର ସାହୁ ପ୍ରମୁଖ ଅଭିଯୋଗ କରିଛନ୍ତି। ରାଉରକେଲା ସହରରେ ମୋଟ ୧୧୫ଟି ଶୌଚାଳୟ ରହିଥିବା ବେଳେ ୬୫ଟି କମ୍ୟୁନିଟି ଶୌଚାଳୟ ଓ ୫୦ଟି ସାଧାରଣ ଶୌଚାଳୟ ରହିଛି। ୨୦୨୪ ମାର୍ଚ୍ଚ ୧ତାରିଖଠାରୁ ସମୁଦାୟ ଶୌଚାଳୟ ସେବା ଦେୟ କୋହଳ ହୋଇଛି। ଏହାସତ୍ତ୍ୱେ ବେଦବ୍ୟାସ ଶୌଚାଳୟରେ ସ୍ନାନ ପାଇଁ ୧୦ ଓ ପରିଶ୍ରା ପାଇଁ ୫ଟଙ୍କା ଲେଖାଏ ଲୋକଙ୍କଠାରୁ ସଂଗ୍ରହ କରାଯାଉଛି। ଏ ନେଇ ଆର୍‌ଏମ୍‌ସି ଯୁଗ୍ମ ଉପାୟୁକ୍ତ ପଲ୍ଲବୀ ନାୟକଙ୍କୁ ପଚାରିବାରୁ ସେ କହିଲେ, ସହରର ୧୧୫ ଶୌଚାଳୟରେ ଦେୟମୁକ୍ତ ସେବା ପ୍ରଦାନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ସମସ୍ତ ସ୍ଥାନରେ ଜନସଚେତନା ପାଇଁ ଦେୟମୁକ୍ତ ଶୌଚାଳୟ ପାଇଁ ଆବଶ୍ୟକ ବିଜ୍ଞାପନ ହୋର୍ଡିଂ ଲଗାଯାଇଛି। ଏହାସତ୍ତ୍ୱେ ଯଦି ଶୌଚାଳୟମାନଙ୍କରେ ଲୋକଙ୍କ ପାଖରୁ ଦେୟ ଅସୁଲ ହେଉଛି ତେବେ ଏହା ଉପରେ ଆଗକୁ ଆର୍‌ଡିଏକୁ ଅବଗତ କରାଯିବା ସହିତ ବିହିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ନାୟକ କହିଥିଲେ।

## ମୁଣ୍ଡବିନ୍ଧା ସାଜିଛି ବିପର୍ଯ୍ୟସ୍ତ ରାସ୍ତା



କୌଶଲ୍ୟା ବିହାରର ବିପର୍ଯ୍ୟସ୍ତ ରାସ୍ତା ।

**ରାଉରକେଲା,୧୬।୪(ବିପ୍ଳବ ରଞ୍ଜନ ଦାଶ)**

**କୌଶଲ୍ୟା ବିହାର ବସ୍ତି**

ରାଉରକେଲା ୪ ନଂ. ୱାର୍ଡ ଛେଣ୍ଡରେ ରହିଛି କୌଶଲ୍ୟା ବିହାର ବସ୍ତି। ବସ୍ତିର ଜନସଂଖ୍ୟା ୫ଶହରୁ ଊର୍ଦ୍ଧ୍ୱ। ମାତ୍ର ବସ୍ତିରେ ଏପର୍ଯ୍ୟନ୍ତ ସେଭଳି ବିକାଶ ହୋଇପାରି ନ ଥିବା ବସ୍ତି ବାସିନ୍ଦା ଅଭିଯୋଗ କରିଛନ୍ତି। ବସ୍ତିର ମଳୟ ଆଚାର୍ଯ୍ୟ ଅଭିଯୋଗ କରି କହିଛନ୍ତି, ସହରର ଚାରିଆଡେ ସ୍ୱରେଜ ସିଷ୍ଟମ ମାଧ୍ୟମରେ ପରିତ୍ୟକ୍ତ ଅଳିଆ ଓ ପ୍ରଦୂଷିତ ପାଣି ନିଷ୍କାସନ ବ୍ୟବସ୍ଥା ଥିବାବେଳେ ବସ୍ତିରେ ଏଯାଏ ସ୍ୱେରେଜ ସିଷ୍ଟମ ବ୍ୟବସ୍ଥା ହୋଇପାରିନାହିଁ। ବସ୍ତିର ରାସ୍ତା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡିଛି। ଦୀର୍ଘବର୍ଷ ହେଲା ରାସ୍ତା ମରାମତି ହେଉନାହିଁ। ଏ ନେଇ ବସ୍ତି ବାସିନ୍ଦା ବାରମ୍ବାର ଆର୍‌ଏମ୍‌ସିରେ ଅଭିଯୋଗ କରିଥିଲେ ମଧ ଆର୍‌ଏମ୍‌ସି ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଉନାହିଁ। ବର୍ଷା ହେଲେ ରାସ୍ତାଟି ପାଣିରେ ଉବୁଟୁବୁ ହେଉଥିବା ବେଳେ ଯାତାୟାତ ସମ୍ପୂର୍ଣ୍ଣ ଠପ୍ ହୋଇଯାଉଛି। ତୁରନ୍ତ ସ୍ୱେରେଜ ସିଷ୍ଟମ ଏବଂ ରାସ୍ତା ନିର୍ମାଣ ନ ହେଲେ ଆଗକୁ ବସ୍ତି ବାସିନ୍ଦା ଆର୍‌ଏସ୍‌ମି ଅଫିସ ଆଗରେ ଧାରଣା ଦେବାକୁ ବାଧ ହେବେ ବୋଲି ବସ୍ତିର ଅନ୍ତର୍ଯାମୀ ଓଝା, ଅଜିତ ନନ୍ଦ, ସୁଜିତ ତ୍ରିପାଠୀ, ନମିତା ଆଚାର୍ଯ୍ୟ, ପ୍ରଣତି ନନ୍ଦ, ରୋଜାଲିନ ରାଉତ, ଦେବୀ ରଥ ପ୍ରମୁଖ ଚେତାବନୀ ଦେଇଛନ୍ତି। ଏ ନେଇ ଆର୍‌ଏସ୍‌ମି କମିଶନର ଆଶୁତୋଷ କୁଲକର୍ଣ୍ଣୀଙ୍କୁ ପଚାରିବାରୁ ସେ ତୁରନ୍ତ ବିଭାଗୀୟ ଅଧିକାରୀଙ୍କୁ କୌଶଲ୍ୟା ବିହାର ବସ୍ତି ରାସ୍ତା ଓ ସ୍ୱେରେଜ ପାଇଁ ଏଷ୍ଟିମେଟ ପ୍ରସ୍ତୁତ କରି ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

## ୨୫ରେ ପାଳନ ହେବ ଆମ୍‌କୋ-ସିମ୍‌କୋ ଶହୀଦ ସ୍ମୃତି ଦିବସ

**ରାଉରକେଲା,୧୬।୪(ବିପ୍ଳବ ରଞ୍ଜନ ଦାଶ)**

**ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି**

ଆମ୍‌କୋ-ସିମ୍‌କୋ ଶହୀଦ ଦିବସ ପାଳନ ପରିପ୍ରେକ୍ଷୀରେ ବୁଧବାର ପାନପୋଷ ଉପଜିଲାପାଳ ତଥା ଆମ୍‌କୋ-ସିମ୍‌କୋ ଶହୀଦ ସ୍ମୃତି କମିଟି ଅଧକ୍ଷ ବିଜୟ କୁମାର ନାୟକଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ କମିଟିର ସମ୍ପାଦକ ପ୍ରସନ୍ନ କୁମାର ତ୍ରିପାଠୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବୈଠକରେ ଅଧକ୍ଷ ନାୟକ ଏପ୍ରିଲ ୨୫ ତାରିଖରେ ପାଳନ ହେବାକୁ ଥିବା ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଉପରେ ବିସ୍ତୃତ ସୂଚନା ଦେଇଥିଲେ। ଏପ୍ରିଲ ୨୫ ତାରିଖ ସକାଳ ୮ଟାରେ ବ୍ରାହ୍ମଣମରାର ଶହୀଦ ସମାଧିସ୍ଥଳ ଏବଂ ସକାଳ ୯ଟାରେ ଆମ୍‌କେ-ସିମ୍‌କୋ ସ୍ମୃତିପୀଠରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯିବ ବୋଲି ସୂଚନା ଦିଆଯାଇଥିଲା। ଶହୀଦ ସ୍ମାରକୀ କମିଟି ଉପାଧକ୍ଷ ପ୍ରଫେସର ବିଜୟ କୁମାର ଟପ୍ପୋ ଆମ୍‌କୋ-ସିମ୍‌କୋର ଦୀର୍ଘ ୫୦ବର୍ଷର ଇତିହାସ ଉପରେ ଅବଗତ କରିବା ସହ ଉକ୍ତ ପର୍ଯ୍ୟଟନସ୍ଥଳୀରେ ଜାଲିଆନାୱାଲାବାଗ ଡାଞ୍ଚାରେ ନିର୍ମାଣ ଆରମ୍ଭ ହୋଇଥିବା ଶହୀଦ ସ୍ମୃତିସ୍ତମ୍ଭକୁ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିବା କାର୍ଯ୍ୟକ୍ରମ ସ୍ଥିର ହୋଇଛି ବୋଲି କହିଥିଲେ। ସେହିଭଳି ବେଦବ୍ୟାସଠାରେ ସ୍ୱାଧୀନତା ସଂଗ୍ରାମୀ ନିର୍ମଳ ମୁଣ୍ଡାଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଲାଗି ମହାନଗର ନିଗମ ଦ୍ୱାରା ଟେଣ୍ଡର ପ୍ରକ୍ରିୟା ଶେଷ ହୋଇଥିଲେ ମଧ କାର୍ଯ୍ୟ ଆରମ୍ଭ ହୋଇ ନ ଥିବାରୁ ତୁରନ୍ତ କାର୍ଯ୍ୟାରମ୍ଭ କରିବାକୁ ମହାନଗର ନିଗମ ଆୟୁକ୍ତଙ୍କୁ ଅନୁରୋଧ କରାଯାଇଥିଲା। ଆମ୍‌କୋ-ସିମ୍‌କୋ ଓ ନିର୍ମଳ ମୁଣ୍ଡାଙ୍କ ପ୍ରତିମୂର୍ତ୍ତି ଏକାସାଙ୍ଗରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଆଗାମୀ ମେ ମାସରେ ଉଦ୍‌ଘାଟନ କରାଯିବା ପାଇଁ ସ୍ଥିର ହୋଇଥିଲା। ସେହିପରି ରାଏବଗା ଛକରେ ନିର୍ମିତ ଆମ୍‌କୋ-ସିମ୍‌କୋ ଗେଟ୍‌କୁ ନୂତନ ଭାବେ ନିର୍ମାଣ ଏବଂ ରାଉରକେଲାରୁ ଆମ୍‌କୋ-ସିମ୍‌କୋ ଯିବା ପାଇଁ ମୋ ବସ୍ ସେବା ଯୋଗାଇ ଦେବାକୁ ଉପଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଗଲା। ବିରମିତ୍ରପୁର ସ୍ଥିତ ବ୍ରାହ୍ମଣମରା ସ୍ମୃତିସ୍ଥଳୀର ରକ୍ଷଣାବେକ୍ଷଣ ସହ ସେଠାକୁ ଯିବା ପାଇଁ ଏକ ପକ୍କା ରାସ୍ତା ଏବଂ ସେଠାକାର ଉନ୍ନତୀକରଣ ପାଇଁ ଜିଲା ପ୍ରଶାସନ ଆବଶ୍ୟକ ପଦକ୍ଷେପ ନେବାକୁ ଅନୁରୋଧ କରାଗଲା। ଆଇଟିଡିଏ ପିଏ ବିକ୍ରାନିକିସପଟ୍ଟା, ବିରମିତ୍ରପୁର ପୌରନିର୍ବାହୀ ଅଧିକାରୀ ୟାସେର ଅହମ୍ମଦ, ବିରମିତ୍ରପୁର ଅତିରିକ୍ତ ତହସିଲଦାର ଜ୍ୟୋତିରଞ୍ଜନ ବାଗ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୀମା ଫତିମା ଏକ୍କା, ଆଇଟିଡିଏ କନିଷ୍ଠ ଯନ୍ତ୍ରୀ ସୁରେଶ ପଟ୍ଟନାୟକ, ବରିଷ୍ଠ ସଦସ୍ୟ ଫ୍ଲାବିଆନୁସ ଏକ୍କା ପ୍ରମୁଖ ଉପସ୍ଥିତ ଥିଲେ।



ପ୍ରସ୍ତୁତି ବୈଠକରେ ଉପସ୍ଥିତ ବିଭାଗୀୟ ଅଧିକାରୀ।



ବୁଝାମଣାପତ୍ର ସ୍ୱାକ୍ଷର ସମୟରେ ଉପସ୍ଥିତ ଆର୍‌ଏସ୍‌ପି ଓ ଆଇଓସିଏଲ୍ ଅଧିକାରୀ।

## ସେଲ୍ ଖଣିକୁ ବିସ୍ଫୋରକ ଯୋଗାଣ ପାଇଁ ବୁଝାମଣାପତ୍ର ସ୍ୱାକ୍ଷର

**ରାଉରକେଲା,୧୬।୪(ବିପ୍ଳବ ରଞ୍ଜନ ଦାଶ)**

ସେଲ୍ ଖଣିଗୁଡିକୁ ବିସ୍ଫୋରକ ଯୋଗାଣ ପାଇଁ ଆର୍‌ଏସ୍‌ପି ଗତ ୧୧ ତାରିଖରେ ଇଣ୍ଡିଆନ ଅଏଲ କର୍ପୋରେଶନ ଲିମିଟେଡ (ଆଇଓସିଏଲ) ସହିତ ଏକ ସହଯୋଗ ଭିତ୍ତିକ ବୁଝାମଣାପତ୍ର ସ୍ୱାକ୍ଷର କରିଛି। ଏହି ବୁଝାମଣାପତ୍ର ଆରଏସ୍‌ପି ସାମଗ୍ରୀ ପରିଚାଳନା ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଅନିଲ କୁମାର ଓ ଖଣି ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏମ୍. ପି ସିଂହଙ୍କ ଉପସ୍ଥିତିରେ ସ୍ୱାକ୍ଷରିତ ହୋଇଥିଲା। ଏହି ଅବସରରେ ସେଲ୍ ଓ ଆଇଓସିଏଲର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଆରଏସ୍‌ପି ପକ୍ଷରୁ ସାମଗ୍ରୀ ପରିଚାଳନା ବିଭାଗ ସିଜିଏମ ରାଜୀବ ସେହଗଲ, ବିତ୍ତ ଓ ଲେଖା ବିଭାଗ ଜିଏମ୍ ସମୀର କୁମାର ରାୟ, ସାମଗ୍ରୀ ପରିଚାଳନା ବିଭାଗ ଜିଏମ୍ ଏମ୍. ଶ୍ରୀନିବାସ, ଅଜୟ ଶୁକ୍ଳା, ଗୌତମ ଏସ୍ ଗୋସ୍ୱାମୀ, ବିଭାଗ ଡିଜିଏମ୍ ଏମ୍. କେ ଦାଶ ଓ ବି. ଆର୍ ମଣ୍ଡଳ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଆଇଓସିଏଲ ପକ୍ଷରୁ ମାର୍କେଟିଂ ବିଭାଗ ଜିଏମ୍ ଅଜୟ ଗତଲେୱାର, ଡିଜିଏମ ଆଲୋକ କୁମାର ଓ ଉକ୍ତ ବିଭାଗର ଆସିଷ୍ଟାଣ୍ଟ ମ୍ୟାନେଜର ମନୀଷ କୁମାର ଉପସ୍ଥିତ ଥିଲେ। ଏହି ସହଯୋଗ ଆଗାମୀ ୩ବର୍ଷ ପାଇଁ ବିସ୍ଫୋରକ ନିରନ୍ତର ଓ ନିରବଚ୍ଛିନ୍ନ ଯୋଗାଣକୁ ସୁନିଶ୍ଚିତ କରିବା ପାଇଁ ଲକ୍ଷ୍ୟ ରଖିଛି ଯାହା ସେଲ ଖଣି କାର୍ଯ୍ୟର ସୁଗମ ପରିଚାଳନା ପାଇଁ ଗୁରୁତ୍ୱପୂର୍ଣ୍ଣ ଅଟେ। ଯୋଗାଣ ଶୃଙ୍ଖଳକୁ ସୁଦୃଢ କରିବା ସହିତ ଖଣି କାର୍ଯ୍ୟ ପାଇଁ ଆବଶ୍ୟକ ସାମଗ୍ରୀର ସମୟାନୁବର୍ତ୍ତୀ ଉପଲବ୍ଧତାକୁ ସୁନିଶ୍ଚିତ କରିବା ଏହି ବୁଝାମଣାପତ୍ରର ଉଦ୍ଦେଶ୍ୟ ରହିଛି।

## ମଡେ଼ଲ ହସ୍ପିଟାଲ ନୂଆ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ସମ୍ବର୍ଦ୍ଧନା



ନୂତନ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ସ୍ୱାଗତ କରାଯାଉଛି।

**ରାଉରକେଲା,୧୬।୪(ସଙ୍ଗୀତା ଜେନା)**

ହିନ୍ଦ୍ ମଜଦୁର ସଭା (ଏଚ୍‌ଏମ୍‌ଏସ୍) ରାଜ୍ୟ ସମ୍ପାଦକ ଦିଗମ୍ବର ମହାନ୍ତିଙ୍କ ନେତୃତ୍ୱରେ ଏକ ପ୍ରତିନିଧିଦଳ ବୁଧବାର ଅପରାହ୍ନ ୩ଟା ସମୟରେ ରାଉରକେଲାସ୍ଥିତ ଇଏସ୍‌ଆଇସି ମଡେଲ ହସ୍ପିଟାଲରେ ନୂତନ ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ଡା. ଏମ୍. ପ୍ରକାଶ ମିଞ୍ଜଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଛନ୍ତି। ଏହାସହ ହସ୍ପିଟାଲରେ ଡାକ୍ତର ଅଭାବରୁ ଉପୁଜୁଥିବା ସମସ୍ୟା ଓ ଏହାର ସମାଧାନ କରିବାକୁ ସଙ୍ଗଠନ କର୍ମକର୍ତ୍ତାମାନେ ପରାମର୍ଶ ଦେଇଛନ୍ତି। ରୋଗୀଙ୍କ ଉପଯୁକ୍ତ ଚିକିତ୍ସା ନ କରିପାରିଲେ ତୁରନ୍ତ ସହବନ୍ଧିତ ଡାକ୍ତରଖାନାକୁ ରେଫର୍ କରିବାକୁ ମଧ ସୁପରିଣ୍ଟେଣ୍ଡେଣ୍ଟ ଡ. ମିଞ୍ଜ ସହମତି ପ୍ରକାଶ କରି କହିଛନ୍ତି, ଏହାପରଠାରୁ କୌଣସି ପ୍ରକାର ଅସୁବିଧା ସୃଷ୍ଟି ହେବାକୁ ଦିଆଯିବ ନାହିଁ। ଯଦି ଚିକିତ୍ସା ଉପଲବ୍ଧ ନ ଥାଏ ତୁରନ୍ତ ରୋଗୀଙ୍କୁ ଟାଇଅପ୍ ହସ୍ପିଟାଲକୁ ପଠାଯିବ। ରୋଗୀମାନଙ୍କ ଚିକିତ୍ସା ସେବାରେ କୌଣସି ପ୍ରକାର ଅସୁବିଧା ହେବାକୁ ଦିଆଯିବ ନାହିଁ ବୋଲି ମିଞ୍ଜ ପ୍ରତିଶ୍ରୁତି ଦେଇଥିଲେ। ଏହି ସମୟରେ ମହେଶ୍ୱର ମହାପାତ୍ର, ଉମେଶ ଚନ୍ଦ୍ର ନାୟକ, ଜଗବନ୍ଧୁ ଜେନା, ଦିଲୀପ ଜେନା, ଅଶୋକ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ଗ୍ରୀଷ୍ମକାଳୀନ କ୍ରୀଡ଼ା ଶିବିର ଉଦ୍‌ଘାଟିତ

**ରାଉରକେଲା,୧୬।୪ (ସଙ୍ଗୀତା ଜେନା)**

ସେକ୍ଟର-୭ସ୍ଥିତ କ୍ରୀଡ଼ାନୁଷ୍ଠାନ ରାଉରକେଲା ୟଙ୍ଗ ମ୍ୟାନ୍ ଆସୋସିଏଶନ୍ (ଆର୍‌ୱାଇଏମ୍‌ଏ) ପକ୍ଷରୁ ମଙ୍ଗଳବାର ଅପରାହ୍ନ ୪ଟାରୁ ନିଃଶୁଳ୍କ ଗ୍ରୀଷ୍ମକାଳୀନ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଭାରୋତ୍ତୋଳନ ପ୍ରଶିକ୍ଷଣ ଶିବର ଆୟୋଜିତ ହେଉଛି। ଉକ୍ତ ଶିବିର ୨୯ତାରିଖ ପର୍ଯ୍ୟନ୍ତ ଚାଲିବ। ରାଉରକେଲାର ବିଭିନ୍ନ ଓଡ଼ିଆ ଓ ଇଂରାଜୀ ମାଧ୍ୟମ ସ୍କୁଲର ପ୍ରାୟ ୬୯ ଜଣ ଛାତ୍ରୀଛାତ୍ର ବିଭିନ୍ନ ବର୍ଗରେ ପ୍ରଶିକ୍ଷଣ ଗ୍ରହଣ କରୁଛନ୍ତି। ଏହି ପ୍ରଶିକ୍ଷଣ ଶିବିର କ୍ରମାଗତ ଭାବେ ୩ୟ ବର୍ଷରେ ପଦାର୍ପଣ କରିଛି। ଅପରାହ୍ନ ସାଢ଼େ ୪ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଶିବିର ଚାଲୁଛି। ଜାତୀୟ କୋଚ୍ ବାସୁଦେବ ବାନାର୍ଜୀ ଓ ବିକ୍ରମ ସ୍ୱାଇଁ ତାଲିମ ପ୍ରଦାନ କରୁଛନ୍ତି।

## ଗାରିମା ପରିବାରର ଓଡ଼ିଆ ନବବର୍ଷ ପାଳନ

**ରାଉରକେଲା,୧୬।୪(ବିପ୍ଳବ ରଞ୍ଜନ ଦାଶ)**

ସାମାଜିକ ତଥା ସାଂସ୍କୃତିକ ଅନୁଷ୍ଠାନ ଗାରିମା ପରିବାର ପକ୍ଷରୁ ରାଉରକେଲା କ୍ଲବଠାରେ ମଙ୍ଗଳବାର ସନ୍ଧ୍ୟାରେ ଓଡିଆ ନବବର୍ଷ ପାଳନ କରାଯାଇଛି। ଅନୁଷ୍ଠାନର ଅଧକ୍ଷା ନିହାରିକା ବସ୍ତିଆଙ୍କ ଅଧକ୍ଷତା, ସଭାପତି ମମତା ନାଏକ ଓ ସମ୍ପାଦିକା ଡକ୍ଟର ସରିତା ମଲ୍ଲଙ୍କ ଆବାହକତ୍ୱରେ ଓଡିଆ ନବବର୍ଷ ପାଳିତ ହୋଇଥିଲା। ମୋନାଲିସା ସାହୁଙ୍କ ସଂଯୋଜିତ ଏହି କାର୍ଯ୍ୟକ୍ରମରେ ସମାଜସେବୀ ହିରାଲାଲ ମହାପାତ୍ର, ସନ୍ତୋଷ ଅଗ୍ରୱାଲ, ପୃଷ୍ଠପୋଷକ ସୁନୀଲ କୟାଲ ଓ ଡ. ସ୍ୱୟଂସ୍ଫୁର୍ତ୍ତି ପଟ୍ଟନାୟକ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଗାରିମା ପରିବାରର ସଦସ୍ୟାମାନଙ୍କ ଦ୍ୱାରା ଯୋଗ ମାଧ୍ୟମରେ ନୃତ୍ୟ, ଫେଶନ ଶୋ, ଓଡ଼ିଶୀ ନୃତ୍ୟ ଆଦି ପରିବେଷଣ ହୋଇଥିଲା। ଅତିଥିମାନେ ଓଡିଶାର ସଂସ୍କୃତି, ପରମ୍ପରାକୁ ପ୍ରଶଂସା କରିବା ସହ ଅନୁଷ୍ଠାନର ସାମାଜିକ ପ୍ରତିବଦ୍ଧତାକୁ ସାଧୁବାଦ ଜଣାଇଥିଲେ। ଏହାପରେ ସବିତା ପଟ୍ଟନାୟକଙ୍କୁ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ମୁଖ୍ୟ ପୃଷ୍ଠପୋଷକ ଶଙ୍କର ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଉପଦେଷ୍ଟା ରଶ୍ମିତ ସାହାଣୀ, ପ୍ରଦୀପ କୁମାର ଦାସ ସାମିଲ ହୋଇଥିଲେ। ଡକ୍ଟର ସରିତା ମଲ୍ଲ, ସୁମିତା ପଟ୍ଟନାୟକ, ଶଙ୍କରୀନା ପ୍ରଧାନ, ପ୍ରଣତି ପଟ୍ଟନାୟକ, ଶାନ୍ତିଲତା ବାରିକ, ଶର୍ମିଳା ରାଜଗୁରୁ ପ୍ରମୁଖ ସହଯୋଗ କରିଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

## ବାଉଁଶ କାରିଗରି ତାଲିମ ନେଲେ ୩୦ ମହିଳା

**ରାଉରକେଲା,୧୬।୪(ବିପ୍ଳବ ରଞ୍ଜନ ଦାଶ)**

ଆର୍‌ଏସ୍‌ପିର କର୍ପୋରେଟ୍ ସାମାଜିକ ଦାୟିତ୍ୱ ପଦକ୍ଷେପ ଅଧୀନରେ ଲିଣ୍ଡ୍ରା, ବିଶ୍ରା, ଝିରପାଣି ପୁନର୍ବସତି କଲୋନି ଏବଂ ଜଲଦା ପୁନର୍ବସତି କଲୋନିର ପାର୍ଶ୍ୱବର୍ତ୍ତୀ ଗ୍ରାମରୁ ୩୦ଜଣ ମହିଳା ବାଉଁଶ କାରିଗରୀ ତାଲିମ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ମାପ କୌଶଳ, ମୁକ୍ତ ହସ୍ତଚିତ୍ର, ବାଉଁଶ ଚିକିତ୍ସା, ସଂରକ୍ଷଣ ତଥା ବିଭିନ୍ନ ଶୈଳୀରେ ଟୋକେଇ ଏବଂ ଡବା ବୁଣା ସମେତ ବାଉଁଶ କାରିଗରୀର ପ୍ରମୁଖ ଦିଗ ଅନ୍ତର୍ଭୁକ୍ତ ଥିଲା। ପାରମ୍ପରିକ କଳାକୁ ପୁନର୍ଜୀବିତ କରିବା ସହ ଅଂଶଗ୍ରହଣକାରୀମାନଙ୍କୁ ସେମାନଙ୍କ ଶିକ୍ଷଣକୁ ଜୀବିକା ନିର୍ବାହ ସୁଯୋଗରେ ପରିଣତ କରିବା ୩୦ଟି କାର୍ଯ୍ୟ ଦିବସ ପାଇଁ ଡିଜାଇନ କରାଯାଇଥିବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଥିଲା। ଶେଷରେ ପ୍ରତ୍ୟେକ ଅଂଶଗ୍ରହଣକାରୀଙ୍କୁ ରୋପଣ ପାଇଁ ୪ଟି ବାଉଁଶ ଚାରା ପ୍ରଦାନ କରାଯାଇଥିଲା। ଆର୍ଥିକ ସଶକ୍ତୀକରଣ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ପ୍ରତ୍ୟେକ କାରିଗରଙ୍କୁ ୫୦ଟି ବାଉଁଶ ଟୋକେଇ ପାଇଁ ଏକ କାର୍ଯ୍ୟାଦେଶ ମଧ ପ୍ରଦାନ କରାଯାଇଥିଲା। ଏହି ପଦକ୍ଷେପ ଆରଏସ୍‌ପିର ସିଏସ୍‌ଆର ବିଭାଗ ଦ୍ୱାରା ରାଞ୍ଚିର ମେସର୍ସ ଏନ୍‌ରିଚ୍ ଏବଂ ନିର୍ମାଣ, ବୈଷୟିକ ପରାମର୍ଶଦାତା ଓ ପ୍ରଗତିର ସହଯାତ୍ରୀଙ୍କ ସହଯୋଗରେ କାର୍ଯ୍ୟକାରୀ କରାଯାଇଥିଲା। ଏପ୍ରିଲ ୧୫ତାରିଖରେ ସେକ୍ଟର-୨୦ ସ୍ଥିତ ପାର୍ଶ୍ୱାଞ୍ଚଳ ବିକାଶ ପ୍ରତିଷ୍ଠାନରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ସହର ପ୍ରଶାସନ ଓ ସିଏସ୍‌ଆର ବିଭାଗର ସିଜିଏମ୍ ଇନ୍‌ଚାର୍ଜ ପି. କେ. ସ୍ୱାଇଁ ଅଧକ୍ଷତା କରି ଅଂଶଗ୍ରହଣକାରୀମାନଙ୍କୁ ପ୍ରମାଣପତ୍ର ଓ ବାଉଁଶ ଚାରା ପ୍ରଦାନ କରିଥିଲେ। ଏହି ଅବସରରେ ସିଏସ୍‌ଆର ବିଭାଗର ଜିଏମ୍ ଇନ୍‌ଚାର୍ଜ ସୁଶ୍ରୀ ମୁନମୁନ ମିତ୍ର, ଜିଏମ୍ ବିଭାବସୁ ମଲ୍ଲିକ, ଏନ୍‌ରିଚ୍‌ର ନିର୍ଦ୍ଦେଶକ ସୁଶ୍ରୀ ସେସିଲି, ନିର୍ମାଣ ଓ ଏନ୍‌ରିଚ୍‌ର ନିର୍ଦ୍ଦେଶକ ଏନ୍. କୁଜୁର ଏବଂ ସିଏସ୍‌ଆର ବିଭାଗର ଅଧିକାରୀ ଏବଂ ପଣଧାରୀ ସଂସ୍ଥାଗୁଡିକର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ସିଏସ୍‌ଆର ମ୍ୟାନେଜର ସୁଶ୍ରୀ ରିଚା ସୁଧିରମ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସୁଶ୍ରୀ ମୁନମୁନ ମିତ୍ର ସମାବେଶକୁ ସ୍ୱାଗତ କରିଥିଲେ ।



ଅଂଶଗ୍ରହଣକାରୀଙ୍କୁ ବାଉଁଶ କାରିଗରୀ ତାଲିମ ପ୍ରଦାନ କରାଯାଉଛି।

# କନ୍ୟା ବିବାହ ସହାୟତା ପ୍ରଦାନ କର

କୁଚିଣ୍ଡା,୧୬।୪(ବିରଞ୍ଚି ଦର୍ଶୀ)

ସମ୍ବଲପୁର ଜିଲା କୁଚିଣ୍ଡା କେନ୍ଦୁପତ୍ର ଡିଏଫଓ କାର୍ଯ୍ୟାଳୟ ସମ୍ମୁଖରେ ବୁଧବାର ତୋଳାଳି ଓ କର୍ମଚାରୀ ଶୋଷଣ ନୀତି ବିରୋଧରେ ଓଡ଼ଶା କେନ୍ଦୁପତ୍ର କର୍ମଚାରୀ ସଂଘ କୁଚିଣ୍ଡା ଡିଭିଜନ କମିଟି ପକ୍ଷରୁ ବିଶାଳ ବିକ୍ଷୋଭ ସମାବେଶ ଅନୁଷ୍ଠିତ ହୋଇଯାଇଛି। କେନ୍ଦୁପତ୍ର ତୋଳାଳି ଓ ଶ୍ରମିକଙ୍କ କଲ୍ୟାଣ ପାଇଁ ବଜେଟପ୍ରାପ୍ତ ୧୦୦ କୋଟି ଟଙ୍କାରୁ ୫୦ କୋଟି ଟଙ୍କା କାଟିଦେବା, ସରକାରୀ ଘୋଷଣା ସତ୍ତ୍ୱେ କନ୍ୟା ବିବାହ ସହାୟତା ପ୍ରଦାନରେ ବିଳମ୍ବ ସହ ଅବହେଳା ପ୍ରଦର୍ଶନ କରିବା, ଗତ ଜୁଲାଇରୁ ସର୍ବନିମ୍ନ ମଜୁରି ବୃଦ୍ଧି ହୋଇଥିଲେ ହେଁ ଦୀର୍ଘ ୯ ମାସ ଧରି ସିଜିନାଲ କର୍ମଚାରୀଙ୍କ ମାସିକ ମଜୁରି ଦିଆ ନ ଯିବା, ବନ୍ଧେଇ ଶ୍ରମିକଙ୍କ ପିସ୍ ରେଟ ବୃଦ୍ଧି ହୋଇ ନ ଥିବା ଏବଂ ସଂଘର ଦୀର୍ଘ ଦିନ ଦାବି ମୁତାବକ ତ୍ରୁଟିପୂର୍ଣ୍ଣ କେଏଲଡିବି ଗଠନ କରାଯାଇ ନ ଥିବା ଆଦି ସମ୍ପର୍କରେ ସଂଘର କର୍ମକର୍ତ୍ତାମାନେ ଆଲୋଚନା କରିଥିଲେ।

ବର୍ତ୍ତମାନର ମୋହନ ସରକାର ନିର୍ବାଚନ ସମୟରେ କେନ୍ଦୁପତ୍ର ତୋଳାଳିଙ୍କ କେରି ପ୍ରତି ଦର ବୃଦ୍ଧି କରିବା ପାଇଁ ନିର୍ବାଚନୀ ଇସ୍ତାହରରେ ଘୋଷଣା କରିଥିଲେ। ହେଲେ ଏବେ କେନ୍ଦୁପତ୍ର



ରାଜ୍ୟ ସଭାପତି ବିଜୟ ମହାନ୍ତି ଉଦ୍‌ବୋଧନ ଦେଉଛନ୍ତି।

## କେନ୍ଦୁପତ୍ର କର୍ମଚାରୀ ସଂଘର ଡିଏଫ୍‌ଓ ଅଫିସ ଘେରାଉ

ସଂଗ୍ରହ ଆରମ୍ଭ ହୋଇ ଥିବାବେଳେ ଦର ବୃଦ୍ଧି ନ କରିବା ଯୋଗୁଁ ସମାବେଶରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଥିଲା। ଏଥିସହ କେନ୍ଦୁପତ୍ର ସଂସ୍ଥାରୁ ସଂଗ୍ରହ କରାଯାଉଥିବା ୧୮ପ୍ରତିଶତ ଜିଏସ୍‌ଟି ପ୍ରତ୍ୟାହାର ସହ ଏ ସଂକ୍ରାନ୍ତୀୟ ସଂଗୃହୀତ ଅର୍ଥକୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଫେରସ୍ତ କରି ତୋଳାଳି ଓ କର୍ମଚାରୀଙ୍କୁ ପ୍ରଦାନ ପାଇଁ ଦାବି କରାଯାଇଥିଲା। ବିକ୍ଷୋଭ କାର୍ଯ୍ୟକ୍ରମରେ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ସଭାପତି ବିଜୟ କୁମାର ମହାନ୍ତି ଯୋଗଦେଇ ଉପରୋକ୍ତ ବିଷୟରେ ସରକାରଙ୍କ ଅବହେଳା ନେଇ ତୀବ୍ର ସମାଲୋଚନା କରିଥିଲେ। ଯଥାଶୀଘ୍ର ଦାବି ପୂରଣ କରିବା ପାଇଁ ସେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅନ୍ୟଥା ତୋଳାଳି ଓ ଶ୍ରମିକମାନେ ଆନ୍ଦୋଳନ ପାଇଁ ବାଧ ହେବେ ବୋଲି ଚେତାବନୀ ଦେଇଥିଲେ। ପରେ କୁଚିଣ୍ଡା ଡିଏଫଓ ଦେବାର୍ଚ୍ଚନ ବେହେରାଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୦ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଥିଲା। ଦାବିପତ୍ରର ନକଲ ଜଙ୍ଗଲ ମନ୍ତ୍ରୀ, ଅତିରିକ୍ତ ମୁଖ୍ୟଶାସନ ସଚିବ ଏବଂ ପିସିସିଏଫ୍‌ଙ୍କୁ ପଠାଯାଇଥିଲା। କନ୍ୟା ବିବାହ ସହାୟତା ପ୍ରଦାନରେ ଅବହେଳା କଲେ ସମଗ୍ର ରାଜ୍ୟର ଡିଏଫଓ କାର୍ଯ୍ୟାଳୟ ଘେରାଉ କରାଯିବାକୁ ଚେତାବନୀ ଦିଆଯାଇଛି। ଏଥିରେ ଓଡିଶା କେନ୍ଦୁପତ୍ର କର୍ମଚାରୀ ସଂଘ ସଙ୍ଗଠନ ସମ୍ପାଦକ ସଞ୍ଜିତ ମହାନ୍ତି, ସମ୍ପାଦକ ମହମ୍ମଦ ମୂର୍ତ୍ତୁଜା, ସମ୍ପାଦିକା ପଦ୍ମାବତୀ କିଷାନ,କୁଚିଣ୍ଡା ଡିଭିଜନ ସମ୍ପାଦକ କୀର୍ତ୍ତନ ସେନାପତି, ମିଡିଆ ସଂଯୋଜକ ଦେବଜ୍ୟୋତି ପଟ୍ଟନାୟକ, ସୁମିତ ପଟେଲ, ମିଲନ ପଲେଇ, ପୁଷ୍ପକେତୁ ଦେଓ, ଟିକନ ଶର୍ମା, ପୂର୍ବତନ ବିଧାୟକ ବୃନ୍ଦାବନ ମାଝି, ମନୋରଞ୍ଜନ ଭୋଇ, ମହେନ୍ଦ୍ର ବେହେରା, ରମେଶ ରାଉତ, ବିରଞ୍ଚି ନାୟକ, କୈଳାସ ଟୋଡିଆ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଏହି ଆନ୍ଦୋଳନରେ କୁଚିଣ୍ଡା ଡିଭିଜନର ବହୁସଂଖ୍ୟକ ତୋଳାଳି, ଶ୍ରମିକ ଓ ସିଜିନାଲ କର୍ମଚାରୀ ସାମିଲ ହୋଇଥିଲେ।

# ଷ୍ଟେଟବ୍ୟାଙ୍କର ୩ଜଣିଆ ଟିମ୍‌ର ତଦନ୍ତ ଆରମ୍ଭ

## ବ୍ୟାଙ୍କ ଜମାକାରୀଙ୍କ ଅର୍ଥ ହଡ଼ପ ଘଟଣା

କୁଚିଣ୍ଡା,୧୬।୪(ବିରଞ୍ଚି ଦର୍ଶୀ)

ସମ୍ବଲପୁର ଜିଲା ବାମରା ବ୍ଲକ କେଶାଇବାହାଲ ଷ୍ଟେଟବ୍ୟାଙ୍କ ପ୍ରତ୍ୟକ୍ଷ ନିୟନ୍ତ୍ରଣରେ କବରିବାହାଲରେ ମୋ ବ୍ୟାଙ୍କ ଶାଖା ପରିଚାଳକ ସତ୍ୟନାରାୟଣ ପୃଷେଠ ଶହଶହ ଲୋକଙ୍କ ଜମାଅର୍ଥ ହଡପ ସମ୍ପର୍କରେ ୫୪ଜଣ ଜମାକାରୀ ମହୁଲପାଲି ଥାନାରେ ଏତଲା ଦେଇଥିଲେ। ପୋଲିସ ଏନେଇ କେଶାଇବାହାଲ ଷ୍ଟେଟବ୍ୟାଙ୍କ ଶାଖା ପରିଚାଳକଙ୍କୁ ଡାକି ପଚରାଉଚରା କରିଥିଲା। ଜମାକାରୀଙ୍କ ଅର୍ଥ ହଡପ ନେଇ ଷ୍ଟେଟବ୍ୟାଙ୍କ ଭୁବନେଶ୍ୱରରୁ ବୁଧବାର ଏକ ୩ଜଣିଆ ଟିମ କେଶାଇବାହାଲ ଶାଖାରେ ପହଞ୍ଚି ଖୋଳତାଡ ଆରମ୍ଭ କରିଛନ୍ତି। ଥାନାରେ ଏତଲା ଦେଇଥିବା ସମସ୍ତ ଜମାକାରୀଙ୍କୁ ପୂର୍ବ ନୋଟିସ ଅନୁଯାୟୀ ଜଣ ଜଣଙ୍କଠାରୁ ପଚାରି ବୟାନ ରେକର୍ଡ କରିଥିବା ଜମାକାରୀମାନେ କହିଛନ୍ତି। ଏ ସମ୍ପର୍କରେ କୌଣସି ତଥ୍ୟ ଦେବାକୁ ଭୁବନେଶ୍ୱରରୁ ତଦନ୍ତ ପାଇଁ ଆସିଥିବା ବ୍ୟାଙ୍କ ଅଧିକାରୀମାନେ ମନା କରିଛନ୍ତି।

# ଅଭିଯୁକ୍ତଙ୍କୁ ୧୨ବର୍ଷ ସଶ୍ରମ କାରାଦଣ୍ଡ

ସମ୍ବଲପୁର,୧୬।୪(ପ୍ରମୋଦ ବହିଦାର)

## ଶିଶୁକନ୍ୟା ବଳାତ୍କାର ମାମଲା

- ୧୦ ଲକ୍ଷ ୫୦ ହଜାର ଅନୁକମ୍ପା ରାଶି ପ୍ରଦାନ ନିର୍ଦ୍ଦେଶ

ସମ୍ବଲପୁର ଅତିରିକ୍ତ ଜିଲାଜଜ୍ ତଥା ପୋକ୍‌ସୋ ଅଦାଲତରେ ୨୦୧୬ମସିହାରେ ବୁର୍ଲା ଥାନା ଅଞ୍ଚଳରେ ଘଟିଥିବା ଏକ ଶିଶୁକନ୍ୟା ବଳାତ୍କାର ମାମଲାର ରାୟ ବୁଧବାର ପ୍ରକାଶ ପାଇଛି। ସ୍ୱତନ୍ତ୍ର ବିଚାରପତି ଅଭିଲାଷ ସେନାପତି ତାଙ୍କ ରାୟରେ ଅଭିଯୁକ୍ତ ଗୋଶାଳାର ସରୋଜ ଦୀପ(୨୫)ଙ୍କୁ ଦଫା ୩୭୬ରେ ୧୨ବର୍ଷ ସଶ୍ରମ କାରାଦଣ୍ଡ ଏବଂ ୧୦ହଜାର ଟଙ୍କା ଜରିମାନାଦେଶ କରିଛନ୍ତି। ଜରିମାନା ଅର୍ଥ ଅନାଦାୟ ଅଭିଯୁକ୍ତଙ୍କୁ ଅଧିକ ୬ ମାସ ସଶ୍ରମ କାରାଦଣ୍ଡ ଭୋଗିବାକୁ ପଡିବ ବୋଲି ରାୟରେ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ପୀଡ଼ିତା ଶିଶୁକନ୍ୟାଙ୍କୁ ୧୦ ଲକ୍ଷ ୫୦ ହଜାର ଟଙ୍କାର ଅନୁକମ୍ପାମୂଳକ ରାଶି ପ୍ରଦାନ ପାଇଁ ଜିଲା ଆଇନସେବା ପ୍ରାଧିକରଣକୁ ବିଚାରପତି ନିର୍ଦ୍ଦେଶ ଦେଇଛନ୍ତି।

୨୦୧୬ ମସିହା ଅଗଷ୍ଟ ୧୫ ତାରିଖ ସକାଳେ ବୁର୍ଲା ଥାନା ଅଞ୍ଚଳର ୪ବର୍ଷୀୟା ଶିଶୁକନ୍ୟା ନିଜ ଘର ଅଗଣାରେ ଖେଳୁଥିଲେ। ଏହି ସମୟରେ ଗୋଶାଳାର ସରୋଜ ଶିଶୁକନ୍ୟାଙ୍କ ଘରକୁ କୌଣସି କାମରେ ଆସିଥିଲେ। ସେତେବେଳେ ଘରେ ଶିଶୁକନ୍ୟାଙ୍କ ବଡ଼ ଭଉଣୀ ଥିଲେ। କୌଣସିମତେ ପ୍ରଭାବିତ କରି ସେ ଶିଶୁକନ୍ୟାଙ୍କୁ ତାଙ୍କୁ ନିଜ ଘରକୁ ନେଇଯାଇ ବଳାତ୍କାର କରିଥିଲେ। କିଛି ସମୟ ପରେପୀଡିଙ୍କ ମା' ଘରକୁ ଫେରି ଝିଅକୁ ଖୋଜିବାରୁ ସରୋଜଙ୍କ ସହ ଯାଇଥିବା କହିଥିଲେ। ଏହାଶୁଣି ସେ ଅଭିଯୁକ୍ତଙ୍କ ଘରେ ପହଞ୍ଚିଲା ବେଳକୁ ଝିଅ ତାଙ୍କ ଘରୁ ବାହାରି ଆସୁଥିଲେ। ତେବେ ତାଙ୍କ ଗୁପ୍ତାଙ୍ଗରୁ ରକ୍ତସ୍ରାବ ହେଉଥିବା ଦେଖିବାକୁ ପାଇଥିଲେ। ପୀଡ଼ିତାଙ୍କ ପିତା ସନ୍ଧ୍ୟାରେ ଘରକୁ ଫେରିବା ପରେ ସବୁ କଥା ଶୁଣିଥିଲେ। ଏହା ସରୋଜଙ୍କ କାମ ଜାଣି ତା' ପରଦିନ ଅଗଷ୍ଟ ୧୬ ତାରିଖରେ ବୁର୍ଲା ଥାନାରେ ଏନେଇ ଲିଖିତ ଅଭିଯୋଗ କରିଥିଲେ। ଏକ ମାମଲା ରୁଜୁ କରି ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଏହି ମାମଲାକୁ ସରକାରୀ ଓକିଲ ସନ୍ତୋଷ କୁମାର ପଣ୍ଡା ପରିଚାଳନା କରିଥିଲେ।

# କାଳବୈଶାଖୀ: ଆଜବେଷ୍ଟସ୍ ଛାତ ଉଡ଼ିଲା

ନାକଟିଦେଉଳ,୧୬।୪(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକର ବିଭିନ୍ନ ଅଞ୍ଚଳରେ କାଳ ବୈଶାଖୀ ତାଣ୍ଡବ ରଚିଛି। ଏହାର ପ୍ରଭାବରେ ବିଭିନ୍ନ ଗ୍ରାମରେ ଲୋକଙ୍କ ଘରର ଚାଳ ଛପର, ଆଜବେଷ୍ଟସ ଛାତ ଉଡି ବ୍ୟାପକ କ୍ଷୟକ୍ଷତି ଘଟିଛି। ଏପରିକି ବହୁ ଗଛ ଭାଙ୍ଗି ତଳେ ପଡ଼ିଛି । ମଙ୍ଗଳବାର ସନ୍ଧ୍ୟାରେ ହଠାତ ଝଡ, ତୋଫାନ ହୋଇଥିଲା । ପରେ ମୂଷଳ ଧାରାରେ ବର୍ଷା ହୋଇଥିଲା। ପବନର ବେଗ ଏତେ ଥିଲା ଯେ ଟାଁହୁଟାଁହୁ ବିଭିନ୍ନ ଗ୍ରାମରେ ଲୋକଙ୍କ ଘରର ଚାଳ ଛପର, ଟାଇଲ ଏବଂ ଆଜବେଷ୍ଟସ ସବୁ ଉଡାଇ ତଳେ ପକାଇ ଦେଇଥିଲା। ବ୍ଲକ ଅନ୍ତର୍ଗତ ସାହେବୀ ଗ୍ରାମ ପଞ୍ଚାୟତରେ ରେଙ୍ଗାଲିପଞ୍ଝୁ ଏବଂ ପାର୍ଗୁଲିଡିପ ଗ୍ରାମରେ କାଳ ବୈଶାଖୀର ପ୍ରଭାବ ବିଶେଷ ଅନୁଭୂତ ହୋଇଥିଲା। ରେଙ୍ଗାଲିପଞ୍ଝୁ ଗ୍ରାମର ବିଜୟ ସାହୁଙ୍କ ଘର ଛାତର ଆଜବେଷ୍ଟସ ଏବଂ ଟାଇଲ ସବୁ ଭାଙ୍ଗି ବିଶେଷ କ୍ଷତି କରିଛି। ଏଥି ସହିତ ପଞ୍ଚାୟତ ଅଧୀନ ବିଭିନ୍ନ ଗ୍ରାମରେ ଲୋକଙ୍କ ଘର ଛପର ଉଡିଥିବା ଯୋଗ ଲୋକେ ନାହିଁ ନ ଥିବା ହଇରାଣର ସମ୍ମୁଖୀନ ହୋଇଛନ୍ତି। କାଳବୈଶାଖୀ ପ୍ରଭାବରେ ବିଦ୍ୟୁତ୍ ସରବରାହ ବନ୍ଦ ରହିବା ଯୋଗୁ ସାହେବୀ, ବାଟଗାଁ, ସାଲେଭଟା ଏବଂ ଯାମୁଯୋରୀ ପଞ୍ଚାୟତ ବାସୀ ଦୀର୍ଘ ସମୟ ଧରି ଅନ୍ଧାରରେ ରହିଥିବା ଅଭିଯୋଗ ମଧ୍ୟ ହୋଇଛି । ବୁଧବାର ସକାଳେ ନାକଟିଦେଉଳ ରାଜସ୍ୱ ନିରୀକ୍ଷକ ଓ ଟିମ୍ ପ୍ରଭାବିତ ଗ୍ରାମକୁ ଯାଇ କ୍ଷୟକ୍ଷତିର ଅନୁଧ୍ୟାନ କରିଛନ୍ତି।

# ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତି ସ୍ଥାନାନ୍ତରିତ



ଅଇଁଠାପାଲି ତଳିଛକରେ ପୁନର୍ବାର ସ୍ଥାପିତ ବୀର ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତି।

ସମ୍ବଲପୁର,୧୬।୪(ପ୍ରମୋଦ ବହିଦାର)

ଆଦିବାସୀ ସମାଜର ଦାବି ଅନୁସାରେ ସମ୍ବଲପୁର ସହରର ଅନ୍ୟତମ ପ୍ରବେଶପଥ ସମ୍ବଲପୁର ଅଇଁଠାପାଲି ପିଏଚ୍‌ଡି ପଡ଼ିଆ ପାର୍ଶ୍ୱକୁ ବୁଧବାର ବୀର ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତି ସ୍ଥାନାନ୍ତର କରାଯାଇଛି। ଅଇଁଠାପାଲି ବିର୍ସା ମୁଣ୍ଡା ଛକରେ ଜାତୀୟ ରାଜପଥ(୫୩)ରେ ନିର୍ମାଣାଧୀନ ଫ୍ଲାଏ ଓଭର ପାଇଁ ଏଠାରେ ଥିବା ଉକ୍ତ ପ୍ରତିମୂର୍ତ୍ତିକୁ ନିକଟସ୍ଥ ବାଟମଙ୍ଗଳା ମନ୍ଦିର ପଛକୁ ସ୍ଥାନାନ୍ତର ନିଷ୍ପତ୍ତି ହୋଇଥିଲା। ମାତ୍ର ପ୍ରତିମୂର୍ତ୍ତି ସ୍ଥାନାନ୍ତରଣକୁ ଆଦିବାସୀ ସମାଜ ପକ୍ଷରୁ ବିରୋଧ କରାଯାଇ ଏହାକୁ ରାସ୍ତା ଉପରେ ହିଁ ସ୍ଥାପନ କରି ଏହି ଛକର ନାମ ବିର୍ସା ମୁଣ୍ଡା ଛକରେ ନାମିତ କରିବାକୁ ଦାବି କରାଯାଇଥିଲା। ଏଥିପାଇଁ ମଙ୍ଗଳବାର ସନ୍ଧ୍ୟାରେ ପ୍ରତିମୂର୍ତ୍ତି ସ୍ଥାନାନ୍ତରଣ ପାଇଁ ଉଦ୍ୟମ ହେଉଥିବା ବେଳେ ଅଇଁଠାପାଲି, ସାକ୍ଷୀପଡ଼ା, ଭୂତାପଡ଼ା, ବରେଇପାଲି ଆଦି ଅଞ୍ଚଳର ଆଦିବାସୀମାନେ ଏକାଠି ହୋଇ ବିରୋଧ ପ୍ରଦର୍ଶନ କରିଥିଲେ। ଫଳରେ ଉଭୟ ପକ୍ଷର ସହମତିରେ ପ୍ରତିମୂର୍ତ୍ତି ସ୍ଥାନ ପାଇଁ ନିଷ୍ପତ୍ତି ନିଆଯିବ ବୋଲି ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା।

# ହରିନାମ ମହୋତ୍ସବ ଉଦ୍‌ଯାପିତ

ସମ୍ବଲପୁର,୧୬।୪(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଧନକଉଡା ବ୍ଲକ ଦେବେଇପାଲିରେ ଚାଲିଥିବା ତିନିଦିନିଆ ହରିନାମ ମହୋତ୍ସବ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଗତ ୧୩ତାରିଖରେ ଏହି ମହୋତ୍ସବ ଆରମ୍ଭ ହୋଇଥିଲା। ମହୋତ୍ସବ ଅବସରରେ ୧୫ତାରିଖ ଗ୍ରାମରେ ସାଧୁସେବା ଅନୁଷ୍ଠିତ ହୋଇଥିଲା। ଏଥିରେ ପଶ୍ଚିମ ଓଡ଼ିଶାର ବିଭିନ୍ନ ମଠ ଏବଂ ଆଶ୍ରମରୁ ସାଧୁମାନେ ଯୋଗଦେଇଥିଲେ। ଏହି ଅବସରରେ ଦେବେଇପାଲିରେ ଷୋହଳ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। ବରଗଡ଼ କିର୍ତ୍ତନ୍ୟ ଦଳ ଦଧିଭାଣ୍ଡରେ ସାମିଲ ହୋଇଥିଲେ। ସମସ୍ତ କାର୍ଯ୍ୟକ୍ରମ ବରଗଡ଼ ଅମ୍ବାପାଲି ନିକଟ ଜିରାନଦୀ କୂଳରେ ଥିବା ବେଣୁବାବା ମଠର ମଠାଧୀଶ ଭଗବାନ ଦାସଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଥିଲା। ୧୯୬୮ ମସିହାରୁ ଦେବେଇପାଲିରେ ନାମଯଜ୍ଞ ଆୟୋଜନ ହେଉଥିବା ବେଳେ ୨୦୦୧ମସିହାରେ ବେଣୁବାବା ମଠର ମଠାଧୀଶ ବାବାଜୀ ହରିଚରଣ ଦାସ ନାମଯଜ୍ଞକୁ ଭବ୍ୟ ରୂପ ଦେଇଥିଲେ। ସେହି ସମୟରୁ ନାମଯଜ୍ଞ ହରିନାମ ମହୋତ୍ସବର ରୂପନେଇ ଆସିଥିବା ମଠାଧୀଶ ଭଗବାନ ଦାସ କହିଛନ୍ତି। ସଞ୍ଜୀବ ପ୍ରଧାନ ଏବଂ ତାଙ୍କର ଧର୍ମପତ୍ନୀ ଚୁମକୀ ପ୍ରଧାନ କର୍ତ୍ତା ଦାୟିତ୍ୱ ସମ୍ପାଦନ କରିଥିଲେ। ବାବାଜୀ ହରୀଚରଣ ଦାସ ବାବାଙ୍କ ବିଗତ ଦିନର କାର୍ଯ୍ୟକ୍ରମ ଫଟୋଚିତ୍ର ମାଧ୍ୟମରେ ପ୍ରଦର୍ଶିତ ହୋଇଥିଲା। ନାମଯଜ୍ଞରେ ପିଥମପୁର, କନଖିଣ୍ଡା, ତାଲବ, କୁମ୍ଭାରବନ୍ଧ, ଟିଠେଇପାଲି, ଖଇରଗାଁ, ପିପଲପଡା ଆଦି ୧୯ଟି ସଂକୀର୍ତ୍ତନ୍ୟ ଦଳ ସାମିଲ ହୋଇଥିଲେ। ଉଦ୍‌ଯାପନୀ ଅବସରରେ ପୂର୍ବତନ ବିଧାୟକ ନାଉରୀ ନାୟକ, ଗୋପାଳ ଅଗ୍ରୱାଲ, ନଟୁ ବାଙ୍କା, ତେଜରାଜ ପାତ୍ର ସାମିଲ ହୋଇ ଆଶୀର୍ବାଦ ଲାଭ କରିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ପ୍ରଶାନ୍ତ ପ୍ରଧାନ, ଉଦ୍ଧବ ନାୟକ, ବିନୋଦ ସାହୁ, ମନୋଜ ପ୍ରଧାନ, ଆଶାରାମ ପ୍ରଧାନ, ଅକ୍ଷୟ ପ୍ରଧାନ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।



ହରିନାମ ମହୋତ୍ସବରେ କର୍ତ୍ତାଙ୍କ ସହ ଗ୍ରାମବାସୀ।

# ପୋଲିସ କାର୍ଯ୍ୟରେ ବାଧା ସୃଷ୍ଟି

## ୧୦ ବିଜେଡି କର୍ମୀଙ୍କ ନାମରେ ମାମଲା

ସମ୍ବଲପୁର,୧୬।୪(ପ୍ରମୋଦ ବହିଦାର)

ପୋଲିସ କାର୍ଯ୍ୟରେ ବାଧା ସୃଷ୍ଟି କରିବା ଅଭିଯୋଗରେ ସମ୍ବଲପୁର ଟାଉନ ଥାନାରେ ବିଜେଡି କର୍ମୀ ଭଣେ ଚାନ୍ଦ, ସୁରୁବାବୁ ମେହେର, ବନ୍ଦିତା ମିଶ୍ର, ସଂଯୁକ୍ତା ମେହେର, ଦୁଲାଲ ରାୟଙ୍କ ସହ ୧୦ଜଣଙ୍କ ନାମରେ ମାମଲା ରୁଜୁ ହୋଇଛି। ଭାରତୀୟ ନ୍ୟାୟ ସଂହିତା ଦଫା ୧୯୧(୨), ୨୨୧, ୧୩୨, ୨୯୬, ୩୮୧, ୧୯୦ରେ ଏକ ମାମଲା(ନଂ.୧୨୦/୨୫)ରୁଜୁ ହୋଇଛି। ଏ ସଂକ୍ରାନ୍ତରେ କାହାକୁ ଗିରଫ କରାଯାଇନାହିଁ। ପାଟଣାଗଡ଼ରେ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ପୋଡ଼ି ଘଟଣାର ପ୍ରତିବାଦରେ ସମ୍ବଲପୁର ବିଜେଡି ପକ୍ଷରୁ ପ୍ରତିବାଦ ସ୍ୱରୂପ ମଙ୍ଗଳବାର ଗୋଲବଜାର ଛକରେ ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ ଉଦ୍ୟମ କରାଯାଉଥିଲା। ଏହାକୁ ବାରଣ କରିବାରୁ ପୋଲିସ ଓ ବିଜେଡି କର୍ମୀଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ଗୋଲବଜାର ଛକରେ ଏକ ପେଟ୍ରୋଲ ପମ୍ପ ଥିବାରୁ ନିଆଁ ଲାଗି କୌଣସି ସମ୍ଭାବ୍ୟ ଅଘଟଣ ଆଶଙ୍କାରେ ଏଠାରେ କୁଶପୁତ୍ତଳିକା ଦାହକୁ ପୋଲିସ ବାରଣ କରିଥିଲା। ମାତ୍ର ବିଜେଡି କର୍ମୀମାନେ ଏହାକୁ ଅବମାନନା କରି କାର୍ଯ୍ୟରତ ପୋଲିସ କର୍ମୀଙ୍କ କାର୍ଯ୍ୟରେ ବାଧା ଦେବା ସହ ଧସ୍ତାଧସ୍ତି କରିଥିଲେ ବୋଲି ପୋଲିସ ଅଭିଯୋଗ କରିଛି।

# ଅଭିଯୋଗକାରୀଙ୍କ ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ

ସମ୍ବଲପୁର,୧୬।୪(ପ୍ରମୋଦ ବହିଦାର)

- ୨୧ରେ ସମ୍ବଲପୁରରେ ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣି
- ପଞ୍ଜୀକରଣକୁ ୧ ହଜାରରେ ସୀମିତ ରଖାଯାଇଛି
- ମହାନଗର ନିଗମ କାର୍ଯ୍ୟାଳୟରେ ସକାଳ ୮ଟାରୁ ଆରମ୍ଭ ହେବ ଜନଶୁଣାଣି

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତା ୨୧ତାରିଖ ସୋମବାର ସମ୍ବଲପୁରଠାରେ ଜନଶୁଣାଣି କରିବେ। ଏଥିପାଇଁ ଏପ୍ରିଲ ୧୭ ତାରିଖ ଗୁରୁବାର ପୂର୍ବାହ୍ନ ୧୧ଟାରୁ ଆରମ୍ଭ ହେବ ଅଭିଯୋଗକାରୀଙ୍କ ଅନ୍‌ଲାଇନ୍ ପଞ୍ଜୀକରଣ ପ୍ରକ୍ରିୟା। ଏଥିରେ ନାମ ପଞ୍ଜୀକରଣ ଜନିତ ସ୍ଲଟ୍‌ବୁକିଂକୁ ୧ହଜାର ଅଭିଯୋଗକାରୀଙ୍କ ମଧ୍ୟରେ ସୀମିତ ରଖାଯାଇଛି। ଆଗ୍ରହୀ ଅଭିଯୋଗକାରୀ ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣି ପାଇଁ ଜାରି କରାଯାଇଥିବା ସ୍ୱତନ୍ତ୍ର ପୋର୍ଟାଲରେ ଅନଲାଇନ୍ ପଞ୍ଜକରଣ କରିପାରିବେ। ଏହାବ୍ୟତୀତ ଜନଶୁଣାଣି ମୋବାଇଲ ଆପ୍ଲିକେଶନ ମାଧ୍ୟମରେ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିବା ପାଇଁ ପଞ୍ଜୀକରଣ କରାଯାଇପାରିବ। ସମ୍ବଲପୁର ଦୁର୍ଗାପାଲିସ୍ଥିତ ମହାନଗର ନିଗମର ନୂତନ କୋଠାରେ ସକାଳ ୮ଟାରୁ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ରହିଛି। ଅଭିଯୋଗକାରୀ ପଞ୍ଜିକରଣପ୍ରାପ୍ତି ସ୍ୱୀକାରପତ୍ର, ବ୍ୟକ୍ତିଗତ ପରିଚୟ ପତ୍ର ସହିତ ନିରୂପିତ ସ୍ଥାନରେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହିବାକୁ ଜିଲା ପ୍ରଶାସନ ପକ୍ଷରୁ ନିବେଦନ କରାଯାଇଛି। ଏନେଇ ସୂଚନା ଦେଇ ସମ୍ବଲପୁର ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର କହିଛନ୍ତି, ଜନଶୁଣାଣି ସକାଳ ୮ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଚାଲିବ। ଏଥିପାଇଁ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି।

# ୨ କର୍ତ୍ତବ୍ୟନିଷ୍ଠ ରେଳ କର୍ମଚାରୀ ପୁରସ୍କୃତ

ସମ୍ବଲପୁର,୧୬।୪(ପ୍ରମୋଦ ବହିଦାର)

ସମ୍ବଲପୁର ରେଳ ମଣ୍ଡଳ ପକ୍ଷରୁ ସର୍ବଦା ସଜାଗ ତଥା କର୍ତ୍ତବ୍ୟ ପରାୟଣ ୨ ଜଣ ରେଳବାଇ କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଛି। ସେମାନେ ହେଲେଥେରୁବାଲି ରେଳ ଷ୍ଟେଶନର ଟେଲି ଟେକ୍ନିସିଆନ-୨ ରିଶ୍ୱଜିତ ସାହୁ ଓ ସମ୍ବଲପୁର ରେଳ ଷ୍ଟେଶନର ମାଲବାହୀ ଟ୍ରେନ୍ ପରିଚାଳକ ଏସ୍‌ଏସ୍ ବିଶ୍ୱାସ। ସମ୍ବଲପୁର ରେଳ ମଣ୍ଡଳ କାର୍ଯ୍ୟାଳୟରେ ବୁଧବାର ପୂର୍ବାହ୍ନରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଉଭୟଙ୍କୁ ରେଳ ମଣ୍ଡଳ ପ୍ରବନ୍ଧକ ସୁବାଷ ଚନ୍ଦ୍ର ଚୌଧୁରୀ ମାନପତ୍ର ଓ ନଗଦରାଶି ପ୍ରଦାନ ପୂର୍ବକ ପୁରସ୍କୃତ କରିଛନ୍ତି। ସମ୍ବଲପୁର ଅତିରିକ୍ତ ରେଳ ମଣ୍ଡଳ ପ୍ରବନ୍ଧକ ଆନନ୍ଦ ସିଂ, ବରିଷ୍ଠ ମଣ୍ଡଳ ସିଗନାଲ ଓ ଟେଲି ଯୋଗାଯୋଗ ଯନ୍ତ୍ରୀ ପ୍ରଭାତ କୁମାର, ମଣ୍ଡଳ କାର୍ଯ୍ୟକ୍ରମ ପ୍ରବନ୍ଧକ ଅଖିଳେଶ ତ୍ରିପାଠୀ ଓ ବରିଷ୍ଠ ନିରାପତ୍ତା ଅଧିକାରୀ ସମ୍ବିତ ସୌରଭ ନାୟକ ଏହି ଅବସରରେ ଉପସ୍ଥିତ ଥିଲେ। ସମ୍ବଲପୁର ରେଳ ମଣ୍ଡଳ କାର୍ଯ୍ୟାଳୟର ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।




୨ ରେଲୱେ କର୍ମଚାରୀଙ୍କୁ ପୁରସ୍କୃତ କରୁଛନ୍ତି ରେଳ ମଣ୍ଡଳ ପ୍ରବନ୍ଧକ।

# ବିଇଓ ଅଫିସ୍‌ରୁ ୫୦ହଜାର ଟଙ୍କାର ସାମଗ୍ରୀ ବାଜ୍ୟାପ୍ତ

କୁଚିଣ୍ଡା,୧୬।୪(ବିରଞ୍ଚି ଦର୍ଶୀ)

ସମ୍ବଲପୁର ଜିଲା କୁଚିଣ୍ଡା ଗୋଷ୍ଠି ଶିକ୍ଷା ଅଧିକାରୀ କାର୍ଯ୍ୟାଳୟରୁ ବୁଧବାର କୁଚିଣ୍ଡା ସିନିୟର ଡିଭିଜନ ସିଭିଲ କୋର୍ଟ ୫୦ହଜାର ଟଙ୍କାର ଆସବାବପତ୍ର ବାଜ୍ୟାପ୍ତ କରିଛି। ଜବତ ସାମଗ୍ରୀ ମଧ୍ୟରେ ୪ଟି ଗଦରେଜ ଆଲମାରି, ୫ଟି ଟେବୁଲ ଓ ୨୦ଟି ଚୌକି ରହିଛି। ଓଡ଼ିଶା ସରକାରଙ୍କ ବିଜ୍ଞପ୍ତି ନଂ.୪୦୦୫୮/୧୯୯୦ ଅନୁଯାୟୀ, କୁଚିଣ୍ଡା ଏନଏସି ୱାର୍ଡ ନଂ.୪ର ସକିଲା ବେଗମ ନାମକ ମହିଳା ୧୯୯୧ ଜାନୁଆରୀ ୧ରେ ମଦ୍ରାସା (ମୌଲବୀ) ପରୀକ୍ଷା ପାଇଁ କୁଚିଣ୍ଡା ଡିଆଇ ଅଫିସରେ ଶିକ୍ଷାଗତ ଅରିଜିନାଲ ସାର୍ଟିଫିକେଟ ଦାଖଲ କରିଥିଲେ। ମାତ୍ର ଦୀର୍ଘଦିନ ଧରି ତାଙ୍କୁ ଏଥିପାଇଁ ନିଯୁକ୍ତି ଦିଆ ନ ଥିଲା କିମ୍ବା ତାଙ୍କ ଓରିଜିନାଲ ଡକ୍ୟୁମେଣ୍ଟ ମଧ୍ୟ ଫେରସ୍ତ କରାଯାଇ ନ ଥିଲା। ଡିଆଇଙ୍କଠାରୁ ନିରାଶ ହୋଇ ସେ ଓଡ଼ିଶା ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ଜଣାଇଥିଲେ ବି କୌଣସି ସୁଫଳ ମିଳି ନ ଥିଲା। ତେଣୁ ସକିଲା ବାଧ ହୋଇ ଓଡ଼ିଶା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଅଦାଲତ ଏହାର ବିଚାର କରି ଦୁଇ ସପ୍ତାହ ମଧ୍ୟରେ ଆବେଦନକାରୀଙ୍କ ସାର୍ଟିଫିକେଟ ଫେରସ୍ତ ପାଇଁ ୨୦୦୭ ସେପ୍ଟେମ୍ବର ୬ରେ ଶିକ୍ଷା ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଶିକ୍ଷା ବିଭାଗ ଏ ଦିଗରେ କୌଣସି



ବାଜ୍ୟାପ୍ତ ହୋଇଥିବା ଶିକ୍ଷା ବିଭାଗର ସାମଗ୍ରୀ।

## ସକିଲାଙ୍କୁ ୩୩ବର୍ଷ ଧରି ହଇରାଣ କରାଯାଇଥିଲା

ପଦକ୍ଷେପ ନେଇ ନ ଥିଲା। କୋର୍ଟ ଅବମାନନା ଉପରେ କୋର୍ଟ ପୁଣି ଶୁଣାଣି କରି ୧ମାସ ମଧ୍ୟରେ ସମସ୍ତ ଓରିଜିନାଲ ଡକ୍ୟୁମେଣ୍ଟ ଫେରସ୍ତ ପାଇଁ ୨୦୦୯ ଅଗଷ୍ଟ ୫ରେ ଆଦେଶ ଦେଇଥିଲେ। ହାଇକୋର୍ଟଙ୍କ ଦୁଇ ଥର ଆଦେଶକୁ ମଧ୍ୟ ଶିକ୍ଷା ବିଭାଗ ଗ୍ରହଣ ନ କରିବାରୁ ସକିଲା କୁଚିଣ୍ଡା ସିନିୟର ଡିଭିଜନ ସିଭିଲ କୋର୍ଟରେ ଏକ ରିଟ୍ ପିଟିସନ ଦାଏର କରିଥିଲେ। ଉକ୍ତ ମାମଲାର ବିଚାର କରି ସିଭିଲ କୋର୍ଟ ସକିଲାଙ୍କୁ ୪ମାସ ମଧ୍ୟରେ ୫୦ହଜାର ଟଙ୍କା ଦେବାସହ ତାଙ୍କ ଡୁପ୍ଲିକେଟ ସାର୍ଟିଫିକେଟ ଗ୍ରହଣ କରି ତାଙ୍କୁ ନିଯୁକ୍ତି ଦେବା ପାଇଁ ଆଦେଶ ଦେଇଥିଲେ। ମାତ୍ର ସିଭିଲ କୋର୍ଟଙ୍କ ଆଦେଶକୁ କୁଚିଣ୍ଡା ଡିଆଇ ଦୀର୍ଘଦିନ ଧରି କାର୍ଯ୍ୟକାରୀ ନ କରିବାରୁ ସେ ପୁଣି ଅଦାଲତକୁ ଜଣାଇଥିଲେ। ୨୦୨୪ରେ କୋର୍ଟ ଡିଆଇ ଅଫିସ (ବର୍ତ୍ତମାନର ଗୋଷ୍ଠି ଶିକ୍ଷା କାର୍ଯ୍ୟାଳୟ)ଙ୍କୁ ୫୦ହଜାର ଟଙ୍କାର ସାମଗ୍ରୀ ବ୍ୟାଜାପ୍ତ କରି ତାକୁ ନିଲାମ କରାଯାଇ ଆବେଦନକାରୀ ସକିଲାଙ୍କୁ ଭରଣା କରାଯିବାକୁ ଆଦେଶ ଦେଇଥିଲେ। ଏହାର କାର୍ଯ୍ୟକାରିତା ପାଇଁ କୋର୍ଟ କର୍ମଚାରୀ ୨୦୨୪ ମେ ୧୩ରେ କୁଚିଣ୍ଡା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚିବା ପରେ ଶିକ୍ଷା ଅଧିକାରୀ କୋର୍ଟକୁ ୧ମାସ ସମୟ ମାଗିଥିଲେ। ମାତ୍ର ଦୀର୍ଘଦିନ ଧରି କୋର୍ଟ ଆଦେଶକୁ ଅବମାନନା କରିବାରୁ ବୁଧବାର ୫୦ହଜାର ଟଙ୍କାର ଆସବାବପତ୍ର ବ୍ୟାଜାପ୍ତ କରାଯାଇଛି। ବାଜ୍ୟାପ୍ତ ସମ୍ପତ୍ତି ନିଲାମ ପରେ ଉଦ୍ଧିଷ୍ଟ ଟଙ୍କା ସକିଲାଙ୍କୁ ପ୍ରଦାନ କରାଯିବ ବୋଲି କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏ ସମ୍ପର୍କରେ କୁଚିଣ୍ଡା ଗୋଷ୍ଠି ଶିକ୍ଷା ଅଧିକାରୀ ଗୀତା ପଧାନଙ୍କୁ ପଚାରିବାରେ ଦୀର୍ଘବର୍ଷର ଏକ ମାମଲାରେ କୋର୍ଟ ଆଦେଶର ଅନୁପାଳନ କରିଥିବା ସେ କହିଛନ୍ତି।

## ସଂକ୍ଷେପରେ

### ଗଛରୁ ଶାଗ ତୋଳୁଥିଲେ, ବିଦ୍ୟୁତ୍ ଆଘାତରେ ମହିଳାଙ୍କ ମୃତ୍ୟୁ

**ଲାଞ୍ଜିଗଡ଼,୧୬।୪(ରମେଶ ଚନ୍ଦ୍ର ନାୟକ):** କଳାହାଣ୍ଡି ଜିଲା ଲାଞ୍ଜିଗଡ ଥାନା ବାଡେଲିମା ପଞ୍ଚାୟତ ବେଲମ୍ବା ଗ୍ରାମରେ ଗଛରୁ ଶାଗ ତୋଳୁଥିବାବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ବୁଧବାର ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଉଛନ୍ତି ଉକ୍ତ ଗ୍ରାମର ଫୁଲ ମାଝୀ (୩୫)। ସୂଚନାନୁସାରେ ପୂର୍ବାହ୍ନ ସାଢେ ୧୦ଟା ସମୟରେ ଫୁଲ ଗାଁ ନିକଟ ଚାଷ ଜମିରେ ଥିବା ବରଡ଼ା ଗଛରୁ ଶାଗ ତୋଳୁଥିଲେ। ଗଛ ନିକଟ ଦେଇ ୧୩୨ କେଭି ବିଦ୍ୟୁତ ତାର ଯାଇଥିବାବେଳେ ସୋମବାର ଝଡ଼ବର୍ଷାରେ ତାହା ଖୁଲିପଡ଼ି ଗଛରେ ଲାଖି ରହିଥିଲା। ଏହା ଜାଣି ନ ପାରି ଫୁଲ ଶାଗ ତୋଳିବା ସମୟରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଥିଲେ। ଏଥିରେ ତାଙ୍କ ଶରୀର ପୋଡ଼ିଯାଇ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ବର୍ଷକ ତଳେ ତାଙ୍କ ସ୍ୱାମୀ ବାସୁ ମାଝୀଙ୍କ ମୃତ୍ୟୁ ଘଟିଥିବାବେଳେ ତିନୋଟି ପୁଅ ଓ ଝିଅଙ୍କୁ ନେଇ ସେ କଷ୍ଟରେ ଚଳୁଥିଲେ। ତାଙ୍କ ମୃତ୍ୟୁ ପରେ ଏବେ ଛୋଟ ଝିଅପୁଅ ସମ୍ପୂର୍ଣ୍ଣ ବେସାହାରା ହୋଇପଡିଛନ୍ତି। ସେମାନଙ୍କୁ କ୍ଷତିପୂରଣ ସହିତ ଉପଯୁକ୍ତ ଥଇଥାନ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଏ ନେଇ ଲାଞ୍ଜିଗଡ ଥାନାରେ ଏକ ମାମଲା (ନଂ.୨/୨୫) ରୁଜୁ କରି ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିବାବେଳେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି।

### ଟ୍ରାକ୍ଟର ଓଲଟି ଡ୍ରାଇଭର ମୃତ

**କୋକସରା,୧୬।୪ (ଦୁଷ୍ମନ୍ତ କୁମାର ପାଟ୍ଟଯୋଷୀ):** କଳାହାଣ୍ଡି ଜିଲା ଆମପାଣି ଥାନା ଅନ୍ତର୍ଗତ ଆମପାଣି ଗୌନ୍ତିଆପଡ଼ା ନୂଆବନ୍ଧ ନିକଟରେ ଠିକା କାମରେ ନିୟୋଜିତ ଥିବା ଏକ ମୋରମ ବୋଝେଇ ଟ୍ରାକ୍ଟର ବୁଧବାର ଭାରସାମ୍ୟ ହରାଇ ଓଲଟି ପଡିବାରୁ ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଆମପାଣି ଗ୍ରାମ ମାଝୀପଡାର ଗିରିଧାରୀ ମାଝୀ (୨୩)। ଦୁର୍ଘଟଣା ଖବର ପାଇ ଆମପାଣି ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କୋକସରା ଡାକ୍ତରଖାନାକୁ ପଠାଇଛି। ଟ୍ରାକ୍ଟରଟି ସ୍ଥାନୀୟ ଆମପାଣି ଗ୍ରାମର ବୋଲି ଜଣାପଡିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ପୋଲିସ ଏକ ମାମଲା (ନଂ.୨୫/୨୫) ରୁଜୁ କରି ତଦନ୍ତ ଜାରି ରଖିଥିବା ଏସ୍ଆଇ ଈଶ୍ୱର ଚନ୍ଦ୍ର ସିରକା ସୂଚନା ଦେଇଛନ୍ତି।

### ଷୋହଳପ୍ରହର ନାମଯଜ୍ଞ ସମ୍ପନ୍ନ

**ପଲମ, ୧୬।୪ (ଭିକାରି ଗଉଡ଼):** କଳାହାଣ୍ଡି ଜିଲା ନର୍ଲା ବ୍ଲକ୍ ପଲମ ପଞ୍ଚାୟତର ମା' ତାରିଣୀ ପୀଠରେ ୧୬ ପ୍ରହର ନାମଯଜ୍ଞ ସମ୍ପନ୍ନ ହୋଇଛି। ୧୨ତାରିଖରେ ଅଧିବାସ, ୧୩ରେ ନାମ ଆରମ୍ଭ ଓ ୧୪ରେ ଦଧିହାଣ୍ଡି ଭଗ୍ନ ସହ ପୂର୍ଣ୍ଣାହୁତି ଅନୁଷ୍ଠିତ ହୋଇଛି। ଯଜ୍ଞ କର୍ତ୍ତା ଭାବରେ ଈଶ୍ୱର ମାଝୀ ଓ ତାଙ୍କ ସ୍ତ୍ରୀ ବିଳାସ ମାଝୀ ଦାୟିତ୍ୱ ତୁଲାଇଥିଲେ। ସପ୍ତଋଷି ଭାବରେ ଥୟଧର ସାହୁ, ମାୟାଧର ସାହୁ, ଉଦୟ ସାହୁ, ରାଜେନ୍ଦ୍ର ମାଝୀ, କଲାକୁଞ୍ଜ ମାଝୀ, ଦୁର୍ବାସା ସାହୁ, ରୂପେନ୍ଦ୍ର ଭୋଇ ରହି ପୂଜା କାର୍ଯ୍ୟରେ ସହଯୋଗ କରିଥିଲେ। ଉମାଶଙ୍କର ମିଶ୍ର ପୂଜକ, ଅଞ୍ଜନ ମିଶ୍ର ଓ ଶିବଶଙ୍କର ମିଶ୍ର ଜପକ ଏବଂ ସୁଧୀର ରଥ ପାଟକ ଭାବେ ପୂଜା କାର୍ଯ୍ୟ ଆରମ୍ଭ କରିଥିଲେ। ନାମଯଜ୍ଞରେ ୧୨ ସଂକୀର୍ତ୍ତନ ଦଳ ଅଂଶଗ୍ରହଣ କରିଥିଲେ। ସେହିପରି ଟକର୍ଲା ଗ୍ରାମପଞ୍ଚାୟତ ଟକର୍ଲା ତାରିଣୀ ପୀଠରେ ପଣାସଂକ୍ରାନ୍ତି ଉପଲକ୍ଷ ଅଷ୍ଟପ୍ରହର ନାମ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଯଜ୍ଞକର୍ତ୍ତା ଭାବରେ ବିଜୟ ମାଝୀ ଓ ତାଙ୍କ ସ୍ତ୍ରୀ ବିତା ମାଝୀ ରହିଥିଲେ।

# ସଞ୍ଜୟ ଶତପଥୀ ସ୍ମାରକୀ ବକ୍ତୃତାମାଳା

## ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ଆରମ୍ଭ

**ଭବାନୀପାଟଣା,୧୬।୪(ଉତ୍ତମ କୁମାର ଦାଶ)**



ଛାତ୍ରୀ ସୁହାନୀ ନାଏକଙ୍କୁ ପୁରସ୍କୃତ କରାଯାଉଛି।

କଳାହାଣ୍ଡି ବିଶ୍ୱବିଦ୍ୟାଳୟର ପ୍ରଥମ ସ୍ଥାୟୀ କୁଳପତି ଥିଲେ ପ୍ରଫେସର ସଞ୍ଜୟ କୁମାର ଶତପଥୀ। ନୂଆ ବିଶ୍ୱବିଦ୍ୟାଳୟକୁ ପୂର୍ଣ୍ଣାଙ୍ଗ ରୂପ ଦେବା ପାଇଁ ସେ ପ୍ରାଣପଣେ ଚେଷ୍ଟା କରୁଥିଲେ। ଦୁର୍ଭାଗ୍ୟର ବିଷୟ ନିଜର କାର୍ଯ୍ୟକାଳ ମଧ୍ୟରେ ସେ ନିଜର ପ୍ରିୟ କଳାହାଣ୍ଡି ବିଶ୍ୱବିଦ୍ୟାଳୟକୁ ଛାଡି ଚାଲିଗଲେ। କଳାହାଣ୍ଡି ବିଶ୍ୱବିଦ୍ୟାଳୟ ତଥା ଏବେକାର ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟକୁ ସାରା ବିଶ୍ୱରେ ପରିଚିତ କରିବା ପାଇଁ ସେ ସ୍ୱପ୍ନ ଦେଖିଥିଲେ। ହେଲେ ତାହା ସ୍ୱପ୍ନରେ ରହିଗଲା। ତାଙ୍କର ଅବଦାନ ଓ ସ୍ମୃତିକୁ ମନେ ପକାଇବା ପାଇଁ ତଥା ଶ୍ରଦ୍ଧାଞ୍ଜଳି ସ୍ୱରୂପ ପ୍ରଫେସର ସଞ୍ଜୟ କୁମାର ଶତପଥି ସ୍ମାରକୀ ବକ୍ତୃତାମାଳା ବୁଧବାର ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ଏହାର ଶୀର୍ଷକ ଥିଲା 'କଳାହାଣ୍ଡି ଜିଲାର ଲୋକ ଦେବଦେବୀ ଓ ଲୋକବିଶ୍ୱାସ'। ଭାରପ୍ରାପ୍ତ କୁଳପତି ଡ. ନିବେଦିତା ନାଥ ସଭାପତି ଆସନ ଅଳଙ୍କୃତ କରି ପ୍ରଫେସର ସଞ୍ଜୟ କୁମାର ଶତପଥୀଙ୍କ ବିଶ୍ୱବିଦ୍ୟାଳୟ ପ୍ରତି ଥିବା ଅବଦାନ ସମ୍ପର୍କରେ ବଖାଣିଥିଲେ। ଚଳିତ ବର୍ଷଠାରୁ ମହାରାଜା ପ୍ରତାପ କେଶରୀ ଦେଓ ବକ୍ତୃତାମାଳା ଅକ୍ଟୋବରରେ, ଶହୀଦ ରେଣ୍ଡୋ ମାଝୀ ବକ୍ତୃତାମାଳା ଡିସେମ୍ବରରେ ଓ ପ୍ରଫେସର ଭୁବନେଶ୍ୱର ବେହେରା ବକ୍ତୃତାମାଳା ଜାନୁଆରୀରେ ଅନୁଷ୍ଠିତ ହେବ ବୋଲି ଭାରପ୍ରାପ୍ତ କୁଳପତି କହିଥିଲେ। ଉପକୁଳସଚିବ ମେଜର ଡକ୍ଟର ଜୟଦେବ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରି ପ୍ରଫେସର ଶତପଥୀଙ୍କ ଗୁଣଗାନ କରିଥିଲେ। ବିଶ୍ୱବିଦ୍ୟାଳୟର ବିତ୍ତ ନିୟନ୍ତ୍ରକ ସୁରେଶ ପିତିସିକା ପ୍ରଫେସର ଶତପଥିଙ୍କ ଅମ୍ଳାନ ପ୍ରତିଭା ସମ୍ପର୍କରେ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଏହି ବକ୍ତୃତାମାଳାର ପ୍ରଥମ ବକ୍ତା ହେଉଛନ୍ତି ପ୍ରଫେସର ସଞ୍ଜୟ କୁମାର ଶତପଥୀଙ୍କ ପ୍ରିୟ ଭାଇନା ମେଜର ଡକ୍ଟର ରାମଚନ୍ଦ୍ର ମିଶ୍ର। କଳାହାଣ୍ଡି ଓ ଆଧାତ୍ମିକ ଚିନ୍ତା ଓ ଚେତନାକୁ ଗୁରୁତ୍ୱ ଦେଉଥିଲେ ଶତପଥୀ ମହୋଦୟ। ତେଣୁ ପ୍ରଥମ ବିଷୟ 'କଳାହାଣ୍ଡି ଜିଲାର ଲୋକ ଦେବଦେବୀ ଓ ଲୋକବିଶ୍ୱାସ' ଉପରେ ବକ୍ତା ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ପଦାର୍ଥ ବିଜ୍ଞାନ ବିଭାଗର ସ୍ନାତକ ଦ୍ୱିତୀୟ ବର୍ଷ ଛାତ୍ରୀ ସୁହାନୀ ନାଏକ ଚଳିତ ବର୍ଷ ପ୍ରଫେସର ସଞ୍ଜୟ କୁମାର ଶତପଥି ସ୍ମାରକୀ ପୁରସ୍କାର ପାଇଥିଲେ। ନିଜର ପ୍ରଜ୍ଞା ତଥା ଦିଲ୍ଲୀରେ ଅନୁଷ୍ଠିତ ଯୁବ ପାର୍ଲାମେଣ୍ଟରେ ପ୍ରତିନିଧିତ୍ୱ କରିଥିବାରୁ ସେ ଏହି ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ହୋଇଥିଲେ। ଇଂରାଜୀ ବିଭାଗର ସ୍ନାତକୋତ୍ତର ଛାତ୍ରୀ ପ୍ରଜ୍ଞା ପ୍ରିୟଦର୍ଶିନୀ ଜେନା ମଞ୍ଚ ପରିଚାଳନା କରିଥିବାବେଳେ ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ଡ. କୈଳାସ ଚନ୍ଦ୍ର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ବକ୍ତୃତମାଳାରେ ବିଶ୍ୱବିଦ୍ୟାଳୟର ସମସ୍ତ କର୍ମଚାରୀ, ଛାତ୍ରୀଛାତ୍ର, ଗବେଷକ, ଗବେଷିକା ସାମିଲ ଥିଲେ।

# ବିଜୁ ବାବୁଙ୍କ ପ୍ରତିମୂର୍ତ୍ତି ପୋଡ଼ି ଘଟଣାର ପ୍ରତିବାଦ


ଘାସିରାମ ମାଝିଙ୍କ ପ୍ରତିମୂର୍ତ୍ତି ତଳେ ପ୍ରତିବାଦ କରାଯାଉଛି।

**ନୂଆପଡ଼ା,୧୬।୪ (ମକାରୁ ବେମାଲ)**

ବଲାଙ୍ଗୀର ଜିଲା ପାଟଣାଗଡରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିକୁ ପୋଡିଦେବା ପ୍ରତିବାଦରେ ନୂଆପଡ଼ା ବିଜେଡି ପକ୍ଷରୁ ସୋମବାର ସନ୍ଧ୍ୟାରେ ଏକତା ଛକଠାରେ ସ୍ୱର୍ଗତ ଘାସିରାମ ମାଝିଙ୍କ ପ୍ରତିମୂର୍ତ୍ତି ତଳେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ନୂଆପଡା ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କ ନେତୃତ୍ୱରେ ଶତାଧିକ ବିଜେଡି ନେତା ଓ କର୍ମୀ ସାମିଲ ହୋଇଥିଲେ। ବିଜୁ ବାବୁ କେବଳ ଓଡ଼ିଶାର ନୁହେଁ, ସମଗ୍ର ବିଶ୍ୱ ଦରବାରରେ ସୁପରିଚିତ । ତାଙ୍କର ନୀତି, ଆଦର୍ଶକୁ ସର୍ବଦଳୀୟ ନେତା ସମ୍ମାନ ଦେଇଥିଲେ। ସେ ଜଣେ ନିର୍ବିବାଦୀୟ ନେତା ଥିଲେ। ଏଭଳି ଜଣେ ଜନନାୟକଙ୍କ ପ୍ରତିମୂର୍ତ୍ତି ପୋଡିବା ନିନ୍ଦନୀୟ ଘଟଣା। ଏଥିରେ ସମ୍ପୃକ୍ତ ଦୋଷୀଙ୍କୁ ଗିରଫ କରି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଜେଡି ନେତା ଓ କର୍ମୀମାନେ ଦାବି କରିଛନ୍ତି। ଏଥିରେ ବିଜେଡି ଜିଲା ସଭାପତି ଅବନୀ ରଞ୍ଜନ ଯୋଶୀ, ନୂଆପଡା ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ଜିଲା ପରିଷଦ ସଭ୍ୟା ଉମା ଠାକୁର, ବିଧାୟକ ପ୍ରତିନିଧି ଜୟ ଢୋଲକିଆ, ଧନୀରାମ ସାହୁ, କାଳିଆ ପ୍ରଧାନ, ନିଶାନ୍ତ ଡାଗା, ରମାକାନ୍ତ ଠାକୁର, ଶିବମ ପାତ୍ର, ମଳୟ ରଞ୍ଜନ ମଣ୍ଡଳ, ସଙ୍ଗିତା ପାରକଙ୍କ ସମେତ ଶତାଧିକ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ପାନୀୟ ଜଳ ସମସ୍ୟା: ବିଡିଓଙ୍କୁ ଅଭିଯୋଗ


ବିଡିଓଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଗ୍ରାମବାସୀ।

**ଥୁଆମୂଳ ରାମପୁର,୧୬।୪ (ଦୁର୍ଗା କୀର୍ତ୍ତି)**

## ଟ୍ୟାଙ୍କର ଦ୍ୱାରା ପାନୀୟ ଜଳ ଯୋଗାଣ ଦାବି

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ସଦର ପଞ୍ଚାୟତ ସ୍ଥିତ ପୋଖରା ଗ୍ରାମରେ ପାନୀୟ ଜଳ ସମସ୍ୟାକୁ ନେଇ ବୁଧବାର ଗ୍ରାମବାସୀ ବିଡ଼ିଓଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ପୋଖରା ଗ୍ରାମର ବାଗ ପଡ଼ା, ଗୁଡ଼ିପଡ଼ା, ମନ୍ଦିର ପଡ଼ା, ଇନ୍ଦ୍ରାବତୀ ପଡ଼ାରେ ୨୦୦ରୁ ଉର୍ଦ୍ଧ ଘର ରହିଥିବା ବେଳେ ଜନସଂଖ୍ୟା ପ୍ରାୟ ୫୦୦ ହେବ। ଏହି ୪ଟି ପଡ଼ାକୁ ପାନୀୟ ଜଳ ଯୋଗାଇବା ପାଇଁ ୬ଟି ନଳକୂପ ରହିଥିବା ବେଳେ ସେଥିରୁ ୨ଟି ଦୀର୍ଘ ମାସ ହେଲା ଅଚଳ ରହିଛି। ୪ଟି ନଳକୂପ ଥିଲେ ମଧ୍ୟ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଯୋଗୁ ଜଳ ସ୍ତର କମିଯିବାରୁ ସେଥିରୁ କମ୍ ପାଣି ବାହାରୁଛି। ଫଳରେ ଲୋକେ ଆବଶ୍ୟକ ଅନୁସାରେ ଜଳ ପାଇବାରୁ ବଞ୍ଚିତ ହେଉଛନ୍ତି। ଏହାକୁ ନେଇ ଗ୍ରାମର ମହିଳାପୁରୁଷ ଅଚଳ ଥିବା ନାଳକୂପକୁ ମରାମତି କରିବା ସହ ବସୁଧା ଯୋଜନା କିମ୍ବା ମେଗା ଜଳ ପ୍ରକଳ୍ପରେ ଅନ୍ତର୍ଭୁକ୍ତ କରି ଯଥା ଶୀଘ୍ର ବିଶୁଦ୍ଧ ପାନୀୟ ଜଳ ଯୋଗାଇଦେବା ପାଇଁ ଲିଖିତ ଆକାରରେ ଜଣାଇଛନ୍ତି। ଜରୁରୀ ଆବଶ୍ୟକତା ମେଣ୍ଟାଇବା ପାଇଁ ଟ୍ୟାଙ୍କର ମାଧ୍ୟମରେ ଜଳ ଯୋଗାଣ କରାଯାଉ ବୋଲି ବିଡ଼ିଓଙ୍କୁ ଜଣାଇଥିବା ଗ୍ରାମବାସୀ ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ବିଡ଼ିଓ ଧ୍ରୁବ ଚରଣ ମୁଦୁଲିଙ୍କୁ ପଚାରିବାରୁ ଆଗାମୀ ଦିନରେ ମେଗା ପ୍ରକଳ୍ପ କରି ଉକ୍ତ ଗ୍ରାମକୁ ଜଳ ଯୋଗାଣ ବ୍ୟବସ୍ଥା କରିବୁ। ଅଚଳ ଅବସ୍ଥାରେ ଥିବା ନଳକୂପ ମରାମତି କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ କହିସାରିଛି। ପ୍ରାଥମିକ ଅବସ୍ଥାରେ ଯାହା ସମ୍ଭବ ହୋଇପାରିବ ସେ ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି।

## ଷୋହଳପ୍ରହର ନାମଯଜ୍ଞ ଉଦ୍ୟାପିତ

**ଲାଞ୍ଜିଗଡ଼,୧୬।୪(ରମେଶ ଚନ୍ଦ୍ର ନାୟକ):** କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବଜାରପଡ଼ା ସାପ୍ତାହିକ ହାଟ ପ୍ରାଙ୍ଗଣରେ ଚାଲିଥିବା ଷୋହଳ ପ୍ରହର ନାମଯଜ୍ଞ ବୁଧବାର ଉଦ୍ୟାପିତ ହୋଇଯାଇଛି। ମହାବିଷୁବ ସଂକ୍ରାନ୍ତି, ହନୁମାନ ଜୟନ୍ତୀ ତଥା ଓଡ଼ିଆ ନବବର୍ଷ ଅବସରରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ୧୩ ତାରିଖ ସନ୍ଧ୍ୟାରେ କଳସ ଶୋଭାଯାତ୍ରାରେ ହଜାର ସଂଖ୍ୟାରେ ମହିଳା ସାମିଲ ହୋଇଥିଲେ। ୧୪ରେ କଳସ ସ୍ଥାପନ ସହ ନାମଯଜ୍ଞର ଅଧିବାସ ଆରମ୍ଭ ହୋଇଥିଲା। ଏଥିରେ କର୍ତ୍ତା ଭାବେ ସୁବାସ ଅଗ୍ରୱାଲ ଓ ପିଙ୍କିବାଇ ଅଗ୍ରୱାଲ, ସହକର୍ତ୍ତା ଭାବେ ସନ୍ତୋଷ ଦଣ୍ଡସେନା ଓ ତାଙ୍କ ଧର୍ମପତ୍ନୀ ସରିତା ଦଣ୍ଡସେନା, ପୀତାମ୍ବର ଡମବିଶି ଓ ତାଙ୍କ ଧର୍ମପତ୍ନୀ ଦାୟିତ୍ୱ ତୁଲାଇଥିଲେ। ମୁରଲୀଧର ତ୍ରିପାଠୀ, ଚକ୍ରଧର ତ୍ରିପାଠୀ, ପୂର୍ଣ୍ଣ ଚନ୍ଦ୍ର ମହାପାତ୍ର, ମଧୁସୂଦନ କର, ପୂର୍ଣ୍ଣଚନ୍ଦ୍ର ମହାପାତ୍ର ପ୍ରମୁଖ ପୂଜକ ଦାୟିତ୍ୱ ନିର୍ବାହ କରିଥିଲେ। ନାମଯଜ୍ଞରେ ୯ ଗୋଟି ସଂକୀର୍ତ୍ତନ ଦଳ ସାମିଲ ହେଇଥିଲେ। ବୁଧବାର ସକାଳେ ନାମ ସମାପ୍ତ ଓ ଦଧିହାଣ୍ଡି ଭାଙ୍ଗିବା ପରେ ସଂକୀର୍ତ୍ତନ ଦଳ ସହିତ ଶ୍ରଦ୍ଧାଳୁ ନଗର କୀର୍ତ୍ତନ କରି ଲାଞ୍ଜିଗଡ଼ ସହର ପରିକ୍ରମା କରିଥିଲେ।

# କଂଗ୍ରେସର କ୍ୟାଣ୍ଡେଲ ଶୋଭାଯାତ୍ରା

**ନୂଆପଡ଼ା,୧୬।୪ (ମକାରୁ ବେମାଲ)**

ଓଡିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶ କ୍ରମେ ରାଜ୍ୟରେ ନାରୀ ନିର୍ଯାତନା ପ୍ରତିବାଦରେ ସୋମବାର ସନ୍ଧ୍ୟାରେ ଖରିଆର ରୋଡ କଂଗ୍ରେସ ପକ୍ଷରୁ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ନଗର କଂଗ୍ରେସ କମିଟି ପକ୍ଷରୁ ଜୁନେଦ ଖାନଙ୍କ ନେତୃତ୍ୱରେ ଶୋଭାଯାତ୍ରା ରାମ ମନ୍ଦିରଠାରୁ ବାହାରି ସହର ପରିକ୍ରମା କରିଥିଲା। ଏହି ସମୟରେ କଂଗ୍ରେସ ନେତା ରାମକ୍ରିଷ୍ଣ ଭାଇ, ଦୁର୍ଯ୍ୟୋଧନ ସାହୁ, ଜୟନ୍ତି ସାହୁ, ଉଷା ଚନ୍ଦ୍ରକାରଙ୍କ ସମେତ ଶତାଧିକ ମହିଳା ଓ କର୍ମୀ ଉପସ୍ଥିତ ଥିଲେ।

# ପାଠପଢ଼ି ଭଲ ମଣିଷ ହେବାକୁ ପରାମର୍ଶ


ଜଣେ ଛାତ୍ରୀଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

**କର୍ଲାମୁଣ୍ଡା,୧୬।୪(ପ୍ରଦୀପ କୁମାର ସାହୁ)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ୍ ବୋରପଦର ପଞ୍ଚାୟତ ଖଲିଆପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ସ୍ଥାନୀୟ ସରପଞ୍ଚ ସୁବାସ ସାହୁ ମୁଖ୍ୟ ଅତିଥି, ରେଙ୍ଗାଲି ସିଆର୍‌ସିସି ଉଜ୍ଜ୍ୱଳ କୁମାର ସାହୁ ମୁଖ୍ୟବକ୍ତା ଓ ନାଏବ ସରପଞ୍ଚ ମିଥିଳା ସାହୁ, ବିଦ୍ୟାଳୟ ପରିଚାଳନା କମିଟି ଉପାଧ୍ୟକ୍ଷ ଇନ୍ଦୁମତି ବାରିକ, ମୋ ସ୍କୁଲ ଅଭିଯାନର ସଭାପତି ସୁଦାମ ଚରଣ ବାରିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପାଠ ପଢି ଭଲ ମଣିଷ ହେବା ପାଇଁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ହେମକାନ୍ତ ନାଏକ, ସହକାରୀ ଶିକ୍ଷକ ଏକାନ୍ତ ବେହେରା, ଶିକ୍ଷକ ସୁନୀଲ କୁମାର ସାହୁ, ପରିଚାଳନା କମିଟି ସଦସ୍ୟ, ଅଭିଭାବକ ସହଯୋଗ କରିଥିଲେ।

# ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି

**କୋମନା,୧୬।୪ (ସୋବିନ ଛତ୍ରିଆ)**


ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି ବିଡିଓ।

ନୂଆପଡ଼ା ଜିଲା କୋମନା ବ୍ଲକ ନୂଆଗାଁ ଗ୍ରାମପଞ୍ଚାୟତ ସଭାଗୃହରେ ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି।.ଏଥିରେ ବିଡିଓ ବିନୟ କୁମାର ଭୋଇ ଅଧ୍ୟକ୍ଷତା କରିଥିଲେ। ସମ୍ମାନିତ ଅତିଥି ଭାବେ ନୂଆଗାଁ ସରପଞ୍ଚ ଜୟନ୍ତୀମାଳା ପ୍ରଧାନ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଆକାଶ ସାହୁ, ଗ୍ରାମ ରୋଜଗାର ସେବିକା ରଶ୍ମି ଦଣ୍ଡସେନା, ଗ୍ରାମୀଣ ଗୃହ ବିଭାଗ ଅଧିକାରୀ ରୁଦ୍ର ନାଗ, ଏପିଓ ଜିତେନ୍ଦ୍ର ସାହୁ, ବ୍ଲକ ଯୋଗାଣ ବିଭାଗର ଡିଇଓ ବଶିଷ୍ଟ ବାଗ ଯୋଗଦେଇଥିଲେ। ଶିବିରରେ ମୋଟ ୫୩ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ବିଡ଼ିଓ ଭତ୍ତା ଓ ଆବାସ ଯୋଜନାର କେତେକ ହିତାଧିକାରୀଙ୍କ ସମସ୍ୟା ତୁରନ୍ତ ସମାଧାନ କରିଥିଲେ। ସେହିପରି ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ସମସ୍ତ ଶ୍ରମିକଙ୍କୁ କାମ ଯୋଗାଇଦେବା ପାଇଁ କହିଥିଲେ। ସମସ୍ତ ଲୋକ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାର ଲାଭ କିପରି ପାଇବେ ସେ ବିଷୟରେ ବିଡିଓ ଅବଗତ କରାଇଥିଲେ। ଗ୍ରାମପଞ୍ଚାୟତରେ ପାନୀୟ ଜଳ ସମସ୍ୟା ସମାଧାନ ପାଇଁ କେତୋଟି ବୋରୱେଲ ବ୍ୟବସ୍ଥା ସହ ପାଣି ଟାଙ୍କି ବ୍ୟବସ୍ଥା କରାଯିବ ବୋଲି କହିଥିଲେ।

## ଏବିଇଓଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ଖଡ଼ିଆଳ,୧୬।୪ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ବାଦୀ ଗ୍ରାମ ପଞ୍ଚାୟତ ରାଜୀବ ଗାନ୍ଧୀ ଉଦ୍ୟାନ ପରିସରରେ ଏବିଇଓ ତଥା ବିଆର୍‌ସିସି ମୋତିଲାଲ ବେହେରାଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ବିଇଓ କାହ୍ନୁ ଚରଣ ନାଏକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବେହେରାଙ୍କ ଜୀବନୀ ତଥା ପ୍ରଶାସନିକ କାର୍ଯ୍ୟଦକ୍ଷତାକୁ ପ୍ରଶଂସା କରିଥିଲେ। ଏବିଇଓ ତଥା ବିଆର୍‌ସିସି ଜୟଦେବ ପଣ୍ଡା, ଏବିଇଓ ପରେଶ କୁମାର ପଣ୍ଡା ମଞ୍ଚାସୀନ ଥିଲେ। ସିଆର୍‌ସିସି ସଭାପତି ସଞ୍ଜୟ କୁମାର ପଣ୍ଡା, ସିଆର୍‌ସିସି ରଜନୀକାନ୍ତ ଯୋଶୀ, ପ୍ରାଣକୃଷ୍ଣ ଦାସ, ସିଲୁ ମହାନନ୍ଦ, ପୁରୁଷୋତ୍ତମ ସଗରିଆ, ଉମାକାନ୍ତ ତାଣ୍ଡି, ବନ ବିହାରୀ ବାଗ ଉପସ୍ଥିତ ରହି ବେହେରାଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

# କଂଗ୍ରେସ ପକ୍ଷରୁ କ୍ୟାଣ୍ଡେଲ ଶୋଭାଯାତ୍ରା

**ଖଡ଼ିଆଳ,୧୬।୪ (ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡ଼ିଆଳଠାରେ ପିସିସି ସଭାପତି ଭକ୍ତ ଚରଣ ଦାଶଙ୍କ ନିର୍ଦ୍ଦେଶକ୍ରମେ ନାରୀ ନିର୍ଯାତନା, ନାରୀ ସୁରକ୍ଷା ଦାବିରେ ସୋମବାର କଂଗ୍ରେସ ପକ୍ଷରୁ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଖଡ଼ିଆଳ କଂଗ୍ରେସ ବିଧାୟକ ପ୍ରାର୍ଥୀ କମଳ ଚରଣ ତାଣ୍ଡିଙ୍କ ନେତୃତ୍ୱରେ ଖଡ଼ିଆଳ ଠାକୁରାଣୀ ମନ୍ଦିର ପାଖରୁ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ଥାନା ଛକଠାରେ ଅନୁଷ୍ଠିତ ପ୍ରତିବାଦ ସଭାରେ ବିଭିନ୍ନ ସରକାର ବିରୋଧୀ ସ୍ଲୋଗାନ ଦିଆଯାଇଥିଲା। ଏଥିରେ ପ୍ରବୀଣ ପଟ୍ଟନାୟକ, ଭରତ ରାଉତ, ପପୁ ଅହିର, ଲିଙ୍ଗରାଜ ଯୁଏଡ଼, ସରୋଜ ଶବର, ରୂପେଶ ବନଛୋର, ବିଶ୍ୱ ବେହେରାଙ୍କ ସମେତ ଶତାଧିକ ମହିଳାପୁରୁଷ କଂଗ୍ରେସ କର୍ମୀ ସାମିଲ ହୋଇଥିଲେ।

# ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ, ଜିଲାପାଳଙ୍କୁ ଅଭିଯୋଗ

**ନୂଆପଡ଼ା,୧୬।୪ (ମକାରୁ ବେମାଲ)**

## ଦାୟିତ୍ୱ ହସ୍ତାନ୍ତର କରୁନାହାନ୍ତି ସରପଞ୍ଚ

ନୂଆପଡ଼ା ଜିଲା କୋମନା ବ୍ଲକ ଲଖନା ପଞ୍ଚାୟତ ସରପଞ୍ଚ ବହିଷ୍କାର ପରେ ମଧ ନାଏବ ସରପଞ୍ଚ କିମ୍ବା କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଦାୟିତ୍ୱ ହସ୍ତାନ୍ତର କରି ନ ଥିବାରୁ ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ ହେଉଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ ଲଖନା ସରପଞ୍ଚ ମହିଳା କାର୍ଯ୍ୟନିର୍ବାହୀ ଅଧିକାରୀ (ପିଇଓ)ଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ବୋମା ପକାଇ ଜୀବନରେ ମାରିଦେବାକୁ ଫୋନରେ ଧମକ ଦେଇଥିବା ନେଇ ସମ୍ପୃକ୍ତା ପିଇଓ ଜିଲା ପ୍ରଶାସନକୁ ଲିଖିତ ଜଣାଇଥିଲେ। ଏହାସାଙ୍ଗକୁ ସରପଞ୍ଚ ଗ୍ରାମ ପାଣ୍ଠିରୁ ୮୧ ହଜାର ଟଙ୍କା ଆତ୍ମସାତ କରିଥିବା ଅଭିଯୋଗ ହୋଇଥିଲା। ଏ ନେଇ ଅତିରିକ୍ତ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଯୋଗେଶ୍ୱର ଭୋଇ ଓ ଜିଲା ପଞ୍ଚାୟତ ଅଧିକାରୀ ଲକ୍ଷ୍ମଣ ଓରାମ ମିଳିତ ତଦନ୍ତ କରି ସତ୍ୟାସତ୍ୟ ଜାଣିବା ପରେ ଜିଲା ପ୍ରଶାସନଠାରେ ରିପୋର୍ଟ ଦାଖଲ କରିଥିଲେ। ଏହାକୁ ନେଇ ଜିଲାପାଳ ସରପଞ୍ଚଙ୍କୁ ନିଲମ୍ବନ କରାଯିବାକୁ ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ବିଭାଗ ନିର୍ଦ୍ଦେଶକଙ୍କୁ ସୁପାରିଶ କରିଥିଲେ। ରାଜ୍ୟ ସରକାର ଏହା ଆଧାରରେ ଆଦେଶ ପତ୍ର ସଂଖ୍ୟା ୯୨୩୯/୨୦୨୫, ଏପ୍ରିଲ ୭ରେ ସରପଞ୍ଚଙ୍କୁ କାର୍ଯ୍ୟରୁ ବହିଷ୍କାର କରିଛନ୍ତି। ଇତିମଧ୍ୟରେ ୧୦ ଦିନ ବିତିଯାଇଥିଲେ ମଧ୍ୟ ସରପଞ୍ଚ ଦାୟିତ୍ୱ ହସ୍ତାନ୍ତର କରି ନ ଥିବାରୁ କୌଣସି ଉନ୍ନୟନ କାର୍ଯ୍ୟ ହୋଇପାରୁ ନାହିଁ । ହିତାଧିକାରୀମାନେ ବିଭିନ୍ନ କାର୍ଯ୍ୟରେ ଆସି ନିରାଶ ହୋଇ ଫେରି ଯାଉଛନ୍ତି। ବର୍ତ୍ତମାନ ଗ୍ରୀଷ୍ମ ପ୍ରବାହ ସମୟରେ କୌଣସି ସ୍ଥାନରେ ଜଳଛତ୍ର ଖୋଲିନାହିଁ । ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କାର୍ଯ୍ୟ କରିଥିବା ଶ୍ରମିକମାନେ ପାଉଣା ପାଇପାରୁ ନାହାନ୍ତି। ଏସବୁକୁ ଦୃଷ୍ଟିରେ ରଖି ପଞ୍ଚାୟତର ସମସ୍ତ ସଭ୍ୟାସଭ୍ୟ ସୋମବାର କୋମନା ବିଡିଓଙ୍କୁ ଲିଖିତ ଜଣାଇବା ସହ ବୋଡେନ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ହେଉଥିବା ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣିରେ ଲିଖିତ ଭାବରେ ଜଣାଇଛନ୍ତି । ଜିଲାପାଳ ମଧୁସୂଦନ ଦାସ ଶୀଘ୍ର ଏହି ସମସ୍ୟାର ସମାଧାନ ପାଇଁ ଜିଲା ପଞ୍ଚାୟତ ଅଧିକାରୀ ଓରାମଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ଗୋଷ୍ଠୀଗୃହରେ ଚାଲିଛି ପଞ୍ଚାୟତ କାର୍ଯ୍ୟାଳୟ

**ନୂଆପଡ଼ା,୧୬।୪ (ମକାରୁ ବେମାଲ)**



ଗୋଷ୍ଠୀ ଗୃହରେ ପଞ୍ଚାୟତ କାର୍ଯ୍ୟାଳୟ ଚାଲିଛି।

## ଦେଓଦରା ପଞ୍ଚାୟତର ନାହିଁ ନିଜସ୍ୱ କୋଠା

ନୂଆପଡ଼ା ଜିଲା କୋମନା ବ୍ଲକ ଦେଓଦରା ପଞ୍ଚାୟତ ପୁନର୍ଗଠନର ୯ବର୍ଷ ବିତିଯାଇଥିଲେ ମଧ ନିଜସ୍ୱ କୋଠା ନାହିଁ। ଫଳରେ ମାଳପଡ଼ା ଗାଁର ଏକ ଗୋଷ୍ଠୀ ଗୃହରେ ପଞ୍ଚାୟତ କାର୍ଯ୍ୟାଳୟ ଚାଲିଛି। ପ୍ରାପ୍ତ ସୂଚନା ଅନୁଯାୟୀ, ୨୦୧୭ ମସିହାରେ ପଞ୍ଚାୟତ ପୁନର୍ଗଠନରେ ରଜାନା ପଞ୍ଚାୟତରୁ ପୃଥକ୍ ହୋଇ ଦେଓଦରା ନୂତନ ପଞ୍ଚାୟତ ଗଠନ ହୋଇଛି। ଦେଓଦରା, ଧରାଭଟା ୨ଟି ରାଜସ୍ୱ ଗ୍ରାମ ଏବଂ ମାଳପଡ଼ା, କୁଞ୍ଜଲପଡ଼ା ଓ ମଲ୍ଲିକମୁଣ୍ଡା ୩ଟି ଅଣରାଜସ୍ୱ ଗାଁର ମୋଟ ୧୧ ୱାର୍ଡକୁ ନେଇ ପଞ୍ଚାୟତ ଗଠନ ହୋଇଛି। ଏଠାରେ ଜନସଂଖ୍ୟା ୩ ହଜାର ୫ଶହ ରହିଥିବାବେଳେ ଭୋଟର ସଂଖ୍ୟା ୨୦୧୮ ହେବ। ନୂତନ ପଞ୍ଚାୟତର ପ୍ରଥମ ସରପଞ୍ଚ ଭାବରେ ପୁନମ ଦୀପ ନିର୍ବାଚିତ ହୋଇଥିଲେ। ତାଙ୍କ କାର୍ଯ୍ୟକାଳ ଶେଷ ହୋଇ ୨୦୨୨ରେ ଗୋମତି ମାଝି ସରପଞ୍ଚ ଭାବରେ ନିର୍ବାଚିତ ହୋଇ କାର୍ଯ୍ୟଭାର ସମ୍ଭାଳିଛନ୍ତି। ଦୁଇଟି ନିର୍ବାଚନ ସରିଯାଇଥିଲେ ମଧ୍ୟ ପଞ୍ଚାୟତ କାର୍ଯ୍ୟାଳୟ ନିର୍ମାଣ ହୋଇପାରିନାହିଁ। ନିଜସ୍ୱ କୋଠା ନ ଥିବାରୁ କୌଣସି ସଭାସମିତି କିମ୍ବା କାର୍ଯ୍ୟକ୍ରମ ହେଲେ ଗଛମୂଳେ କିମ୍ବା ଅନ୍ୟ ଘରର ସାହାରା ନେବାକୁ ପଡ଼େ। ଖରାଦିନେ ଗଛ ମୂଳରେ ଚଳିଯାଉଛି। ବର୍ଷାଦିନରେ ଅନ୍ୟ ଘର ନ ମିଳିଲେ ସଭା କାର୍ଯ୍ୟକ୍ରମ ବାତିଲ କରିବାକୁ ପଡେ। ବର୍ତ୍ତମାନ ନୂତନ ସରକାର ବିଭିନ୍ନ ଯୋଜନା ପ୍ରଣୟନ ପଞ୍ଚାୟତକୁ ହସ୍ତାନ୍ତରକରି ସଭାସମିତି ମାଧ୍ୟମରେ ଲୋକଙ୍କୁ ସଚେତନକରିବା ଦାୟିତ୍ୱ ଦେଉଛନ୍ତି । ହେଲେ କୋଠା ନ ଥିବାରୁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। କୋଠା ନିର୍ମାଣ ପାଇଁ ଟଙ୍କା ମଞ୍ଜୁର ହୋଇଆସିଛି । ରାଜସ୍ୱ ନିରୀକ୍ଷକ ଜମି ମଧ ଚିହ୍ନଟ କରି ସାରିଛନ୍ତି। କେତେଜଣ ସ୍ୱାର୍ଥବାଦୀ ଲୋକ କାର୍ଯ୍ୟାଳୟ ନିର୍ମାଣ କରିବା ପାଇଁ ଦେଉନାହାନ୍ତି। ଏ ସମ୍ପର୍କରେ ସ୍ଥାନୀୟ ଲୋକେ କୋମନା ବିଡିଓ, ଜିଲାପାଳ ନୂଆପଡ଼ାଙ୍କୁ ଅନେକ ଥର ଲିଖିତ ଭାବରେ ଜଣାଇଥିଲେ ମଧ କୌଣସି ସୁଫଳ ମିଳିନାହିଁ । ଜିଲା ପ୍ରଶାସନ ହସ୍ତକ୍ଷେପ କଲେ ପଞ୍ଚାୟତ କାର୍ଯ୍ୟାଳୟ କୋଠା ନିର୍ମାଣ ହୋଇପାରିବ ବୋଲି ସରପଞ୍ଚ ଗୋମତି ମାଝି କହିଛନ୍ତି। ଏ ସଂକ୍ରାନ୍ତରେ କୋମନା ବିଡିଓ ବିନୟ କୁମାର ଭୋଇଙ୍କୁ ପଚାରିବାରୁ ଜମି ଉପରେ ବିବାଦ ରହିଛି । ତହସିଲଦାରଙ୍କ ସହ କଥାହୋଇ ତା'ର ସମାଧାନ କରିବେ ବୋଲି କହିଥିଲେ।

## ସଂକ୍ଷେପରେ

### ବ୍ଲକ୍‌ସ୍ତରୀୟ ଶିକ୍ଷା ସମ୍ମିଳନୀ, ସ୍ୱାଗତ ସମ୍ବର୍ଦ୍ଧନା

**ଅତାବିରା, ୧୬।୪(ଯୁଧିଷ୍ଠିର ମହାପାତ୍ର):** ଅତାବିରା ଦୁର୍ଗା କଲ୍ୟାଣ ମଣ୍ଡପଠାରେ ଅତାବିରା ସମନ୍ୱିତ ପ୍ରାଥମିକ ଶିକ୍ଷକ ସଂଘ ଆନୁକୂଲ୍ୟରେ ଏକ ଶିକ୍ଷା ସମ୍ମିଳନୀ ଓ ସ୍ୱାଗତ ସମ୍ବର୍ଦ୍ଧନା ସମାରୋହ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ପ୍ରଥମ ଅଧିବେଶନରେ ସଂଘ ସଭାପତି ପୂର୍ଣ୍ଣଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଅତାବିରା ବିଇଓ ରତ୍ନମୟୀ ପୁରୋହିତ, ଏବିଇଓ କାର୍ତ୍ତିକ ବାଗ ଏବଂ ଅବସରପ୍ରାପ୍ତ ଶିକ୍ଷକ ବେଣୁଧର ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ନୂତନ ଭାବେ ଯୋଗଦାନ କରିଥିବା ଗୋଷ୍ଠୀ ଶିକ୍ଷାଧିକାରିଣୀଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଦ୍ୱିତୀୟ ଅଧିବେଶନରେ ବରଗଡ଼ ଜିଲା ଶିକ୍ଷାଧିକାରୀ ବିଶ୍ୱନାଥ ସାହୁ ଏବଂ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ବିନୟ ପ୍ରକାଶ ସଞ୍ଜୟଙ୍କୁ ମଧ ସଂଘ ତରଫରୁ ସ୍ୱାଗତ କରାଯାଇଥିଲା। ମଞ୍ଚ ପରିଚାଳନା କରିଥିଲେ ଶିକ୍ଷକ ମନୋରଞ୍ଜନ ମିଶ୍ର। ସହଯୋଗ କରିଥିଲେ ନନ୍ଦିଘୋଷ ଭୁଏ, ରଶ୍ମିରାଣୀ ନନ୍ଦ, ଉଷାରାଣୀ ସାମନ୍ତ, ମୀମାଂସା ଯୋଶୀ ପ୍ରମୁଖ। ଧନ୍ୟବାଦ ଅର୍ପଣ କରିଥିଲେ ସନ୍ତୋଷ କର। ପରେ ଉପଦେଷ୍ଟା ମଣ୍ଡଳୀର ସଦସ୍ୟ ନିଶିକାନ୍ତ ପଣ୍ଡା, ଭୋଳାନାଥ ପ୍ରଧାନ, ପଞ୍ଚାନନ ନାଥ ଓ ବେଣୁଧର ମିଶ୍ରଙ୍କ ତତ୍ତ୍ୱାବଧାନରେ ଅତାବିରା ସମନ୍ୱିତ ପ୍ରାଥମିକ ଶିକ୍ଷକ ସଂଘର ନୂତନ କାର୍ଯ୍ୟକାରୀ କମିଟି ଗଠନ କରାଯାଇଥିଲା। ନୂତନ କମିଟିରେ ସଭାପତି ଭାବେ ରଶ୍ମିରଞ୍ଜନ ସାହୁ, ଉପସଭାପତି ସୁଜାତା ପଧାନୀ, ସାଧାରଣ ସମ୍ପାଦକ ବିରେନ୍ଦ୍ର ଭୋଇ, ସହ ସମ୍ପାଦକ ଲୋକନାଥ ମହାନନ୍ଦ, କୋଷାଧକ୍ଷ ରବି ପ୍ରଧାନ, ସମୀକ୍ଷକ ଭାବେ ସନ୍ତୋଷ କାଲୋ ଏବଂ ସରୋଜ ପ୍ରଧାନ ମନୋନୀତ ହୋଇଥିଲେ।

### ରାସ୍ତା ସଫେଇକଲା ପରିବେଶ ସୁରକ୍ଷା କମିଟି

**ବରଗଡ଼, ୧୬।୪(ପ୍ରେମାନନ୍ଦ ଖମାରୀ):** ପରିବେଶ ସୁରକ୍ଷା ଜୀବନ ରକ୍ଷା। ଏହି ବାର୍ତ୍ତା ନେଇ ବରଗଡ଼ ଜିଲା ଭଟଲି ବ୍ଲକ ଅନ୍ତପାଲି କର୍ଲାଯୋରୀ ଗ୍ରାମର ପରିବେଶ ସୁରକ୍ଷା କମିଟି ପକ୍ଷରୁ ମଙ୍ଗଳବାର ଗ୍ରାମ ରାସ୍ତା ସଫେଇ କରାଯାଇଛି। କମିଟି ସଭାପତି ଅବସରପ୍ରାପ୍ତ ଶିକ୍ଷକ ବ୍ରହ୍ମାନନ୍ଦ ପ୍ରଧାନଙ୍କ ଆହ୍ୱାନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଆବର୍ଜନାମୟ ବିଦ୍ୟାଳୟ ନିକଟବର୍ତ୍ତୀ ଭିଞ୍ଜେତୋରା ପଟ ମୁଖ୍ୟ ରାସ୍ତାକୁ ସଫା କରାଯାଇଥିଲା। ଏହାସହିତ ଲୋକମାନଙ୍କୁ ରାସ୍ତା ଉପରେ ଆବର୍ଜନା ନପକାଇ ଗାତରେ ପକାଇବା ପାଇଁ ସଚେତନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପରିବେଶ କମିଟି ସଭାପତିଙ୍କ ସମେତ ସମାରୁ ଭୁଏ, ଶ୍ୟାମ ମିର୍ଦ୍ଧା ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରିଥିଲେ।

### ପୂର୍ବତନ ସରପଞ୍ଚଙ୍କ ପରଲୋକ

**ବରପାଲି, ୧୬।୪(ଚିତ୍ତରଞ୍ଜନ ସାହୁ):** ବରପାଲି ବ୍ଲକ ଅନ୍ତର୍ଗତ ଲେଣ୍ଡା ଗ୍ରାମପଞ୍ଚାୟତର ପୂର୍ବତନ ସରପଞ୍ଚ ନାରାୟଣ ସାହୁ (୭୫)ଙ୍କ ବୁଧବାର ପରଲୋକ ହୋଇଛି। ତାଙ୍କୁ ୭୫ବର୍ଷ ବୟସ ହୋଇଥିଲା। ସେ ବରପାଲି



ସମବାୟ ସମିତିର ସଭାପତି ଭାବେ କାର୍ଯ୍ୟ କରିଥିଲେ। ସେ ଜଣେ ପରୋପକାରୀ, ମେଳାପୀ, ସୁସଙ୍ଗଠକ, ସମାଜସେବୀ ତଥା ଧର୍ମପରାୟଣ ବ୍ୟକ୍ତି ଥିଲେ। ତାଙ୍କ ଅନ୍ତ୍ୟେଷ୍ଟି କ୍ରିୟାରେ ପୁତ୍ର, ପୁତ୍ର ବଧୂ, ଚାରି ଝିଅ, ଜ୍ୱାଇଁ, ନାତି ନାତୁଣୀ, ଗ୍ରାମବାସୀ ତଥା ବନ୍ଧୁବର୍ଗ ଉପସ୍ଥିତ ଥିଲେ। ପୁଅ ହୃଷୀକେଶ ସାହୁ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଗଭୀର ଶୋକ ପ୍ରକାଶ ପାଇଛି।

# ଧାନକେଣ୍ଡାରେ ଅଗାଡ଼ି, ଜିଲାପାଳଙ୍କୁ ଫେରାଦ

**ବରଗଡ଼, ୧୬।୪(ପ୍ରେମାନନ୍ଦ ଖମାରୀ)**



ଧାନକେଣ୍ଡା ଧରି ଚାଷୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟରେ ଅଛନ୍ତି।

ବରଗଡ଼ ଜିଲାର ଚାଷୀଙ୍କୁ ସମସ୍ୟା ପିଛା ଛାଡୁନାହିଁ। କେତେବେଳେ ଫସଲରେ ରୋଗପୋକ ତ ଆଉକେବେ ଝଡ଼ବର୍ଷା ଯୋଗୁ ଚାଷୀଙ୍କ ଫସଲ ଉଜୁଡି ଯାଉଛି। ବର୍ତ୍ତମାନ ଫସଲର ଧାନକେଣ୍ଡା ଅଗାଡ଼ି ହୋଇଯାଉଥିବା ଚାଷୀମାନଙ୍କୁ ଚିନ୍ତାରେ ପକାଇ ଦେଇଛି। ଏଭଳି ଅଭିଯୋଗ ନେଇ ମଙ୍ଗଳବାର ସଂଯୁକ୍ତ କୃଷକ ସଂଗଠନର ଏକ ପ୍ରତିନିଧି ଦଳ ଜିଲାପାଳ ଆଦିତ୍ୟ ଗୋୟଲଙ୍କୁ ଫେରାଦ ହୋଇ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଅତିରିକ୍ତ ଜିଲାପାଳ ମଧୁଛନ୍ଦା ସାହୁ ଦାବିପତ୍ର ଗ୍ରହଣ କରିଥିଲେ। ଦାବିପତ୍ରର ଏକକିତା ନକଲ କୃଷି ଅଧିକାରୀ ରାଜୀବ ମିଶ୍ର ଏବଂ ତହସିଲଦାର ସୋନାଲି ପଟ୍ଟନାୟକଙ୍କୁ ମଧ ପ୍ରଦାନ କରାଯାଇଛି। ଦାବିପତ୍ରରେ ଉଲ୍ଲେଖ ରହିଛି, ଚଳିତବର୍ଷ ରବି ଧାନ ଫସଲ ସମସ୍ତ ଅଞ୍ଚଳରେ ଭଲ ହୋଇଥିଲା। ମାତ୍ର ଜିଲାର ଅନେକ ଗ୍ରାମର ଧାନ ଫସଲରେ ଅଜଣା ରୋଗପୋକ ଉପଦ୍ରବ ହୋଇଛି। କୀଟନାଶକ ପ୍ରୟୋଗ ସତ୍ତ୍ୱେ କିଛି ସୁଫଳ ମିଳୁ ନଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଧାନକେଣ୍ଡା ବାହାରିବା ସମୟରେ ଶୁଖା ଧାନ ପ୍ରଚୁର ପରିମାଣରେ ବାହାରୁଛି । ଫଳରେ ତୁରନ୍ତ ଏକ ଜିଲାସ୍ତରୀୟ କମିଟି ଗଠନ କରି ପ୍ରଭାବିତ ଫସଲର ସରଜମିନ ତଦନ୍ତ କରି ୩୩ ପ୍ରତିଶତ ଫସଲ ନଷ୍ଟ ହୋଇଥିବା ପ୍ରଭାବିତ ଚାଷୀମାନଙ୍କୁ ଚିହ୍ନଟ କରି ସବସିଡି କ୍ଷତିପୂରଣ ଏବଂ ବୀମା ଦେବା ବ୍ୟବସ୍ଥା କରାଯିବାକୁ ସଙ୍ଗଠନ ଦାବି କରିଛି। ଯେଉଁଠି କୀଟନାଶକ ପ୍ରୟୋଗ କଲେ ଧାନ ଚାଷ ଭଲ ହେବ, ସେଠାରେ ପ୍ରାମାଣିକ କୀଟନାଶକ ସବ୍‌ସିଡି ମାଧ୍ୟମରେ ଯୋଗାଇ ଦିଆଯାଉ ବୋଲି ଦାବି ହୋଇଛି। ଅତିରିକ୍ତ ଜିଲାପାଳ କୃଷି ଅଧିକାରୀଙ୍କୁ ଡକାଇ ତୁରନ୍ତ ପଦକ୍ଷେପ ନେବାପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହି ପ୍ରତିନିଧି ଦଳରେ ସଂଯୁକ୍ତ କୃଷକ ସଂଗଠନର ସୁରେଶ ନେକାଣ୍ଟି, ନିରଞ୍ଜନ ପ୍ରଧାନ, ବାବୁ ବାହାନ ସାହୁ, ପ୍ରଶାନ୍ତ ସାହୁ, ତପନ ମିଶ୍ର, ସୁଦାମ ପାତ୍ର, ଏକାଦଶିଆ ସାହୁ, କିଶୋର ସାହୁ, ଟେକରାଜ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ୨ ରାଇସ୍ ମିଲ୍ ମାଲିକ ଗିରଫ



ଗିରଫ ରାଇସ ମିଲ୍ ମାଲିକଙ୍କୁ କୋର୍ଟଚାଲାଣ କରାଯାଉଛି।

**ବରଗଡ଼, ୧୬।୪(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ଭେଡେନ ଥାନା ଅନ୍ତର୍ଗତ ମହୁଲେ ଅଞ୍ଚଳର ଏକ ରାଇସ୍ ମିଲ୍‌ରୁ ନିଷ୍କାସିତ ଉତ୍ତପ୍ତ ପାଉଁଶରେ ପଡି ବଇପୁର ଗ୍ରାମର ଜଣେ ନାବାଳକ ପ୍ରତ୍ୟୁଷ ଭଏନା(୧୧)ଙ୍କ ମୃତ୍ୟୁ ଘଟଣାରେ ପୋଲିସ କାର୍ଯ୍ୟାନୁଷ୍ଠାନ ହୋଇଛି। ପୋଲିସ୍ ଏହି ଘଟଣାରେ ନିଜ ପଟୁ ମାମଲା ରୁଜୁ କରି ସମ୍ପୃକ୍ତ ରାଇସ୍ ମିଲ୍‌ର ମାଲିକଙ୍କୁ ବୁଧବାର ଗିରଫ କରିଛି। ଗିରଫ ରାଇସ୍ ମିଲ୍ ମାଲିକ ହେଲେ ସମ୍ବଲପୁର ଜିଲା ବୁର୍ଲା ଥାନା ବୁର୍ଲା ଏନ୍‌ଏସି ପାଖରେ ରହୁଥିବା ଅନିଲ ଅଗ୍ରୱାଲ (୫୫) ଏବଂ କ୍ଷେତରାଜପୁରର କନ୍ହେଇଲାଲ ଅଗ୍ରୱାଲ(୬୨)। ସେମାନଙ୍କ ବିରୋଧରେ ରୁଷୁଡା ପୋଲିସ୍ ଫାଣ୍ଡି ଅଧିକାରୀ ପ୍ରମୋଦ କୁମାର ସାହୁଙ୍କ ଏତଲାକ୍ରମେ ଭେଡେନ ଥାନାରେ ବିଏନଏସ୍- ୧୦୬(୧)ରେ ଏକ ମାମଲା (ନଂ-୮୪/୨୫) ରୁଜୁ ହୋଇଛି। ଉଭୟଙ୍କୁ ବୁଧବାର କୋର୍ଟଚାଲାଣ କରାଯାଇଛି। ସୂଚନା ଅନୁଯାୟୀ, ଗତ ଫେବୃୟାରୀ ୨୬ତାରିଖରେ ଉକ୍ତ ଗ୍ରାମର ପ୍ରତ୍ୟୁଷ

**ରାସ୍ତାକଡ଼ ପାଉଁଶରେ ପଡ଼ି ଶିଶୁ ମୃତ୍ୟୁ ଘଟଣା**

ଜଣକ ଗାଧୋଇବା ପାଇଁ ନିକଟସ୍ଥ ଏକ ନଇ ଝାଇଁଯୋରକୁ ସାଇକେଲ ଯୋଗେ ଯାଉଥିଲେ। ସେ ଯିବା ବାଟରେ ରାସ୍ତା କଡ଼ରେ ପଡିଥିବା ରାଇସ୍ ମିଲ୍‌ରୁ ନିଷ୍କାସିତ ପାଉଁଶରେ ପଡି ଗୁରୁତର ହୋଇଥିଲେ। ତାଙ୍କ ଦୁଇ ଗୋଡ଼ ଓ ହାତ ପୋଡ଼ି ଯାଇଥିଲା। ଲୋକେ ତାଙ୍କୁ ଉଦ୍ଧାର କରି ବୁର୍ଲା ହସ୍ପିଟାଲକୁ ନେଇଥିଲେ। ଗତ ୯ତାରିଖରେ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ସେଠାରେ ଗତ ୧୨ତାରିଖରେ ତାଙ୍କ ଜୀବନ ଚାଲିଯାଇଥିଲା। ଏହି ଘଟଣାରେ ସମ୍ପୃକ୍ତ ରାଇସ୍ ମିଲ୍ ମାଲିକଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବିଭିନ୍ନ ମହଲରେ ଦାବି ହୋଇଥିଲା। ଏପରିକି ରାଇସ୍ ମିଲ୍ ଆଗରେ ଶିଶୁର ମୃତଦେହ ରଖି ସ୍ଥାନୀୟ ଲୋକେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ।



ସ୍ମୃତି ସଙ୍ଗମ କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ଛାତ୍ରୀଛାତ୍ର।

# ଛାତ୍ରୀଛାତ୍ର ଭାଷା, ସଂସ୍କୃତିପ୍ରେମୀ ହେବାକୁ ପରାମର୍ଶ

**ବରଗଡ଼, ୧୬।୪(ପ୍ରେମାନନ୍ଦ ଖମାରୀ)**

**ପଞ୍ଚାୟତ ମହାବିଦ୍ୟାଳୟରେ ସ୍ମୃତି ସଙ୍ଗମ କାର୍ଯ୍ୟକ୍ରମ**

ଶିକ୍ଷା ହିଁ ସଂସ୍କୃତିର ମାନଦଣ୍ଡ। ବାହ୍ୟ ଆଡ଼ମ୍ବର ଅପେକ୍ଷା ଅନ୍ତଃଶୁଦ୍ଧୀକରଣ ଶିକ୍ଷା ଗ୍ରହଣକୁ ଅଧିକ ସହଜ ଓ ସଫଳ କରିଥାଏ। ଗୋଟିଏ ସୁନ୍ଦର ବିଶ୍ୱ ପରିକଳ୍ପନାରେ ସମୁଚିତ ଶିକ୍ଷା ଏବଂ ସଂସ୍କାରଶୀଳ ଶିକ୍ଷାର୍ଥୀଙ୍କ ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ବରଗଡ଼ ପଞ୍ଚାୟତ ମହାବିଦ୍ୟାଳୟ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଆନୁକୂଲ୍ୟରେ ସ୍ନାତକ ଷଷ୍ଠ ପର୍ଯ୍ୟାୟ ଏବଂ ସ୍ନାତକୋତ୍ତର ଚତୁର୍ଥ ପର୍ଯ୍ୟାୟର ବିଦାୟୀ ଛାତ୍ରୀଛାତ୍ରୀ ସକାଶେ ମଙ୍ଗଳବାର ଅନୁଷ୍ଠିତ ବିଦାୟ ସମ୍ବର୍ଦ୍ଧନା ଉତ୍ସବ ସ୍ମୃତି ସଙ୍ଗମରେ ଅତିଥିବୃନ୍ଦ ମତପ୍ରକାଶ କରିଛନ୍ତି। ବିଭାଗ ମୁଖ୍ୟ ପ୍ରଫେସର ଡଃ ଶେଷନ ବିଶିଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ଡଃ ନକୁଳ ସେଠ୍ ମୁଖ୍ୟ ଅତିଥି ଏବଂ ଇଂରାଜୀ ବିଭାଗ ପ୍ରଫେସର ମାନଭଞ୍ଜନ ପାଣିଗ୍ରାହୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ସେଠ୍ ଛାତ୍ରୀଛାତ୍ର ଭାଷା ପ୍ରେମୀ ଓ ସଂସ୍କୃତିପ୍ରେମୀ ହେବା ପାଇଁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ପାଣିଗ୍ରାହୀ ମଧ୍ୟ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ। ସଭାପତି ଡଃ ବିଶି ସୁନ୍ଦର ବିଶ୍ୱର ପରିକଳ୍ପନାରେ ଛାତ୍ରୀଛାତ୍ରଙ୍କ ମହତ୍ତ୍ୱପୂର୍ଣ୍ଣ ଅବଦାନ ରହିବା ଉଚିତ ବୋଲି ମତ ରଖିଥିଲେ। ଅନ୍ୟତମ ଅତିଥି ଭାବେ ପ୍ରଫେସର ଡଃ ସ୍ମିତା ପାଣିଗ୍ରାହୀ, ଡଃ ସୁନୀତା ବେହେରା, ଡଃ ସୁରେଶ କୁମାର ମାଝୀ, ଡଃ ଅନନ୍ତ ମେହେର , ଯୋଗେନ୍ଦ୍ର ମେହେର, ଛନ୍ଦାରାଣୀ ବେସେନ୍ ଏବଂ ନିରୂପମା ଭୁଏ ମଞ୍ଚାସୀନ ଥିଲେ। ବିଦାୟୀ ଛାତ୍ରୀଛାତ୍ର ବିଭାଗ ସହ ରହିଥିବା ବିଗତ ଦିନର ସ୍ମୃତି ଚାରଣ କରିଥିଲେ। ସ୍ନାତକୋତ୍ତର ଛାତ୍ରୀ କସ୍ତୁରୀ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲାବେଳେ ଛାତ୍ର ଚିରନ୍ତନ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ସମସ୍ତ ପର୍ଯ୍ୟାୟର ଛାତ୍ରୀଛାତ୍ର ଉପସ୍ଥିତ ଥିବାବେଳେ ଏକ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା।

## ଗୋ ଉତ୍ପାଦ ମାଧ୍ୟମରେ ଆତ୍ମନିର୍ଭରଶୀଳତାକୁ ଗୁରୁତ୍ୱ

**ତପୋବନରେ ଗୋ ବିଜ୍ଞାନ ପ୍ରଶିକ୍ଷଣ କର୍ମଶାଳା**

**ବରଗଡ, ୧୬।୪(ପ୍ରେମାନନ୍ଦ ଖମାରୀ)**

ବରଗଡ଼-ଭଟଲି ରୋଡ୍ ନିକଟସ୍ଥ ତପୋବନରେ ଚାଲିଥିବା ଗୋ ବିଜ୍ଞାନ ପ୍ରଶିକ୍ଷଣ କର୍ମଶାଳା ଗତ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି କର୍ମଶାଳା ଭାରତୀୟ ଗୋ ସମ୍ବର୍ଦ୍ଧନ ଓ ଅନୁସନ୍ଧାନ ସଂସ୍ଥାନ, ଭୁବନେଶ୍ୱର ସହଯୋଗରେ ଅନୁଷ୍ଠିତ ହୋଇଥିଲା। ଉପଦେଷ୍ଟା ଜଗନ୍ନାଥ ପଟ୍ଟନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ କର୍ମଶାଳାକୁ ବିଶିଷ୍ଟ ଗୋ ସେବକ ରାଜେନ୍ଦ୍ର ବାଲୋଦିଆ ଉଦ୍‌ଘାଟନ କରିଥିଲେ। ଆଦର୍ଶ ଗୋ ଗ୍ରାମ ପ୍ରତିଷ୍ଠା ଯୋଜନା ଓଡ଼ିଶା ଗୋ ସେବା ସମିତି, ବାଲିଘାଇ, ପୁରୀର ବ୍ରହ୍ମଚାରୀ ପ୍ରଦୀପ୍ତ ବାବା ଏବଂ ପଞ୍ଚଗବ୍ୟ ଚିକିତ୍ସା ଓ ଉତ୍ପାଦ ବିଶେଷଜ୍ଞ ଶ୍ରୀନିବାସ ରାଓ କର୍ମଶାଳାରେ ପ୍ରଶିକ୍ଷଣ ଦେଇଥିଲେ। ସ୍ୱାମୀ ତେଜୋମୟାନନ୍ଦ ସରସ୍ୱତୀ ଓ ସ୍ୱାମୀ ନିତ୍ୟ ବୁଦ୍ଧାନନ୍ଦ ଏବଂ ଅବସରପ୍ରାପ୍ତ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଦିଲୀପ କୁମାର ପଣ୍ଡା କର୍ମଶାଳା ପରିଚାଳନା କରିଥିଲେ। କର୍ମଶାଳାରେ ଓଡ଼ିଶା ପ୍ରାଣୀ ପାଳନ ବିଭାଗର ଅବସରପ୍ରାପ୍ତ ଯୁଗ୍ମ ନିର୍ଦ୍ଦେଶକ ପ୍ରତାପ ଖମାରୀ ଯୋଗଦେଇ ଉପଲବ୍ଧ ସରକାରୀ ଯୋଜନା ବାବଦରେ ପ୍ରଶିକ୍ଷଣ ଦେଇଥିଲେ। ବର୍ତ୍ତମାନର ପଶୁପାଳନ ଓ କୃଷି ସମ୍ବନ୍ଧୀୟ ସମସ୍ୟା ଓ ତାହାର ସମାଧାନ ଉପରେ ଡା. ପଣ୍ଡା ଉଲ୍ଲେଖ କରିଥିଲେ। ଦେଶୀୟ ଗୋ ପ୍ରଜାତିର ସମ୍ବର୍ଦ୍ଧନ, ଜୈବିକ କୃଷି, ଗୋ ଆଧାରିତ ଚିକିତ୍ସା ଏବଂ ଗୋ ଉତ୍ପାଦ ମାଧ୍ୟମରେ ଆତ୍ମନିର୍ଭରଶୀଳ ତଥା ବ୍ୟବସାୟ ସକ୍ଷମତା ଏବଂ ଅଭିବୃଦ୍ଧି ସମ୍ପନ୍ନ ହେବା ପାଇଁ ବ୍ରହ୍ମଚାରୀ ପ୍ରଦୀପ୍ତ ବାବା, ଜଗନ୍ନାଥ ପଟ୍ଟନାୟକ, ଶ୍ରୀନିବାସ ଆହ୍ୱାନ ଦେଇଥିଲେ। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କାଳିଆ କୃଷ୍ଣ ବାଗ ବିଭିନ୍ନ ଗୋ ଉତ୍ପାଦ ତିଆରି ପ୍ରଦର୍ଶନ କରିଥିଲେ। ଆଲୋକ ବିଶ୍ୱାଳ ଗୋ ବିଜ୍ଞାନ ସହ ମାନବ ସମ୍ପର୍କର ଦର୍ଶନ ବିଷୟରେ ସୂଚନା ଦେଇଥିଲେ। ମଲ୍ଲିକାର୍ଜୁନ ରାଓ କର୍ମଶାଳା ଆୟୋଜନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଉଦ୍‌ଯାପନୀ ସନ୍ଧ୍ୟାରେ ସମାଜସେବୀ ଶ୍ୟାମସୁନ୍ଦର ଅଗ୍ରୱାଲା, ବରିଷ୍ଠ ଆଇନଜୀବୀ ସୁକାନ୍ତ ଦାଶ, ତପୋବନର ସଂସ୍ଥାପକ ଟ୍ରଷ୍ଟି ଓ ଆଇନଜୀବୀ ଗୌରାଙ୍ଗ ନାୟକ ଅତିଥିମାନଙ୍କୁ ଗୌ ସେବାରତ୍ନ-୨୦୨୫ ସମ୍ମାନରେ ସମ୍ମାନିତ କରିଥିଲେ। ଚନ୍ଦ୍ରଶେଖର ରାଓ ଧନ୍ୟବାଦ ଅର୍ପଣ କରିଥିଲେ।

# ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାର ଭିତ୍ତିପ୍ରସ୍ତର ସ୍ଥାପିତ



ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଉଛି।

**ବରପାଲି, ୧୬।୪(ଚିତ୍ତରଞ୍ଜନ ସାହୁ)**

ବରପାଲି ବ୍ଲକ ଅନ୍ତର୍ଗତ ରାବନଗୁଡାଠାରେ ବିଧାୟକ ସନତ କୁମାର ଗଡ଼ତିଆ ବୁଧବାର ଜାତୀୟ ରାଜପଥ ନଂ.୨୦୧ରୁ ରାବନଗୁଡା ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ଅବସରରେ ସମଲେଶ୍ୱରୀ ଠିକାଦାର ସଂଘ ସଭାପତି ସଲିମ ଖାଁ, ଜିଲା ଠିକାଦାର ସଂଘ ସଭାପତି ସୁଶେଖର ଗଡ଼ତିଆଙ୍କ ସମେତ ରାମନାଗୁଡାବାସୀ, ଭାଜପା କର୍ମୀ, ଠିକାଦାର ସଂଘ ସଦସ୍ୟ ଏବଂ ବରପାଲି, ଆଲପୁର ଓ ସତଲମା ମଣ୍ଡଳ ସଭାପତି ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଏହି ସଡ଼କର ଲମ୍ବ ୩.୫ କି.ମି ଥିବାବେଳେ ଏହା ୪୪୯.୧୬ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବ ବୋଲି ସୂଚନା ମିଳିଛି।

# ଖରାମାଳରେ ବିହନ ପରବ, ଗୋ ମାତା ପୂଜନ

**ପାଇକମାଳ, ୧୬।୪(ବଢ ଶତପଥୀ)**



ବିହନ ପରବରେ ବିଭିନ୍ନ ପ୍ରକାର ଦେଶୀ ବିହନ ପ୍ରଦର୍ଶନ କରାଯାଇଛି।

ବରଗଡ ଜିଲା ପାଇକମାଳ ବ୍ଲକ ଖରାମାଳ ଗ୍ରାମରେ ସୋମବାର ଦେଶୀ ବିହନ ପରବ ଓ ଗୋ ମାତା ପୂଜନ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଅହିଂସା କ୍ଲବ ତରଫରୁ ଦୁଇ ଦିନ ଧରି ଏହି କାର୍ଯ୍ୟକ୍ରମ ହୋଇଥିଲା। କାର୍ଯ୍ୟକ୍ରମରେ ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ଅନ୍ୟତମ ଅତିଥି ଭାବେ କୋରାପୁଟ ଜିଲା ପ୍ରଗତି ଅନୁଷ୍ଠାନର ସମ୍ପାଦକ ପ୍ରଭାକର ଅଧିକାରୀ, ଡଃ ମୋହନ ପଣ୍ଡା, ପାଇକମାଳ ବ୍ଲକ କୃଷି ଅଧିକାରୀ ସୋମନାଥ ମହାପାତ୍ର, ଅବସରପ୍ରାପ୍ତ ଅଧ୍ୟକ୍ଷ ପତିତପାବନ ସାହୁ, ଭାରତୀୟ କିଷାନ ସଂଘ ସଭାପତି ପିତାମ୍ବର ସାହୁ, ନିର୍ମାଣ ସଂସ୍ଥାର ପ୍ରଶାନ୍ତ ମହାନ୍ତି, ଜିଲା ପରିଷଦ ସଭ୍ୟ ସୁରେନ୍ଦ୍ର ସିଂ ବରିହା ଓ ତ୍ରିପୁରା ବରିହା ପ୍ରମୁଖ ଯୋଗ ଦେଇଥିଲେ। ଅହିଂସା କ୍ଲବ ସମ୍ପାଦକ ଶିବ ପ୍ରସାଦ ସାହୁ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଅତିଥିମାନେ ପରିବେଶ ଦୂଷିତ ଜଳ, ମାଟି, ପବନ ଉପରେ ବିଶଦ ଆଲୋଚନା କରିଥିଲେ। ମୁଖ୍ୟ ଅତିଥି ପୁରୋହିତ ସଚେତନ ହୋଇ ଦେଶୀ ବିହନ ବଞ୍ଚାଇଥିବାରୁ ଖରାମାଳ ଗ୍ରାମବାସୀଙ୍କୁ ଧନ୍ୟବାଦ ଜଣାଇଥିଲେ। ଖରାମାଳ ଗ୍ରାମବାସୀ ଓ ଅହିଂସା କ୍ଲବର କର୍ମକର୍ତ୍ତା ସହଯୋଗ କରିଥିଲେ।

# ସଂସ୍କାର ସ୍କୁଲ ପକ୍ଷରୁ ସ୍ୱଚ୍ଛତା ଅଭିଯାନ



ବୈଷ୍ଣୋଦେବୀ ମନ୍ଦିରରେ ସଂସ୍କାର ଇଣ୍ଟରନ୍ୟାଶନାଲ ସ୍କୁଲ ଛାତ୍ରୀଛାତ୍ର ସଫେଇ କରୁଛନ୍ତି।

**ବରଗଡ଼, ୧୬।୪(ପ୍ରେମାନନ୍ଦ ଖମାରୀ)**

ବରଗଡ ସଂସ୍କାର ଇଣ୍ଟରନ୍ୟାଶନାଲ ସ୍କୁଲ ପକ୍ଷରୁ ସୋମବାର ଡୁରୁଙ୍ଗାସ୍ଥିତ ବୈଷ୍ଣୋଦେବୀ ଓ ଭେଙ୍କଟେଶ୍ୱର ମନ୍ଦିରରେ ସ୍ୱଚ୍ଛତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ସ୍କୁଲର ୧୮୦ ଛାତ୍ରୀଛାତ୍ର ମନ୍ଦିର ପରିସରରେ ଆବର୍ଜନା, ପ୍ଲାଷ୍ଟିକ ବୋତଲ, ପାଣି ପାଉଚ୍ ଜରି, କୋଲଡ୍ରିଙ୍କ୍ସ ଖାଲି ବୋତଲ, ପଲିଥିନ ସଫେଇ କରିଥିଲେ। ବିଦ୍ୟାଳୟର ଚେୟାରମ୍ୟାନ ସୁମନ ସାୱଡ଼ିଆ, ଭାଇସ ଚେୟାରମ୍ୟାନ ବବିତା ସାୱଡ଼ିଆ, ନିର୍ଦ୍ଦେଶକ ଅଜିତ ପଟ୍ଟନାୟକ, ମେଘା ସାୱଡ଼ିଆ, ଶ୍ରଦ୍ଧା ସାୱଡ଼ିଆ, କୋର୍ଡିନେଟର ମମତା ସିହ୍ନା ପ୍ରମୁଖ ଶିକ୍ଷୟିତ୍ରୀ, ଶିକ୍ଷକ ଉପସ୍ଥିତ ଥିଲେ। ଶ୍ୟାମସୁନ୍ଦର ଅଗ୍ରୱାଲ ଓ ଶ୍ରବଣ ଲାଠ ଉପସ୍ଥିତ ଥିଲେ।

# କେନ୍ଦୁ ବିକି ମହିଳା ଆତ୍ମନିର୍ଭରଶୀଳ

**ପ୍ରକୃତି ଦେଇଛି ରୋଜଗାର**

**ପଦ୍ମପୁର, ୧୬।୪(ପ୍ରଦୀପ୍ତ ଦାଶ)**



ପଦ୍ମପୁର ବଜାରରେ ଜଣେ ମହିଳା କେନ୍ଦୁ ବିକ୍ରି କରୁଛନ୍ତି।

ଖରାଦିନେ ପଦ୍ମପୁର ଅଞ୍ଚଳରେ ଆଦିବାସୀଙ୍କ ରୋଜଗାରର ମାଧ୍ୟମ ପାଲଟିଛି କେନ୍ଦୁ। ବଣଜଙ୍ଗଲ ଘେରା ପଦ୍ମପୁର ଅଞ୍ଚଳରେ ପ୍ରକୃତି ଅନେକ ସ୍ୱାଦିଷ୍ଟ ତଥା ସ୍ୱାସ୍ଥ୍ୟ ଉପଯୋଗୀ ଫଳ ଦେଇଥିବା ବେଳେ କେନ୍ଦୁ ସେଥି ମଧ୍ୟରୁ ଅନ୍ୟତମ। କେନ୍ଦୁରେ ଅନେକ ଭିଟାମିନ ତଥା କ୍ୟାଲ୍‌ସିୟମ, ପ୍ରୋଟିନ ଭରପୂର ମାତ୍ରାରେ ରହିଛି ଏବଂ ଖାଦ୍ୟ ହଜମ କ୍ରିୟାରେ ସାହାଯ୍ୟ କରିଥାଏ। ପଦ୍ମପୁର ଅଞ୍ଚଳର ବୁଢେନ, ଦହିତା, ବୋଡ଼ାସମ୍ବର ଜଙ୍ଗଲରେ ଏହି କେନ୍ଦୁ ମିଳିଥାଏ, ଯାହାର ସ୍ୱାଦ ପୂରା ନିଆରା। ବିଶେଷ କରି ଆଦିବାସୀ ମହିଳା ଜଙ୍ଗଲରୁ କେନ୍ଦୁ ସଂଗ୍ରହ କରି ବଜାରରେ ବିକ୍ରି କରିଥାନ୍ତି। ଏହି ଫଳ ଧନୀଠାରୁ ଗରିବ ସମସ୍ତଙ୍କ ଆଦର ହୋଇଥାଏ। ଆଦିବାସୀ ମହିଳା ଏହା ବିକ୍ରି କରି ଭଲ ରୋଜଗାର କରିଥାନ୍ତି। ଅପରପକ୍ଷରେ ଏବେ ଅଞ୍ଚଳରେ କେନ୍ଦୁ ଗଛ ମାଫିଆ ସକ୍ରିୟ ହୋଇ ଏହି ଗଛ କାଟି ଚାଲାଣ କରୁଛନ୍ତି। ଫଳରେ ଅଞ୍ଚଳରେ କେନ୍ଦୁ ଗଛ କମିବାରେ ଲାଗିଛି। ତେଣୁ ଜଙ୍ଗଲ ବିଭାଗ ପକ୍ଷରୁ କେନ୍ଦୁ ଗଛ ଜଙ୍ଗଲରେ ଲଗାଇବା ଆବଶ୍ୟକ ବୋଲି ପରିବେଶବିତ୍ ମତ ଦେଉଛନ୍ତି।

# କଳା ବଦଳିଲେ ବି ସତ୍ୟ ଲୁଚେ ନାହିଁ

**ବରଗଡ଼, ୧୬।୪(ପ୍ରେମାନନ୍ଦ ଖମାରୀ)**

ପ୍ରତିଟି ମଣିଷ ଭିତରେ ଆତ୍ମ ଅଭିବ୍ୟକ୍ତି ଓ ଆତ୍ମପ୍ରତିଷ୍ଠାର ମୋହ ରହିଛି। ମଣିଷ ସର୍ବଦା ଚାହୁଁଥାଏ ଯାହା ଅଛି ସେ ତାହାଠାରୁ ଅଧିକ ହୋଇ ଦୁନିଆରେ ନିଜକୁ ସାବ୍ୟସ୍ତ କରିବ। ତେଣୁ ଅନ୍ୟମାନଙ୍କ ପରି କଳାକାର ମଧ୍ୟ ତାର କଳା ମାଧ୍ୟମରେ ନିଜଠାରୁ ଅଧିକ ହୋଇ ବିବିଧ ବିଷୟରେ ଉନ୍ନତ ସୌନ୍ଦର୍ଯ୍ୟ ଓ ଅର୍ଥ ଫୁଟାଇବାକୁ ଚେଷ୍ଟାକରେ। ଏଥିପାଇଁ ସେ କେତେବେଳେ ପ୍ରକୃତି ତ ପୁଣି କେବେ ସାମାଜିକ ଚେତନାର ଆଶ୍ରୟ ନେଇଥାଏ। କଳାକାର କୁତ୍ସିତ ଓ ଅସୁନ୍ଦରକୁ ସୁନ୍ଦର କରି ଗଢି ତୋଳିବାର ପ୍ରୟାସ କରିଥାଏ ବୋଲି ମଙ୍ଗଳବାର ବରଗଡ଼ ମହିଳା ସମିତି ପକ୍ଷରୁ ଆୟୋଜିତ ବିଶ୍ୱ କଳା ଦିବସ ପାଳନ ସମାରୋହରେ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ଏହି ଉତ୍ସବରେ ବରଗଡ଼ ତହସିଲଦାର ସୋନାଲି ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ସମାଜ ଓ କଳା ଶୀର୍ଷକ ଆଲୋଚନାରେ ସ୍ୱନାମଧନ୍ୟ ଚିତ୍ରଶିଳ୍ପୀ ରାଜେନ୍ଦ୍ର ସିକନ୍ଦର ଓ ଅଶୋକ କୁମାର ଦାଶ ମୁଖ୍ୟ ଆଲୋଚକ ଭାବେ ଅଂଶଗ୍ରହଣ କରିଥିଲେ। ସାମାଜିକ କୁରୀତିଗୁଡ଼ିକୁ ନୂତନ ଚେତନାର ସ୍ପର୍ଶରେ ସଜାଡ଼ି ସମାଜକୁ ଠିକ୍ ବାଟକୁ ଆଣିବା ପାଇଁ ଚିତ୍ରଶିଳ୍ପୀ ସର୍ବଦା ଚେଷ୍ଟା କରିଥାଏ ବୋଲି ସିକନ୍ଦର କହିଥିଲେ। ଅନ୍ୟପକ୍ଷେ କଳା କେବେ ବି ପ୍ରଦର୍ଶନ ବା ପ୍ରଖ୍ୟାପନର ମୋହ ନେଇ ସୃଷ୍ଟି ହୋଇ ନ ଥିଲା। ସେ ଥିଲା ଜୀବନଧାରଣର ଉତ୍ସ ଓ ପ୍ରେରଣା ଏବଂ ଏହା ମଣିଷର ଦୈନନ୍ଦିନ ଜୀବନ ସହ ଅଙ୍ଗାଙ୍ଗୀ ଭାବେ ଜଡ଼ିତ ରହି ଆସିଛି ବୋଲି ଦାଶ ମତପ୍ରକାଶ କରିଥିଲେ। ମୁଖ୍ୟ ଅତିଥି ପଟ୍ଟନାୟକ କହିଥିଲେ, ନଗରୀକରଣ, ସମାଜର ଅସ୍ଥିରତା, ସମ୍ପର୍କରେ ଫାଟ ଆସିବା ସହ ମଣିଷ ବଜାରରେ ଫିଙ୍ଗିହୋଇ ତା ମଧ୍ୟରେ କଳାକୁ ନୂଆ ନୂଆ ରୂପେ ଗଢ଼ିବାରେ ଲାଗିଛି। ଆମେ ଆଧୁନିକ କଳାରେ ଦେଖିବା ମଣିଷର ଜୀବନର ଗତି ଅନୁସାରେ କଳା ମଧ୍ୟ ନିଜକୁ ଖାପଖୁଆଇ ସାମିଲ କରିନେଇଛି। ତେଣୁ ପ୍ରତିଟି ଯୁଗରେ ଦାର୍ଶନିକ ମାନଙ୍କ କଳା ଓ ସଂଜ୍ଞା ଆଦି ଅନେକାଂଶରେ ବଦଳିଗଲେ ମଧ୍ୟ ଚିରନ୍ତନ ସତ୍ୟକୁ ଆମେ ଏଡ଼ାଇ ଯାଇପାରିବା ନାହିଁ। ଏହି ଅବସରରେ ଅନୁଷ୍ଠିତ ଚିତ୍ରକଳା ପ୍ରଦର୍ଶନୀରେ ସ୍କୁଲ ଅଫ୍ ଫାଇନ୍ ଆର୍ଟ ଏବଂ କଳା କଳ୍ପନା ଚିତ୍ରକଳା ଅନୁଷ୍ଠାନର ଛାତ୍ରମାନେ ସେମାନଙ୍କ କଳା ନିପୁଣତା ପ୍ରଦର୍ଶନ କରିଥିଲେ। ସେମାନଙ୍କୁ ମହିଳା ସମିତି ପକ୍ଷରୁ ପ୍ରଶଂସାପତ୍ର ଓ ସ୍ମାରକ ଦେଇ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦିକା ସୁଧାଂଶୁବାଳା ଦାସ, ବରିଷ୍ଠ ସଭ୍ୟା ଗୀତା ମିଶ୍ର, କନକ ପ୍ରଧାନ, ଡ଼ା. କମଳିନୀ ଶତପଥୀ ପ୍ରମୁଖ ମଞ୍ଚାସୀନ ଥିଲେ। ଉତ୍ସବରେ ସମିତିର ସଭାନେତ୍ରୀ ଅଞ୍ଜନା ଦାସ ସଭାପତିତ୍ୱ କରିଥିବା ବେଳେ ମମତା ମିଶ୍ର ଅତିଥି ପରିଚୟ ପ୍ରଦାନ, ପ୍ରୀତି ଗୁରୁ ସଭାକାର୍ଯ୍ୟ ପରିଚାଳନା ଏବଂ ରାଧାରାଣୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ଦୁର୍ଘଟଣାରେ ଆହତ ଯୁବକଙ୍କ ମୃତ୍ୟୁ

**ଲହୁଣୀପଡା,୧୬।୪(ଦାଶରଥି ପଣ୍ଡା):** ସୁନ୍ଦରଗଡ଼ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ ୫୨୦ ନମ୍ବର ଜାତୀୟ ରାଜପଥ ଶୁଖାବନ୍ଧଠାରେ ଗତ ୧୩ ତାରିଖ ଅପରାହ୍ନ ପ୍ରାୟ ସାଢ଼େ ୫ଟାରେ ଘଟିଥିବା ଦୁର୍ଘଟଣାରେ ଆହତ ହୋଇ ଚିକିତ୍ସିତ ହେଉଥିବା ଯୁବକଙ୍କ ବୁଧବାର ମୃତ୍ୟୁ ଘଟିଛି। ମୃତକହେଲେ ପ୍ରଫୁଲ ପାତ୍ର (୨୬)। ପୋଲିସ ସୂତ୍ରରୁ ପ୍ରକାଶ ଯେ, ଗତ ୧୩ ତାରିଖ ଅପରାହ୍ନ ସାଢ଼େ ୫ଟା ସମୟରେ ଶୁଖାବନ୍ଧ ନିକଟରେ ହାଇୱା ଓ ବାଇକ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ କେ. ବଲାଙ୍ଗ ଥାନା ଅନ୍ତର୍ଗତ ଚୋରଧରା ପଞ୍ଚାୟତ ତାଳଡ଼ିହି ଗ୍ରାମର ଗୋରା ମୁଣ୍ଡା(୨୩) ଓ ପ୍ରଫୁଲ ଗୁରୁତର ଆହତ ହୋଇ ପ୍ରଥମେ ଲହୁଣୀପଡା ଓ ପରେ ରାଉରକେଲାକୁ ସ୍ଥାନାନ୍ତର ହୋଇଥିଲେ। ପ୍ରଫୁଲଙ୍କ ଅବସ୍ଥା ଗୁରୁତର ଥିବାରୁ ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିଲେ। ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ତାଙ୍କର ମୃତ୍ୟୁ ଘଟିଥିଲା। ଖବରପାଇ ଲହୁଣୀପଡା ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଛି।

# ରୋକିହେଉନି ଚୋରି, ଚାଲିଛି ଲୋକ ଦେଖାଣିଆ ଯାଞ୍ଚ


ଟେନ୍ସାରେ ମାଙ୍ଗାନିଜ ଖଣି।


ଅଧିକାରୀମାନେ ଯାଞ୍ଚ କରୁଛନ୍ତି।

**ଟେନ୍ସା,୧୬।୪(ସମୀର କୁମାର ପାଢ଼ୀ)**

ସୁନ୍ଦରଗଡ଼ ଜିଲା କୋଇଡା ଖଣି ସେକ୍ଟରରେ ୨୦୦୪ ମସିହାରୁ ୨୦୨୫ ପର୍ଯ୍ୟନ୍ତ ଦୀର୍ଘ ୨୧ ବର୍ଷ ଧରି ଚାଲିଛି ମାଙ୍ଗାନିଜ ଓ ଆଇରନ ଚୋରି। ଏହାରି ଭିତରେ ସାହା କମିଶନଠାରୁ ଆରମ୍ଭ କରି କେତେ ଏନଫୋର୍ସମେଣ୍ଟ ସ୍କାର୍ଡ ଆସିକି ଗଲେଣି ତାହା ନ କହିବା ଭଲ। ତଥାପି ମାଙ୍ଗାନିଜ ଓ ଆଇରନ ଚୋରି ଚାଲିଛି। ସୋମବାର ପୁଣି ଲୋକ ଦେଖାଣିଆ ସ୍ପେଶାଲ ଏନଫୋର୍ସମେଣ୍ଟ ସ୍କାର୍ଡ କୋଇଡ଼ାରେ ପହଞ୍ଚି ଚୋରିକୁ ରୋକିବା ପାଇଁ ତନାଘନା ଆରମ୍ଭ କରିଛନ୍ତି। କାରଣ ଗତ କିଛି ଦିନ ତଳେ ଉପ ବାଚସ୍ପତି ଭବାନୀ ଶଙ୍କର ଭୋଇ କୋଇଡା ଗସ୍ତରେ ଆସିଥିବା ବେଳେ ମାଙ୍ଗାନିଜ ଓ ଆଇରନ ଚୋରି ହେଉଥିବା ସମ୍ପର୍କରେ କୋଇଡାବାସୀମାନେ ଅଭିଯୋଗ କରିଥିଲେ। ଏହାର ତଦନ୍ତ ପାଇଁ ଉପ ବାଚସ୍ପତି ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀଙ୍କୁ ଚିଠି ଲେଖି ଜଣାଇଥିଲେ। ବିଭିନ୍ନ ବିଭାଗର ଅଧିକାରୀମାନେ ମିଶି ଏନଫୋର୍ସମେଣ୍ଟ ସ୍କାର୍ଡ ଗଠନ କରି ହଠାତ୍ ମାଙ୍ଗାନିଜ ଓ ଆଇରନ ଚୋରି ରୋକିବା ପାଇଁ ବାହାରି ପଡିଲେ। ଏହି ଏନଫୋର୍ସମେଣ୍ଟ ସ୍କାର୍ଡରେ ଖଣି ଉପ ନିର୍ଦ୍ଦେଶକଙ୍କ ସମେତ ପୋଲିସ, ବନ ବିଭାଗର ଅଧିକାରୀମାନେ ରହିଛନ୍ତି। ହେଲେ ଏଠାରେ ଖୋଲାଖୋଲି ମାଙ୍ଗାନିଜ ଓ ଆଇରନ ଚୋରମାନେ ଜଙ୍ଗଲରେ ମେସିନି, ଲୋଡର ଲଗାଇ ଚୋରା ମାଙ୍ଗାନିଜ ଓ ଆଇରନ ଉତ୍ତୋଳନ କରି ବାହାର ରାଜ୍ୟକୁ ଚୋରା ଚାଲାଣ କରୁଛନ୍ତି। କୋଇଡା ଖଣି ଅଞ୍ଚଳକୁ ବାରମ୍ବାର ଏନଫୋର୍ସମେଣ୍ଟ ସ୍କାର୍ଡ ଆସୁଛନ୍ତି। ସେମାନେ ବିଭିନ୍ନ ବିଭାଗର ଅଧିକାରୀ ମାନଙ୍କୁ ସାଥିରେ ନେଇ ଯାଞ୍ଚ କରୁଛନ୍ତି। ତେବେ କୋଇଡାର ଅଧିକାରୀ ମାନେ କାହିଁକି ମାଙ୍ଗାନିଜ ଓ ଆଇରନ ଚୋର ମାନଙ୍କୁ ଧରି ପାରୁ ନାହାଁନ୍ତି ତାକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ମାଙ୍ଗାନିଜ ଓ ଆଇରନ ଚୋରିକୁ ରୋକିବାର ପୁରା ଦାୟିତ୍ୱ କୋଇଡା ଖଣି ବିଭାଗ ଓ କୋଇଡା ଜଙ୍ଗଲ ବିଭାଗର। ହେଲେ ଏମାନେ ଧରୁ ନାହାନ୍ତି କାହିଁକି ବୋଲି କୋଇଡାବାସୀ ଅଭିଯୋଗ କରିଛନ୍ତି। ବିଶେଷ କରି କୋଇଡା ଖଣି ସର୍କଲର ମୁଟୁକୁଦର, ଗିଡେଇ ,ଗଣୁଆ,ମାଲଦା , କଳମଙ୍ଗ, ପାନପୋଷିଆ, କେନାଭେଟା, ପାଟମୁଣ୍ଡା ଅଞ୍ଚଳରୁ ବାରମ୍ବାର ଚୋରି ହେଉଥିବାର ଦେଖିବାକୁ ମିଳୁଛି। ଏହି ସବୁ ଅଞ୍ଚଳରେ ଏନଫୋର୍ସମେଣ୍ଟ ଟିମ ପହଞ୍ଚି ବେଆଇନ ଖଣି, ଗଚ୍ଛିତ ଲୁହାପଥର କଞ୍ଚାମାଲ, ମାଙ୍ଗାନିଜ ପ୍ରମୁଖର ତଦନ୍ତ ଚଳାଇଛି। ଦେଖାଯାଉ କେବେ ଧରା ପଡୁଛନ୍ତି ମାଙ୍ଗାନିଜ ଓ ଆଇରନ ଚୋରମାନେ। ଏନେଇ କୋଇଡା ଖଣି ଉପ ନିର୍ଦ୍ଦେଶକ ଅଶିତ ବେହେରାଙ୍କୁ ପଚାରିବାରୁ, ଲିଜ ଥିବା ଏରିଆରେ ମାଙ୍ଗାନିଜ ଓ ଆଇରନ ଚୋରି ହେଉନାହିଁ। ଯାହାବି ଚୋରୀ ହେଉଛି ଜଙ୍ଗଲ ଏବଂ ସଂରକ୍ଷିତ ଜଙ୍ଗଲ ଅଞ୍ଚଳରୁ। ଏ ସବୁ ଜଙ୍ଗଲ ବିଭାଗ ଦେଖିବା କଥା। ତଥାପି ଆମେ ୧୫କୋଟିରୁ ଉର୍ଦ୍ଧ୍ୱ ଟଙ୍କା ମୂଲ୍ୟର ଚୋରା ମାଙ୍ଗାନିଜ ଓ ଆଇରନ ଜବତ କରିଛୁ। କିନ୍ତୁ ଚୋରକୁ ଗିରଫ କରିବା ଆମର ଶକ୍ତି ନାହିଁ। ଏନେଇ କୋଇଡା ରେଞ୍ଜର ପ୍ରସନ୍ନ କୁମାର ପ୍ରଧାନଙ୍କୁ ପଚାରିବାରୁ ସେ କହିଲେ ଯେ, ପୂର୍ବରୁ ଚୋରି ହେଉଥିଲା। ଏବେ ବନ୍ଦ ଅଛି। ଆମେ ପାଟ୍ରୋଲିଂ କରୁଛୁ। ଯଦି ମାଙ୍ଗାନିଜ ଓ ଆଇରନ ଖଣି ବିଭଗ ଅଧୀନରେ ଆସୁଛି ତେବେ ଉଭୟ ବିଭାଗୀର ଅଧିକାରୀ ପାଟ୍ରୋଲିଂରେ ସାମିଲ ହେଲେ ଚୋରମାନେ ଧରାପଡି ପାରନ୍ତି ବୋଲି ସେ କହିଛନ୍ତି।

### ଛୁରିରେ ତଣ୍ଟି କାଟି ଯୁବକଙ୍କ ଆତ୍ମହତ୍ୟା

**ଲହୁଣୀପଡା,୧୬।୪(ଦାଶରଥି ପଣ୍ଡା)**

ସୁନ୍ଦରଗଡ଼ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ ଫଟାଟାଙ୍ଗର ଗ୍ରାମର ଜଣେ ଯୁବକ ବୁଧବାର ସକାଳ ପ୍ରାୟ ୭ଟାରେ ଛୁରିରେ ନିଜ ତଣ୍ଟି କାଟି ଆତ୍ମହତ୍ୟା କରିଥିବା ଜଣାପଡିଛି। ମୃତ ଯୁବକହେଲେ ପ୍ରକାଶ ମୁଣ୍ଡା (୨୪)। ପୋଲିସ ସୂତ୍ରରୁ ପ୍ରକାଶ ଯେ, ବୁଧବାର ସକାଳେ ପରିବା କାଟିବା ପାଇଁ ସ୍ତ୍ରୀ ସୁନିତା ମୁଣ୍ଡା ପ୍ରକାଶଙ୍କୁ ଘର ଭିତରୁ ଛୁରୀ ଆଣିବାକୁ କହିଥିଲେ। ଅନେକ ସମୟ ପର୍ଯ୍ୟନ୍ତ ଘର ଭିତରୁ ପ୍ରକାଶ ନ ଆସିବାରୁ ବାଧ ହୋଇ ସୁନିତା ଘର ଭିତରକୁ ଯାଇ ଦେଖିଥିଲେ ରକ୍ତ ଜୁଡୁବୁଡୁ ହୋଇ ପ୍ରକାଶ ଘର ଭିତରେ ପଡିଥିଲେ। ଚିକିତ୍ସା ପାଇଁ ତାଙ୍କୁ ଲହୁଣୀପଡା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ପ୍ରକାଶଙ୍କ ମୃତ୍ୟୁ ଘଟିଥିଲା। ଲହୁଣୀପଡା ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିବା ସହିତ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡିଛିଯେ, ପ୍ରକାଶ ନିଜ ଘର ଭିତରେ ଛୁରୀରେ ନିଜ ବେକକୁ କାଟି ଦେଇଥିଲେ। କିଛି ଦିନ ହେବ ତାଙ୍କର ମସ୍ତିଷ୍କ ବିକୃତ ହୋଇଥିବା ତାଙ୍କର ସ୍ତ୍ରୀ ଓ ପରିବାର ଲୋକେ ପ୍ରକାଶ କରିଛନ୍ତି।

## ଗଞ୍ଜେଇ ଭର୍ତ୍ତି କାର ଜବତ, ୨ଗିରଫ

**ସୁନ୍ଦରଗଡ଼,୧୬।୪(ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ଼ ସଦରଥାନା ପୋଲିସ ଚୋରା ଗଞ୍ଜେଇ ଚାଲାଣ କରୁଥିବା ଅଭିଯୋଗରେ ୨ ଅଭିଯୁକ୍ତଙ୍କୁ ବୁଧବାର ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ତଳସରା ଥାନା ରାଶି ପତ୍ରାର ସୁରଜ ଗହିର(୩୬) ଓ ସଦର ଥାନା ଦେହେରି ମୁଣ୍ଡାର କ୍ଷମା ଶୀଳ ସେଠ(୨୫)। ସେମାନଙ୍କ ନିକଟରୁ ୧ କୁଇଣ୍ଟାଲ୨୮କେଜି ଗଞ୍ଜେଇ, ଗୋଟିଏ କାର, ୨ଟି ମୋବାଇଲ ଫୋନ, ନଗଦ ୭୨ହଜାର୨୦୦ ଟଙ୍କା ଜବତ ହୋଇଛି। ଏନେଇ ସଦର ଥାନା ଭାରପ୍ରାପ୍ତ ଆଇଆଇସି ଆଇପିଏସ ଶିକ୍ଷା ନବୀଶ ଅନନ୍ୟା ଅଗସ୍ତି ସୂଚନା ଦେଇଛନ୍ତି। ଏନେଇ ସଦର ଥାନାରେ କେସ୍ ନଂ. ୧୦୩/୨୫ ରେ ଏକମାମଲା ରୁଜୁ ହୋଇଛି। ଏନଡିପିଏସ ଆକ୍ଟର ଦଫା ୨୦ବି(ଆଇଆଇ)(ସି)/୨୯ରେ ପୋଲିସ ଅଧିକ ତଦନ୍ତ ଜାରି ରଖିଛି। ସୂଚନା ମୁତାବକ, ମଙ୍ଗଳବାର ରାତିରେ ଏକ କାର ଯୋଗେ ଗଞ୍ଜେଇ ବାଲିଯୋରୀ ଛକରୁ ଟାଙ୍ଗରମୁଣ୍ଡା ଗାଁ ଆଡେ ଯାଉଥିବା ପୋଲିସ ସୂଚନା ପାଇଥିଲା। ପୋଲିସ ଟିମ ଟାଙ୍ଗରମୁଣ୍ଡା ଉପକଣ୍ଠରେ ଥିବା ହନୁମାନ ମନ୍ଦିର ନିକଟରେ କାରକୁ ଅଟକାଇ ଯାଞ୍ଚ ବେଳେ ଗାଡ଼ିରେ ୧ କୁଇଣ୍ଟାଲ୨୮କେଜି ଗଞ୍ଜେଇ ମିଳିଥିଲା।



୨ ଅଭିଯୁକ୍ତଙ୍କ ସହ ଜବତ ହୋଇଥିବା ଗଞ୍ଜେଇ।

## ସୁନ୍ଦରଗଡ଼ରେ ଆମ୍ବେଡକର ଜୟନ୍ତୀ


ସୁନ୍ଦରଗଡ ଯତରା ପଡିଆରେ ଆୟୋଜିତ ଆମ୍ବେଡକର ଜୟନ୍ତୀ ସମାରୋହରେ ଯୋଗ ଦେଇଥିବା ଅତିଥିମାନେ।

**ସୁନ୍ଦରଗଡ,୧୬।୪(ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ଼ ଆମ୍ବେଡକର ପରିବାର ପକ୍ଷରୁ ଭାରତ ରତ୍ନ ବାବା ସାହେବ ଆମ୍ବେଡକରଙ୍କ ୧୩୫ତମ ଜନ୍ମଜୟନ୍ତୀ ସୋମବାର ପାଳିତ ହୋଇଯାଇଛି। ଏହି ପରିପେକ୍ଷୀରେ ଅପରାହ୍ନ ୪ ଟାରେ ବିର୍ସା ମୁଣ୍ଡା ଛକରୁ ଏକ ବିଶାଳ ଶୋଭାଯାତ୍ରା ବାହାରିଥିଲା। ପାରମ୍ପରିକ ଦୁଲଦୁଲି ବାଜା ସହିତ ଆଦିବାସୀ ନୃତ୍ୟ ଏବଂ ଭବ୍ୟ ଶୋଭାଯାତ୍ରା ବାହାରିଥିଲା। ପ୍ରଥମେ ପୁରୁଣା ବସ୍ ଷ୍ଟାଣ୍ଡରେ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରାଯାଇଥିଲା। ପରେ ଡିଆରଡିଏ ଛକ, ହସ୍ପିଟାଲ ଛକ, ରଙ୍ଗା ଡିପା ଛକ ଦେଇ ସନ୍ଧ୍ୟାରେ ସରକାରୀ ଯତରା ପଡ଼ିଆରେ ପହଞ୍ଚିଥିଲା। ସେଠାରେ ଏକ ବିରାଟ ସଭାର ଆୟୋଜନ କରାଯାଇଥିଲା । ଏହି ସମାରୋହରେ ମୁଖ୍ୟ ଅତିଥିଭାବେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ, ଏବଂ ସମ୍ମାନିତ ଅତିଥିଭାବେ ପୂର୍ବତନ ବାଚସ୍ପତି କିଶୋର ଚନ୍ଦ୍ର ପଟେଲ, ସଦର ବିଧାୟକ ଯୋଗେଶ କୁମାର ସିଂହ, ରାଜଗାଙ୍ଗପୁର ବିଧାୟକ ସିଏସ ରାଜେନ ଏକ୍କା, ରଘୁନାଥପାଲି ବିଧାୟକ ଦୁର୍ଗା ଚରଣ ତନ୍ତୀ, ପୂର୍ବତନ ନଗରପାଳ ରାଜ କିଶୋର ଷଡଙ୍ଗୀ, ପୌର ଉପାଧକ୍ଷ ଲଲାଟେନ୍ଦୁ ପରିଡ଼ା, ବେଣୁ ମାଧବ ତ୍ରୀପାଠୀ, ଜୟ ନାରାୟଣ ତ୍ରିପାଠୀ, ହିମାଂଶୁ ଷଡଙ୍ଗୀ, ସୁନୀତା ବିଶାଳ, ଅମିତା ବିଶାଳ, ଲବ ସୁନା, ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆ, ରାମେଶ୍ୱର ଟପ୍ପୋ, ମିହିର ସେଠି, ଲଲାଟ ଲୁହା, ମନୋଜ ମହାନନ୍ଦ, ରଜନି ରୋହିଦାସ ପ୍ରମୁଖ ଯୋଗଦେଇଥିଲେ। ଆମ୍ବେଡକର ପରିବାରରସଭାପତି ପ୍ରଫୁଲ୍ଲ ସୁନ୍ୟାନିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରିୟଙ୍କା ଜେନା ମଞ୍ଚ ପରିଚାଳନା କରିଥିବା ବେଳେ ପୂର୍ବତନ କାଉନସିଲର ପଞ୍ଚା ବାର୍ଲା ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ପଶ୍ଚିମ ଓଡ଼ିଶାର ସ୍ୱନାମଧନ୍ୟ କଣ୍ଠ ଶିଳ୍ପୀମାନେ ସଙ୍ଗୀତ ପରିବେଷଣ କରି ସମସ୍ତଙ୍କୁ ଝୁମାଇଥିଲେ।

## ଶ୍ରୀମଦ ଭାଗବତ କଥା ଉଦ୍ଯାପିତ

**ସୁନ୍ଦରଗଡ,୧୬।୪(ଜୟ ନାରାୟଣ ମେଣ୍ଡୁଲି)**

ସ୍ଥାନୀୟ ମହେଶଡିହି ସ୍ଥିତ ମା' ଲକ୍ଷ୍ମୀ ପୂଜା ମଣ୍ଡପରେ ଚାଲିଥିବା ସପ୍ତାହବ୍ୟାପୀ ଶ୍ରୀମଦ ଭାଗବତ କଥା ସୋମବାର ସନ୍ଧ୍ୟାରେ ଉଦ୍ଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ତ୍ରିଦଣ୍ଡି ସ୍ୱାମୀ ଭକ୍ତି ବେଦାନ୍ତ ବୋଧାୟନ ମହାରାଜ ପ୍ରବକ୍ତାଭାବେ ଯୋଗଦେଇ ପ୍ରତ୍ୟହ ଶ୍ରୀମଦ ଭାଗବତ କଥାର ବିଭିନ୍ନ ପ୍ରସଙ୍ଗରେ ଜ୍ଞାନ ତତ୍ତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ସପ୍ତାହେ ବ୍ୟାପୀ ଏହି କାର୍ଯ୍ୟକ୍ରମର ଷଷ୍ଠ ଦିନ ସନ୍ଧ୍ୟାରେ ସଦର ବିଧାୟକ ଯୋଗେଶ କୁମାର ସିଂହ ଓ ପୌରାଧକ୍ଷା ତନୟା ମିଶ୍ର ଯୋଗ ଦେଇ ଏଭଳି କାର୍ଯ୍ୟକ୍ରମ ଆୟୋଜନକୁ ପ୍ରଂଶସା କରିଥିଲେ। ଉଦ୍ଯାପନୀ ସନ୍ଧ୍ୟାରେ ମନୋଜ ପଟେଲ, ସୁଷମା ପଟେ, କାଉନସିଲର ସୁମନ୍ତ ସାହୁ ଯୋଗ ଦେଇଥିଲେ। ଏହି ସପ୍ତାହବ୍ୟାପୀ କାର୍ଯ୍ୟକ୍ରମର ଆୟୋଜିକା ଫୁଲମତୀ ପଟେଲ ଏବଂ ପ୍ରଫେସର ମନୋଜ ନାଏକ, ସୁଶାନ୍ତ ପଟେଲ, ସୌରୀନାରାୟଣ ପ୍ରଧାନ, କାଉନସିଲର ସୁମନ୍ତ ସାହୁ, ମା' ଲକ୍ଷ୍ମୀ ପୂଜା କମିଟିର କର୍ମକର୍ତ୍ତା, ଜଗନ୍ନାଥ ମହିଳା ସ୍ୱୟଂ ସହାୟିକା ଦଳର ସମସ୍ତ ସଦସ୍ୟାଙ୍କ ସହଯୋଗରେ ଏହା ସଫଳତାର ସହ ପରିଚାଳିତ ହୋଇଥିଲା।


ବାବା ପ୍ରବଚନ ଦେଉଛନ୍ତି।

## ପୋଷଣ ପକ୍ଷ ପାଳିତ

**ହେମଗିର,୧୬।୪(ଚୈତନ୍ୟ ପଟେଲ)**

ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକ ସ୍ଥିତ ଭେଷଜ ପଟେଲ ମହାବିଦ୍ୟାଳୟ ଡୁଡୁକାଠାରେ ଛାତ୍ରୀଛାତ୍ରଙ୍କୁ ନେଇ ମଙ୍ଗଳବାର ସକାଳ ସାଢ଼େ ୯ଟାରେ ପୋଷଣ ପକ୍ଷ ପାଳିତ ହୋଇଯାଇଛି। ଏହି ଅବସରରେ ଇଂରାଜୀ ବିଭାଗର ପ୍ରାଧ୍ୟାପକ ରାଧାକାନ୍ତ ନାଏକ, ଅଧ୍ୟାପିକା ଲିଲିମେରି କୁଜୁର ଯୋଗଦେଇ ପୋଷଣ ଯୁକ୍ତ ଖାଦ୍ୟ ଓ ତାହାର ଉପକାରିତା ସମ୍ପର୍କରେ ଅବଗତ କରାଇବା ସହିତ ତାହାର ଅଭାବରେ ହେଉଥିବା ରୋଗ ଗୁଡ଼ିକ ଉପରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ପ୍ରାଧ୍ୟାପିକା ମିନତୀ ମିଶ୍ର, ପ୍ରାଧ୍ୟାପିକା ଡ. ସୌଦାମିନୀ ତ୍ରିପାଠୀ, ଅଧ୍ୟାପିକା କାଜଲ କିରଣ ଦେହୁରୀ, ଅଧ୍ୟାପିକା ହେନାପଛା, ଅଧ୍ୟାପକ ରାଜେନ୍ଦ୍ର କେରକେଟା ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ଅଧ୍ୟାପିକା ମିନତୀ ମାଝି ପରିଚାଳନା କରିଥିଲେ।

## ପାଇପ ଫାଟି ପାଣି ବୋହୁଛି

**ବଡ଼ଗାଁ,୧୬।୪(ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ପଞ୍ଚାୟତ ଅନ୍ତର୍ଗତ କିଞ୍ଜିରକେଲା ଗ୍ରାମର ଦୁଇଟି ପଡାକୁ ସଂଯୋଗ କରାଯାଇଥିବା ଜଳ ଯୋଗାଣ ପାଇପ ଫାଟି ପାଣି ଅପଚୟ ହେଉଥିବାବେଳେ ପ୍ରଚଣ୍ଡ ଗ୍ରୀଷ୍ମରେ ପାଣି ପାଇଁ ଲୋକେ ଘୋର ହଇରାଣ ହେଉଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ସ୍କୁଲ ନିକଟରେ ଥିବା ଏହି ପଡ଼ାର ଖିତି ଦେହୁରୀ, ରଇବାରୀ ମୁଣ୍ଡା, ଜେମ ଦେହୁରୀ, ମଙ୍ଗଲୁ ଦେହୁରୀଆ, କେତକୀ ଛଛାନ, ସୁଷମା ଦାନୀ, ଅଜିତ ଦେହୁରୀ ପ୍ରମୁଖ ବିଡ଼ିଓ ପୂର୍ଣ୍ଣଚନ୍ଦ୍ର ଭୋଇଙ୍କୁ ସମସ୍ୟା ସମ୍ପର୍କରେ ମଙ୍ଗଳବାର ଲିଖିତ ଜଣାଇ ସମାଧାନ ଦାବି କରିଛନ୍ତି। ଅଭିଯୋଗ ପତ୍ରରେ ଦର୍ଶାଯାଇଛି ଯେ, ଦୀର୍ଘ ଦିନ ହେଲା ଜଳ ଯୋଗାଣ ପାଇପ ଫାଟି ଅଯଥା ପାଣି ବୋହୁଛି। ହେଲେ ପଡାବାସୀ ପାଣି ମୁନ୍ଦାଏ ପାଇଁ ଓହଳବିକଳ ହେଉଛନ୍ତି। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟି ରେ ରଖି ଓ ପାଣି ଅପଚୟକୁ ରୋକିବା ପାଇଁ ଯଥାଶୀଘ୍ର ପାଇପ ମରାମତି କରି ସେହି ସ୍ଥାନରେ ପାଣି ଷ୍ଟାଣ୍ଡ ନିର୍ମାଣ କରିବାକୁ ପତ୍ରରେ ଉଲ୍ଲେଖ କରାଯାଇଛି। ଏହାର ନକଲ ଜଳ ଓ ପରିମଳ ଯନ୍ତ୍ରୀ, ସମିତି ମେମ୍ବର ଓ ସରପଞ୍ଚଙ୍କୁ ଦେଇଛନ୍ତି।


ପାଇପ ଫାଟି ପାଣି ଅପଚୟ ହେଉଛି।

## ବଙ୍ଗୀୟ ପରିଷଦ ପାଳିଲା ନବବର୍ଷ

**ସୁନ୍ଦରଗଡ଼,୧୬।୪(ଜୟ ନାରାୟଣ ମେଣ୍ଡୁଲି)**

ସ୍ଥାନୀୟ ରେଭିନ୍ୟୁ କଲୋନୀସ୍ଥିତ ଅବସର ଭବନ ପ୍ରାଙ୍ଗଣରେ ମଙ୍ଗଳବାର ରାତିରେ ସୁନ୍ଦରଗଡ଼ ବଙ୍ଗୀୟ ପରିଷଦ ପକ୍ଷରୁ ବଙ୍ଗୀୟ ନବବର୍ଷ ପାଳିତ ହୋଇଯାଇଛି। ପରିଷଦ ସଭାପତି ତପନ ବୋଷଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ସୁନ୍ଦରଗଡ଼ ବିଧାୟକ ଯୋଗେଶ କୁମାର ସିଂ ମୁଖ୍ୟ ଅତିଥି ଓ ପୌର ପରିଷଦ ଅଧ୍ୟକ୍ଷା ତନୟା ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ବଙ୍ଗୀୟ ପରିଷଦର ସାମାଜିକ କାର୍ଯ୍ୟର ପ୍ରଶଂସା କରିଥିଲେ ଓ ସଂଘର ଉନ୍ନତିମୂଳକ କାର୍ଯ୍ୟ ପାଇଁ ସମସ୍ତ ପ୍ରକାର ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ପାରମ୍ପରିକ ପୂଜାର୍ଚ୍ଚନା ପରେ ବିଭିନ୍ନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ପରିଷଦର ବରିଷ୍ଠ ସଦସ୍ୟା ଛାୟାରାଣୀ ଦତ୍ତଙ୍କୁ ସମ୍ମାନିତ କରାଯାଇଥିଲା। ପରିଷଦର ଏକ ସଭାଗୃହ ଏବଂ ପାଚେରି ନିର୍ମାଣ ପାଇଁ ଯଥାସମ୍ଭବ ସହାୟତା ପ୍ରଦାନ କରିବା ନିମନ୍ତେ ଅତିଥିମାନଙ୍କୁ ପରିଷଦ ତରଫରୁ ଅନୁରୋଧ କରାଯାଇଥିଲା। ସଭା ଶେଷରେ ପରିଷଦର ସଭ୍ୟାସଭ୍ୟ ତଥା କୁନି କୁନି କଳାକାରଙ୍କ ଦ୍ୱାରା ସଙ୍ଗୀତ ଓ ନୃତ୍ୟର ଏକ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଂଘର ବରିଷ୍ଠ ସଦସ୍ୟ ସମୀର କୁମାର କର ଧନ୍ୟବାଦ ପ୍ରଦାନ କରିଥିଲେ ଓ ସମସ୍ତେ ମିଳିତ ଭାବେ ରାତ୍ରଭୋଜନରେ ସମ୍ମିଳିତ ହୋଇଥିଲେ। ପରିଷଦର ସମସ୍ତ ସଦସ୍ୟାସଦସ୍ୟ ପରିବାର ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।



ବଙ୍ଗୀୟ ନବବର୍ଷ ପାଳନ ସମାରୋହରେ ଅତିଥି ଓ କର୍ମକର୍ତ୍ତା।

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିରରେ ୫୧୯ ଚିହ୍ନଟ

**କୁଆଁରମୁଣ୍ଡା,୧୬।୪(ମହେନ୍ଦ୍ର କୁମାର ସାହୁ)**

କୁଆଁରମୁଣ୍ଡା ବ୍ଲକ ପକ୍ଷରୁ ବୁଧବାର ବୀରମିତ୍ରପୁର ପୌରାଞ୍ଚଳର ଆଲେକଜାଣ୍ଡାର ୟୁପି ସ୍କୁଲରେ ୨ୟ ପର୍ଯ୍ୟାୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ସର୍ବମୋଟ ୫୯୬ ଜଣ ଶାରୀରିକ ଅକ୍ଷମ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୫୧୯ ଜଣଙ୍କୁ ଭିନ୍ନକ୍ଷମ ବୋଲି ଉପସ୍ଥିତ ବିଭିନ୍ନ ବିଭାଗର ଚିକିତ୍ସକମାନେ ଚିହ୍ନଟ କରିଥିଲେ। ୭୬ ଜଣ ଶ୍ରବଣ ବାଧିତ, ୩୬ ଜଣ ଦୃଷ୍ଟି ବାଧିତ, ୧୬୭ ଜଣ ମାନସିକ ଅନଗ୍ରସର ଓ ୨୪୦ ଜଣ ଅସ୍ଥିଜନିତ ଅକ୍ଷମ। ମୋଟ ୫୧୯ ଜଣ ଦିବ୍ୟାଙ୍ଗଙ୍କୁ ଡାକ୍ତରମାନେ ଚିହ୍ନଟ କରିଛନ୍ତି। ଏହି କାର୍ଯ୍ୟକ୍ରମ କୁଆଁରମୁଣ୍ଡା ବ୍ଲକ ବିଡ଼ିଓ ଜଗଦୀଶ ଚନ୍ଦ୍ର ମହାନନ୍ଦଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। କୁଆଁରମୁଣ୍ଡା ପଞ୍ଚାୟତ ସମିତି ଅଧ୍ୟକ୍ଷା ଜ୍ୟୋତି କେରକେଟା, ବୀରମିତ୍ରପୁର ପୌରପାଳିକା ଅଧ୍ୟକ୍ଷ ସନ୍ଦୀପ ମିଶ୍ର, ଉପାଧ୍ୟକ୍ଷା ନିବେଦିତା ବାଗେ, ଜିଲା ପରିଷଦ ସଭ୍ୟ ରାଜେନ୍ଦ୍ର କୁଜୁର, ନେଭିଲ କେରକେଟା ପ୍ରମୁଖ ଅତିଥିଭାବେ ଯୋଗଦେଇ ଶିବିରକୁ ଉଦଘାଟନ କରିଥିଲେ। କୁଆଁରମୁଣ୍ଡା ବ୍ଲକ ସାମାଜିକ ନିରାପତ୍ତା ଅଧିକାରୀ ମେକ୍ସୱେଲ ଟପ୍ପୋଙ୍କ ସଂଯୋଜନାରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା ବେଳେ ଧରିତ୍ରୀ ପଟେଲ, ରେଶ୍ମା ସାହୁଙ୍କ ସହ ପୌରପାଳିକା କର୍ମଚାରୀମାନେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ସୁଚାରୁରୂପେ ସଞ୍ଚାଳନ କରିଥିଲେ।


ଆଲେକଜାଣ୍ଡାର ୟୁପି ସ୍କୁଲରେ ଅନୁଷ୍ଠିତ ଭୀମଭୋଇ ସାମର୍ଥ୍ୟ ଶିବିରକୁ ଆସିଥିବା ଦିବ୍ୟାଙ୍ଗ।

# ପୁନଃ ନିର୍ମାଣ ପାଇଁ ପଛଘୁଞ୍ଚା, ଘଟଣା ଚପାଇବାକୁ ଉଦ୍ୟମ

## ନିମ୍ନମାନର କଂକ୍ରିଟ ରାସ୍ତା ଓ ଭଙ୍ଗା ହ୍ୟୁମ ପାଇପରେ କଲଭର୍ଟ ନିର୍ମାଣ ଘଟଣା

**ଦେବଗଡ଼, ୧୬।୪ (ଶଶାଙ୍କ ଶେଖର ଝାଙ୍କର)**



ନିମ୍ନମାନର କଂକ୍ରିଟ ରାସ୍ତା ଓ କଲଭର୍ଟ ।

ଦେବଗଡ଼ ଜିଲା ବାରକୋଟ ବ୍ଲକ ଅନ୍ତର୍ଗତ କଣ୍ଢାପାଲି ପଞ୍ଚାୟତ ଡଙ୍ଗାପାଳ ଗ୍ରାମରେ ପ୍ରାୟ ଦେଢ ମାସ ପୂର୍ବେ ନିମ୍ନମାନର ଏକ କଂକ୍ରିଟ ରାସ୍ତା ଓ କଲଭର୍ଟ ନିର୍ମାଣ ହୋଇଥିଲା । ଏପରିକି ଉକ୍ତ କଲଭର୍ଟରେ ବ୍ୟବହାର ୨ଟି ହ୍ୟୁମ ପାଇପ ମଧ୍ୟରୁ ଗୋଟିଏ ଭାଙ୍ଗି ଥିବା ଜଣାପଡିଛି। ଫଳରେ ଉକ୍ତ କଂକ୍ରିଟ ରାସ୍ତା ଓ କଲଭର୍ଟର ସ୍ଥାୟୀତ୍ୱ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବିଡମ୍ବନାର ବିଷୟ ଯେ, ଏ ନେଇ ଗ୍ରାମବାସୀ ବ୍ଲକ କନିଷ୍ଠ ଯନ୍ତ୍ରୀ ଓ ତଦାରଖ ଦାୟିତ୍ୱରେ ଥିବା ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ନିକଟରେ ଏକାଧିକବାର ଅଭିଯୋଗ କରିଥିଲେ। କିନ୍ତୁ ନିମ୍ନମାନର କଂକ୍ରିଟ ରାସ୍ତାର ପୁନଃନିର୍ମାଣ କିମ୍ବା କଲଭର୍ଟରେ ବ୍ୟବହୃତ ଭଙ୍ଗା ହ୍ୟୁମ ପାଇପ ଅପସାରଣ ନେଇ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଫଳରେ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟପକ୍ଷରେ ଏହି ଘଟଣାକୁ ଚପାଇଦେବା ନିମନ୍ତେ ବିଭାଗ ପକ୍ଷରୁ ଉଦ୍ୟମ ହେବା ସହ ବିଲ୍ ଉଠାଣ ପାଇଁ ମସୁଧା ଚାଲିଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଗୁରୁତ୍ୱପୂର୍ଣ୍ଣ ବିଷୟ ଏହା ଯେ, ଅଭିଯୋଗ ପରେ ବିଡିଓ ଡାକ୍ତର ସିଦ୍ଧେଶ୍ୱର ନାୟକ ଘଟଣାର ତଦନ୍ତ କରିବାକୁ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ଓ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କୁ ଦାୟିତ୍ୱ ଦେଇଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି। ତେବେ ଯଦି ଏହା ସତ ହୋଇଥାଏ ତେବେ ଏହା 'ଚୋର ହାତରେ ଚାବି କାଠି' ହେବା ସହ ତଦନ୍ତ ଗତି କୁଆଡେ ଯିବ ତାହା ସହଜରେ ଅନୁମେୟ ବୋଲି ସାଧାରଣରେ କଟାକ୍ଷ କରାଯାଉଛି।

ସୂଚନା ଅନୁଯାୟୀ ପ୍ରାୟ ଦେଢମାସ ପୂର୍ବେ ବାରକୋଟ ପଞ୍ଚାୟତ ସମିତି ପକ୍ଷରୁ ସାଂସଦ ପାଣ୍ଠି ଅର୍ଥରୁ ୭ ଲକ୍ଷ ଟଙ୍କା ଅନୁଦାନରେ କଣ୍ଢାପାଲି ପଞ୍ଚାୟତ ଡଙ୍ଗାପାଳ ହାଟପଦା ନିକଟରେ ପୂର୍ତ୍ତ ବିଭାଗକୁ ସଂଯୋଗ କରୁଥିବା କଂକ୍ରିଟ ରାସ୍ତା ଓ କଲଭର୍ଟ ନିର୍ମାଣ କରାଯାଇଥିଲା। ମାତ୍ର ନିର୍ମାଣ କାର୍ଯ୍ୟରେ ଆବଶ୍ୟକତାଠାରୁ ଢେର ଅଧିକ ବଡ ଆକାରର ବ୍ୟବହାର ଅନୁପଯୋଗୀ ତଥା ନିମ୍ନମାନର ମେଟାଲ ବ୍ୟବହାର କରାଯାଇଥିଲା। ଏପରି କି ଉକ୍ତ ରାସ୍ତାର ଅନେକ ଅଂଶରେ ବେଆଇନ ଭାବେ ବଡ ବଡ ଚିକ୍କଣ ପଥର ବ୍ୟବହାର ହୋଇଥିବାରୁ ଏହାର ବିଭିନ୍ନ ସ୍ଥାନରେ ଫାଟ ସୃଷ୍ଟି ହୋଇଥିଲା। ସେହିପରି ଉପରେ ହୋଇଥିବା କଂକ୍ରିଟ ଢଳେଇରେ ଚିପ୍ସ ଓ ସିମେଣ୍ଟର ମାତ୍ରା ମଧ୍ୟ ଆବଶ୍ୟକତାଠାରୁ ଢେର କମ ରହିଥିଲା। ଫଳସ୍ୱରୂପ ଠାଏଁ ଠାଏଁ କଂକ୍ରିଟ ଉଠିଯାଉଥିବା ଦେଖିବାକୁ ମିଳିଥିଲା। ଗୁରୁତ୍ୱପୂର୍ଣ୍ଣ ବିଷୟ ଏହା ଯେ, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ସୁବ୍ରତ କୁମାର ମାଝିଙ୍କ ତତ୍ତ୍ୱାବଧାନରେ କନିଷ୍ଠ ଯନ୍ତ୍ରୀ ସୁଶାନ୍ତ ନାୟକଙ୍କ ଦ୍ୱାରା ଉକ୍ତ କଲଭର୍ଟ ନିର୍ମିତ ହୋଇଥିବା ବେଳେ ବ୍ୟବହୃତ ୨ଟି ହ୍ୟୁମ ପାଇପ ମଧ୍ୟରୁ ଗୋଟିଏ ଭଙ୍ଗା ପାଇପ ରହିଥିଲା। ଫଳରେ ଲୋକଙ୍କ ଆଖିରେ ଧୂଳିଦେଇ ବିଭାଗ ନିମ୍ନମାନର କାର୍ଯ୍ୟ ଜରିଆରେ ସରକାରୀ ଅର୍ଥ ଲୁଟ କରିବାକୁ ଉଦ୍ୟମ ହେଉଥିବା ଅଞ୍ଚଳବାସୀ ଅଭିଯୋଗ କରିଥିଲେ। ଏଥିସହ ଉକ୍ତ ନବ ନିର୍ମିତ କଂକ୍ରିଟ ରାସ୍ତା ଏବଂ ଭଙ୍ଗା ହ୍ୟୁମ ପାଇପ ବ୍ୟବହୃତ ହୋଇଥିବା କଲଭର୍ଟକୁ ସମ୍ପୂର୍ଣ୍ଣ ଭାବେ ଭାଙ୍ଗି ଠିକ ଢଙ୍ଗରେ ଏହାର ପୁନଃନିର୍ମାଣ କରିବାକୁ ଅଞ୍ଚଳବାସୀ ଦାବି କରିଥିଲେ। ଏ ସମ୍ପର୍କରେ ଏକାଧିକବାର ଖବର ପ୍ରକାଶ ହେବା ପରେ ନିର୍ମାଣ କାର୍ଯ୍ୟ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ତାଙ୍କ ଅନୁପସ୍ଥିତିରେ ନିର୍ମାଣ କାର୍ଯ୍ୟ କରାଯାଇଥିବା ଦର୍ଶାଇବା ସହ ଏ ନେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଗଣମାଧ୍ୟମ ସମ୍ମୁଖରେ ପ୍ରକାଶ କରିଥିଲେ। ଫଳରେ ଉକ୍ତ ରାସ୍ତା ଓ କଲଭର୍ଟର ପୁନଃ ନିର୍ମାଣ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଆଶା ସଞ୍ଚାର ହୋଇଥିଲା। ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ପ୍ରକ୍ରିୟା ଆରମ୍ଭ ହୋଇ ନ ଥିବା ଜଣାପଡିଛି। ତେବେ ଏ ନେଇ ବିଡିଓ ନାୟକଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# ଜିଲା କଂଗ୍ରେସ ପକ୍ଷରୁ ଆୟକର କାର୍ଯ୍ୟାଳୟ ଘେରାଉ


ଜିଲା କଂଗ୍ରେସ ପକ୍ଷରୁ ବିକ୍ଷୋଭ କରାଯାଉଛି।

**ଝାରସୁଗୁଡ଼ା, ୧୬।୪ (ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ଜିଲା କଂଗ୍ରେସ କଂଗ୍ରେସ କମିଟି ପକ୍ଷରୁ ବୁଧବାର ପୂର୍ବାହ୍ନ ୧୧ଟାରେ ନ୍ୟାଶନାଲ ହେରାଲ୍ଡ ମନିଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ରାହୁଲ ଗାନ୍ଧୀ ଓ ସୋନିଆ ଗାନ୍ଧୀଙ୍କ ବିରୋଧରେ ମିଥ୍ୟା ଚାର୍ଜଶିଟ ଦାଖଲ ପ୍ରତିବାଦରେ ଜିଲା ଆୟକର କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସରକାରୀ କଳକୁ ଅପବ୍ୟବହାର କରି କଂଗ୍ରେସ ନେତାଙ୍କୁ ବଦନାମ କରିବା ପାଇଁ କେନ୍ଦ୍ର ସରକାରଙ୍କ ଏହି ହୀନ ରାଜନୈତିକ ଚକ୍ରାନ୍ତକୁ କଂଗ୍ରେସ ପକ୍ଷରୁ ଦୃଢ଼ ନିନ୍ଦା କରାଯାଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲା ସଭାପତି ସୁବ୍ରତ ପ୍ରଧାନ, ପ୍ରଶାନ୍ତ ତ୍ରିପାଠୀ, ସିଆରାମ ଦାସ, ଅମିତା ବିଶ୍ୱାଳ, ମନମୋହନ ଝା, ଲିଙ୍ଗରାଜ ବଇ ଦେବାନନ୍ଦ ବାରିକ, ଭାସ୍କର ପଟେଲ, ଶାହରୁଖ ଖାନ, ଆଦର୍ଶ ଗାନ୍ଧୀ, ପୂନ୍ୟବାନ ନାୟକ, ଦେବାଶିଷ ନାୟକ, ରାହୁଲ ଠାକୁର, ସଞ୍ଜୟ ମହାପାତ୍ର, ମନୀଷ ବାଜପାୟୀ, ରାମେଶ୍ୱର ତିୱାରୀଙ୍କ ସହିତ ଅନେକ କର୍ମୀ ଉପସ୍ଥିତ ଥିଲେ।

# ମୁଖ୍ୟ ଡାକଘର ସମ୍ମୁଖରେ ଜିଲା କଂଗ୍ରେସର ବିକ୍ଷୋଭ



ଦେବଗଡ଼ ମୁଖ୍ୟ ଡାକଘର ସମ୍ମୁଖରେ ପ୍ରତିବାଦ କରାଯାଉଛି।

**ଦେବଗଡ଼, ୧୬।୪ (ଶଶାଙ୍କ ଶେଖର ଝାଙ୍କର)**

ନ୍ୟାଶନାଲ ହେରାଲ୍ଡ ମାମଲାରେ ବରିଷ୍ଠ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ ଓ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ବିରୋଧରେ ଇଡି ପକ୍ଷରୁ ଅଭିଯୋଗଫର୍ଦ୍ଦ ଦାଖଲ କରାଯାଇଛି। ଏହାକୁ ବିରୋଧ କରି ବୁଧବାର ପୂର୍ବାହ୍ନରେ ଦେବଗଡ଼ ଜିଲା କଂଗ୍ରେସ ପକ୍ଷରୁ ସ୍ଥାନୀୟ ମୁଖ୍ୟ ଡାକଘର ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଜିଲା କଂଗ୍ରେସ ସଭାପତି ସେମ୍ ହେମ୍ରମଙ୍କ ନେତୃତ୍ୱରେ ବହୁ ନେତା ଓ କର୍ମୀ ମୁଖ୍ୟ ଡାକଘର ସମ୍ମୁଖରେ ଉପରୋକ୍ତ ଘଟଣାର ଦୃଢ଼ ପ୍ରତିବାଦ କରିବା ସହ କେନ୍ଦ୍ର ସରକାରଙ୍କୁ କଡା ସମାଲୋଚନା କରିଥିଲେ। କାର୍ଯ୍ୟକ୍ରମରେ କଂଗ୍ରେସ ନେତା ରେବତୀ ମୋହନ ପଟ୍ଟନାୟକ, ରମେଶ ଚନ୍ଦ୍ର ପାତ୍ର, ଅଲେଖ ଚନ୍ଦ୍ର ନାଏକ, ଶ୍ରୀତମ ସାହୁ, ଆକାଶ ଦାଶ ଓ ବିନୟ ଦେବତାଙ୍କ ସମେତ ବହୁ କଂଗ୍ରେସ ନେତା ଓ କର୍ମୀ ଅଂଶଗ୍ରହଣ କରିଥିଲେ।

## ସଂକ୍ଷେପରେ

### ନାରୀ ନିର୍ଯାତନା ପ୍ରତିବାଦରେ ମଶାଲ ଶୋଭାଯାତ୍ରା

**ଝାରସୁଗୁଡ଼ା, ୧୬।୪ (ଆଶିଷ ରଞ୍ଜନ ଦାଶ)**

ଜିଲା କଂଗ୍ରେସ କମିଟି ଆହ୍ୱାନକ୍ରମେ ଝାରସୁଗୁଡ଼ା ସହର ସହ ଜିଲାର ଲଇକେରା, କିର୍ମିରା, କୋଲାବିରା, ବେଲପାହାଡ ଓ ଲାଖନପୁର ବ୍ଲକର ବିଭିନ୍ନ ସ୍ଥାନରେ ନାରୀ ନିର୍ଯାତନା ବିରୋଧରେ ମଙ୍ଗଳବାର ସନ୍ଧ୍ୟାରେ ମଶାଲ ଶୋଭାଯାତ୍ରା କରାଯାଇଥିଲା। ମଶାଲ ଶୋଭାଯାତ୍ରା ଝାରସୁଗୁଡ଼ା ସହର ଓ ଝାରସୁଗୁଡ଼ା ବ୍ଲକର ମିଳିତ ଶୋଭାଯାତ୍ରା ରେଳ ଷ୍ଟେଶନ ଛକଠାରୁ ବାହାରି ପୁରୁଣା ବସ୍‌ଷ୍ଟାଣ୍ଡ ନିକଟସ୍ଥ ଗାନ୍ଧୀ ମୂର୍ତ୍ତି ନିକଟରେ ପହଞ୍ଚିଥିଲା। ଏଥିରେ ଜିଲା ସଭାପତି ସୁବ୍ରତ ପ୍ରଧାନ, ପ୍ରଶାନ୍ତ ତ୍ରିପାଠୀ, ସିଆରାମ ଦାସ, ମନମୋହନ ଝା, ଦେବାନନ୍ଦ ବାରିକ, ଓମପ୍ରକାଶ ଠକ୍କର ଶାହରୁଖ ଖାନ, ଆଦର୍ଶ ଗାନ୍ଧୀ, ସୁଖଦେବ ବାଗ, ରାଜେନ୍ଦ୍ର କର, ଅଲେଖ କୁମାର, ପୂନ୍ୟବାନ ନାୟକ, ଡଲି କାଣ୍ଡଲୁନା, ମଞ୍ଜୁ ନାୟକ, ପୂର୍ଣ୍ଣଚନ୍ଦ୍ର ଛଚାନ, ରିୟାଜ ହୁସେନ, ଅକବର କୁରେସୀ, ୱାରିଶ ଭାଇ, ଦେବ ସ୍ୱାଇଁଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

### ଜୟ ମା' ରାମଚଣ୍ଡୀ ଟ୍ରାକ୍ଟର ମାଲିକ ସଂଘ ପକ୍ଷରୁ ଦାବିପତ୍ର

**ଝାରସୁଗୁଡ଼ା, ୧୬।୪ (ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ଜୟ ମା' ରାମଚଣ୍ଡୀ ଟ୍ରାକ୍ଟର ମାଲିକ ସଂଘ ପକ୍ଷରୁ ବିଭିନ୍ନ ସମସ୍ୟା ନେଇ ଏକ ଦାବିପତ୍ର ଅତିରିକ୍ତ ଜିଲାପାଳ ବ୍ରଜବନ୍ଧୁ ଭୋଇଙ୍କୁ ମଙ୍ଗଳବାର ପ୍ରଦାନ କରାଯାଇଛି। ସଂଘ ଅଭିଯୋଗ ଅନୁସାରେ ଟ୍ରାକ୍ଟରରେ ହେଉଥିବା ବାଲି ଚାଲାଣ ଧରପକଡ଼ ହେବା ପରେ ଏବେ ଜିଲାରେ କିଛି ଦିନ ହେବ ବାଲି ଚାଲାଣ ବନ୍ଦ ରହିଛି। ଫଳରେ ହାଇୱାରେ ଏବେ ବାଲି ନେଉଥିବା ବେଳେ ଦର ଦୁଇ ଗୁଣା ବଢ଼ିଯାଇଛି। ଏହାଦ୍ୱାରା ରାସ୍ତା, ଘର, ପୋଲ ଏବଂ ଆଦି ନିର୍ମାଣ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ସାଧାରଣ ଲୋକେ ବାଲି ପାଇଁ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଏହାର ଏକ ସମାଧାନ ବାଟ ବାହାର କରିବା ସହିତ ତୁରନ୍ତ ଟ୍ରାକ୍ଟରରେ ବାଲି ଚାଲାଣ କରିବାକୁ ଅନୁମତି ଦିଆଯାଉ ବୋଲି ଜୟ ମା' ରାମଚଣ୍ଡୀ ଟ୍ରାକ୍ଟର ମାଲିକ ସଂଘ ସଭାପତି ରବି କୁମାର ସୋନି ଅତିରିକ୍ତ ଜିଲାପାଳ ଭୋଇଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏହାସହ ବାଲି ଚାଲାଣ ପାଇଁ ଏକ ଏସ୍‌ଓପି ଜାରି କରିବାକୁ ନିବେଦନ କରିଛନ୍ତି। ବାଲିଘାଟରେ ସିସିଟିଭି ସହିତ ସମସ୍ତ ଗାଡ଼ିରେ ଜିପିଆରଏସ ଲଗେଇବା, ୧୫ ପ୍ରତିଶତ ବାଲିଘାଟରେ ଲାଭ ରଖିବା ଏବଂ ସରକାରଙ୍କ ସମସ୍ତ ଗାଇଡଲାଇନକୁ ମାନି ବାଲିଘାଟ ଚଳାଇବାକୁ ସେ ଅତିରିକ୍ତ ଜିଲାପାଳଙ୍କ ମାଧ୍ୟମରେ ରାଜସ୍ୱ ମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି।

# ଜିଲାସ୍ତରୀୟ ପୋଷଣ ପକ୍ଷ ପାଳିତ

**ଦେବଗଡ଼, ୧୬।୪ (ଶଶାଙ୍କ ଶେଖର ଝାଙ୍କର)**



ଜିଲାସ୍ତରୀୟ ପୋଷଣ ପକ୍ଷ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ଦେବଗଡ଼ ଜିଲା ପ୍ରଶାସନ ଓ ଜିଲା ସମାଜ ମଙ୍ଗଳ ବିଭାଗ ପକ୍ଷରୁ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ପୋଷଣ ପକ୍ଷ ବୁଧବାର ପାଳିତ ହୋଇଯାଇଛି। ଜିଲା ସମାଜ ମଙ୍ଗଳ ଅଧିକାରୀ ସୁରତୀ ପ୍ରଧାନଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଦେବଗଡ଼ ଜିଲାପାଳ କବୀନ୍ଦ୍ର କୁମାର ସାହୁ, ସମ୍ମାନିତ ଅତିଥି ଭାବେ ଉପଜିଲାପାଳ ପରକ୍ଷୀତ ସାହୁ, ଜିଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ସହକାରୀ ଉଦ୍ୟାନ କୃଷି ଅଧିକାରୀ ସୌଭାଗ୍ୟ କୁମାର ସାହୁ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଶକୁନ୍ତଳା ଟେଟେ ଯୋଗ ଦେଇ ପୋଷଣ ପକ୍ଷ ପାଳନର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଶିଶୁଙ୍କୁ ପୁଷ୍ଟିକର ତଥା ପୋଷଣ ଯୁକ୍ତ ଖାଦ୍ୟ ଯୋଗାଇ ଦେବା ସହିତ ଏକ ସୁସ୍ଥ ଜୀବନ ଗଠନ ଉପରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ଶିଶୁର ଜନ୍ମଠାରୁ ଏକ ହଜାର ଦିନର ଗୁରୁତ୍ୱ, ହିତାଧିକାରୀ ପଞ୍ଜୀକୃତ ଓ ସେମାନଙ୍କୁ ପୋଷଣ ଟ୍ରାକରରେ ସାମିଲ କରିବା, ଶିଶୁଙ୍କ ବିକାଶ ପାଇଁ କାର୍ଯ୍ୟକାରୀ ଯୋଜନାକୁ ଲୋକାଭିମୁଖି କରିବା ଏବଂ ଶିଶୁଙ୍କୁ କିଭଳି ସୁସ୍ଥ ଜିବନ ଶୈଳୀ ଦିଆଯାଇପାରିବ ସେ ନେଇ ଆଲୋଚନା ହୋଇଥିଲା। ଏହି ଅବସରରେ ବିଭିନ୍ନ ପୁଷ୍ଟିକର ଖାଦ୍ୟର ପ୍ରଦର୍ଶନୀ କରାଯାଇଥିଲା। କାର୍ଯ୍ୟକ୍ରମରେ ଡିପିସି ମିଶନ ଶକ୍ତି ଶିଶିର କୁମାର ଷଡଙ୍ଗୀ, ପୋଷଣ ଜିଲା ସଂଯୋଜକ ମନୋଜ ଆଚାର୍ଯ୍ୟ, ସେକ୍ସନ ଅଫିସର ପ୍ରମୋଦ ପାତ୍ର, ସିଡିପିଓ, ସୁପରଭାଇଜର, ଅଙ୍ଗନୱାଡି କର୍ମୀ ଓ ସହାୟିକା ପ୍ରମୁଖ ଉପସ୍ଥିତ ଥିଲେ।

# ମେ' ୧୦ରେ ହେବ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

**ଝାରସୁଗୁଡ଼ା, ୧୬।୪ (ଆଶିଷ ରଞ୍ଜନ ଦାଶ)**

ରାଷ୍ଟ୍ରୀୟ ଆଇନ୍ ସେବା ପ୍ରାଧିକରଣ ଓ ଓଡ଼ିଶା ରାଜ୍ୟ ଆଇନ୍ ସେବା ପ୍ରାଧିକରଣ ନିର୍ଦ୍ଦେଶକ୍ରମେ ଝାରସୁଗୁଡ଼ା ଜିଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ଆସନ୍ତା ମେ' ୧୦ରେ ଦ୍ୱିତୀୟ ଶ୍ରେଣୀ ଜିଲା କୋର୍ଟ ଓ ଲଖନପୁର ଗ୍ରାମ ନ୍ୟାୟାଳୟରେ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ ବୋଲି ବୁଧବାର ସୂଚନା ଦିଆଯାଇଛି। ଲୋକ ଅଦାଲତରେ ଯୋଗ୍ୟ ଫୌଜଦାରୀ ଓ ଦେୱାନି ମକଦ୍ଦମା, ମୋଟରଯାନ ଦୁର୍ଘଟଣା ଜନିତ କ୍ଷତିପୂରଣ, ବ୍ୟାଙ୍କ ଋଣ, ବିଦ୍ୟୁତ୍ ଓ ଜଳ ଯୋଗାଣ, ପାରିବାରିକ ସମସ୍ୟା, ଜମି ଅଧିଗ୍ରହଣ, ଚେକ ବାଉନ୍ସ ଇତ୍ୟାଦି ମାମଲାର ଆପୋଷ ବୁଝାମଣା ମାଧ୍ୟମରେ ସମାଧାନ କରାଯାଇ ପାରିବ ବୋଲି ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ସୂଚନା ଦିଆଯାଇଛି।

# ଚିକିତ୍ସା ପାଇଁ ସୁରଜଙ୍କୁ ବୁର୍ଲା ମେଡିକାଲକୁ ପଠାଗଲା

## ଆଗେଇ ଆସିଲା ନୂଆଁଆଶା ସ୍ୱେଚ୍ଛାସେବୀ ସଙ୍ଗଠନ

**ଝାରସୁଗୁଡ଼ା/ଲଖନପୁର, ୧୬।୪ (ଆଶିଷ ରଞ୍ଜନ ଦାଶ/ଗୌତମ ସାହୁ)**


ସୁରଜଙ୍କୁ ଆମ୍ବୁଲାନ୍ସରେ ବୁର୍ଲା ମେଡିକାଲକୁ ସ୍ଥାନାନ୍ତର କରାଯାଉଛି।

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ତଳିବହାଲ ଗ୍ରାମର ଓରାମ ପଡ଼ାର ସୁରଜ ଲୁହାର (୨୧)ଙ୍କ ଉତ୍ତମ ଚିକିତ୍ସା ପାଇଁ ବୁଧବାର ପୂର୍ବାହ୍ନ ୧୧ଟାରେ ବୁର୍ଲା ମେଡିକାଲକୁ ପଠାଯାଇଥିବା ଜଣାପଡିଛି। ସୂଚନା ଯେ, ତଳିବହାଲ ଗ୍ରାମର ଓରାମ ପଡ଼ାରେ ରହୁଥିବା ଉପେନ୍ଦ୍ର ଲୁହାର ଗରିବ ହୋଇଥିବାରୁ ପୁଅ ସୁରଜଙ୍କ ଚିକିତ୍ସା ଅର୍ଥାଭାବ କରିପାରୁ ନ ଥିଲେ। ଖବର ପାଇ ନୂଆଁଆଶା ସ୍ୱେଚ୍ଛାସେବୀ ସଙ୍ଗଠନର କେଶବ ଗହୀର, ନେତ୍ରାନନ୍ଦ ସାହୁ, ବିଶ୍ୱାଳ ସିଂ ପହଞ୍ଚିଥିଲେ। ଘର ପରିସ୍ଥିତି ଜାଣିବା ପରେ ସୁରଜଙ୍କ ବାପା ଉପେନ୍ଦ୍ରଙ୍କୁ ପ୍ରଥମେ ଜିଲାପାଳଙ୍କ ଜନଶୁଣାଣି ପାଖକୁ ଯାଇ ନିଜ ପୁଅର ଦୁଃଖ ଜଣାଇବା ପାଇଁ କହିଥିଲେ। ଗତ ୬ ତାରିଖରେ ସୁରଜଙ୍କ ବାପା ଜିଲାପାଳଙ୍କ ଜନଶୁଣାଣିରେ ଲିଖିତ ଜଣାଇଥିଲେ। ୪ ଦିନ ପରେ ସୁରଜ ଚିକିତ୍ସା ପାଇଁ ୫,୦୦୦ ଟଙ୍କା ଜିଲା ରେଡ଼କ୍ରସ ପାଣ୍ଠିରୁ ଦିଆଯାଇଥିଲା। ଏହା ପରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ମଧ୍ୟ ସୁରଜଙ୍କ ବିଷୟରେ ଜଣାଇବାରୁ ସେ ମଧ୍ୟ ସହାୟତା କରିବା ପାଇଁ କହିଥିଲେ। ସୁରଜଙ୍କ ଚିକିତ୍ସା ପାଇଁ ନୂଆଁଆଶା ସ୍ୱେଚ୍ଛାସେବୀ ସଙ୍ଗଠନ ସଦସ୍ୟ କେଶବ ଗହୀର ୧୦୮ ଆମ୍ବୁଲାନ୍ସକୁ ଖବର ଦେଇଥିଲେ। ସୁରଜଙ୍କୁ ୧୦୮ ଯୋଗେ ପ୍ରଥମେ ଝାରସୁଗୁଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରୁ ପ୍ରାଥମିକ ଚିକିତ୍ସା କରି ବୁର୍ଲା ମେଡିକାଲକୁ ପଠାଯାଇଥିବା ଜଣାପଡିଛି।

# ସମ୍ମିଳିତ ଆଦିବାସୀ ସମାଜ ପକ୍ଷରୁ ମୃତ ପରିବାରକୁ ଆର୍ଥିକ ସହାୟତା

## ସୁରଟରେ ଦାଦନ ଶ୍ରମିକଙ୍କ ମୃତ୍ୟୁ ଘଟଣା

**ଝାରସୁଗୁଡ଼ା, ୧୬।୪ (ଆଶିଷ ରଞ୍ଜନ ଦାଶ)**


ସମ୍ମିଳିତ ଆଦିବାସୀ ସଂଘ ପକ୍ଷରୁ ମୃତକଙ୍କ ପରିବାରଙ୍କୁ ସାହାଯ୍ୟ ପ୍ରଦାନ କରାଯାଉଛି।

ଝାରସୁଗୁଡ଼ା ଜିଲା ସମ୍ମିଳିତ ଆଦିବାସୀ ସମାଜ, ଆଦିବାସୀ ଶକ୍ତି ପୀଠ ସେବା ଟ୍ରଷ୍ଟ ଓ ଅଖିଳ ଭାରତୀୟ ଗୋଁଣ୍ଡୱାନା ଗୋଁଣ୍ଡ ମହାସଭା, ହଂ. କଟାପାଲି ଗୁଡ଼ି ପକ୍ଷରୁ ସୁରଟରେ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟିଥିବା କରନ ନେଟୀ(୨୦)ଙ୍କ ପରିବାରଙ୍କୁ ବୁଧବାର ପୂର୍ବାହ୍ନ ୧୧ଟାରେ ସହାୟତା ପ୍ରଦାନ କରାଯାଇଛି। ସମ୍ମିଳିତ ଆଦିବାସୀ ସମାଜ ପକ୍ଷରୁ ୫୦୦୦ ଟଙ୍କା, ଡାଲି ଓ ଚାଉଳ ପ୍ରଦାନ କରାଯାଇ ସହାୟତା କରାଯାଇଛି। ୨୦ ବର୍ଷରେ ନେଟୀଙ୍କ ଆକସ୍ମିକ ମୃତ୍ୟୁବରଣ ଯୋଗୁ ସମସ୍ତ ଆଦିବାସୀ ସମାଜ ମର୍ମାହତ। ତାଙ୍କ ମା' ଉର୍ମିଳା ଓ ଯୁକ୍ତ ୨ ପ୍ରଥମ ବର୍ଷ ପରୀକ୍ଷା ଦେଇଥିବା ସାନ ଭାଇ ଚୈତନ୍ୟ ତଥା ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସାନ୍ତନା ଜଣାଇଥିଲେ। ଆଗାମୀ ଦିନରେ ପରିବାର ବର୍ଗଙ୍କୁ ଧର୍ଯ୍ୟର ସହିତ ଆଗେଇବା ପାଇଁ ବୁଝାଶୁଝା କରିଥିଲେ। ଏହି ଦଳରେ ଆଦିବାସୀ ଶକ୍ତି ପୀଠ ସେବା ଟ୍ରଷ୍ଟର ସଭାପତି ତଥା ଅଖିଲ ଭାରତୀୟ ଗୋଁଣ୍ଡୱାନା ଗୋଁଣ୍ଡ ମହାସଭାର ରାଜ୍ୟ ସଭାପତି ମହେନ୍ଦ୍ର ନାଏକ, ସମ୍ମିଳିତ ଆଦିବାସୀ ସମାଜର ଉପଦେଷ୍ଟା ରତ୍ନାକର ପ୍ରଧାନ, ହଂ. କଟାପାଲି ଗୋଁଣ୍ଡ ସମାଜ ଗୁଡ଼ି ସଭାପତି ନରୋତ୍ତମ ଧାରୁଆ, ସମ୍ମିଳିତ ଆଦିବାସୀ ସମାଜ ମହାସଚିବ ବିନୋଦ ବିହାରୀ ବାଘଙ୍କ ସହିତ ବୀରେନ ମରେଇ, ରାଜେଶ ମୁଣ୍ଡା, ଆସରାମ ମୁଣ୍ଡା, ବିନୋଦ ମୁଣ୍ଡା, ସାଗର ଧୁରୁଆ, ଶିବ ମରେଇ, ପୁରୁଷୋତ୍ତମ ନେଟୀ ଓ ଜୟ ଗୋପାଳ ଅଟି ପ୍ରମୁଖ ଉପସ୍ଥିତ ଥିଲେ।

# ଜରାଜୀର୍ଣ୍ଣ ବିଜାପାଲି କଟାର ପୁନରୁଦ୍ଧାର ଦାବି


ଶୁଷ୍କ ଜରାଜୀର୍ଣ୍ଣ ବିଜାପାଲି କଟା।

**ଲଖନପୁର, ୧୬।୪ (ଗୌତମ ସାହୁ)**

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକର ଅଧିକାଂଶ ଲୋକ କୃଷି ଉପରେ ନିର୍ଭର କରି ଜୀବନ ଜୀବିକା ଅତିବାହିତ କରୁଛନ୍ତି। କୃଷି ପାଇଁ ମୁଖ୍ୟ ହେଉଛି ଜଳସେଚନ ସୁବିଧା। ସରକାରଙ୍କ ପକ୍ଷରୁ ଅନେକ ଯୋଜନା ମାଧ୍ୟମରେ ଚାଷ ଜମିକୁ ଜଳସେଚନ ବ୍ୟବସ୍ଥା କରାଯାଉଥିବା ବେଳେ ବ୍ଲକର ବିଭିନ୍ନ ଗାଁଗୁଡ଼ିକରେ ବହୁ ବର୍ଷରୁ ବୃହତକାୟ ବନ୍ଧ ଓ କଟାଗୁଡିକ ଫସଲ ରକ୍ଷା ପାଇଁ ସହାୟକ ହେଉଥିଲେ। ହେଲେ ଏବେ ଏସବୁ ଦିନକୁ ଦିନ ଜରାଜୀର୍ଣ୍ଣ ହୋଇ ନିଜର ଅସ୍ତିତ୍ୱ ହରାଉଛି। ଏହି ପରିପ୍ରେକ୍ଷୀରେ ବ୍ଲକର ପଞ୍ଚଗାଁ ପଞ୍ଚାୟତ ବିଜାପାଲି ଗାଁର ବୃହତ ଜଳାଶୟ କଟା ନିଜର ଅସ୍ତିତ୍ୱ ହରାଉଥିବା ଅଭିଯୋଗ ହେଉଛି। ଏହି କଟା ୧୪ ଏକର ଜମିରେ ଥିବା ବେଳେ ପଙ୍କ ଉଦ୍ଧାର ନ ହେବାରୁ ଜଳଧାରଣ କ୍ଷମତା ଦିନକୁ ଦିନ କମିବାରେ ଲାଗିଛି। ଏହି କଟା ଭରସାରେ ପ୍ରାୟ ୧୦୦ଏକରରୁ ଉର୍ଦ୍ଧ୍ୱ ଚାଷ ଜମି ମରୁଡି ସମୟର ଜଳସେଚନ ବ୍ୟବସ୍ଥା ନେଇ ଚାଷୀ ସମୂହ ଚିନ୍ତାରେ। ଏହି କଟା ଉପରେ ଗ୍ରାମବାସୀ ଗାଧୁଆ ପାଇଁ ବ୍ୟବହାର କରୁଥିବା ବେଳେ ମହିଳାମାନଙ୍କ ପାଇଁ ପାଚେରୀ ଘାଟ ମଧ୍ୟ ନାହିଁ। ଏହି ସମସ୍ୟା ଦୃଷ୍ଟି ଦେଇ ଗାଁର ଜୀବନରେଖା କଟାର ପୁନରୁଦ୍ଧାର ପାଇଁ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରି ଏକ ଆଦର୍ଶ ଜଳାଶୟ ସୃଷ୍ଟି କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

# ୯ ଦଳ ଅଂଶଗ୍ରହଣ, ଆଜି ପହଞ୍ଚିବେ ଖେଳାଳି

## ୧୭ ବର୍ଷରୁ କମ ଆନ୍ତଃରାଜ୍ୟ ବାଳିକା ହକି ପାଇଁ ପ୍ରସ୍ତୁତି

**ଝାରସୁଗୁଡ଼ା, ୧୬।୪ (ଆଶିଷ ରଞ୍ଜନ ଦାଶ)**



ବୁଧବାର ସନ୍ଧ୍ୟାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

ଝାରସୁଗୁଡ଼ା ଜିଲା ହକି ସଂଘ ଆନୁକୂଲ୍ୟରେ ଏଚ୍.କଟାପାଲିସ୍ଥିତ ହକି ଷ୍ଟାଡିୟମରେ ଆସନ୍ତା ୧୮ ତାରିଖରେ ପ୍ରଥମ ଥର ପାଇଁ ୧୭ ବର୍ଷରୁ କମ ଆନ୍ତଃରାଜ୍ୟ ବାଳିକା ହକି ପ୍ରତିଯୋଗିତା ହେବ। ଏଥିପାଇଁ ଜିଲା ଖଣିଜ ପାଣ୍ଠି ପ୍ରେକ୍ଷାଳୟରେ ବୁଧବାର ପୂର୍ବାହ୍ନ ୧୧ଟାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପ୍ରତିଯୋଗିତା କିପରି ସଫଳ ଭାବେ ଆୟୋଜନ କରାଯିବ ସେ ବିଷୟରେ ଆଲୋଚନା ହୋଇଥିଲା। ଆନ୍ତଃରାଜ୍ୟ ପ୍ରତିଯୋଗିତାରେ ବିହାର, ଝାଡଖଣ୍ଡ, ମଧ୍ୟପ୍ରଦେଶ, ଛତିଶଗଡ଼ ଓ ଓଡ଼ିଶାର ମୋଟ ୯ଟି ଦଳ ଅଂଶଗ୍ରହଣ କରୁଛନ୍ତି। ଭାଗ ନେଉଥିବା ସମସ୍ତ ଦଳର ଖେଳାଳିମାନେ ୧୭ ତାରିଖରେ ଏଠାରେ ପହଞ୍ଚିବେ। ପ୍ରତିଯୋଗିତା ସର୍ବଭାରତୀୟ ହକି ସଂଘର ଅନୁବନ୍ଧିତ ନିୟମ ମଧ୍ୟରେ ଅନୁଷ୍ଠିତ ହେବ ଓ ଏହା ପ୍ରଥମ ଥର ଓଡିଶାରେ ହେବାକୁ ଯାଉଛି। ଏହାର ଟେକନିକାଲ କମିଟି ମୁଖ୍ୟ ଉପଦେଷ୍ଟା ଭାବେ ବରିଷ୍ଠ ଭାରତୀୟ ହକି ଦଳର ପୂର୍ବତନ କୋଚ କାଲୁ ଚରଣ ଚୌଧୁରୀ ଏବଂ ସୁଭଦ୍ରା ପ୍ରଧାନ ଭାରତୀୟ ମହିଳା ଦଳର ଚୟନ କର୍ତ୍ତା ଅଛନ୍ତି। ଝାରସୁଗୁଡା ହକି ସଂଘ ସଭାପତି ତଥା ଜିଲାପାଳ ଅବୋଲି ସୁନୀଲ ନାରୱଣେ ଏବଂ ଅତିରିକ୍ତ ଜିଲାପାଳ ତଥା ସମ୍ପାଦକ ବ୍ରଜବନ୍ଧୁ ଭୋଇ ପ୍ରତିଯୋଗିତା ସଫଳ କରିବା ପାଇଁ ନିୟମିତ ବ୍ୟବଧାନରେ ସମୀକ୍ଷା ବୈଠକ କରୁଛନ୍ତି। ଆସନ୍ତା ୧୮ରେ ତାରିଖ ସକାଳ ୬ଟାରୁ ୮ଟା ମଧ୍ୟରେ ପ୍ରାରମ୍ଭିକ ମ୍ୟାଚ ହେବାକୁ ଥିବା ବେଳେ ଅପରାହ୍ନ ୫ଟାରେ ଆନୁଷ୍ଠାନିକ ଉତ୍ସବ ଉଦ୍‌ଘାଟନ ହେବ ବୋଲି ସନ୍ଧ୍ୟାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି। ପ୍ରତିଯୋଗିତା ପରିଚାଳନା ପାଇଁ ଓଡ଼ିଶା ହକି ସଂଘ ଦ୍ୱାରା ଅନୁମୋଦିତ ୧୦ଜଣ ପରିଚାଳକ ରହିଛନ୍ତି। ଏହାକୁ ସଫଳ କରିବା ପାଇଁ ଜିଲା ହକି ସଂଘ କର୍ମକର୍ତ୍ତା, ରାଜ୍ୟ ହକି ସଂଘ ସମ୍ପାଦକ ସନାତନ ସାହୁ, କୋଷାଧ୍ୟକ୍ଷ ପି. କେ. ମହାନ୍ତି, ବରିଷ୍ଠ ସଦସ୍ୟ ରଞ୍ଜନ ଦାସ ଉପସ୍ଥିତ ରହିବେ। ଭାରତୀୟ ହକି ସଂଘ ସଭାପତି ପଦ୍ମଶ୍ରୀ ଡ. ଦିଲୀପ କୁମାର ତିର୍କୀ ଏହାର ମୁଖ୍ୟ ଉପଦେଷ୍ଟା ରହିଛନ୍ତି ବୋଲି ଓଡ଼ିଶା ହକି ସଂଘ ଉପସଭାପତି ଜୀବନ ମହାନ୍ତି ପ୍ରକାଶ କରିଛନ୍ତି। ଅତିରିକ୍ତ ଜିଲାପାଳ ବ୍ରଜବନ୍ଧୁ ଭୋଇଙ୍କ ସହିତ ଜିଲା ହକି ସଂଘ ସଦସ୍ୟମାନେ ଉପସ୍ଥିତ ଥିଲେ। ବେଦାନ୍ତ ଆଲୁମିନିୟମ ଝାରସୁଗୁଡା ଏହାକୁ ସଫଳ କରିବା ପାଇଁ ସହଯୋଗ କରୁଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଏଏମ୍‌ଏନ୍‌ଏସ୍ ଇଣ୍ଡିଆରେ ସବୁଜ ଇସ୍ପାତ ବର୍ଗୀକରଣର ଶୁଭାରମ୍ଭ

**ଭୁବନେଶ୍ୱର,୧୬।୪**

ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ୍ (ଏଏମ୍‌ଏନ୍‌ଏସ୍) ଇଣ୍ଡିଆର ବହୁ ପ୍ରତୀକ୍ଷିତ ପ୍ରକଳ୍ପ ତଥା ସବୁଜ ଇସ୍ପାତ ବର୍ଗୀକରଣର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଏହାର ବିଦ୍ୟମାନ ଏବଂ ପ୍ରତ୍ୟାଶିତ ଉତ୍ପାଦନ ଉପସ୍ଥିତି ଏବଂ ଦୀର୍ଘ ସ୍ଥାୟିତ୍ୱ ପଦକ୍ଷେପ ସୁନିଶ୍ଚିତ କରିବାକୁ ଯାଉଛି। କମ୍ପାନୀ ଭାରତର ନୂତନ ସବୁଜ ଇସ୍ପାତ ବର୍ଗୀକରଣର ଅନୁରୂପ ସବୁଜ ଇସ୍ପାତର ଏକ ମହତ୍ତ୍ୱପୂର୍ଣ୍ଣ ଅନୁପାତ ଯୋଗାଇ ଦେବାକୁ ପ୍ରସ୍ତୁତ ଅଛି। ଏହାକୁ ୨୦୨୬-୨୭ ଆର୍ଥିକ ବର୍ଷରେ କାର୍ଯ୍ୟକାରୀ କରାଯିବ ବୋଲି ଆଶା କରାଯାଉଛି। କମ୍ପାନୀର ଏହି ପ୍ରୟାସ ସହ ଏହା ପ୍ରଥମ ସମନ୍ୱିତ ଇସ୍ପାତ କମ୍ପାନୀ ଭାବେ ୩ ଷ୍ଟାର ରେଟିଂ ହାସଲ କରିବାକୁ ପ୍ରସ୍ତୁତ ରହିଛି।

AM/NS INDIA
ArcelorMittal Nippon Steel India

ଭାରତ ଇସ୍ପାତ ଶିଳ୍ପର ଡିକାର୍ବନାଇଜେଶନକୁ ଆଗେଇନେବା ଏବଂ ଭାରତ ପାଇଁ ଓ ଭାରତରୁ ସବୁଜ ଇସ୍ପାତର ଚାହିଦାକୁ ପ୍ରୋତ୍ସାହିତ କରିବା ପାଇଁ କମ୍ କାର୍ବନ ଇସ୍ପାତର ସରଞ୍ଜନା ଉପରେ ଏକ ସାଧାରଣ ପରିଭାଷା ଏବଂ ରୂପରେଖ ପ୍ରଦାନ କରିବା ଲକ୍ଷ୍ୟରେ ଇସ୍ପାତ ମନ୍ତ୍ରଣାଳୟ ଦ୍ୱାରା ୨୦୨୪ ଡିସେମ୍ବରରେ ଭାରତ ପାଇଁ ସବୁଜ ଇସ୍ପାତ ବର୍ଗୀକରଣର ପ୍ରକାଶନ କରାଯାଇଥିଲା। ବର୍ଗୀକରଣରେ ପରିଭାଷିତ ସବୁଜ ଇସ୍ପାତକୁ ଉତ୍ପାଦନ ହେଉଥିବା ଇସ୍ପାତ କାରଖାନାର ନିର୍ଗମନ ତୀବ୍ରତା ଆଧାରରେ ବର୍ଗୀକୃତ କରାଯାଇଥାଏ। ଏପରିକି ଯୋଗ୍ୟତା ଅର୍ଜନ କରିବା ପାଇଁ କାର୍ବନ ଡାଇଅକ୍ସାଇଡ୍ ସମକକ୍ଷ (କାର୍ବନ ଡାଇଅକ୍ସାଇଡ୍) ନିର୍ଗମନ ତୀବ୍ରତା ପ୍ରତି ଟନ ପିଛା ପ୍ରସ୍ତୁତ ଚୂଡ଼ାନ୍ତ ଇସ୍ପାତରେ ୨.୨ ଟନ କାର୍ବନ ଡାଇଅକ୍ସାଇଡ୍‌ରୁ କମ୍ ହେବା ଆବଶ୍ୟକ ବୋଲି କୁହାଯାଉଛି। ଏହି ସୀମାଠାରୁ ଅଧିକ ନିର୍ଗମନ ତୀବ୍ରତା ଥିବା ଇସ୍ପାତ ସବୁଜ ରେଟିଂ ପାଇଁ ଯୋଗ୍ୟ ହେବ ନାହିଁ ଏବଂ ଏହା ତଳେ ଉତ୍ପାଦିତ ଇସ୍ପାତକୁ ତ୍ରିସ୍ତରୀୟ ବ୍ୟବସ୍ଥା ଯଥା ୩ ଷ୍ଟାର, ୪ ଷ୍ଟାର କିମ୍ବା ୫ ଷ୍ଟାର ସବୁଜ ଇସ୍ପାତରେ ମୂଲ୍ୟାଙ୍କନ କରାଯିବ। ଏ ସମ୍ପର୍କରେ ଇସ୍ପାତ ସଚିବ ସନ୍ଦୀପ ପାଉଣ୍ଡ୍ରିକ୍ ଏହାର ବାଧ୍ୟତାମୂଳକ ସ୍ଥିତି ଉପରେ ଗୁରୁତ୍ୱାରୋପ କରି କହିଥିଲେ, ସବୁଜ ଇସ୍ପାତର ବର୍ଗୀକରଣକୁ ଗ୍ରହଣ କରିବା ବିକଳ୍ପ ନୁହେଁ; ଏହା ନିତ୍ୟାନ୍ତ ଜରୁରୀ। ଏହା ୨୦୩୦ ସୁଦ୍ଧା ଇସ୍ପାତ ପ୍ରସ୍ତୁତିରେ ଟନ୍ ପିଛା କାର୍ବନ ଡାଇଅକ୍ସାଇଡ୍ ନିର୍ଗମନ ତୀବ୍ରତା ୨.୨ ଟନ୍‌କୁ ହ୍ରାସ କରିବାରେ ସହାୟତା କରିବ ଓ ଏହା ଦ୍ୱାରା ବିଶ୍ୱସ୍ତରୀୟ ପ୍ରତିଦ୍ୱନ୍ଦ୍ୱିତା ଏବଂ ଅଭିବୃଦ୍ଧିକୁ ସୁନିଶ୍ଚିତ କରାଯାଇପାରିବ। ସେହିଭଳି ଏଏମ୍‌ଏନ୍‌ଏସ ଇଣ୍ଡିଆର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ ଉମେନ କହିଛନ୍ତି, ଭାରତ ୨୦୭୦ ସୁଦ୍ଧା ନେଟ୍-ଶୂନ୍ୟ ନିର୍ଗମନ ପାଇଁ ନିଜର ଡିକାର୍ବନାଇଜେଶନ ଲକ୍ଷ୍ୟ ହାସଲ କରିବା ଦିଗରେ ଅଗ୍ରସର ହେଉଥିବାବେଳେ ଏହା ବିଶ୍ୱର ପ୍ରଥମ ସବୁଜ ଇସ୍ପାତ ବର୍ଗୀକରଣରେ ଅଗ୍ରଣୀ ଭୂମିକା ଗ୍ରହଣ କରୁଛି। ଏହି ଐତିହାସିକ ପଦକ୍ଷେପ ଇସ୍ପାତ ଶିଳ୍ପକୁ ଦୀର୍ଘସ୍ଥାୟୀ ହେବା ପାଇଁ ଏକ ସ୍ପଷ୍ଟ ରୋଡ୍ ମ୍ୟାପ୍ ପ୍ରଦାନ କରୁଛି। ଏଏମ୍‌ଏନ୍‌ଏସ୍ ଇଣ୍ଡିଆ ଏହି ଦୃଷ୍ଟିକୋଣ ସହ ଦୃଢ଼ଭାବେ ଯୋଡ଼ିହୋଇଛି ଏବଂ ଆମେ ଯେଉଁ ପଦକ୍ଷେପ ନେଇଛୁ ତାହା ଆମକୁ ବର୍ଗୀକରଣ କାର୍ଯ୍ୟକାରୀ ହେବା ସମୟରେ ଏଥି ପାଇଁ ପ୍ରସ୍ତୁତ ରଖିବ ବୋଲି ଆମର ଆତ୍ମବିଶ୍ୱାସ ରହିଛି। ଏଏମ୍‌ଏନ୍‌ଏସ୍ ଇଣ୍ଡିଆର ସବୁଜ ଏବଂ ସ୍ୱତନ୍ତ୍ର ଇସ୍ପାତ ଉତ୍ପାଦ ଗ୍ରାହକମାନଙ୍କୁ ବିଶ୍ୱସ୍ତରୀୟ ମାନଦଣ୍ଡ ପୂରଣ କରିବା ଦକ୍ଷତାର ସହ ରପ୍ତାନିକରିବା ଏବଂ ଏକ ସବୁଜ ମୂଲ୍ୟ ଶୃଙ୍ଖଳାକୁ ପ୍ରୋତ୍ସାହିତ କରିବାରେ ସହାୟତା କରୁଛି। ଏହି କମ୍ପାନୀ ଭାରତର ସର୍ବନିମ୍ନ କାର୍ବନଭିତ୍ତିକ ଇସ୍ପାତ ନିର୍ମାତାମାନଙ୍କ ମଧ୍ୟରୁ ଅନ୍ୟତମ, ଯାହା ଭାରତକୁ ସବୁଜ ଇସ୍ପାତ ବର୍ଗୀକରଣ ପ୍ରଣାଳୀ କାର୍ଯ୍ୟକାରୀ କରାଇବା ଦିଗରେ ଅଗ୍ରଗାମୀ କରାଉଛି।

# ସ୍ମାର୍ଟଏସ୍ ପ୍ରୋଗ୍ରାମର ସମ୍ପ୍ରସାରଣ



**ନୂଆଦିଲ୍ଲୀ,୧୬।୪**

ଆମାଜନ୍ ଇଣ୍ଡିଆର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ 'ସ୍ମାର୍ଟଏସ୍ ପ୍ରୋଗ୍ରାମ'ର ସମ୍ପ୍ରସାରଣ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଟାବ୍‌ଲେଟ ବର୍ଗରେ ଏହାର ସ୍ମାର୍ଟଏସ୍ ପ୍ରୋଗ୍ରାମର ବିସ୍ତାର କରାଯାଉଛି। ଏହି ପ୍ରୋଗ୍ରାମ ସ୍ୱତନ୍ତ୍ର ଗ୍ରାହକ ଆବଶ୍ୟକତା ଓ ଉପଯୋଗିତା ଉପରେ ଆଧାରକରି ବିଶେଷଜ୍ଞଙ୍କ ପରାମର୍ଶ ମାଧ୍ୟମରେ ଡିଭାଇସ୍ ଚୟନକୁ ସରଳ କରୁଛି। ସେହିପରି ଲାପଟପ ବର୍ଗରେ ସଫଳତା ପରେ ଆମାଜନ ଟାବଲେଟ ବର୍ଗରେ ଏହି ପ୍ରୋଗ୍ରାମକୁ ସମ୍ପ୍ରସାରଣ କରିଛି। ୨୦୨୪ ରେ ୨୬%ର ବାର୍ଷିକ ଅଭିବୃଦ୍ଧି ସହିତ ଟାବ୍‌ଲେଟଗୁଡ଼ିକ ଆମାଜନ ଇଣ୍ଡିଆ ପାଇଁ ଉଚ୍ଚ ଅଭିବୃଦ୍ଧି ବର୍ଗର ଅନ୍ତର୍ଗତ ରହିଛି। ସ୍ମାର୍ଟଏସ୍ ପ୍ରୋଗ୍ରାମର ପ୍ରମୁଖ ଲାଭଗୁଡ଼ିକ ମଧ୍ୟରେ ପ୍ରତ୍ୟେକ ବ୍ୟବହାର ପାଇଁ କ୍ୟୁରେଟେଡ୍ ସିଲେକ୍ସନ, ଟପ୍-ରେଟେଡ୍ ପରଫର୍ମାନ୍ସ, ବିଶେଷଜ୍ଞଙ୍କ ପରାମର୍ଶ, ଚମତ୍କାର ମୂଲ୍ୟ ସାମିଲ ରହିଛି। ସେହିଭଳି ଏହି ପ୍ରୋଗ୍ରାମ ପ୍ରତିଦିନ ବ୍ୟବହାରଠାରୁ ଆରମ୍ଭକରି ଶିକ୍ଷା, ମନୋରଞ୍ଜନ, ବୃତ୍ତିଗତ ପ୍ରୟୋଗ ଓ ଗେମିଂ ଆଦି ବିଭିନ୍ନ ଉପଭୋକ୍ତା ଆବଶ୍ୟକତା ଉପରେ ଆଧାରକରି ଡିଭାଇସ୍‌ଗୁଡ଼ିକର ବର୍ଗୀକରଣ କରିଛି। ପ୍ରତ୍ୟେକ ବର୍ଗ ପାଇଁ ଏକ ସ୍ୱାଧୀନ ଟେକ୍ନିକାଲ ଏଜେନ୍ସି ଉତ୍ପାଦଗୁଡ଼ିକ ନିଶ୍ଚିତ ରୂପେ ପୂରଣ କରୁଥିବା କାର୍ଯ୍ୟଦକ୍ଷତା ମାନଦଣ୍ଡ ସ୍ଥାପନ କରୁଛି। ଏ ସମ୍ପର୍କରେ ଆମାଜନ ଇଣ୍ଡିଆର କଞ୍ଜ୍ୟୁମର ଇଲେକ୍‌ଟ୍ରୋନିକ୍ସ ବିଭାଗର ନିର୍ଦ୍ଦେଶକ ଜେବା ଖାନ କହିଛନ୍ତି,ସ୍ମାର୍ଟଏସ୍ ପ୍ରୋଗ୍ରାମ କ୍ରୟ ଅନୁଭୂତିକୁ ବହୁମାତ୍ରାରେ ଉନ୍ନତ କରିବା ସହ ଏହା ସଠିକତା ପାଇଁ ଚମତ୍କାର ମତାମତ ହାସଲ କରିଛି। ଗ୍ରାହକଙ୍କ ତଥ୍ୟ ଉନ୍ମୋଚନ କରିଛି, କଞ୍ଜ୍ୟୁମର ଇଲେକ୍‌ଟ୍ରୋନିକ୍ସ ଓ ଟେକ୍ନିକାଲ ସ୍ପେଶିଫିକେଶନରେ ଉପଲବ୍ଧ ବିଭିନ୍ନ ବିକଳ୍ପକୁ ନେଇ ଗ୍ରାହକମାନେ ପ୍ରାୟତଃ ଦ୍ୱନ୍ଦରେ ପଡିଥାନ୍ତି। ଏହି ପ୍ରୋଗ୍ରାମ ଉକ୍ତ ଆହ୍ୱାନକୁ ଦୂର କରିଛି। ସେହିଭଳି ଏହି ପ୍ରୋଗ୍ରାମର କ୍ୟୁରେଟେଡ୍ ସିଲେକ୍ସନରେ ସାମ୍‌ସଙ୍ଗ, ଲେନୋଭୋ, ଆସୁସ, ଅନର, ଏସର ଓ ଏଚପି ଭଳି ଅଗ୍ରଣୀ ବ୍ରାଣ୍ଡଗୁଡ଼ିକର ଟପ-ରେଟେଡ୍ ଟାବଲେଟ ସାମିଲ ରହିଛି। ଲାପ୍‌ଟପ୍ ପାଇଁ ଆରମ୍ଭ କରାଯିବା ପରଠାରୁ ସ୍ମାର୍ଟଏସ ପ୍ରୋଗ୍ରାମ ବିକ୍ରି କ୍ଷେତ୍ରରେ ୩ଗୁଣ ବୃଦ୍ଧି ପାଇଛି ଏବଂ ୨୦୨୪ ରେ ପ୍ରିମିୟମ ଲାପଟପ କ୍ରୟରେ ୩୦% ବୃଦ୍ଧିର ଯୋଗଦାନ ଦେଇଛି। ଆମାଜନ ଡଟ ଇନରେ ସ୍ମାର୍ଟଏସ ପ୍ରୋଗ୍ରାମ ଅଧିନରେ ଉପଲବ୍ଧ କିଛି ଲୋକପ୍ରିୟ ଡିଭାଇସଗୁଡ଼ିକ ମଧ୍ୟରେ ଲେନୋଭୋ ଟାବ ପ୍ଲସ, ଏସର ସ୍ୱିଫ୍ଟ ଗୋ ୧୪ ବିଲ୍ଟ-ଇନ ଏଆଇ ପିସି ପ୍ରିମିୟମ ଲାପଟପ, ସାମସଙ୍ଗ ଗ୍ୟାଲାକ୍ସି ଟାବ ଏସ୍୯ ଏଫଇ, ଲେନୋଭୋ ଆଇଡିଆପ୍ୟାଡ ଫ୍ଲେକ୍ସ୫, ଏଚପି ଭିକ୍ଟସ, ୧୩ ଜେନ୍ ଇଂଟେଲ କୋର ଆଇ୭, ଆସୁସ୍ ଭିଭୋବୁକ୍ ୧୫ ଆଦି ସାମିଲ ରହିଛି।

# ଡା. ପ୍ରଜ୍ଞା ଫିକି ଫ୍ଲୋ ଭୁବନେଶ୍ୱର ଚାପ୍ଟର ଅଧ୍ୟକ୍ଷା

**ଭୁବନେଶ୍ୱର,୧୬।୪ (ଅଭୟ ଦାଶ)**

ଫିକି ଫ୍ଲୋ ଭୁବନେଶ୍ୱର ଚାପ୍ଟରର ଅଧ୍ୟକ୍ଷା ଭାବେ ମହିଳା ଉଦ୍ୟୋଗୀ ଡା. ପ୍ରଜ୍ଞା ପାରମିତା ମିଶ୍ର ମଙ୍ଗଳବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଫିକି ଫ୍ଲୋ ଭୁବନେଶ୍ୱର ଚାପ୍ଟର ପକ୍ଷରୁ ଭୁବନେଶ୍ୱରର ମେ ଫେୟାର ହୋଟେଲରେ ଏକ ସ୍ୱତନ୍ତ୍ର ସମାରୋହ 'ଚେଞ୍ଜ ଅଫ୍ ଗାର୍ଡ ସେରିମନି'ର ଆୟୋଜନ କରାଯାଇଥିଲା। ଏହି ଅବସରରେ ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସମାରୋହର ସାରମର୍ମ ସହ ସରକାରଙ୍କ ସହିତ ଚାପ୍ଟର ମିଳିତ ଭାବେ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ସେହିଭଳି ଚାପ୍ଟରର ପ୍ରତିଷ୍ଠାତା ଅଧ୍ୟକ୍ଷା ଧରିତ୍ରୀ ପଟ୍ଟନାୟକଙ୍କଠାରୁ ବିଧିବଦ୍ଧ ଭାବେ ଡା. ପ୍ରଜ୍ଞା ଚାପ୍ଟରର ଅଧ୍ୟକ୍ଷା ଦାୟିତ୍ୱ ଗ୍ରହଣ କରିଥିଲେ। ଏହା ପୂର୍ବରୁ ମହିଳା ଉଦ୍ୟୋଗୀ ରଶ୍ମି ସାହୁ ଏହି ଦାୟିତ୍ୱରେ ଥିଲେ। ସେହିପରି ଚାପ୍ଟରର ନୂତନ ଅଧ୍ୟକ୍ଷା ଡା. ପ୍ରଜ୍ଞା ପାରମିତା ମିଶ୍ର କାର୍ଯ୍ୟକ୍ରମର ଆଭିମୁଖ୍ୟ ଓ ଆଗାମୀ ଦିନର କାର୍ଯ୍ୟକଳାପ ବିଷୟରେ ସଂକ୍ଷିପ୍ତ ବିବରଣୀ ପ୍ରଦାନ କରିଥିଲାବେଳେ ଚାପ୍ଟରର ବରିଷ୍ଠ ଉପାଧ୍ୟକ୍ଷ ପଞ୍ଚମୀ ମନୋଓକ୍‌ଲି ଧନ୍ୟବାଦ ଅଭିଭାଷଣ ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଚାପ୍ଟରର ଶତାଧିକ ସଦସ୍ୟା ଉପସ୍ଥିତ ଥିଲେ।



ଫିକି ଫ୍ଲୋ ଭୁବନେଶ୍ୱର ଚାପ୍ଟରର ପ୍ରତିଷ୍ଠାତା ଅଧ୍ୟକ୍ଷା ଧରିତ୍ରୀ ପଟ୍ଟନାୟକଙ୍କଠାରୁ ଡା. ପ୍ରଜ୍ଞା ପାରମିତା ମିଶ୍ର ଦାୟିତ୍ୱ ଗ୍ରହଣ କରୁଛନ୍ତି। ଏହି ଅବସରରେ ମନ୍ତ୍ରୀ ସମ୍ପଦ ସ୍ୱାଇଁଙ୍କ ସମେତ ଚାପ୍ଟରର ବରିଷ୍ଠ ଉପାଧ୍ୟକ୍ଷା ପଞ୍ଚମୀ ମାନୁ ଉକିଲ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

# ୧୯ରେ ଆଇସିସିର ଜାତୀୟ ସମ୍ମିଳନୀ

**ଭୁବନେଶ୍ୱର,୧୬।୪**

ଇଣ୍ଡିଆନ ଚାମ୍ବର ଅଫ୍ କର୍ମସ(ଆଇସିସି)ର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ ତଥା ଦିନିକିଆ ଜାତୀୟ ସମ୍ମିଳନୀ ଭୁବନେଶ୍ୱରର ମେ ଫେୟାର ହୋଟେଲରେ ହେବାକୁ ଯାଉଛି। ଏପରିକି ବିକଶିତ ଓଡ଼ିଶାର ଦୃଷ୍ଟିକୋଣକୁ ପ୍ରୋତ୍ସାହିତ କରିବା ପାଇଁ ଆଇସିସି ଏହି ସମ୍ମିଳନୀ ଆୟୋଜନ କରୁଛି। ଏହି ପରିପ୍ରେକ୍ଷୀରେ ଆଇସିସି ରାଜ୍ୟ ପରିଷଦ ପକ୍ଷରୁ ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀ ଭୁବନେଶ୍ୱରର ଏକ ଘରୋଇ ହୋଟେଲରେ ଆୟୋଜନ କରାଯାଇଥିଲା। ଏହି ଅବସରରେ ଆଇସିସି ରାଜ୍ୟ ପରିଷଦ ଅଧ୍ୟକ୍ଷ ରାଜୀବ ସାହୁଙ୍କ ସମେତ ଆଇସିସିର ପୂର୍ବତନ ଅଧ୍ୟକ୍ଷ ଜେ.ବି. ପାଣି, ସଦସ୍ୟ ଫାଇନାନ୍ସ କମିଟି କ୍ଷିତୀଶ ପାତ୍ର ଓ ଆଞ୍ଚଳିକ ମୁଖ୍ୟ ଜେ.ପି. ପାଲ୍ ପ୍ରମୁଖ ଉପସ୍ଥିତ ଥିଲେ।

ଏ ନେଇ ସାହୁ କହିଛନ୍ତି, ଏକ ଆର୍ଥିକ ଶକ୍ତିଶାଳୀ ରାଜ୍ୟ ଭାବେ ବର୍ତ୍ତମାନ ଓଡ଼ିଶା ଉଭା ହୋଇଛି। ଆମେ ୨୦୩୬ର ମାଇଲଖୁଣ୍ଟ ବର୍ଷ ପାଖକୁ ଆସୁଥିବାରୁ ଆଇସିସି ଓଡ଼ିଶା ରାଜ୍ୟ କାର୍ଯ୍ୟାଳୟ ରାଜ୍ୟର ଦୀର୍ଘକାଳୀନ ବିକାଶ ଲକ୍ଷ୍ୟ ସହ ଏହାର ପଦକ୍ଷେପଗୁଡ଼ିକୁ ସମନ୍ୱୟ କରିବାକୁ ପ୍ରତିବଦ୍ଧ ରହିଛି। ଏହି ସମ୍ମିଳନୀ ମାଧ୍ୟମରେ ଆମେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ଏବଂ କାର୍ଯ୍ୟକ୍ଷମ ଅନ୍ତର୍ଦୃଷ୍ଟିକୁ ସହଜ କରିବାକୁ ଲକ୍ଷ୍ୟ ରଖିଛୁ। ଏହା ଅନ୍ତର୍ଭୁକ୍ତ, ସ୍ଥାୟୀ ଏବଂ ତ୍ୱରିତ ଅଭିବୃଦ୍ଧିକୁ ଉତ୍ତେଜିତ କରିପାରିବ। ଆଇସିସି କ୍ଷେତ୍ରୀୟ ପଦକ୍ଷେପ, କ୍ଷମତା ନିର୍ମାଣ କାର୍ଯ୍ୟକ୍ରମ ଏବଂ ଉଚ୍ଚ ପ୍ରଭାବ ନୀତି ସୁପାରିସ ମାଧ୍ୟମରେ ଏହାର ସଦସ୍ୟ ଏବଂ ଶିଳ୍ପ ଖେଳାଳିମାନଙ୍କୁ ପ୍ରତିଯୋଗିତାମୂଳକ ଧାରା ପ୍ରଦାନ କରିବା ପାଇଁ ସକ୍ରିୟ ଭାବେ କାର୍ଯ୍ୟ କରୁଛି।

# ଶେୟାର ବଜାର କାରବାରରେ ଉତ୍ସାହ



**ମୁମ୍ବାଇ,୧୬।୪**

କ୍ରମାଗତ ତୃତୀୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ଦ୍ୱିତୀୟ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ଉତ୍ସାହ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢ଼ାଇପାରିଛନ୍ତି। ବିଶେଷକରି ବୁଧବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ) ର ସେନ୍‌ସେକ୍ସ ୩୦୯ (୩୦୯.୪୦) ପଏଣ୍ଟ ବୃଦ୍ଧି ଘଟି ୭୭,୦୪୪ (୭୭,୦୪୪.୨୯) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ ରେ ମଧ୍ୟ ୧୦୯ (୧୦୮.୬୫) ପଏଣ୍ଟ ବଢି ୨୩,୪୩୭ (୨୩,୪୩୭.୨୦) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡ୍‌କ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନଏସଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି।

# ରେଡ୍‌ମି ଏ୫ର ଶୁଭାରମ୍ଭ

**ଭୁବନେଶ୍ୱର,୧୬।୪**

ଜିଓମି(ଏମ୍‌ଆଇ) ଇଣ୍ଡିଆର ନୂତନ ଉତ୍ପାଦ ତଥା ରେଡ୍‌ମି ଏ୫'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଏହା ୧୨୦ ଏଚ୍‌ଜେଡ୍ ଉଚ୍ଚ ରିଫ୍ରେସ ହାର ଡିସ୍‌ପ୍ଲେ, ୩୨ଏମପି ଏଆଇ ଡୁଆଲ କ୍ୟାମେରା ସିଷ୍ଟମ ଏବଂ ସ୍ମୁଥ ପ୍ରସେସର ସହ ରେଡ୍‌ମି ଏ୫ ଉନ୍ନତ ବୈଶିଷ୍ଟ୍ୟ ଖୋଜୁଥିବା ଉପଯୋଗକାରୀଙ୍କ ନିମନ୍ତେ ନିର୍ଭରଯୋଗ୍ୟ ସେବା ପ୍ରଦାନ କରିବ। ଏ ସମ୍ପର୍କରେ ଜିଓମି (ଏମ୍‌ଆଇ) ଇଣ୍ଡିଆର ମୁଖ୍ୟ ବିପଣନ ଅଧିକାରୀ ଅନୁଜ ଶର୍ମା କହିଛନ୍ତି, ରେଡ୍‌ମି ଏ୫ ଏକ ପ୍ରବେଶ ସ୍ତରୀୟ ସ୍ମାର୍ଟଫୋନ ଓ ଏହା ଉପଭୋକ୍ତାଙ୍କ ଆବଶ୍ୟକତାକୁ ପୂରଣ କରିବ। ସେଗ୍‌ମେଣ୍ଟରେ ସବୁଠାରୁ ବଡ଼ ସ୍ମୁଥ ୧୨୦ଏଚ୍‌ଜେଡ୍ ଡିସ୍‌ପ୍ଲେ ସହ ଏହା ଏକ ଅତୁଳନୀୟ ସ୍ତରର ଦୃଶ୍ୟ ପ୍ରଦାନ ଓ ଏକ ନୂଆ ମାନଦଣ୍ଡ ସ୍ଥାପନ କରିଥାଏ। ୧୨୦ ଏଚଜେଡ ଉଚ୍ଚ ରିଫ୍ରେସ ହାର ଡିସପ୍ଲେ, ୩୨ଏମ୍‌ପି ଏଆଇ ଡୁଆଲ କ୍ୟାମେରା ସିଷ୍ଟମ ଏବଂ ସ୍ମୁଥ ପ୍ରସେସର ସହ ରେଡମି ଏ୫ ଉନ୍ନତ ବୈଶିଷ୍ଟ୍ୟ ଖୋଜୁଥିବା ଉପଯୋଗକାରୀଙ୍କ ନିମନ୍ତେ ନିର୍ଭରଯୋଗ୍ୟ ସେବା ପ୍ରଦାନ କରିବ।


# Classified Everyday
0674-2580101, 9692975378



REAL ESTATE

SALE

ହଂସପାଳରୁ 11K.M. ସିଙ୍ଗଡ଼ାସାହି ଛକ ପାଖରେ 1300sqft 3,12,000/- ପ୍ଲଟ୍ ବିକ୍ରିହେବ। 9114705579. D-76258



FOR RENT

For rent (Residential/ Office) flat at Jharapada, Ganesh Mandap Chhaka, Bhubaneswar. Contact: 7978450312, 9040096747. D-75377

Around 1800sft at Chintamaniswar, Walkable distance to Bhubaneswar Railstation, Ground Floor, Both side road for godown. Call-7978968374. D-188

Spacious empty land of 70000sft (1.58 acres) available at Balikuda (Oppo- Cuttack Sadar P.S) ideal for warehouse/storage or logistics will connected location with easy access to transportation. Interested parties/person may contact: 7682829927. D-187




Newly open Jyoti SPA positively health benefits (Expert therapist). 8458067955. D-76908

Positively health benefited SPA by expert female therapist, Bapujinagar. 8328803811. D-76909

Herbal full body massage by smart/expert therapist. Contact- 8327740003. D-76442

Kerala Ayurveda massage therapy gents/ Ladies pain relief Bhubaneswar. 9337672475. D-141

**Full body massage experience, good looking therapist @999 (Bhubaneswar). 9078484455.** D-152

Full body massage by experience therapist with homely atmosphere. 9114559860. D-76910

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

AFFIDAVIT

By virtue of an affidavit sworn before Notary Public, Bhubaneswar, dated 15.04.2025, I, Smt. Jyotsna Prava Mohapatra, At Village- Benupur, P.O.- Chasapada, P.S.- Balikuda, Dist.- Jagatsinghpur, PIN Code- 754106, Odisha, at present residing at EB- 140, Badagada, Brit Colony, P.S.- Badagada, Bhubaneswar- 751018, Dist.- Khurda, Odisha, declare that I have changed my name from Smt. Jyotsna Prava Patra to Smt. Jyotsna Prava Mohapatra. Henceforth, I shall be known as Smt. Jyotsna Prava Mohapatra for all purposes.
Jyotsna Prava Mohapatra. D-76443

By virtue of an affidavit sworn before the Executive Magistrate, Muniguda on dated 16.04.2025 (SI No.- 523/25), I Yuddhesti Behera of Village- Bagicha Sahi, P.O./ P.S.- Muniguda, Dist.- Rayagada, date of birth is 20.04.1997, declare that I have changed my name to Judhisthi Behera. Henceforth, I shall be known as Judhisthi Behera for all purposes and my date of birth is 20.04.1997. D-190

By virtue of an affidavit sworn before Notary Public, Bhubaneswar, dated 10.04.25, I, Panchanan Das, Village- Baku, Srimakundapur, Dist.- Puri declare that I have changed my son's name Suryaprasad Das to Sanjay Das. Henceforth, he shall be known as Sanjay Das for all purposes.
Sanjay das
Applicant name
D-191

I, Lipsa Pattanaik about the age of 42, Wife/o- Sibabrata Pattanaik, resident of P201, Trident Galaxy, Kalinga Nagar, Bhubaneswar, Dist.- Khorda, PIN- 751003 Odisha declare by this affidavit No.- Vol-I, SL.No.- 369, dtd 15.04.2025, that now onwards I shall be known as **LIPSA MOHANTY** for all future purposes.

I, Kulamani Dewan, R/o- Village/P.O.- Panimora, P.S.- Sohela, Dist.- Bargarh, declare that my daughter's name has been wrongly mentioned as Aryahi Dewan instead of Gargi Dewan in her Aadhaar card bearing No.- xxxx xxxx 7570. By this affidavit No.- 801 dated 15.04.25 sworn before the Notary Public, Sohela, I have changed her name to Gargi Dewan for all future purposes. D-192

By virtue of an affidavit sworn before the Executive Magistrate, Bhubaneswar, dated- 17.02.2025, I, Biswaranjan Acharya, Plot No.- 112, Saheednagar, Bhubaneswar, declare that I have changed my daughter's name from Rajnandini Singh to Rajnandini Acharya. Henceforth, she shall be known as Rajnandini Acharya for all purposes.
Biswaranjan Acharya
D-067

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ।
Q199723846@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ **classifieddharitri@gmail.com** ରେ ଇମେଲ୍ କରନ୍ତୁ।

## ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ



ଏପ୍ରଫୁଲ କୁମାର ଭଞ୍ଜ
ମୀନାବଜାର, ଢେଙ୍କାନାଳ
ପୂର୍ବତନ ବିଧାୟକ, ଗଁଦିଆ ନିର୍ବାଚନ ମଣ୍ଡଳୀ, ଢେଙ୍କାନାଳ
ଆପଣଙ୍କ ସ୍ନେହ ଓ ମାର୍ଗଦର୍ଶନ ସର୍ବଦା ସ୍ମରଣୀୟ।
ସୌଜନ୍ୟ:- ଶ୍ରୀ ରଜତ କର, ଢେଙ୍କାନାଳ
ତା- ୧୭।୦୪।୨୦୨୫
ଧ-୧୯୪

ଭକ୍ତିପୂତ ଶ୍ରଦ୍ଧାଞ୍ଜଳି



ଏ ପ୍ରଫୁଲ କୁମାର ଭଞ୍ଜ
ପୂର୍ବତନ ବିଧାୟକ, ପୂର୍ବତନ ନଗରପାଳ, ପୂର୍ବତନ ମାନା ବଜାର ଅଧକ୍ଷ
ଆର୍ବିଭାବ : ୦୧.୦୮.୧୯୩୯
ତିରୋଧାନ : ୦୭.୦୪.୨୦୨୫
ଏକାଦଶାହ କର୍ମ
ତା।୧୭.୦୪.୨୦୨୫ (ଗୁରୁବାର)
ହତଭାଗ୍ୟ ପୁତ୍ର
ପ୍ରଶାନ୍ତ ଭଞ୍ଜ
ଓ ଭଞ୍ଜ ପରିବାର
ଧ-୧୯୩


'ହେରାଫେରି-୩'ରେ ଅକ୍ଷୟ-ପରେଶ-ସୁନୀଲ

# ହେରା ଫେରି-୩

ବିଶିଷ୍ଟ ନିର୍ଦ୍ଦେଶକ ପ୍ରିୟଦର୍ଶନଙ୍କ ନିର୍ଦ୍ଦେଶିତ ଏବଂ ଏ.ଜି. ନାଦିଓ୍ୱାଦଓ୍ୱାଲାଙ୍କ ପ୍ରଯୋଜିତ 'ହେରା ଫେରି' ୨୦୦୦ ମସିହାରେ ପରଦା ଉପରକୁ ଆସିଥିଲା । ମାତ୍ର ୭କୋଟି ବଜେଟରେ ପ୍ରସ୍ତୁତ ଏହି ଫିଲ୍ମଟି ବକ୍ସ ଅଫିସରେ ୨୧ କୋଟିର ବିଜନେସ୍ କରି ସୁପରହିଟ୍ ସାବ୍ୟସ୍ତ ହୋଇଥିଲା । ଆଉ ଏବେ ଏହାର ପାର୍ଟ ୩ 'ହେରା ଫେରି ୩'ର ଶୁଟିଂ ଆରମ୍ଭ ହୋଇଯାଇଛି । ଆରମ୍ଭରୁ ଏହା ସହ ଜଡିତ ଅଛନ୍ତି ତ୍ରିମୂର୍ତ୍ତି-ଅକ୍ଷୟ କୁମାର, ସୁନୀଲ ସେଟ୍ଟୀଏବଂ ପରେଶ ରାଓ୍ୱଲ । ଏମାନଙ୍କର ନିଖୁଣ ଅଭିନୟକୁ ଏ ପର୍ଯ୍ୟନ୍ତ ଦର୍ଶକ ମନେ ରଖିଛନ୍ତି । ତେଣୁ ଏହାର ପାର୍ଟ ଥ୍ରୀରେ ମଧ୍ୟ ଏହି ଯୋଡିକୁ ରିପିଟ୍ କରାଯାଇଛି । ଏଥର ଚିତ୍ରଟିର ନିର୍ଦ୍ଦେଶନା ଦେଉଛନ୍ତି ପ୍ରିୟଦର୍ଶନ-ଫରହାଦ ସାମ୍‌ଜି ଯୋଡି । ଏ ନେଇ ପ୍ରିୟଦର୍ଶନ କହନ୍ତି, ''ସତ କଥା କହିବାକୁ ଗଲେ, ଯେତେବେଳେ ଏକ ହାସ୍ୟରସ ଏବଂ ଅନେକ ଶିକ୍ଷଣୀୟ କଥାକୁ ନେଇ ନିର୍ମିତ 'ହେରା ଫେରି'ର ନିର୍ଦ୍ଦେଶନା ଦେଲି, ସେତେବେଳେ ମୋ ପାଇଁ ଏହା ଏକ ଚ୍ୟାଲେଞ୍ଜ ଥିଲା । ଯାହାହେଉ ସେତେବେଳେ ଏହାକୁ ଦର୍ଶକ ଯେମିତି ଗ୍ରହଣ କଲେ ସେଥିପାଇଁ ସେମାନଙ୍କୁ ଯେତେ ଧନ୍ୟବାଦ ଦେବି ତାହା ସେତେ କମ୍ ହେବ ।'' ଅକ୍ଷୟ କୁମାର, ସୁନୀଲ ସେଟ୍ଟୀ, ପରେଶ ରାଓ୍ୱଲଙ୍କ ବ୍ୟତୀତ ସଞ୍ଜୟ ଦତ୍ତ, ଜାଭେଦ ଜାଫ୍ରି ଏବଂ ଶକ୍ତି କପୁର ପ୍ରମୁଖ ଅଭିନୟ କରୁଛନ୍ତି ।

# ଯାହା ଚାହୁଁଥିଲେ ପ୍ରଶାନ୍ତ..

ଥରେ ମନେ ପକାନ୍ତୁ ନା ସୁପରହିଟ୍ ଫିଲ୍ମ 'କେଜିଏଫ'କୁ । ଏହା ତାଙ୍କୁ ରାତାରାତି ଜଣେ ନାମୀ ନିର୍ଦ୍ଦେଶକର ମାନ୍ୟତା ଦେଇଥିଲା । ହଁ, ସେ ହେଲେ ବିଶିଷ୍ଟ ନିର୍ଦ୍ଦେଶକ ପ୍ରଶାନ୍ତ ନୀଲ୍ । ବାଙ୍ଗାଲୋରରେ ଜନ୍ମିତ ପ୍ରଶାନ୍ତଙ୍କ ପ୍ରଥମ ନିର୍ଦ୍ଦେଶିତ ସିନେମା ଥିଲା ଆକ୍ସନ ଥ୍ରୀଲର 'ଉଗ୍ରମ' (୨୦୧୪) । ଏକ ମଧ୍ୟବିତ୍ତ ପରିବାରରେ ଜନ୍ମଗ୍ରହଣ କରିଥିଲେ ସେ । ପରିବାର ଚଳାଇବା ପାଇଁ ପ୍ରଶାନ୍ତ ଚଳଚ୍ଚିତ୍ର ଦୁନିଆରେ ପାଦ ରଖିଥିଲେ । ତାଙ୍କର ମନରେ ଗୋଟିଏ ଆଶା ଥିଲା ଦିନେ ନା ଦିନେ ମୁଁ ଜଣେ ଭଲ ନିର୍ଦ୍ଦେଶକ ହେବି । ଯାହାହେଉ ତାଙ୍କର ଆଶା ପୂରଣ ମଧ୍ୟ ହୋଇଛି । ପାଠ ପଢୁଥିବା ସମୟରେ ସେ ଚିତ୍ରନାଟ୍ୟ ଏବଂ ସଂଳାପ ରଚନା କରୁଥିଲେ । ପ୍ରଶାନ୍ତଙ୍କ ବାପାଙ୍କ ଜନ୍ମସ୍ଥାନ ହେଉଛି ଆନ୍ଧ୍ରପ୍ରଦେଶର ନୀଳାକଣ୍ଠପୁରମ । ସେ ନିୟମିତ ସମୟ ବ୍ୟବଧାନରେ ସେଠାକୁ ଯାଇଥାଆନ୍ତି । ତାଙ୍କର ପ୍ରକୃତ ନାମ ହେଉଛି ପ୍ରଶାନ୍ତ ନୀଲାକଣ୍ଠପୁରମ । ହେଲେ ସେ ଏହାକୁ ସଂକ୍ଷିପ୍ତ କରି ପ୍ରଶାନ୍ତ ନୀଲ୍ ରଖିଛନ୍ତି ।



## ଅ|ତୀ|ତ|ରୁ

- ଅଜିତ ଦାସ, ଉତ୍ତମ ମହାନ୍ତି, ଶୁଭ୍ରା ପତିଙ୍କୁ ନେଇ ପ୍ରସ୍ତୁତ ହୋଇଥିଲା ଓଡ଼ିଆ ସିନେମା 'ଝିଅଟି ସୀତା ପରି' । ଏହାର ନିର୍ଦ୍ଦେଶନା ଦେଇଥିଲେ ବିଧୁ ଭୂଷଣ ନନ୍ଦ । ଗୀତଗୁଡିକୁ ସ୍ୱର ଦେଇଥିଲେ ସରୋଜ ପଟ୍ଟନାୟକ ।
- ଓଡ଼ିଆ ସିନେମା 'ସୁବର୍ଣ୍ଣ ସୀତା'ର ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ ଶ୍ରୀରାମ ପଣ୍ଡା । ଏଥିରେ ତାଙ୍କର ନାୟିକା ସାଜିଥିଲେ ତ୍ରିପୁରା ମିଶ୍ର । ଶ୍ରୀଦୁର୍ଗା ଫିଲ୍ମସ, କଟକ ବ୍ୟାନରରେ ଏହାର ପ୍ରଯୋଜନା କରିଥିଲେ ପ୍ରଭାତ ମିଶ୍ର । ଉକ୍ତ ସିନେମାର ନିର୍ଦ୍ଦେଶନା ଦେଇଥିଲେ ଶିଶିର ମିଶ୍ର ।
- ସୁବୋଧ ଚନ୍ଦ୍ର ସାମଲଙ୍କ ପ୍ରଯୋଜନାରେ ପ୍ରସ୍ତୁତ ହୋଇଥିଲା ଓଡ଼ିଆ ସିନେମା 'ତଅପୋଇ' । ଏହାର ନିର୍ଦ୍ଦେଶନା ଦେଇଥିଲେ ଶରତ ପୂଜାରୀ । ଅକ୍ଷୟ ମହାନ୍ତିଙ୍କ ସ୍ୱର ସଂଯୋଜନାରେ ଗୀତଗୁଡିକ ବେଶ୍ ଶ୍ରୋତାଦୃତ ହୋଇଥିଲା । ପ୍ରଶାନ୍ତ ନନ୍ଦ, ସାମୁଏଲ ସାହୁ (ବାବି), କ୍ଷଣପ୍ରଭା, ଅନୀତା ଦାସ ଏବଂ ଧୀର ବିଶ୍ୱାଳ ପ୍ରମୁଖ ଏଥିରେ ଅଭିନୟ କରିଥିଲେ ।
- ଓଡ଼ିଆ ଚିତ୍ର 'ପ୍ରିୟତମା'ର ନିର୍ଦ୍ଦେଶନା ଦେଇଥିଲେ ବିଶ୍ୱଜିତ ଦାସ । ଏଥିରେ ସଂଯୋଜିତ ଗୀତଗୁଡିକୁ ସ୍ୱରାୟିତ କରିଥିଲେ ଶାନ୍ତନୁ ମହାପାତ୍ର । ଶ୍ରୀରାମ ପଣ୍ଡା ଏବଂ ମହାଶ୍ୱେତା ରାୟ ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ ।
- ଘନଶ୍ୟାମ ମହାପାତ୍ରଙ୍କ ପ୍ରଯୋଜନା ଏବଂ ନିର୍ଦ୍ଦେଶନାରେ ପ୍ରସ୍ତୁତ 'କନକଲତା'ରେ ହରିଶ ମହାପାତ୍ର, ସୁଜାତା ଆନନ୍ଦ, ଶାନ୍ତିଲତା ଏବଂ କାଶୀନାଥ ପ୍ରମୁଖ ଅଭିନୟ କରିଥିଲେ । ଏହାର ଗୀତଗୁଡିକୁ ସ୍ୱର ଦେଇଥିଲେ ବାଳକୃଷ୍ଣ ଦାଶ ।

# ସବୁ ଗୁଜବ

ଏଣୁ ମାରିଲେ ଗୋ ହତ୍ୟା ତେଣୁ ମାରିଲେ ବ୍ରହ୍ମ ହତ୍ୟା । ଏପରି ପରିସ୍ଥିତିକୁ ମୁକାବିଲା କରିବା ଏତେ ସହଜ କଥା ନୁହେଁ । ଆଉ ସେଥିରୁ ବା ସାରା ଅଲ୍ଲୀ ଖାଁ ବାଦ୍ ପଡନ୍ତେ କିପରି ? କଥା କ'ଣ କି ନିକଟରେ ଜଣେ ନୂଆ ପ୍ରଯୋଜକ ତାଙ୍କୁ ସାଇନ୍ କରିବାକୁ ଯାଇଥିଲେ । ଏହି ପ୍ରୋଜେକ୍ଟର କାହାଣୀ ଏବଂ ସେଥିରେ ନିଜ ଭୂମିକା ସମ୍ପର୍କରେ ବେଶ୍ ଭଲ ଭାବରେ ଅବଗତ ହୋଇଥିଲେ । ହେଲେ ଗୋଟିଏ କଥା ଲାଗି ପ୍ରୋଜେକ୍ଟଟି ଅଧାରେ ଲଟକି ରହିଛି । ଶୁଣିବାକୁ ମିଳୁଛି ଯେ ଏହି ଭୂମିକା ପାଇଁ ସାରା କୁଆଡେ ଡବଲ ପାରିଶ୍ରମିକ ଡିମାଣ୍ଡ କରୁଛନ୍ତି । କାରଣ ଏଥିରେ ତାଙ୍କୁ ବେଶ୍ କେତୋଟି ଗରମା ଗରମ ଶଟ୍ ଦେବାକୁ ପଡିବ । ତେଣୁ ସେଥିପାଇଁ ସେ ପରିଶ୍ରମିକକୁ ଏକାଥରେ ଦୁଇ ଗୁଣା କରିଦେଇଛନ୍ତି । ଯେତେବେଳେ ଏହି କଥା ତାଙ୍କ କାନରେ ପଡିଲା ସେ ବା କେମିତି ଚୁପ୍ ହୋଇ ବସିପାରନ୍ତେ ? ଏଭଳି ବିଷୟକୁ ନେଇ ସଫେଇ ଦେଇଛନ୍ତି । ଏ ସମ୍ପର୍କରେ ସାରା କହନ୍ତି, 'ନୂଆ ସିନେମାର କାହାଣୀ ମୋ ମନକୁ ଛୁଇଁଛି । ଏଥିରେ ମୋତେ କେତୋଟି ବୋଲ୍ଡ ଶଟ୍ ଦେବାକୁ ପଡିବ । ସେଥିପାଇଁ ମୋତେ ଅଧିକ ପାରିଶ୍ରମିକ ଦେବାକୁ ପ୍ରଯୋଜକ ନିଜ ପଟରୁ ସୂଚନା ଦେଇଛନ୍ତି । ହେଲେ ଯାହା ଆଲୋଚନା ହେଉଛି ଯେ, ଏହି ଫିଲ୍ମ ପାଇଁ ମୁଁ ମୋ ପାରିଶ୍ରମିକ ବଢ଼ାଇ ଦେଇଛି ତାହା ଆଦୌ ସତ ନୁହେଁ । କେହି ମୋତେ ବଦନାମ କରିବାକୁ ଏଭଳି ଅପପ୍ରଚାର ଚଳାଇଛି । ମୁଁ ଯେ ମୋର ପାରିଶ୍ରମିକକୁ ଏକାଥରେ ଡବଲ କରିଦେବି-ଏକଥା କଦାପି ସମ୍ଭବ ନୁହେଁ ।''


ସାରା

## ଅନୁତାପ କରୁଛନ୍ତି ଜାହ୍ନବୀ

ଆଗଧାଡ଼ିର ନିର୍ଦ୍ଦେଶକ ରୋହିତ ସେଟ୍ଟୀଙ୍କ ସିନେମା 'ଶିମ୍ବା' ପାଇଁ ତାଙ୍କର ପ୍ରଥମ ପସନ୍ଦ ଥିଲେ ଜାହ୍ନବୀ କପୁର । ହେଲେ କେତେକ କାରଣରୁ ସେ ଏଥିରେ ଅଭିନୟ କରିବାକୁ ମନା କରିଦେଇଥିଲେ । ଶେଷରେ ଏହି ରୋଲ୍ ପାଇଁ ସାରା ଅଲ୍ଲୀ ଖାଁଙ୍କୁ ସାଇନ୍ କରାଯାଇଥିଲା । ଏ ବିଷୟରେ ସେ କହନ୍ତି, '' କେତେକ କାରଣରୁ ମୁଁ ଅଫରଟିକୁ ହାତଛଡା କରିଥିଲି । ଏବେ ସେ କଥା ମନେ ପଡିଲେ ଦୁଃଖ ଲାଗେ ।'' ଜାହ୍ନବୀଙ୍କ ମା' ତଥା ବଲିଉଡ୍‌ର ବିଶିଷ୍ଟ ଅଭିନେତ୍ରୀ ଶ୍ରୀଦେବୀ କଦାପି ଚାହୁଁ ନ ଥିଲେ ଯେ ତାଙ୍କର ଝିଅ ଅଭିନୟ ଦୁନିଆରେ ପାଦ ଦେଉ । କିନ୍ତୁ ଜାହ୍ନବୀ ବଲିଉଡ୍‌ରେ ଏଣ୍ଟ୍ରି କଲେ ତା'ପରେ ସେ ତାଙ୍କ ପଛରେ ଛାଇ ଭଳି ରହିଥିଲେ ।


ଜାହ୍ନବୀ

# ଫୁଲ ଗଜରା

ଫୁଲ ଗଜରା ଦେଖିବାକୁ ବେଶ୍ ସୁନ୍ଦର । ବିଶେଷଭାବରେ ମହିଳାଙ୍କ କେଶ ବିନ୍ୟାସକୁ ଏହା ଆହୁରି ଆକର୍ଷଣୀୟ କରିଥାଏ । ସେହି ଫୁଲ ଗଜରାରେ ରହିଛି ଅନେକ କଥା । କେତେବେଳେ ସେ ପ୍ରେମର ସାକ୍ଷୀ ସାଜୁଛି ତ କେତେବେଳେ ପ୍ରେମୀ ଯୁଗଳଙ୍କ ମନର କଥାକୁ ବଖାଣି ବସୁଛି । ହଁ, ଏଭଳି ବିଷୟବସ୍ତୁ ନେଇ ପ୍ରସ୍ତୁତ ହୋଇଛି ଏକ ରୋମାଣ୍ଟିକ ଆଧୁନିକ ସମ୍ବଲପୁରୀ ଆଲବମ୍ ଯାହାର ଟାଇଟଲ ରହିଛି 'ଫୁଲ ଗଜରା' । କେବଳ ସେତିକି ନୁହେଁ, ଏହି ଶୀର୍ଷକକୁ ନେଇ ଆଲବମ୍‌ର ଟାଇଟଲ ଗୀତ ମଧ୍ୟ ରଚନା କରାଯାଇଛି । ତା'ସହ ଏହାର ଦୃଶ୍ୟାୟନ ସମୟରେ ଗୀତଟିକୁ କିପରି ଶତ ପ୍ରତିଶତ ଜଷ୍ଟିସ ମିଳିବ ସେ ନେଇ ଚେଷ୍ଟା କରିଛନ୍ତି ଏହାର ନିର୍ଦ୍ଦେଶକ ଡେଭିଲ୍ ରାଜ୍ । ମ୍ୟୁଜିକ୍ ମନ୍ତ୍ର ପ୍ରା.ଲି. ଏହାର ପ୍ରଯୋଜନା କରିଛନ୍ତି । ଅଜୟ ନାଗ ଏହି ରୋମାଣ୍ଟିକ ଗୀତଟିକୁ ରଚନା କରିଥିବା ବେଳେ ତାହାକୁ ସ୍ୱରରେ ସଜାଇଛନ୍ତି ଦିବ୍ୟଲୋଚନ ଦୀପ୍ । କଣ୍ଠଦାନ କରିଛନ୍ତି ଅଜୟ ନାଗ ଏବଂ ସୁଶ୍ରୀ ଜିପି । ସ୍ନେହାଶିଷ ରାଉତ ଏବଂ ମେଘା ଶାହା ଗୀତଟିରେ ଅଭିନୟ କରିଛନ୍ତି । ଏହାର ମିଡିଆ ପ୍ଲାନର ଅଛନ୍ତି ଅମରେଶ ବେଉରା ।


ସ୍ନେହାଶିଷ - ମେଘା

# ଆଖି କହିବ ମନ କଥା

ଆଖିର ଚାହାଣିରେ ଅନେକ କଥା କହି ହୁଏ । ତେବେ ଜଣକ ମନର କଥାକୁ କିପରି ଆଖି ବୟାନ କରୁଛି ତାହା 'ରାକେଟ୍' ଫିଲ୍ମରେ ଦେଖିବାକୁ ମିଳିବ । ଶ୍ରୀ ମୋସନ ପିକ୍ଚର୍ସ ବ୍ୟାନରରେ ଏହାର ପ୍ରଯୋଜନା କରିଛନ୍ତି ଶ୍ରୀଲେଖା ପଣ୍ଡା । ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ଯୁବ ନିର୍ଦ୍ଦେଶକ ସଂଗ୍ରାମ ମହାନ୍ତି । ହେମନ୍ତ ପାତ୍ରଙ୍କ କାହାଣୀକୁ ଆଧାର କରି ସଂଳାପ ରଚନା କରିଛନ୍ତି ବରିଷ୍ଠ ସଂଳାପକାର ବିଜୟ ମଲ୍ଲ । ବିଜୟ ମଲ୍ଲ, ଅରୁଣ ମନ୍ତ୍ରୀ ଓ ବସନ୍ତରାଜ ସାମଲଙ୍କ ଗୀତକୁ ସଙ୍ଗୀତରେ ସଜେଇଛନ୍ତି ଆଗଧାଡିର ସ୍ୱର ସଂଯୋଜକ ପ୍ରେମ ଆନନ୍ଦ । କଣ୍ଠଦାନ କରିଛନ୍ତି ହ୍ୟୁମାନ ସାଗର, ଦୀପ୍ତିରେଖା ପାଢ଼ୀ, ଶିବାଶିଷ ମିଶ୍ର, ଶ୍ରୀଚରଣ, ଅନନ୍ୟା ଶ୍ରୀତମ ନନ୍ଦ, ପ୍ରଜ୍ଞା ଓ ନିଶାନ୍ତ ମିଶ୍ର । କୋରିଓଗ୍ରାଫି କରିଛନ୍ତି ଏସ. କେ ମୁରଲୀଧରନ । ନମ୍ରତା ଥାପ୍ପା, ଦୁଷ୍ମନ୍ତ ପଣ୍ଡା, ପୃଥ୍ୱୀରାଜ ନାୟକ, ଅର୍ଲିନ ଅଙ୍କିତା, ହେମନ୍ତ ପାତ୍ର, ଡିସ୍କୋ ରେଡ୍ଡୀ, ସ୍ମୃତି ରଞ୍ଜନ ମହାନ୍ତି ( ନଟିଆ ), ପିଣ୍ଟୁ, ଶୀତୁଲ ଓ କୁନୁରୁ ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି । ରାଜ୍ୟର ଅଗ୍ରଣୀ ବିତରଣକାରୀ ସଂସ୍ଥା ପ୍ରକାଶ ଫିଲ୍ମସ ଏହାର ବିତରଣ ଦାୟିତ୍ୱରେ ଅଛନ୍ତି ।


'ରାକେଟ୍' ଫିଲ୍ମରେ ଶୀତୁଲ

# ସିନେମା-ଯାତ୍ରା ଯନ୍ତ୍ରଣା

ଗତ କିଛିବର୍ଷ ହେଲା ଓଡ଼ିଆ ସିନେମାକୁ ନେଇ ବେଶ୍ ଚର୍ଚ୍ଚା ଲାଗି ରହିଛି । ଚଳିତ ବର୍ଷ ଓଡ଼ିଆ ଅପେରା ଜଗତ ଆଲୋଚନାର ପରିସରଭୁକ୍ତ ହୋଇଛି । କେଉଁ କଳାକାର କେଉଁ ଯାତ୍ରା ପାର୍ଟିରେ ଅଭିନୟ କରିବେ ସେ ନେଇ ଯାତ୍ରା ଋତୁ ଶେଷରେ ପରିବେଶ ବେଶ୍ ଉଷ୍ମ ରହିଥାଏ । କଳାକାରମାନେ ଏପଟସେପଟ ହେବା କିଛି ନୂଆ କଥା ନୁହେଁ । ଅନେକ ବର୍ଷ ଧରି ଏହି ଧାରା ଚାଲିଆସିଛି । ହେଲେ ଏବର୍ଷ ଅପେରା ଜଗତରେ ଯେଉଁ କେତୋଟି ଘଟଣା ଘଟିଛି ତାହାକୁ ନେଇ ଆଲୋଚନା ଶେଷ ହେବାର ନାଁ ଧରୁନାହିଁ । ଏ ବିଷୟରେ ତ ଆଲୋଚନା କରିବା ହେଲେ ଆମ ସିନେମା ଜଗତର ଅବସ୍ଥା ମଧ୍ୟ କିଛି କମ୍ ନୁହେଁ । ମାଳ ମାଳ ସିନେମା ରିଲିଜ ହେଉଛି, ହେଲେ ସଫଳ ଚିତ୍ର ସଂଖ୍ୟା କେତେ ତାହା କହିବା ବାହୁଲ୍ୟ । ସ୍ୱପ୍ନ ଦେଖିବା ମନା ନାହିଁ । ଉତ୍ତାରୁ ସିନେମା କରି ବାହା ବା ନେବାକୁ ପ୍ରୟାସ କରିବା ଅପେକ୍ଷା ଦର୍ଶକଙ୍କ ମନକୁ ଛୁଇଁଲା ଭଳି ଚଳଚ୍ଚିତ୍ର ନିର୍ମାଣ ହେବା ଦରକାର । ୧୯୯୯ ମହାବାତ୍ୟା ବେଳଠାରୁ ପ୍ରେକ୍ଷାଳୟ ସଂଖ୍ୟା କମିବାକୁ ଲାଗିଛି । ଆମ ରାଜ୍ୟରେ ଏବେ ପ୍ରାୟ ୬୦ଟି ପ୍ରେକ୍ଷାଳୟ ଅଛି । ଅନେକ ପ୍ରେକ୍ଷାଳୟଗୁଡିକର ପୁନରୁଦ୍ଧାର ହେବା ଦରକାର । ସିନେମାଟିଏ ପ୍ରଯୋଜନା କରିବା ପୂର୍ବରୁ ସେ ସମ୍ପର୍କରେ ନିଜର କିଛି ଜ୍ଞାନ ରହିବା ନିହାତି ଆବଶ୍ୟକ । ଜଣଙ୍କୁ ମାୟାଜାଲରେ ଫସାଇ ସିନେମା ନିର୍ମାଣ କରିବାକୁ କେତେକ ବ୍ୟକ୍ତିବିଶେଷ ପୂରାଦମ୍‌ରେ ଲାଗିପଡନ୍ତି । ଆଉ ତା'ପରେ ଫଳ କ'ଣ ହୁଏ ତାହାର ଉଦାହରଣ ଅନେକ ରହିଛି । କେତେକ ସିନେମାର ଭାଗ୍ୟ କେବଳ ପ୍ରିମିୟର ଶୋ'ରେ ସୀମିତ ରହିଯାଉଛି । ଅବଶ୍ୟ ୟା ଭିତରେ 'ଦମନ' ଏବଂ 'କର୍ମ' ଭଳି ଓଡ଼ିଆ ଚଳଚ୍ଚିତ୍ର ଦର୍ଶକାଦୃତ ହୋଇପାରିଛି । ତେଣୁ ଏଭଳି ପ୍ରୟାସ ଜାରି ରହିଲେ ଆମେ ଓଡ଼ିଆ ସିନେମାକୁ ନେଇ ନୂଆ ସ୍ୱପ୍ନ ଦେଖିପାରିବା ।



ଏବେ ଯାତ୍ରା କଥାକୁ ଆସିବା । ମଞ୍ଚ ଉପରେ ଜୀବନ୍ତ ଅଭିନୟ କରି ଦର୍ଶକଙ୍କୁ ବିଳମ୍ବିତ ରାତ୍ରିରେ ଟେଣ୍ଟ ଭିତରେ ପାଖାପାଖି ପାଞ୍ଚ ଘଣ୍ଟା ବାନ୍ଧି ରଖିବା ଛୋଟିଆ କଥା ନୁହେଁ । ଯାତ୍ରା ସହ ଜଡିତ କଳାକାରଟିଏ ନିଜ ଦକ୍ଷତା ଷ୍ଟେଜ ଉପରେ ପ୍ରଦର୍ଶନ କରି ଦର୍ଶକଙ୍କ ମନ ଜିଣିବାକୁ ଚେଷ୍ଟା କରେ । କେବଳ କଳାକାର ନୁହନ୍ତି, ନାଟ୍ୟକାର, ନିର୍ଦ୍ଦେଶକ, ସଙ୍ଗୀତ ନିର୍ଦ୍ଦେଶକ, ଗୀତିକାର ଏବଂ ମଞ୍ଚ ପଛରେ ରହି ସାଜସଜା, ଇଲେକ୍ଟ୍ରି, ଶବ୍ଦ ପରିଚାଳନା ଏବଂ ବ୍ୟବସ୍ଥାପନା ସହ ସଂଶ୍ଳିଷ୍ଟ ବ୍ୟକ୍ତିବିଶେଷଙ୍କ ରୋଜଗାର ଏକମାତ୍ର ମାଧ୍ୟମ ହେଲା ଯାତ୍ରା । ଅପେରା ପାର୍ଟିର ମାଲିକ ଟଙ୍କା ଖଟାଇ ଯାତ୍ରା ପାର୍ଟିଟିଏ ଗଢ଼େ । ତା'ପରେ କଳାକାର ଚୟନ, ନାଟକ ଆଦି କାମ ତୁଲାଇବାକୁ ପଡେ । ତେଣୁ ଯାତ୍ରା ହେଉଛି ଏକ ଟିମ୍ ଇଫୋର୍ଟ । ଗୋଟିଏ ଯାତ୍ରା ସିଜନ ପରେ କଳାକାର ଏପଟ ସେପଟ ହୁଅନ୍ତି । କିନ୍ତୁ ଚଳିତ ବର୍ଷ ଏହି ପରିବେଶ କେତେ ଉଷ୍ମ ହୋଇଛି ତାହା ପ୍ରାୟ ସମସ୍ତେ ଜାଣନ୍ତି । ଏକାଥରେ ଦୁଇଟି ପାର୍ଟିରୁ ଅଗ୍ରିମ ଟଙ୍କା ନେବା ଏବଂ ପରବର୍ତ୍ତୀ ସମୟରେ ସେ ନେଇ ହାଇଭୋଲଟେଜ ଡ୍ରାମା ହେବା ଓ ଶେଷରେ ଦୁଇ ପାର୍ଟିକୁ ଅଗ୍ରିମ ଟଙ୍କା ଫେରସ୍ତ ଦେଇ ଆସନ୍ତା ଯାତ୍ରା ସିଜନରୁ ବିରତ ରହିବାକୁ ନିଷ୍ପତ୍ତି ନେଇଛନ୍ତି ଅନ୍ୟତମ ଚର୍ଚ୍ଚିତ କଳକାର ପୀୟୂଷ ତ୍ରିପାଠୀ । କେବଳ ସେତିକି ନୁହେଁ ହାସ୍ୟାଭିନେତା ନରି ପଣ୍ଡା ଜଣେ ଯାତ୍ରା ମାଲିକ ତାଙ୍କୁ ମାଡ ମାରିବା ଅଭିଯୋଗ ଆଣିଛନ୍ତି । ଏବେ ଏମିତି ଆରୋପ ପ୍ରତ୍ୟାରୋପ ଯାତ୍ରା ଜଗତରେ ଲାଗି ରହିଛି । ତେବେ ଏହାକୁ ସମାଧାନ କରିବାକୁ କଳାକାର ସଂଘ, ମାଲିକ ସଂଘ ଆଗେଇ ଆସିବା ଉଚିତ । ଯାତ୍ରାରେ ଏକ ସୁସ୍ଥ ପରମ୍ପରା ସୃଷ୍ଟି ହେଲେ ଯାତ୍ରା ପ୍ରତି ଲୋକଙ୍କର ଆସ୍ଥା ରହିବ । କଳା ଈଶ୍ୱର ପ୍ରଦତ୍ତ । ଏହାକୁ ଟଙ୍କାର ନିକିତିରେ ମାପିବା ଏବଂ ତାହାକୁ ମୂଳଚାଲ କରି ସମାଲୋଚିତ ହେବା କେତେଦୂର ଠିକ୍ ତାହା ବିଚାରଯୋଗ୍ୟ । କଳା ପରିବେଷଣ କରି ପରିଶ୍ରମର ଉପଯୁକ୍ତ ମୂଲ୍ୟ ପାଇବାକୁ ପ୍ରତିଟି କଳାକାର ହକଦାର । ହେଲେ ଏହାକୁ ନେଇ ଯଦି ବେପାର ଚାଲେ ତେବେ ସେତେବେଳେ ନା କଳାର ମୂଲ୍ୟ ରହିବ ନା କଳାକାରର । ତେଣୁ ଯାତ୍ରା ଜଗତ ସୁସ୍ଥ ପରିବେଶକୁ ଆସି ତାହାର ପୂର୍ବ ଗରିମା ବଜାୟ ରଖୁ-ଏତିକି ଆଶା ରଖୁଛି ।

**-ଦିଲ୍ଲୀପ ହାଲି,** ବଡ଼ଗଡ଼, ଭୁବନେଶ୍ୱର
ମୋ : ୯୮୬୧୦୦୯୨୫୨

# ଜନସଚେତନତାମୂଳକ ନାଟକକୁ ଗୁରୁତ୍ୱ ଦିଏ

**ରୋହିତ ନାଗେଶ ଏକାଧାରରେ ଜଣେ ନାଟ୍ୟକାର, ନିର୍ଦ୍ଦେଶକ, ଗୀତିକାର ଏବଂ ଅଭିନେତା । ନିଜ କ୍ୟାରିୟର ବିଷୟରେ ସେ ଯାହା କହନ୍ତି..**

କେବଳ ଅଭିନୟ ନୁହେଁ, ନିର୍ଦ୍ଦେଶନା ପରି ଗୁରୁଦାୟିତ୍ୱକୁ ବେଶ୍ ସୁଚାରୁ ଭାବରେ ତୁଲାଇ ପାରନ୍ତି । ଏ କ୍ଷେତ୍ରରେ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ପରିସରକୁ ଆସିଛନ୍ତି ରୋହିତ ନାଗେଶ । ନୂଆପଡ଼ା ଜିଲା ବୋଡ଼େନ ବ୍ଲକ ଅନ୍ତର୍ଗତ ଅନକାପୁର ଗ୍ରାମର ତାଙ୍କର ଜନ୍ମ । ପ୍ରଥମେ ତାଙ୍କୁ ଗୀତିନାଟ୍ୟରେ ଅଭିନୟ କରିବାର ସୁଯୋଗ ମିଳିଥିଲା । ନିଜ ଅଭିନୟ ତଥା ନିର୍ଦ୍ଦେଶନା କ୍ୟାରିୟର ବିଷୟରେ ସେ କହନ୍ତି, ''ଅଭିନୟରୁ ମୋତେ ଯେତେବେଳେ ଆତ୍ମତୃପ୍ତି ମିଳିଲା ପରେ ମାତ୍ର ୧୬ ବର୍ଷରୁ ମୁଁ ନିର୍ଦ୍ଦେଶନା ଦେବା ଆରମ୍ଭ କରିଥିଲି । ଅଭିନୟ ଏବଂ ନିର୍ଦ୍ଦେଶନା ବ୍ୟତୀତ ମୁଁ ନାଟକ ଓ ଗୀତ ରଚନା ମଧ୍ୟ କରିଛି । ମୋ ନାଟକଗୁଡିକରେ ଜନସଚେନତାମୂଳକ ବାର୍ତ୍ତା ଭରି ରହିଥାଏ । ନାଟକଟିଏ ରଚନା କରିବା ସମୟରେ ମୁଁ ଦର୍ଶକଙ୍କ ମାନସିକତାକୁ ମଧ୍ୟ ପ୍ରାଥମିକତା ଦେଇଥାଏ ।'' ପିତା ଭାସ୍କର ନାଗେଶ ଓ ମାତା ଜୟମନି ନାଗେଶଙ୍କ ଏହି ଜ୍ୟେଷ୍ଠ ପୁତ୍ରଙ୍କ ରଚିତ ପ୍ରମୁଖ ନାଟକଗୁଡିକ ହେଉଛି- ସାଗର ଝୁରୁଛି ଝରଣା ପାଇଁ , ସଧବା ନାରୀର ବିଧବା ବେଶ, ଘର ଭାଙ୍ଗିଲା ପର କଥାରେ ଏବଂ ସାଥୀକୁ ସବାରି ସାତ ସପନ ।

-ମକାରୁ ବେମାଲ, ନୂଆପଡ଼ା


ରୋହିତ

ଧରିତ୍ରୀ
DHARITRI
ଧରିତ୍ରୀ 51 Years
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଗୁରୁବାର, ଏପ୍ରିଲ ୧୭/୨୦୨୫ Bhubaneswar, Thursday, April 17/ 2025

# ଦିଲ୍ଲୀ କ୍ୟାପିଟାଲ୍ସର ପ୍ରଭାବୀ ବ୍ୟାଟିଂ

ନୂଆଦିଲ୍ଲୀ,୧୬।୪

ଚଳିତ ଆଇପିଏଲ୍‌ରେ ବୁଧବାର ଖେଳାଯାଇଥିବା ମ୍ୟାଚରେ ଦିଲ୍ଲୀ କ୍ୟାପିଟାଲ୍ସ (ଡିସି) ଓ ରାଜସ୍ଥାନ ରୟାଲ୍ସ (ଆର୍‌ଆର୍) ପରସ୍ପରକୁ ଭେଟିଛନ୍ତି। ଆମନ୍ତ୍ରଣ ପାଇ ବ୍ୟାଟିଂ କରିଥିବା ଦିଲ୍ଲୀ ପ୍ରତିପକ୍ଷ ରାଜସ୍ଥାନ ଆଗରେ ୧୮୯ ରନର ଟାର୍ଗେଟ ଧାର୍ଯ୍ୟ କରିଛି। ଏହା ପୂର୍ବରୁ ଦିଲ୍ଲୀ କ୍ୟାପିଟାଲ୍ସ ୫ ମ୍ୟାଚରୁ ୪ଟିରେ ବିଜୟ ହାସଲ କରି ସାରିଛି। ଫଳରେ ଏହି ଦଳ ପଏଣ୍ଟ ଟେବୁଲର ଦ୍ୱିତୀୟ ସ୍ଥାନରେ ରହିଛି।

## ଆଇପିଏଲ୍ କାର୍ଯ୍ୟସୂଚୀ

(ଆଜିର ମ୍ୟାଚ)

**ମୁମ୍ବାଇ ବନାମ ହାଇଦ୍ରାବାଦ**

ସ୍ଥାନ: ମୁମ୍ବାଇ

ସମୟ: ସନ୍ଧ୍ୟା ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

ଅନ୍ୟପକ୍ଷରେ ରାଜସ୍ଥାନ ରୟାଲ୍ସ ୬ ମ୍ୟାଚ ଖେଳିଥିବାବେଳେ ୪ଟିରେ ପରାଜିତ ହୋଇ ସଂଘର୍ଷ କରୁଛି। ତେଣୁ ଏହି ମ୍ୟାଚ ରାଜସ୍ଥାନ ପାଇଁ ଗୁରୁତ୍ୱପୂର୍ଣ୍ଣ ହୋଇଛି।

ରାଜସ୍ଥାନ ଅଧିନାୟକ ସଞ୍ଜୁ ସାମସନ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ପ୍ରଥମେ ବ୍ୟାଟିଂ କରିଥିବା ଦିଲ୍ଲୀକୁ ଜେକ ଫ୍ରେଜର-ମ୍ୟାକଗର୍କ ଓ ଅଭିଷେକ ପୋରେଲ ବିସ୍ଫୋରକ ଆରମ୍ଭ ଦେଇଥିଲେ। ଦୁହେଁ ୨.୩ ଓଭରରେ ୩୪ ରନ ଯୋଡ଼ିଥିଲେ। ମ୍ୟାକଗର୍କ (୯) ପ୍ରଥମ ବ୍ୟାଟର ଭାବେ ଆଉଟ୍ ହୋଇଥିବାବେଳେ ଗତ ମ୍ୟାଚରେ ବିସ୍ଫୋରକ ଅର୍ଦ୍ଧଶତକ ସହ ଆଇପିଏଲ୍‌କୁ ପ୍ରତ୍ୟାବର୍ତ୍ତନ କରିଥିବା କରୁନ ନାୟକ ଦୁର୍ଭାଗ୍ୟବଶତଃ ଖାତା ଖୋଲିବା ପୂର୍ବରୁ ରନଆଉଟ୍ ହୋଇଥିଲେ। ଏହାପରେ ପୋରେଲ ଓ ଲୋକେଶ ରାହୁଲ ତୃତୀୟ ଉଇକେଟରେ ୬୩ ରନ ଯୋଡ଼ିଥିଲେ। ଦୁଇ ସେଟ୍ ବ୍ୟାଟର କ୍ରମାଗତ ବ୍ୟବଧାନରେ ଆଉଟ୍ ହୋଇଥିଲେ। ରାହୁଲ ୨ ଲେଖାଏ ଚୌକା ଓ ଛକା ସହିତ ୩୮ ଏବଂ ପୋରେଲ ୫ ଚୌକା ଓ ୧ ଛକା ସହିତ ୪୯ ରନ କରି ପାଭିଲିଅନ ଫେରିଥିଲେ। ଅଧିନାୟକ ଅକ୍ଷର ପଟେଲ ୧୪ ବଲରେ ୪ ଚୌକା ଓ ୨ ଛକା ସହିତ ୩୪ ରନ କରି ଆଉଟ୍ ହୋଇଥିଲେ। ଶେଷ ଆଡ଼କୁ ଟ୍ରିଷ୍ଟାନ ଷ୍ଟବ୍ସ ୧୮ ବଲରେ ୨ ଲେଖାଏ ଚୌକା ଓ ଛକା ସହିତ ୩୪ ଏବଂ ଆଶୁତୋଷ ଶର୍ମା ୨ ଚୌକା ସହିତ ୧୫ ରନ କରି ଅପରାଜିତ ରହିଥିଲେ। ଫଳରେ ଦିଲ୍ଲୀ ନିର୍ଦ୍ଧାରିତ ୨୦ ଓଭରରେ ୫ ଉଇକେଟ ହରାଇ ୧୮୮ ରନ କରିବାକୁ ସକ୍ଷମ ହୋଇଥିଲା। ରାଜସ୍ଥାନ ପକ୍ଷରୁ ଜୋଫ୍ରା ଆର୍ଚ୍ଚର ଦୁଇ ଉଇକେଟ ନେଇଥିବା ବେଳେ ମହିଶ ଥିକ୍ଷଣା ଓ ୱାନିନ୍ଦୁ ହାସାରଙ୍ଗା ଗୋଟିଏ ଲେଖାଏ ଉଇକେଟ ହାତେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଦିଲ୍ଲୀ କ୍ୟାପିଟାଲ୍ସ: ୨୦ ଓଭରରେ ୧୮୮/୫ (ଅଭିଷେକ ପୋରେଲ-୪୯, ଲୋକେଶ ରାହୁଲ-୩୮, ଅକ୍ଷର ପଟେଲ-୩୪, ଟ୍ରିଷ୍ଟାନ ଷ୍ଟବ୍ସ-୩୪*, ଜୋଫ୍ରା ଆର୍ଚ୍ଚର-୨/୩୨, ୱାନିନ୍ଦୁ ହସରଙ୍ଗା-୧/୩୮)।


ଶଟ୍ ଖେଳିବା ଅବସରରେ ଅଭିଷେକ ପୋରେଲ।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ଗୁଜରାଟ ଟାଇଟନ୍ସ | ୬ | ୪ | ୨ | ୮ | +୧.୦୮୧ |
| ଦିଲ୍ଲୀ କ୍ୟାପିଟାଲ୍ସ | ୫ | ୪ | ୧ | ୮ | +୧.୦୦୬ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୬ | ୪ | ୨ | ୮ | +୦.୬୭୨ |
| ପଞ୍ଜାବ କିଙ୍ଗ୍ସ | ୬ | ୪ | ୨ | ୮ | +୦.୧୭୨ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୬ | ୪ | ୨ | ୮ | +୦.୧୬୨ |
| କୋଲକାତା ନାଇଟ ରାଇଡର୍ସ | ୭ | ୩ | ୪ | ୬ | +୦.୫୪୭ |
| ମୁମ୍ବାଇ ଇଣ୍ଡିଆନ୍ସ | ୬ | ୨ | ୪ | ୪ | +୦.୦୨୭ |
| ରାଜସ୍ଥାନ ରୟାଲ୍ସ | ୬ | ୨ | ୪ | ୪ | -୦.୮୩୮ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୬ | ୨ | ୪ | ୪ | -୧.୨୪୫ |
| ଚେନ୍ନାଇ ସୁପର କିଙ୍ଗ୍ସ | ୭ | ୨ | ୫ | ୪ | -୧.୨୭୬ |




# ଦୁଃସାହସିକ କ୍ରୀଡ଼ା ପାଇଁ ଦେବୀଦତ୍ତ ପୁରସ୍କୃତ

ଭୁବନେଶ୍ୱର, ୧୬।୪(ତପନ ସ୍ୱାଇଁ)

ଦୁଃସାହସିକ କ୍ରୀଡ଼ାରେ ଉତ୍କର୍ଷତା ପାଇଁ ୱିଙ୍ଗ୍ କମାଣ୍ଡର ଦେବୀଦତ୍ତ ପଣ୍ଡା ସମ୍ମାନଜନକ ମ୍ୟାକ୍ ଗ୍ରେଗୋର ପଦକ ହାସଲ କରିଛନ୍ତି। ନୂଆଦିଲ୍ଲୀର ୟୁନାଇଟେଡ୍ ସର୍ଭିସ ଇନ୍‌ଷ୍ଟିଚ୍ୟୁଟ୍ (ୟୁଏସ୍ଆଇ)ରେ ଅନୁଷ୍ଠିତ ଏକ ଉତ୍ସବରେ ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍(ସିଡିଏସ୍) ଜେନେରାଲ ଅନିଲ ଚୌହାନ ତାଙ୍କୁ ପୁରସ୍କୃତ କରିଛନ୍ତି। ଦେବୀଦତ୍ତ ୨୨ଥର ବିଭିନ୍ନ ପର୍ବତାରୋହଣ ଅଭିଯାନରେ ସାମିଲ ହୋଇଛନ୍ତି। ଏହା ମଧ୍ୟରେ ମାଉଣ୍ଟ ଏଭରେଷ୍ଟ, ମାଉଣ୍ଟ ଧଉଳାଗିରି, ମାଉଣ୍ଟ ଲୋହୋତ୍‌ସେ ଆଦି ଅନ୍ୟତମ।



ସେ ଶେରପାଙ୍କ ବିନା ସହାୟତାରେ ମଧ୍ୟ ଅନେକ ପର୍ବତ ଆରୋହଣ କରିଛନ୍ତି। ଏହା ବ୍ୟତୀତ ସେ ୨୦୨୩ ଓ ୨୦୨୪ରେ ୭୨ କିଲୋମିଟର ରନ୍‌ବିଶିଷ୍ଟ କରଦୁଙ୍ଗଲା ଚ୍ୟାଲେଞ୍ଜ, ୱାଟରଫଲ୍ସ ଏବଂ ଅନେକ ଲଙ୍ଗ୍ ଡିଷ୍ଟାନ୍ସ ସାଇକ୍ଲିଂ ଅଭିଯାନରେ ସାମିଲ ଥିଲେ।

# ବ୍ୟାଟ୍ ଆକାର ଯାଞ୍ଚରେ ନାରିନ ଫେଲ୍

**ଚଣ୍ଡିଗଡ଼,୧୬।୪:** କୋଲ୍‌କାତା ନାଇଟ୍ ରାଇଡର୍ସ (କେକେଆର) ଅଲ୍‌ରାଉଣ୍ଡର ସୁନୀଲ ନାରିନ ଜଣେ ବିସ୍ଫୋରକ ବ୍ୟାଟର ଭାବେ ଜଣାଶୁଣା। କିନ୍ତୁ ଏହି ୱେଷ୍ଟଇଣ୍ଡିଜ କ୍ରିକେଟରଙ୍କୁ ମଙ୍ଗଳବାର ପଞ୍ଜାବ କିଙ୍ଗ୍ସ(ପିବିକେଏସ୍) ବିପକ୍ଷରେ ଖେଳାଯାଇଥିବା ମ୍ୟାଚ୍‌ରେ ଲଜ୍ଜିତ ହେବାକୁ ପଡ଼ିଛି। ସେ ବ୍ୟାଟିଂ କରିବାକୁ ଆସୁଥିବାବେଳେ ରିଜର୍ଭ ଅମ୍ପାୟର ସୟେଦ ଖାଲିଦ ପଡ଼ିଆ ବାହାରେ ତାଙ୍କ ବ୍ୟାଟ୍ ଯାଞ୍ଚ କରିଥିଲେ। ଯାଞ୍ଚ ବେଳେ ବ୍ୟାଟ୍ ଗେଜ ମଧ୍ୟ ଦେଇ ନାରିନଙ୍କ ବ୍ୟାଟ୍ ଅତିକ୍ରମ କରିପାରି ନ ଥିଲା। ଫଳରେ ତାଙ୍କୁ ବ୍ୟାଟ୍ ପରିବର୍ତ୍ତନ କରିବାକୁ ପଡ଼ିଥିଲା। କ୍ରିକେଟରେ ନୂଆ ନିୟମ ଅନୁସାରେ ଅମ୍ପାୟର ଚାହିଁଲେ ବ୍ୟାଟର ମାନଙ୍କର ବ୍ୟାଟ୍ ଆକାର ଯାଞ୍ଚ କରୁଛନ୍ତି।

# ନୀତା ଫୁଟବଲ ଏକାଡେମୀ ଚାମ୍ପିୟନ

ଭୁବନେଶ୍ୱର, ୧୬।୪ (ତପନ ସ୍ୱାଇଁ)

ଓଡ଼ିଶା ଓମେନ୍ସ ଲିଗ୍ (ଓଡବ୍ଲ୍ୟୁଏଲ୍)-୨୦୨୫ ବୁଧବାର ଉଦ୍‌ଯାପିତ ହୋଇଛି। ଏଥିରେ ନୀତା ଫୁଟବଲ ଏକାଡେମୀ ଓ ସ୍ପୋର୍ଟ୍ସ ଓଡ଼ିଶା ୨୬ ପଏଣ୍ଟ ଲେଖାଏ ପାଇ ପ୍ରତିଯୋଗିତା ଶେଷ କରିଛନ୍ତି। ମାତ୍ର ଗୋଲ ବ୍ୟବଧାନ ରେ ନୀତା ଫୁଟବଲ ଏକାଡେମୀ ଚାମ୍ପିୟନ ଓ ସ୍ପୋର୍ଟ୍ସ ଓଡ଼ିଶା ରନରଅପ୍ ହୋଇଛି। ନୀତା ଏକାଡେମୀର ଗୋଲ ବ୍ୟବଧାନ ୪୮ ଓ ସ୍ପୋର୍ଟ୍ସ ଓଡ଼ିଶାର ୩୨ ରହିଥିଲା। ୨୫ ପଏଣ୍ଟ ପାଇଥିବା ଓଡ଼ିଶା ପୋଲିସ ତୃତୀୟ ସ୍ଥାନ ହାସଲ କରିଛି। ଏହି ଦଳର ଗୋଲ ବ୍ୟବଧାନ ୫୩ ରହିଥିଲେ ହେଁ ଗୋଟିଏ ପଏଣ୍ଟ ପାଇ ପଛରେ ପଡ଼ି ଯାଇଛି। ୧୮ ପଏଣ୍ଟ ସହ କିଟ୍ ଓ କିସ୍ ଚତୁର୍ଥ ସ୍ଥାନ ଅଧିକାର କରିଛି। ୧୧ଟି ଦଳକୁ ନେଇ ଲିଗ୍‌ରେ ମୋଟ ୫୫ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ୟୁନିଟ-୧ସ୍ଥିତ

## ଓଡ଼ିଶା ଓମେନ୍ସ ଲିଗ୍ ଉଦ୍‌ଯାପିତ

ଭୁବନେଶ୍ୱର ଫୁଟବଲ ଏକାଡେମୀରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ କ୍ରୀଡ଼ା ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର ମୁଖ୍ୟ ଅତିଥି, ଯୁଗ୍ମ ସଚିବ ବିଜୟାନନ୍ଦ ନାୟକ, ଉପ ସଚିବ ଅମିତ କୁମାର ନାୟକ ସମ୍ମାନିତ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) କୋଷାଧ୍ୟକ୍ଷ ଭକ୍ତ ବଲ୍ଲଭ ଦାସ, ଉପସଭାପତି ଦିଲୀପ କୁମାର ସାହୁ, ମହମ୍ମଦ ସହିଦ ଜବାର, ଯୁଗ୍ମ ସମ୍ପାଦକ ବିଶ୍ୱ ରଞ୍ଜନ ଘଡ଼େଇ, ସଦସ୍ୟ ସୌର୍ଯ୍ୟରଞ୍ଜନ ପରିଜା ପ୍ରମୁଖ ଉପସ୍ଥିତ ଥିଲେ। ଚାମ୍ପିୟନ ଦଳକୁ ଟ୍ରଫି ସହ ୧ ଲକ୍ଷ ଓ ରନରଅପ୍ ଦଳକୁ ୫୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା।



ଚାମ୍ପିୟନ ନୀତା ଫୁଟବଲ ଏକାଡେମୀ ଦଳର ଖେଳାଳିମାନେ ଅତିଥିଙ୍କ ଗହଣରେ।

# ଶ୍ରୀଭୂମି ସହିତ ଭଲ ଅଭିଜ୍ଞତା ରହିଲା: ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର, ୧୬।୪(ତପନ ସ୍ୱାଇଁ)

କଳିଙ୍ଗ ଷ୍ଟାଡିୟମରେ ବୁଧବାର ଅନୁଷ୍ଠିତ ଇଣ୍ଡିଆନ ଓମେନ୍ସ ଲିଗ୍ (ଆଇଡବ୍ଲ୍ୟୁଏଲ୍) ମ୍ୟାଚରେ କୋଲ୍‌କାତାର ଶ୍ରୀଭୂମି ଫୁଟ୍‌ବଲ କ୍ଲବ ୩-୦ ଗୋଲରେ ଘରୋଇ ଓଡ଼ିଶା ଏଫ୍‌ସିକୁ ପରାସ୍ତ କରିଛି। ଶ୍ରୀଭୂମି ଦଳର ଫରୱାର୍ଡ ନଙ୍ଗମେଇକାପାମ ଶିବାନୀ ଦେବୀଙ୍କ ହାଟ୍ରିକ ଗୋଲ ବଳରେ କୋଲକାତା ଦଳକୁ ଏହି ସଫଳତା ମିଳିଛି। ପୂରା ମ୍ୟାଚ୍‌ରେ ଶ୍ରୀଭୂମି ଫୁଟ୍‌ବଲ କ୍ଲବ ଆଧିପତ୍ୟ ବିସ୍ତାର କରି ଖେଳିଥିବାବେଳେ ମଣିପୁରର ଶିବାନୀ ୧୦ମ, ୧୮ଶ ଓ ୩୨ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇ ହାଟ୍ରିକ ପୂରଣ କରିଥିଲେ। ଶ୍ରୀଭୂମି ଫୁଟ୍‌ବଲ କ୍ଲବ ଦଳର ସଫଳତା ପଛରେ ଓଡ଼ିଶାର ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଖେଳାଳି ତଥା କୋଚ୍ ଶ୍ରଦ୍ଧାଞ୍ଜଳି ସାମନ୍ତରାୟଙ୍କ ବେଶ୍ ଅବଦାନ ରହିଛି। ପୂରା ସିଜନରେ ଶ୍ରଦ୍ଧାଞ୍ଜଳି ଏହି ଦଳର ସହକାରୀ କୋଚ୍ ଦାୟିତ୍ୱକୁ ସୁଚାରୁରୂପେ ସମ୍ପାଦନ କରିଛନ୍ତି। ତେଣୁ ଦଳର ବିଜୟରେ ସ୍ୱାଭାବିକଭାବେ ଖୁସି ଜାହିର କରିଛନ୍ତି ଶ୍ରଦ୍ଧାଞ୍ଜଳି।

''ପୂର୍ବରୁ ମୁଁ ରାଜ୍ୟରୁ ଆରମ୍ଭ କରି ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଖେଳିଛି। ଏହାପରେ କୋଚ୍ ଏବଂ ଚୟନକର୍ତ୍ତା ଦାୟିତ୍ୱ ଅନେକଥର ତୁଲାଇଛି। ମାତ୍ର ଓଡ଼ିଶା ବାହାର ଏକ କ୍ଲବରେ ଏଥର ପ୍ରଥମଥର ପାଇଁ ପିଲାଙ୍କୁ ପ୍ରଶିକ୍ଷଣରେ ଭିନ୍ନ ଅନୁଭୂତି ମିଳିଛି। ଦଳରେ ଗୋଲ୍‌କିପର ଅଦିତି ଚୌହାନଙ୍କ ପରି ଅନେକ ଭଲ ଖେଳାଳି ଥିଲେ। ଫାଇନାଲରେ ନଙ୍ଗମେଇକାପାମ ଶିବାନୀ ଦେବୀ ଅତି ଚମତ୍କାର ଖେଳି ହାଟ୍ରିକ୍ ଅର୍ଜନ କଲେ। ତାଙ୍କର ଏହି ପ୍ରଦର୍ଶନ ବଳରେ କ୍ଲବ ବିଜୟୀ ହେବା ସହିତ ଚଳିତ ସିଜନରେ ତୃତୀୟ ସ୍ଥାନରେ ରହିଲା। ମୁଁ ପିଲାମାନଙ୍କୁ ପ୍ରଶିକ୍ଷଣ ଦେବା ସହ ବ୍ୟକ୍ତିଗତ ଭାବେ ଅନେକ କିଛି ଶିଖିଛି। କାରଣ ମୁଁ ସବୁବେଳେ ଜ୍ଞାନ ଆହରଣକୁ ଭଲପାଏ। ଜଣେ କୋଚ୍‌ଭାବେ ଏହି କ୍ଲବ ସହ କାର୍ଯ୍ୟକରି ମୋତେ ଯେଉଁ ଅନୁଭୂତି ମିଳିଛି ତାହା ଆଗାମୀ ଦିନରେ ନିଶ୍ଚିତ ସାହାଯ୍ୟ କରିବ। ଆଗାମୀ ସିଜନରେ ମଧ୍ୟ କୌଣସି ନା କୌଣସି କ୍ଲବ ସହ ଯୋଡ଼ିହୋଇ ରହିବାର ଯୋଜନା ରହିଛି'' ବୋଲି ଶ୍ରଦ୍ଧାଞ୍ଜଳି ପ୍ରକାଶ କରିଛନ୍ତି। ପ୍ରକାଶଯୋଗ୍ୟ, ଶ୍ରୀଭୂମି ଫୁଟ୍‌ବଲ କ୍ଲବ ୧୪ ମ୍ୟାଚ୍‌ରୁ ୭ ବିଜୟ ସହ ୨୨ ପଏଣ୍ଟ ପାଇଛି। ଫଳରେ ଏହି ଦଳ ପଏଣ୍ଟ ଟେବୁଲର ତୃତୀୟ ସ୍ଥାନରେ ରହି ଅଭିଯାନ ଶେଷ କରିଛି। ଆଉ ଗୋଟିଏ ମ୍ୟାଚ୍ ଖେଳିବାକୁ ଥିଲେ ମଧ୍ୟ ଇଷ୍ଟ ବେଙ୍ଗଲ ଏଫ୍‌ସି ୩୪ ପଏଣ୍ଟ ପାଇଥିବାରୁ ଚାମ୍ପିୟନ ହେବା ନିଶ୍ଚିତ ହୋଇସାରିଛି। ଗୋକୁଲମ କେରଳ ୨୯ ପଏଣ୍ଟ ସହିତ ଦ୍ୱିତୀୟ ସ୍ଥାନରେ ରହିଛି। ଅନ୍ୟପକ୍ଷରେ ଓଡ଼ିଶା ଏଫ୍‌ସି ୧୪ ମ୍ୟାଚ୍‌ରୁ ୮ମ ପରାଜୟ ସହ ତା'ର ଅଭିଯାନ ଶେଷ କରିଛି।

## ଇଣ୍ଡିଆନ ଓମେନ୍ସ ଲିଗ୍


ଶ୍ରଦ୍ଧାଞ୍ଜଳି ସାମନ୍ତରାୟ


ଇଣ୍ଡିଆନ୍ସ ଓମେନ୍ସ ଲିଗ୍‌ରେ ଅଂଶଗ୍ରହଣ କରିଥିବା ଶ୍ରୀଭୂମି ଫୁଟ୍‌ବଲ କ୍ଲବର ଖେଳାଳି ଓ ଅଫିସିଆଲ।

# ସୁରୁଚିଙ୍କୁ କ୍ରମାଗତ ଦ୍ୱିତୀୟ ସ୍ୱର୍ଣ୍ଣ, ମନୁଙ୍କୁ ରୌପ୍ୟ



ସୁରୁଚି ଇନ୍ଦର ସିଂ

## ଶୁଟିଂ ବିଶ୍ୱକପ୍

ଲିମା,୧୬।୪(ପି.ଟି.)

ସୁରୁଚି ଇନ୍ଦର ସିଂ ୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟରେ ଜବରଦସ୍ତ ପ୍ରଦର୍ଶନ ଜାରି ରଖି ଆଇଏସ୍ଏସ୍ଏଫ୍ ବିଶ୍ୱକପ୍‌ରେ ଲଗାତର ଦ୍ୱିତୀୟ ସ୍ୱର୍ଣ୍ଣ ଜିତିଥିବା ବେଳେ ପ୍ୟାରିସ୍ ଅଲିମ୍ପିକ୍ସ ମେଡାଲିଷ୍ଟ ମନୁ ଭାକର ରୌପ୍ୟ ପଦକ ଅର୍ଜନ କରିଛନ୍ତି।

୧୮ ବର୍ଷୀୟା ସୁରୁଚି ନିକଟରେ ସିଜନର ପ୍ରଥମ ବିଶ୍ୱକପ୍ ଇଭେଣ୍ଟରେ କ୍ୟାରିୟରର ପ୍ରଥମ ସ୍ୱର୍ଣ୍ଣ ପଦକ ଜିତିଥିଲେ। ସେ ୨୪ ଶଟ୍‌ବିଶିଷ୍ଟ ଫାଇନାଲରେ ୨୪୩.୬ ପଏଣ୍ଟ ସ୍କୋର କରିଥିବା ବେଳେ ତାଙ୍କଠାରୁ ମାନୁ ୧.୩ ପଏଣ୍ଟ ପଛରେ ରହିଯାଇଥିଲେ। ଚାଇନାର ୟାଓ କ୍ୱିନ୍‌ଜୁନ ବ୍ରୋଞ୍ଜ ପଦକ ଜିତିଥିଲେ। ୬୦ ଶଟ୍‌ବିଶିଷ୍ଟ ଯୋଗ୍ୟତା ପର୍ଯ୍ୟାୟରେ ସୁରୁଚି ୫୮୨ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ମାନୁ ୫୭୮ ପଏଣ୍ଟ ସହ ଚତୁର୍ଥ ସ୍ଥାନ ପାଇଥିଲେ। ଅନ୍ୟତମ ଭାରତୀୟ ଶୁଟର ସେନୟାମ ୫୭୧ ପଏଣ୍ଟ ସହ ୧୧ତମ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲେ। ପୂର୍ବରୁ ଅନୁଷ୍ଠିତ ପୁରୁଷ ୧୦ ମି. ଏୟାର ପିସ୍ତଲ ଫାଇନାଲରେ ସୌରଭ ଚୌଧାରୀ ବ୍ରୋଞ୍ଜ ପଦକ ଅର୍ଜନ କରିଥିଲେ। ଭାରତୀୟ ଶୁଟରଙ୍କ ଏଭଳି ପ୍ରଦର୍ଶନ ଯୋଗୁ ଟୁର୍ନାମେଣ୍ଟର ପଦକ ତାଲିକାରେ ଭାରତ ୩ ପଦକ ସହ ଶୀର୍ଷରେ ରହିଛି। ଏହି ତାଲିକାରେ ପୁରୁଷ ଏୟାର ପିସ୍ତଲ ଇଭେଣ୍ଟରେ ସ୍ୱର୍ଣ୍ଣ ଜିତିଥିବା ଚାଇନା ଦ୍ୱିତୀୟ ସ୍ଥାନରେ ରହିଛି।

Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ